


‘କିଙ୍ଗ’ରେ କିଙ୍ଗ୍ ଖାନ୍

▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-77 ♦WEDNESDAY ♦10 SEPTEMBER 2025 ♦PAGE-12 ♦₹ 6.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୭୭ ♦ବୁଧବାର ♦୧୦ ସେପ୍ଟେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦

# ସି ପି ରାଧାକ୍ରିଷ୍ଣନ୍ ଉପରାଷ୍ଟ୍ରପତି


ଲୋକସଭା ୫୪୨ | ମୋଟ ୭୮୧ | ରାଜ୍ୟସଭା ୨୩୯

ଏନ୍‌ଡିଏ ୪୫୨ ଭୋଟ | ମତଦାନ ୭୬୭ | ଇଣ୍ଡିଆ ୩୦୦ ଭୋଟ

ନାକଚ ୧୫

**ମତଦାନରୁ ବିରତ**

| ବିଆର୍‌ଏସ୍ | ବିଜେଡି | ଏସ୍‌ଏଡି | ଅନ୍ୟ |
|---|---|---|---|
| ୪ | ୭ | ୧ | ୨ |



■ **ନୂଆଦିଲ୍ଲୀ, ୯।୯ (ଏଜେନ୍ସି):** ଏନ୍‌ଡିଏ ପ୍ରାର୍ଥୀ ସିପି ରାଧାକ୍ରିଷ୍ଣନ ଦେଶର ନୂଆ ଉପରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି। ଆଜି ଅନୁଷ୍ଠିତ ନିର୍ବାଚନରେ ସେ ବିରୋଧୀ ମେଣ୍ଟ ଇଣ୍ଡିଆ ବ୍ଲକ୍‌ର ପ୍ରାର୍ଥୀ ବି ସୁଦର୍ଶନ ରେଡୀଙ୍କୁ ୧୫୨ ଭୋଟରେ ପରାସ୍ତ କରିଛନ୍ତି। ରାଧାକ୍ରିଷ୍ଣନଙ୍କୁ ୪୫୨ ଭୋଟ୍ ମିଳିଥିବା ବେଳେ ରେଡୀଙ୍କୁ ମିଳିଛି ୩୦୦ ଭୋଟ୍। ଏନ୍‌ଡିଏ ପ୍ରାର୍ଥୀଙ୍କୁ ଆଶା ଠାରୁ ୧୬ଟି ଅଧିକ ଭୋଟ୍ ମିଳିଥିବା ବେଳେ ବିରୋଧୀ ପ୍ରାର୍ଥୀଙ୍କୁ ଆଶା ଠାରୁ ୨୪ଟି କମ ଭୋଟ୍ ମିଳିଛି। ଲୋକସଭା ଏବଂ ରାଜ୍ୟସଭାର ୭୮୧ ସାଂସଦଙ୍କୁ ▶ପୃଷ୍ଠା-୭

## କ୍ରସଭୋଟିଂ ନେଇ ଚର୍ଚ୍ଚା

■ **ନୂଆଦିଲ୍ଲୀ, ୯।୯ (ଏଜେନ୍ସି):** ରାଜ୍ୟସଭା ଏବଂ ଲୋକସଭା ସାଂସଦଙ୍କୁ ନେଇ ଗଠିତ ଇଲେକଟୋରାଲ କଲେଜ୍ ଉପରାଷ୍ଟ୍ରପତିଙ୍କୁ ନିର୍ବାଚିତ କରନ୍ତି। ଇଲେକଟୋରାଲ କଲେଜ ସାଂସଦଙ୍କ ସଂଖ୍ୟା ୭୮୧ ଥିବା ବେଳେ ବିଜେଡି (୭), ବିଆରଏସ୍(୪) ଏବଂ ଅକାଳୀ ଦଳ (୧) ଏବଂ ଅନ୍ୟ ଦୁଇ ଜଣ ସାଂସଦ ଆଜିର ମତଦାନରେ ଭାଗ ନେଇ ନାହାନ୍ତି। ମୋଟ୍ ୭୮୧ ସାଂସଦଙ୍କ ମଧ୍ୟରୁ ଆଜି ୭୬୭ ସାଂସଦ ମତଦାନ କରିଥିଲେ। ତେଣୁ ବିଜୟ ପାଇଁ ପ୍ରାର୍ଥୀଙ୍କୁ ୩୮୪ଟି ଭୋଟର ଆବଶ୍ୟକତା ଥିଲା। ଏନ୍‌ଡିଏ ପ୍ରାର୍ଥୀ ରାଧାକ୍ରିଷ୍ଣନଙ୍କୁ ▶ପୃଷ୍ଠା-୭

# ହିଂସା, ଅରାଜକତା

## ନେପାଳ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା

### ସଂସଦ ଓ ମନ୍ତ୍ରୀଙ୍କ ଘର ଜାଳିଦେଲେ ଆନ୍ଦୋଳନକାରୀ

### ପୂର୍ବ ପ୍ରଧାନମନ୍ତ୍ରୀଙ୍କ ପତ୍ନୀଙ୍କୁ ଜାଳିଦେଲେ, ମନ୍ତ୍ରୀଙ୍କୁ ଗୋଡ଼ାଇଗୋଡ଼ାଇ ପିଟିଲେ

■ **କାଠମାଣ୍ଡୁ, ୯।୯ (ଏଜେନ୍ସି):** ପଡ଼ୋଶୀ ରାଷ୍ଟ୍ର ନେପାଳ ଦ୍ୱିତୀୟ ଦିନ ଧରି ଅଶାନ୍ତ। କର୍ଫ୍ୟୁ କଟକଣା ସତ୍ତ୍ୱେ ହିଂସା ବ୍ୟାପକ ହେବାରେ ଲାଗିଛି। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କ ଘର ସମେତ ସଂସଦ ଓ ସୁପ୍ରିମକୋର୍ଟରେ ବି ନିଆଁ ଲଗାଇଦେଇଛନ୍ତି ଆନ୍ଦୋଳନକାରୀ। ପରିସ୍ଥିତି ଅସମ୍ଭାଳ ହେଉଥିବା ଦେଖି ପ୍ରଥମେ ପ୍ରଧାନମନ୍ତ୍ରୀ ଓଲି ଏବଂ ପରେ ରାଷ୍ଟ୍ରପତି ପୋଡେଲ ସେମାନଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ଏହାକୁ ନେଇ ଘୋର ରାଜନୈତିକ ସଙ୍କଟ ସୃଷ୍ଟି ହୋଇଥିବା ବେଳେ ପରିସ୍ଥିତିକୁ ନିୟନ୍ତ୍ରଣରେ ଆଣିବା ଲାଗି ସେନା ଆଗେଇ ଆସିଛି। ଦେଶର ସୁରକ୍ଷା ଓ ଆଇନ ଶୃଙ୍ଖଳା ପାଇଁ ସେନା ବର୍ତ୍ତମାନ ଦାୟିତ୍ୱ ନେବ ବୋଲି ଘୋଷଣା କରିଛି।

ଦେଶରେ ଦୁର୍ନୀତି, ପ୍ରିୟାପ୍ରୀତି ତୋଷଣକୁ ବିରୋଧ କରି ଦୀର୍ଘ ଦିନ ଧରି ଲାଗି ରହିଥିବା ଅସନ୍ତୋଷକୁ ଚାପିବା ଲାଗି ଓଲି ସରକାର ବିଭିନ୍ନ ସାମାଜିକ ଗଣମାଧ୍ୟମକୁ ନିଷିଦ୍ଧ କରିବାରୁ ଯୁବପିଢ଼ି ଭିତରେ ଲାଗି ରହିଥିବା ଅସନ୍ତୋଷ ଗତକାଲି ଭୀଷଣ ହିଂସାତ୍ମକ ଆନ୍ଦୋଳନରେ ପରିଣତ ହୋଇଥିଲା। ଗତକାଲି ହଜାର ହଜାର ଯୁବକ ରାସ୍ତାକୁ ଓହ୍ଲାଇ ଏହାର ପ୍ରତିବାଦ କରିବା ସହିତ ସରକାରଙ୍କ ଇସ୍ତଫା ଦାବି କରିଥିଲେ। ସେମାନଙ୍କୁ ଦମନ କରିବା ଲାଗି ଗତକାଲି ସୁରକ୍ଷା ବାହିନୀ ଗୁଳିମାଡ଼ କରିବାରୁ ୨୦ ଜଣ ଆନ୍ଦୋଳନକାରୀ ଛାତ୍ରଛାତ୍ରୀ ପ୍ରାଣ ହରାଇଥିଲେ। ଏହାପରେ ଆନ୍ଦୋଳନ ▶ପୃଷ୍ଠା-୭



# ୨୨ କ୍ୟାରେଟ୍ ସୁନା ଲକ୍ଷେ ପାର

## ୨୪ କ୍ୟାରେଟ୍ ୧.୧୦ ଲକ୍ଷ ଟପିଲା

■ **ଭୁବନେଶ୍ୱର, ୯।୯ (ଏଜେନ୍ସି):** ଦୌଡୁଛି ସୁନା ବଜାର। ଘରୋଇ ବଜାରରେ ସୁନା ଏବଂ ରୁପା ଦର ଦିନକୁ ଦିନ ଆକାଶଛୁଆଁ ହେବାରେ ଲାଗିଛି। ଯାହାଫଳରେ ଘରୋଇ ବଜାରରେ ସୁନା ଓ ରୁପା ଦରରେ ସର୍ବକାଳୀନ ରେକର୍ଡ ପ୍ରତିଷ୍ଠା ହୋଇଛି। ମଙ୍ଗଳବାର ନୂଆଦିଲ୍ଲୀସ୍ଥିତ ବୁଲିଅନ୍ ବଜାରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧.୧୦ ଲକ୍ଷ ଟଙ୍କା ଟପି ନୂଆ ରେକର୍ଡ କରିଛି। ହେଲେ ଏଥିରେ ୨୨ କ୍ୟାରେଟ୍ ସୁନା ମୂଲ୍ୟ ମଧ୍ୟ ୧୦ ଗ୍ରାମ ପିଛା ପ୍ରଥମ କରି ୧ ଲକ୍ଷ ଟଙ୍କାର ଐତିହାସିକ ସ୍ତର ଅତିକ୍ରମ କରିଛି। ଅପରପକ୍ଷେ ରୁପା ଦର ସୁନା ଅପେକ୍ଷା ଦ୍ରୁତ ଗତିରେ ବୃଦ୍ଧି ପାଇଁ ୧.୪୦ ଲକ୍ଷ ଟଙ୍କା ଛୁଇଁଛି।

ରାଜଧାନୀ ଭୁବନେଶ୍ୱରରେ ସୋମବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ରେକର୍ଡ ୧,୧୦,୧୮୦ ଟଙ୍କାରେ ପହଞ୍ଚିଛି। ତେବେ ୨୨ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ ପିଛା ପ୍ରଥମ କରି ୧,୦୧,୧୦୦ ଟଙ୍କା ଛୁଇଁଛି। ଏହାବାଦ୍ ରୁପା କିଲୋ ପିଛା ୧,୪୦,୦୦୦ ଟଙ୍କା ସ୍ତରରେ



ପହଞ୍ଚି ନୂଆ ଇତିହାସ ରଚିଛି। ଅପରପକ୍ଷେ ନୂଆଦିଲ୍ଲୀରେ ଆଜି ୨୪ କ୍ୟାରେଟ୍ ସୁନା ଦର ମଧ୍ୟ ୧୦ ଗ୍ରାମ ପିଛା ୧,୧୦,୨୯୦ ଟଙ୍କାର ନୂତନ ସ୍ତରରେ ପହଞ୍ଚିଛି। ୨୨ କ୍ୟାରେଟ୍ ସୁନା ମୂଲ୍ୟ ମଧ୍ୟ ୧୦ ଗ୍ରାମ ପିଛା ୧,୦୧,୧୦୦ ଟଙ୍କା ହୋଇଛି। କେତେକ ବୈଶ୍ୱିକ କାରଣ ଯୋଗୁ ବିଶ୍ୱ ସମେତ ଘରୋଇ ବଜାରରେ ସୁନା ଦର ମହଙ୍ଗା ହେବାରେ ଲାଗିଛି। ସୂଚନାଯୋଗ୍ୟ ଯେ ଚଳିତବର୍ଷ ଘରୋଇ ବଜାରରେ ସୁନା ଦର ପାଖାପାଖି ୪୫ ପ୍ରତିଶତ ବୃଦ୍ଧି ଘଟିଛି।

# ଶୀତଳ ଭଣ୍ଡାରରେ କଳାବାଘ ସଫାରୀ

## ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ହୋଇଥାନ୍ତା କାର୍ଯ୍ୟକ୍ଷମ

### ସିଜେଡ୍‌ଏ, ଏନ୍‌ଟିସିଏର ଅନୁମୋଦନ ସତ୍ତ୍ୱେ ଅଟକିଛି କାମ

### ସରକାର ବଦଳିଲା ପରେ ସଫାରୀକୁ ନେଇ ଉଦାସୀନତା

■ **ଭୁବନେଶ୍ୱର, ୯।୯ (ସମିସ):** ୨୦୨୪ ଜାନୁଆରୀରେ ଦେଶର ପ୍ରଥମ କଳାବାଘ ସଫାରୀ ନିମନ୍ତେ ନିମନ୍ତେ ଘୋଷଣା କରିଥିଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ଏହାକୁ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖା ଯାଇଥିଲା। ୨୦୨୪ରେ ନବୀନଙ୍କ ଏହି ଘୋଷଣା ପରେ ଜୁଲାଇ ସୁଦ୍ଧା କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ ଓ ଏନ୍‌ଟିସିଏର ଅନୁମୋଦନ ଲାଭ କରିଥିଲା। ଏହି ସଫାରୀ ପ୍ରତିଷ୍ଠା ହୋଇଥିଲେ ଦେଶବିଦେଶର ପର୍ଯ୍ୟଟକମାନେ ଶିମିଳିପାଳଠାରେ ବିରଳ କଳାବାଘଙ୍କୁ ସଫାରୀରେ ଦେଖିପାରି ଥାନ୍ତେ। ମାତ୍ର ରାଜ୍ୟରେ କ୍ଷମତା ପରିବର୍ତ୍ତନ ପରେ ଏହି ମହତ୍ୱାକାଂକ୍ଷୀ କଳାବାଘ ସଫାରୀ ଏବେ ଶୀତଳଭଣ୍ଡାରରେ। କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ ଓ ଏନ୍‌ଟିସିଏର ଅନୁମୋଦନ ସତ୍ତ୍ୱେ କାହିଁକି ସଫାରୀ କାମ ଅଟକି ଗଲା, ତାହାର ଉତ୍ତର କାହାପାଖରେ ନାହିଁ। ସେହିପରି ସଫାରୀ ନିଷ୍ପତ୍ତି କାହିଁକି ଆଗକୁ ବଢ଼ିପାରୁନି, ସେ ସମ୍ପର୍କରେ ଜଙ୍ଗଲ ବିଭାଗ ସମ୍ପୂର୍ଣ୍ଣ ନିରବ।

୨୦୨୪ରେ ଓଡ଼ିଶାରେ ପ୍ରକାଶିତ ବାଘ ଗଣନା ରିପୋର୍ଟ ଅନୁଯାୟୀ ଓଡ଼ିଶାରେ ୩୦ ଟି ମହାବଳ ବାଘ ଥିଲେ ଓ ଏହି ସଂଖ୍ୟା ୪୦ରେ ପହଞ୍ଚିଛି। ତେବେ କୌତୂହଳର କଥା ହେଉଛି ଏହି ୪୦ ବାଘ ମଧ୍ୟରେ କେବଳ କଳା ବାଘଙ୍କ ସଂଖ୍ୟା ୧୮। ଦେଶର ପ୍ରଥମ ରାଜ୍ୟ ଭାବେ ▶ପୃଷ୍ଠା-୭

## ସିଆଚେନରେ ହିମସ୍ଖଳନ

# ୩ ସୈନିକ ମୃତ

■ **ଲେହ, ୯।୯ (ଏଜେନ୍ସି):** ବିଶ୍ୱର ସବୁଠୁ ଉଚ୍ଚ ଯୁଦ୍ଧକ୍ଷେତ୍ର ସିଆଚେନ ଗ୍ଲାସିୟରରେ ବଡ଼ ଅଘଟଣ ଘଟିଛି। ଲଦାଖର ସିଆଚେନରେ ହିମସ୍ଖଳନ ଘଟି ତିନି ଜଣ ଯବାନ ପ୍ରାଣ ହରାଇଛନ୍ତି। କିଛି ଯବାନ ମଧ୍ୟ ନିଖୋଜ ଅଛନ୍ତି। ୧୨ ହଜାର ଫୁଟ ଉଚ୍ଚରେ ଥିବା ସିଆଚେନ ବେସ୍ କ୍ୟାମ୍ପ ଅଞ୍ଚଳରେ ମଙ୍ଗଳବାର ଏହି ଭୂସ୍ଖଳନ ହୋଇଥିଲା। ଏଥିରେ ୨ ଅଗ୍ନିବୀରଙ୍କ ସମେତ ଅନେକ ଯବାନ ବିଯୁକ୍ତ ୬୦ ଡିଗ୍ରୀ ସେଲ୍‌ସିୟସରେ ୬ ଘଣ୍ଟା ପର୍ଯ୍ୟନ୍ତ ଫସି ରହିଥିଲେ। ପରେ ଜଣେ ଜଣେ କ୍ୟାପ୍‌ଟେନଙ୍କୁ ସେଠାରୁ ଉଦ୍ଧାର କରାଯାଇଥିଲା। ମାତ୍ର ଝାଡ଼ଖଣ୍ଡ, ଉତ୍ତର ପ୍ରଦେଶ ଏବଂ ଗୁଜରାଟର ବାସିନ୍ଦା ତିନି ଯବାନଙ୍କ ମୃତ୍ୟୁ ହୋଇଥଇଲା। ଏମାନଙ୍କ ମଧ୍ୟରେ ଦୁଇ ଜଣ ଅଗ୍ନିବୀର ସାମିଲ ଅଛନ୍ତି। ତେବେ ସିଆଚେନ ଗ୍ଲାସିୟର କାରାକୋରମ୍ ପର୍ବତମାଳାରେ ଅବସ୍ଥିତ ଏବଂ ଏହାର ଉଚ୍ଚତା ପ୍ରାୟ ୨୦ ହଜାର ଫୁଟ ହୋଇଥିବା ରିପୋର୍ଟରୁ ଜଣାପଡ଼ିଛି। ଏଠାରେ ପୂର୍ବରୁ ମଧ୍ୟ ହିମସ୍ଖଳନ ଯୋଗୁ ଅନେକ ସୈନିକ ସହିଦ ହୋଇଛନ୍ତି। ତେବେ ଭାରତ ୧୯୮୪ ମସିହାରେ ଅପରେସନ୍ ମେଘଦୂତ ଆରମ୍ଭ କରି ସିଆଚେନ ଉପରେ ନିଜର କବଜା ବଜାୟ ରଖିଛି। ସେବେଠାରୁ ଭାରତୀୟ ସୈନ୍ୟମାନେ ଦେଶକୁ ସୁରକ୍ଷା ଦେବା ପାଇଁ ଏଠାରେ ମୁତୟନ ରହିଥାନ୍ତି।

## ୧୩ ତାରିଖ ଯାଏଁ ବର୍ଷା

■ **ଭୁବନେଶ୍ୱର, ୯।୯ (ସମିସ):** ରାଜ୍ୟରେ ବର୍ତ୍ତମାନ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ କାଁ ଭାଁ ବର୍ଷା ହେଉଛି। ଘୂର୍ଣ୍ଣିବଳୟଟି ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଉପରେ ସକ୍ରିୟ ରହିଥିବାରୁ ଦଘିଣ ଓଡ଼ିଶାରେ ହିଁ ବର୍ଷାର ପ୍ରଭାବ ଅଧିକ ରହିଛି। ଅନ୍ୟପଟେ ଏହି ଘୂର୍ଣ୍ଣିବଳୟ ପ୍ରଭାବରେ ଆସନ୍ତା ୧୩ ତାରିଖ ଯାଏଁ ବର୍ଷା ହେବାକୁ ଥିବା ବେଳେ ୧୩ରେ ଗୋଟିଏ ଲଘୁଚାପ ଯୋଗୁଁ ପୁଣି ବର୍ଷା ବଢ଼ିବା ନେଇ ଆଶଙ୍କା କରାଯାଉଛି। ବର୍ଷା ▶ପୃଷ୍ଠା-୭

## ବର୍ଷକରେ ଇଭି ହେବ ଆମ୍ବୁଲାନ୍ସ, ପିସିଆର୍

**୫ ବର୍ଷରେ ଇଭି ଗାଡ଼ି ଲକ୍ଷ୍ୟ ୫୦ ପ୍ରତିଶତ**

**‘ଓଡ଼ିଶା ଇଭି ପଲିସି-୨୦୨୫’ ଚିଠା ବିଜ୍ଞପ୍ତି**

■ **ଭୁବନେଶ୍ୱର, ୯।୯ (ସମିସ):** ରାଜ୍ୟରେ ବର୍ତ୍ତମାନ ଉଭୟ ଦୁଇ ଚକିଆ ଓ ୪ ଚକିଆ ଇଭି ଯାନ କିଣା ପାଇଁ ବିନା ସୁଧ ଋଣ ସାଙ୍ଗକୁ ରିଆତି ମଧ୍ୟ ପ୍ରଦାନ କରାଯାଉଛି। ଏହା ସତ୍ତ୍ୱେ ରାଜ୍ୟରେ ଇଭି ବ୍ୟବହାରରେ ଆଗ୍ରହ ବଢୁ ନାହିଁ। ୪ ବର୍ଷରେ ୨୦% ଇଭି ଲକ୍ଷ୍ୟ ଏବେ ୯%ରେ ସୀମିତ ରହିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟରେ ବୈଦ୍ୟୁତିକ ଯାନ ଚଳାଚଳ ବୃଦ୍ଧି ନିମନ୍ତେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ‘ଓଡ଼ିଶା ଇଭି ପଲିସୀ-୨୦୨୫’ ଚିଠା ବିଜ୍ଞପ୍ତି ପ୍ରସ୍ତୁତ କରିଛି। ଚିଠା ବିଜ୍ଞପ୍ତି ଅନୁସାରେ ଆସନ୍ତା ୨୦୩୦ ସୁଦ୍ଧା ରାଜ୍ୟର ଗାଡ଼ି ସଂଖ୍ୟା ମଧ୍ୟରୁ ୫୦ ▶ପୃଷ୍ଠା-୭

## ପୁରୀ ବିମାନବନ୍ଦର ନିର୍ମାଣରେ ପରିବେଶ ନିୟମ ଉଲ୍ଲଂଘନ

# କେନ୍ଦ୍ର ଓ ରାଜ୍ୟକୁ ଏନ୍‌ଜିଟି ଛାଟ

■ **କଟକ, ୯।୯ (ସମିସ):** ପୁରୀ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣରେ ବ୍ୟାପକ ପରିବେଶଗତ ନିୟମ ଉଲ୍ଲଂଘନ ଅଭିଯୋଗ କରି ସ୍ଥାନୀୟ ବାସିନ୍ଦାଙ୍କ ତରଫରୁ ଦାୟର ଆବେଦନକୁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍ (ଏନଜିଟି) ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହି ପ୍ରସଙ୍ଗରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ଚାରି ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ପ୍ରଦାନ ପୂର୍ବକ ନୋଟିସ୍ ଜାରି କରିଛନ୍ତି ଏନଜିଟି। ସୁରେନ୍ଦ୍ର ତାପାସୁ ଓ ଅନ୍ୟ ୯ ଜଣ ବାସିନ୍ଦାଙ୍କ ତରଫରୁ





ରୁଜୁ ଆବେଦନର ଶୁଣାଣି କରି ଅରୁଣ କୁମାର ତ୍ୟାଗୀ (ନ୍ୟାୟିକ ସଦସ୍ୟ) ଏବଂ ଡକ୍ଟର ଆଫରୋଜ ଅହମ୍ମଦ (ବିଶେଷଜ୍ଞ ସଦସ୍ୟ)ଙ୍କୁ ନେଇ ଗଠିତ ଏନଜିଟିର ପୂର୍ବାଞ୍ଚଳ ଜୋନ୍ ଖଣ୍ଡପୀଠ ଏହି ନୋଟିସ୍ ଜାରି କରିଛନ୍ତି। କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ, ପ୍ରମୁଖ ସଚିବ (ଜଙ୍ଗଲ ଏବଂ ପରିବେଶ), ଅତିରିକ୍ତ ମୁଖ୍ୟ ସଚିବ (ବାଣିଜ୍ୟ ଏବଂ ପରିବହନ), ପୁରୀ ଜିଲ୍ଲାପାଳ ଏବଂ ବିଭାଗୀୟ ବନ ଅଧିକାରୀ ସମେତ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କୁ ନୋଟିସ୍ ଜାରି କରାଯାଇଛି। ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୧୦ ତାରିଖରେ ହେବ। ଆବେଦନକାରୀଙ୍କ ▶ପୃଷ୍ଠା-୭

# ରାଜ୍ୟରେ ବଢୁଛି ଆତ୍ମହତ୍ୟା ପ୍ରବଣତା

## ୩ ବର୍ଷରେ ଜୀବନ ହାରିଛନ୍ତି ୧୭,୭୭୮

■ **ଭୁବନେଶ୍ୱର, ୯।୯ (ସମିସ):** ଦିନକୁ ଦିନ ବଢ଼ି ଚାଲିଛି ଆତ୍ମହତ୍ୟା। ବିଭିନ୍ନ କାରଣରୁ କ୍ଷଣିକ ଉତ୍ତେଜନାରେ ବଶୀଭୂତ ହୋଇ ଅନେକ ଜୀବନହାରିବା ଭଳି ଚରମ ନିଷ୍ପତ୍ତି ନେଉଛନ୍ତି। ପ୍ରତିବର୍ଷ ଏହି ସଂଖ୍ୟା ବଢ଼ି ବଢ଼ି ଚାଲିଛି ଓ ବର୍ତ୍ତମାନ ସମୟରେ ଯୁବପିଢ଼ିଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରମଣତା ବଢ଼ି ଚାଲିଛି। ନିସଙ୍ଗତା ଓ ମାନସିକ ଅବସାଦ ଯୋଗୁ ଅନେକ ଛାତ୍ରଛାତ୍ରୀ ଆତ୍ମହତ୍ୟା କରୁଥିବା ମନସ୍ତତ୍ତ୍ୱବିତ୍‌ମାନେ ମତ ଦେଉଛନ୍ତି।



**ଆତ୍ମହତ୍ୟା ନିରାକରଣ ଦିବସ ଆଜି**

**ଆତ୍ମହତ୍ୟା ପାଇଁ ଚିନ୍ତା କରୁଛନ୍ତି ପ୍ରତି ୧୦ଜଣଙ୍କ ମଧ୍ୟରେ ଜଣେ**

ପରିସଂଖ୍ୟାନ ଅନୁସାରେ ଗତ ୩ବର୍ଷରେ ଓଡ଼ିଶାରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ସଂଖ୍ୟା ୫୮% ବୃଦ୍ଧି ପାଇଛି। ୨୦୨୧ ମସିହାରେ ରାଜ୍ୟରେ ୫୬୪୯ ଜଣ ଆତ୍ମହତ୍ୟା କରିଥିବା ବେଳେ ସେମାନଙ୍କ ମଧ୍ୟରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଥିଲା ୧୧୯। ୨୦୨୨ରେ ୬୧୪୦ ଆତ୍ମହତ୍ୟା ପଞ୍ଜିକୃତ ହୋଇଥିଲା ଓ ଏହାମଧ୍ୟରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ରହିଥିଲା ୧୭୩ । ସେହିପରି ୨୦୨୩ରେ ରାଜ୍ୟର ବିଭିନ୍ନ ଥାନାରେ ୫୯୮୯ ଆତ୍ମହତ୍ୟା ମାମଲା ରୁଜୁ ହୋଇଥିଲା ଏବଂ ଏହା ମଧ୍ୟରେ ୧୮୯ ଜଣ ଛାତ୍ରଛାତ୍ରୀ ଥିବା ସୂଚନା ମିଳିଛି। ଗତ ୩ବର୍ଷରେ ରାଜ୍ୟରେ ୧୭,୭୭୮ଜଣ ଜୀବନ ହାରିଥିବା ରିପୋର୍ଟ ବିଭିନ୍ନ ଥାନାରେ ଦରଜ ହୋଇଛି। ଆତ୍ମହତ୍ୟା ପାଇଁ ପାରିବାରିକ ସମସ୍ୟା, ପ୍ରେମ ବ୍ୟାପାର, ଅସଫଳତା ଓ ▶ପୃଷ୍ଠା-୭

## ରାଜଧାନୀରେ ଦୁଇ ବର୍ଷରେ ୪୦ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା

ଗତ ୨ବର୍ଷରେ ରାଜଧାନୀରେ ୪୦ ଜଣ ସ୍କୁଲ ପିଲା ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସେମାନେ ଗେମ୍ ଖେଳିବା ହେଉ ଅବା ଅତ୍ୟଧିକ ବ୍ୟବହାର ଯୋଗୁ ପରିବାର ଲୋକଙ୍କ ବାରଣ ପାଇଁ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଜାତୀୟ ଶିଶୁ ସୁରକ୍ଷା ଅଧିକାରୀଙ୍କ ଏକ ରିପୋର୍ଟ ଅନୁସାରେ ୫୯.୨ ପ୍ରତିଶତ ସ୍କୁଲ ଛାତ୍ରଛାତ୍ରୀ ସୋସିଆଲ ମିଡିଆରେ ଚାର୍ଟିଂ ପାଇଁ ମୋବାଇଲ ବ୍ୟବହାର କରୁଥିବା ବେଳେ ମାତ୍ର ୧୦.୨ ପ୍ରତିଶତ ପିଲା କେବଳ ପାଠପଢ଼ା ପାଇଁ ବ୍ୟବହାର କରୁଛନ୍ତି। ସେହିପରି ୩୦.୨ ପ୍ରତିଶତ ପିଲାଙ୍କ ପାଖରେ ନିଜସ୍ୱ ମୋବାଇଲ ଫୋନ୍ ରହିଥିବାରୁ ସେମାନେ ମନଇଚ୍ଛା ବ୍ୟବହାର କରି ମାନସିକ ଚାପଗ୍ରସ୍ତ ହେଉଛନ୍ତି।





# ନେପାଳ ହିଂସା ପଛରେ କିଏ

## ଶ୍ରୀଲଙ୍କା, ବାଂଲାଦେଶ ପରେ ଏବେ ନେପାଳ

କାଠମାଣ୍ଡୁ, ୯।୯ (ଏଜେନ୍ସି): ଭାରତର ଆଉ ଏକ ପଡ଼ୋଶୀ ରାଷ୍ଟ୍ରରେ ପୁଣି ନିଆଁ ଜଳୁଛି। ହଠାତ୍ ଏକ ଆନ୍ଦୋଳନ ଆରମ୍ଭ ହୋଇ ଉଗ୍ର ରୂପ ଧାରଣ କରିଛି। ଏହା ପୁଣି ଏକ ସରକାରକୁ ଭୁଶୁଡ଼ାଇ ଦେଇଛି। ଶ୍ରୀଲଙ୍କା, ପାକିସ୍ତାନ, ବାଂଲାଦେଶ ପରେ ଏବେ ନେପାଳରେ ଏପରି ହୋଇଛି। ସବୁ ଦେଶର ମାମଲାରେ ସମାନ ରଣନୀତି ଅବଲମ୍ବନ କରାଯାଇଛି। ବଡ଼ଧରଣର ବିକ୍ଷୋଭ ଯୋଗୁଁ ସରକାର ଭୁଶୁଡି ପଡ଼ିଛି। ସାମାଜିକ ଗଣମାଧ୍ୟମ ନିଷିଦ୍ଧ କରିବା ପାଇଁ ନେପାଳ ସରକାର ନେଇଥିବା ନିଷ୍ପତ୍ତି ଯୋଗୁଁ ଏପରି ହୋଇଛି। ଏହା ଦ୍ରୁତଗତିରେ ବ୍ୟାପିଯିବା ପରେ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ, ରାଷ୍ଟ୍ରପତିଙ୍କୁ ଇସ୍ତଫା ଦେବାକୁ ପଡ଼ିଛି। ସ୍ଥିତି ଏପରି ହୋଇଛି ଯେ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ଦେଶ ଛାଡ଼ି ଦୁବାଇ ଯିବାକୁ ଯୋଜନା କରୁଛନ୍ତି। ଏପରି ସମୟରେ ଲୋକଙ୍କ ମନରେ ବଡ଼ ପ୍ରଶ୍ନ ଉଠୁଛି। ସାମାଜିକ ଗଣମାଧ୍ୟମ ନିଷିଦ୍ଧ ନିଷ୍ପତ୍ତି ଯୋଗୁଁ ଖାଲି ଏପରି ସ୍ଥିତି ସୃଷ୍ଟି ହୋଇପାରେ କି? ଏହା ପଛରେ ଅନ୍ୟ କୌଣସି ବିଦେଶୀ ଶତ୍ରୁର ହାତ ନାହିଁ ତ? ଆମେରିକା ଏବଂ ଚୀନ୍ ମଧ୍ୟରେ ଚାଲିଥିବା ଛାମୁଆ ଯୁଦ୍ଧର ନେପାଳ କେନ୍ଦ୍ରସ୍ଥଳ ପାଲଟି ଯାଇନି ତ?

ନେପାଳର ଏହି ଉଗ୍ର ବିକ୍ଷୋଭ ପଛରେ ଆମେରିକା ହାତ ଥିବା କୁହାଯାଉଛି। ଏହି ଦେଶର ଇଙ୍ଗିତରେ ବିକ୍ଷୋଭକାରୀ ସରକାରକୁ ଭୁଶୁଡ଼ାଇଦେଇଥିବା କୁହାଯାଉଛି। ନେତାମନ୍ତ୍ରୀଙ୍କ ଇସ୍ତଫା ସତ୍ତ୍ୱେ ବିକ୍ଷୋଭ ପ୍ରଦର୍ଶନ ବନ୍ଦ ହେଉନାହିଁ। ନେତାମନ୍ତ୍ରୀଙ୍କ ବାସଭବନ ସମେତ କାଠମାଣ୍ଡୁରେ ହିଲ୍‌ଟନ୍ ହୋଟେଲରେ ମଧ୍ୟ ବିକ୍ଷୋଭକାରୀ ନିଆଁ ଲଗାଇ ଦେଇଛନ୍ତି। ଏହା କ୍ଷମତାସୀନ ଦଳର ଜଣେ ବ୍ୟକ୍ତିଙ୍କ ମାଲିକାନାରେ ଥିଲା। ବାଂଲାଦେଶ ଏବଂ ଶ୍ରୀଲଙ୍କା ଭଳି ଏଠାରେ ମଧ୍ୟ କ୍ଷମତାସୀନ ଦଳର ନେତାମନ୍ତ୍ରୀଙ୍କୁ




ଦେଖିବା ମାତ୍ରେ ଆକ୍ରମଣ କରୁଛନ୍ତି। ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ପତ୍ନୀଙ୍କୁ ମଧ୍ୟ ବିକ୍ଷୋଭକାରୀ ଛାଡ଼ି ନାହାନ୍ତି। ଘରେ ପଶି ବିଭିନ୍ନ ସାମଗ୍ରୀ ନେଇ ଲୁଟପାଟ୍ ମଚାଉଛନ୍ତି। ଶେଷରେ ନିଆଁ ଲଗାଇ ଦେଉଛନ୍ତି। ପୂର୍ବେ ଏଭଳି ସ୍ଥିତି ସୃଷ୍ଟି ହେବାରୁ ଶ୍ରୀଲଙ୍କା ରାଷ୍ଟ୍ରପତି ଗୋଟବାୟା ରାଜପକ୍ଷେ ଏବଂ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହାସିନା ଦେଶ ଛାଡ଼ି ପଳାଇ ଥିଲେ।

କିନ୍ତୁ ଏହି ଆନ୍ଦୋଳନ ପଛରେ କିଛି ବଡ଼ ଚକ୍ରାନ୍ତ ଲୁଚି ରହିଛି। ଗତ କିଛି ମାସ ହେଲା ନେପାଳର ସମସ୍ୟା ବୃଦ୍ଧି ପାଇଥିଲା। ୨୦୦୮ରୁ ନେପାଳ ଗଣତାନ୍ତ୍ରିକ ରାଷ୍ଟ୍ର ହେବା ପରଠାରୁ ଦେଶର କ୍ଷମତା ଚୀନ୍ ସମର୍ଥକ ଓଲି, ମାଓ କୈନ୍ଦ୍ରିକ ପୁଷ୍ପ କମଲ ଦହଲ ପ୍ରଚଣ୍ଡ ଏବଂ ସେର ବାହାଦୂର ଦେଓବାଙ୍କ ମଧ୍ୟରେ କ୍ଷମତା ପରିବର୍ତ୍ତନ ଚାଲିଛି। ଏହି ତିନି ଜଣଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଲାଗିଛି। ଏହାକୁ ନେଇ ନେପାଳ ଯୁବଗୋଷ୍ଠୀ ଉତ୍‌କ୍ଷିପ୍ତ ହୋଇ ଉଠିଛନ୍ତି। ଅର୍ଥନୈତିକ ସ୍ଥିତି ଦୁର୍ବଳ ହୋଇଯାଇଛି। ବେକାରୀ ହାର ମଧ୍ୟ ବଢ଼ି ଚାଲିଛି। ଏହା ଯୁବଗୋଷ୍ଠୀଙ୍କୁ ଚିନ୍ତାରେ ପକାଇ ଦେଇଛି। ଏହ ଆନ୍ଦୋଳନକୁ ଗତି ଦେଇଥିଲା।

୨୦୨୪ ଜୁଲାଇରୁ ଓଲି ପ୍ରଧାନମନ୍ତ୍ରୀ ହେବା ପରେ ସେ ଚୀନ୍ ସହ ସମ୍ବନ୍ଧ ମଝବୁତ କରିବାକୁ ଚାହିଁଥିଲେ। ତେବେ ସେ ପାରମ୍ପରିକ ସହଯୋଗୀ ଭାରତକୁ ମଧ୍ୟ ଅଣଦେଖା କରି ଚାଲିଥିଲେ। ନେପାଳ ମଧ୍ୟ ଚୀନ୍‌ର ବିଆରଆଇ ପ୍ରକଳ୍ପରେ ସାମିଲ ହେବାକୁ ରାଜି ହୋଇଥିଲା। ଓଲିଙ୍କ ଗସ୍ତରେ ଏ ନେଇ ଚୁକ୍ତି ହୋଇଥିଲା। ତେବେ ଦକ୍ଷିଣ ଏସିଆରେ କ୍ଷମତା ବିସ୍ତାର କରିବାକୁ ଚାହୁଁଥିବା ଆମେରିକା ପାଇଁ ଏହା ଅସହ୍ୟ ହୋଇ ଉଠିଥିଲା। ଚୀନ୍‌ର ପ୍ରାଧାନ୍ୟ ବିସ୍ତାରକୁ ରୋକିବା ଲାଗି ନେପାଳକୁ ବେଜିଂ ପାଲରୁ ବାହାର କରିବାକୁ ଚେଷ୍ଟା କରିଥିଲା। ଏଥିପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଏକ ଯୋଜନା କରିଥିଲା। ୫୦୦ ନିୟୁତ ଡଲାରର ପ୍ରକଳ୍ପ ନେପାଳ ପାଇଁ ଭେଟି ଦେଇଥିଲା। ଏହା ଚୀନ୍ ବିଆରଆଇ ପାଇଁ ଆହ୍ୱାନ ଥିଲା। କିନ୍ତୁ ନେପାଳ ସରକାର ଚୀନ୍ ସହ ଘନିଷ୍ଠତା ବଜାୟ ରଖିଥିଲେ। ଚୀନ୍ ବିଜୟ ଦିବସ ପରେଡରେ ସାମିଲ ହୋଇ ଓଲି ଏହି ବାର୍ତ୍ତା ଦେଇଥିଲେ। ଏହା ଫଳରେ ଆମରିକା ସହ ନେପାଳର ତିକ୍ତତା ଅଧିକ ବୃଦ୍ଧି ପାଇଥିଲା। ଶେଷରେ ସରକାର ଭୁଶୁଡାଇବା ପାଇଁ ଆମେରିକା ଯୋଜନା କଲା ବୋଲି କୁହାଯାଉଛି।

# ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ପତ୍ନୀଙ୍କୁ ଜିଅନ୍ତା ଜାଳିଦେଲେ



କାଠମାଣ୍ଡୁ, ୯।୯ (ଏଜେନ୍ସି): ଅନ୍‌ଲାଇନରେ ଯୁବ ଗୋଷ୍ଠୀଙ୍କ ଶାନ୍ତିପୂର୍ଣ୍ଣ ନେପୋ କିଡ୍ ଏବଂ ଦୁର୍ନୀତି ଆନ୍ଦୋଳନକୁ ବନ୍ଦ ପାଇଁ ନେପାଳ ସରକାର ପଞ୍ଜିକରଣ ଆଳରେ ସାମାଜିକ ଗଣମାଧ୍ୟମକୁ ନିଷିଦ୍ଧ କରିଦେଇଥିଲେ। ସରକାରଙ୍କ ଏହି ନିଷ୍ପତ୍ତି ବିଦ୍ରୋହର ବହ୍ନିକୁ ଜୋରଦାର କରିଥିଲା। ଜେନ୍ ଜେଡ୍ ଗୋଷ୍ଠୀ ସାମାଜିକ ଗଣମାଧ୍ୟମ ଛାଡ଼ି ସିଧା ରାସ୍ତାକୁ ଓହ୍ଲାଇ ଥିଲେ। ଆଉ ଏହି ଆନ୍ଦୋଳନ ଏବେ ସରକାରଙ୍କୁ ଗାଦି ଛାଡ଼ିବାକୁ ବାଧ୍ୟ କରିଦେଇଛି। ଜଣଙ୍କ ପରେ ଜଣେ ଇସ୍ତଫା ଦେଇ ଚାଲିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ପରେ ନେପାଳ ରାଷ୍ଟ୍ରପତି ଇସ୍ତଫା ଦେଇଛନ୍ତି। ସରକାର ଭୁଶୁଡ଼ି ଯାଇଛି। ତେବେ ଏହି ଆନ୍ଦୋଳନ ହିଂସ୍ର ରୂପ ଧାରଣ କରିଛି। ଏହି ନିଆଁରେ ଅନେକ ନିରୀହଙ୍କ ଜୀବନ ଯାଇଛି। ସେମାନଙ୍କ ମଧ୍ୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଝଲାନାଥ ଖନାଲଙ୍କ ପତ୍ନୀ ରାଜଲକ୍ଷ୍ମୀ ଚିତ୍ରାକର ସାମିଲ ଅଛନ୍ତି। ଆନ୍ଦୋଳନକାରୀ

### ପୂର୍ବତନ ପ୍ରଧାନମନ୍ତ୍ରୀଙ୍କୁ ଉଦ୍ଧାରକଲା ସେନା

### ଅର୍ଥମନ୍ତ୍ରୀଙ୍କୁ ତଡ଼ି ତଡ଼ି ବାଡ଼େଇଲେ

ତାଙ୍କୁ ଜିଅନ୍ତା ଜାଳି ହତ୍ୟା କରିଛନ୍ତି। ରିପୋର୍ଟ ଅନୁଯାୟୀ ଆଜି ଆନ୍ଦୋଳନକାରୀ କାଠମାଣ୍ଡୁର ଡାଲୁ ଅଞ୍ଚଳରେ ଥିବା ତାଙ୍କ ଘରକୁ କବ୍‌ଜା କରି ନେଇଥିଲେ। ସେ ଘରେ ଫସି ରହିଥିବା ସମୟରେ ବାହାରୁ ନିଆଁ ଲଗାଇ ଦେଇଥିଲେ। ପରେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି କୀର୍ତ୍ତିପୁର ବର୍ଣ୍ଣ ହସ୍ପିଟାଲକୁ ନିଆଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଆନ୍ଦୋଳନକାରୀ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କ ଘରେ ମଧ୍ୟ ନିଆଁ ଲଗାଇ ଦେଇଛନ୍ତି। ଅନେକମନ୍ତ୍ରୀଙ୍କ ଘର ମଧ୍ୟ ବିକ୍ଷୋଭକାରୀ ଜାଳି ଦେଇଛନ୍ତି। ଏହାକୁ ନେଇ ଆଲୋଡ଼ନ ସୃଷ୍ଟି ହୋଇଛି। ଏହା ଆନ୍ଦୋଳନର ଭୟାବହତାକୁ ଦର୍ଶାଉଛି। ସମ୍ପୂର୍ଣ୍ଣ ଦେଶ ଅଶାନ୍ତ ରହିଛି। ସ୍ଥିତିକୁ ଦେଖି ଭାରତ ନିଜ ନାଗରିକଙ୍କ ପାଇଁ ଯାତ୍ରା ମାର୍ଗଦର୍ଶିକା ଜାରି କରିଛି। ନେପାଳ ସ୍ଥିତି ନ ସୁଧୁରିବା ପର୍ଯ୍ୟନ୍ତ ଏହି ଦେଶକୁ ନ ଯିବା ପାଇଁ କୁହାଯାଇଛି। ଏୟାର ଇଣ୍ଡିଆ, ଇଣ୍ଡିଗୋ ଏବଂ ନେପାଳ ଏୟାରଲାଇନ୍ସ ଦିଲ୍ଲୀରୁ କାଠମାଣ୍ଡୁକୁ ସମସ୍ତ ବିମାନ ବାତିଲ କରିଦେଇଛି।

ନେପାଳରେ ଯୁବଗୋଷ୍ଠୀଙ୍କ ବିକ୍ଷୋଭ ପ୍ରଦର୍ଶନ ରକ୍ତମୁଖା ହୋଇ ଉଠିଛି। ସରକାରରେ ସାମିଲ ନେତାମନ୍ତ୍ରୀଙ୍କୁ ଦେଖିଲା ମାତ୍ରେ ବିକ୍ଷୋଭକାରୀ ମାଡ଼ ମାରୁଛନ୍ତି। ଏବେ କେପି ଶର୍ମା ଓଲିଙ୍କ ମନ୍ତ୍ରିମଣ୍ଡଳରେ ସାମିଲ ଅର୍ଥମନ୍ତ୍ରୀ ବିଷ୍ଣୁ ପ୍ରସାଦ ପୌଡେଲ (୬୫)ଙ୍କୁ କାଠମାଣ୍ଡୁର ଗଳିରେ ଗୋଡ଼ାଇ ଗୋଡ଼ାଇ ମାଡ଼ ମରାଯାଇଛି। ବିକ୍ଷୋଭକାରୀ ତାଙ୍କୁ ଫିଲ୍ମଶୈଳୀରେ ମାଡ଼ ମାରୁଥିବା ଦେଖାଯାଉଛି। ଏହାର ଭିଡିଓ ଭାଇରାଲ ହେବାରେ ଲାଗିଛି। ମନ୍ତ୍ରୀ ଜୀବନ ବଞ୍ଚାଇବା ପାଇଁ ଦୌଡୁଥିବାବେଳେ ବିକ୍ଷୋଭକାରୀ ତାଙ୍କୁ ଧରିବା ପାଇଁ ପଛରେ ଗୋଡ଼ାଉ ଥିବା ଦେଖାଯାଉଛି। ସମସ୍ତେ ମିଶି ତାଙ୍କୁ ମାଡ଼ ମାରୁଛନ୍ତି। ପରେ ସୁରକ୍ଷାକର୍ମୀ ତାଙ୍କୁ ଉଦ୍ଧାର କରିଥିବା ସୂଚନା ମିଳିଛି। କାଠମାଣ୍ଡୁ ପୁଲିସର ସୂଚନା ଅନୁଯାୟୀ ଆନ୍ଦୋଳନକାରୀ କର୍ଫ୍ୟୁକୁ ଉଲ୍ଲଙ୍ଘନ କରିଛନ୍ତି। ବିଭିନ୍ନ ସ୍ଥାନରେ ଆକ୍ରମଣ କରି ନିଆଁ ଲଗାଇ ଦେଇଛନ୍ତି। ଭାଇରାଲ ଭିଡିଓରୁ ଦେଖାଯାଉଛି ଯେ ଜୀବନ ବଞ୍ଚାଇବା ପାଇଁ ପୌଡେଲ କାଠମାଣ୍ଡୁରେ ଗଳିରେ ଦୌଡୁଛନ୍ତି। ଏହି ସମୟରେ ଜଣେ ବିକ୍ଷୋଭକାରୀ ବିପରୀତ ଦିଗରୁ ଆସି ଡେଇଁ ତାଙ୍କୁ କିକ୍ ମାରୁଛି। ଏଥିରେ ମନ୍ତ୍ରୀ ନିୟନ୍ତ୍ରଣ ହରାଇ ଏକ କାନ୍ଥ ସହ ଯାଇ ମାଡ଼ ହୋଇଥିଲେ। ଏହା ପରେ ମନ୍ତ୍ରୀ ତର ତର ହୋଇ ଉଠି ପଡ଼ିଥିଲେ। ପୁଣି ଦୌଡ଼ିବାକୁ ଲାଗିଥିଲେ। କିଛି ସମୟ ଭିତରେ ଆଉ ଜଣେ ବ୍ୟକ୍ତି ପିଛା କରି ତାଙ୍କୁ ଧରି ପକାଇ ଥିଲେ।

ଜେନ୍ ଜେଡ୍ ଆନ୍ଦୋଳନକାରୀ ନେପାଳର ପୂର୍ବତନ ପ୍ରଧାନମନ୍ତ୍ରୀ ସେର ବାହାଦୂର ଦେଓବା ଏବଂ ତାଙ୍କ ପତ୍ନୀ ତଥା ବିଦେଶମନ୍ତ୍ରୀ ଅରଜୁ ରାଣା ଦେଓବାଙ୍କ ଉପରେ ଆକ୍ରମଣ ହୋଇଛି। କାଠମାଣ୍ଡୁର ବୁଢାନୀଳକଣ୍ଠରେ ଥିବା ତାଙ୍କ ବାସଭବନ ଉପରେ ବିକ୍ଷୋଭକାରୀ ଆଜି ଆକ୍ରମଣ କରିଥିଲେ। ସେମାନଙ୍କ ମାଡ଼ରେ ସେର ବାହାଦୂର ଲହୁଲୁହାଣ ହୋଇ ପଡ଼ିଥିଲେ। ମାଡ଼ ମାରି ମୁହଁ ଫୁଲାଇ ଦେଇଥିଲେ। ତାଙ୍କ ମୁହଁରୁ ରକ୍ତ ବାହାର କରିଦେଇଥିଲେ। ସୁରକ୍ଷାବାହିନୀ ପହଞ୍ଚିବା ପୂର୍ବରୁ ତାଙ୍କ ଘରେ ନିଆଁ ଲଗାଇ ଦେଇଥିଲେ। ଭଙ୍ଗାରୁଜା କରିବା ସହ ଜିନିଷପତ୍ର ଲୁଟି ନେଇଥିଲେ। ଏକ ପଡ଼ିଆ ନିକଟରୁ ଦେଓବା ଏବଂ ତାଙ୍କ ପତ୍ନୀଙ୍କୁ ଅସହାୟ ଅବସ୍ଥାରେ ଉଦ୍ଧାର କରାଯାଇଥିଲା।

## ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବେ ବଲେନ୍ଦ୍ର ଶାହା!



କାଠମାଣ୍ଡୁ, ୯।୯ (ଏଜେନ୍ସି): ନେପାଳରେ ଚାଲିଥିବା ହିଂସ୍ର ପ୍ରଦର୍ଶନ ପଛକୁ କାଠମାଣ୍ଡୁ ମେୟର ବଲେନ୍ଦ୍ର ଶାହା(୩୫) ସମର୍ଥନ ଦେଇଛନ୍ତି। ଓଲିଙ୍କ ଇସ୍ତଫା ପରେ ତାଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ଦେଖାଯାଉଛି। ଛାତ୍ରଛାତ୍ରୀ, ଯୁବଗୋଷ୍ଠୀଙ୍କ ଏହି ବିକ୍ଷୋଭକୁ ସେ ମଧ୍ୟ ଦୃଢ଼ ସମର୍ଥନ ଦେଇଛନ୍ତି। ସୋସିଆଲ ମିଡିଆରେ ନେପୋ କିଡ୍‌ଙ୍କ ବିରୋଧରେ ଆରମ୍ଭ ହୋଇଥିବା ଆନ୍ଦୋଳନର ପ୍ରମୁଖ ସୂତ୍ରଧର ଭାବେ ସେ ପରିଚିତ। ୧୮ରୁ ୨୮ ବର୍ଷ ପିଲା ଏହି ଆନ୍ଦୋଳନରେ ସାମିଲ ହେଉଛନ୍ତି। ବୟସ ଅଧିକ ହୋଇଥିବା ଯୋଗୁଁ ସେ ବିକ୍ଷୋଭରେ ସାମିଲ ହୋଇ ନାହାନ୍ତି। ଶାହା କହିଛନ୍ତି ଯେ ସେ ଆନ୍ଦୋଳନକାରୀଙ୍କ ଆକାଂକ୍ଷା, ଉଦ୍ଦେଶ୍ୟ ଏବଂ ଚିନ୍ତାଧାରା ବୁଝିବାକୁ ଚାହୁଁଛନ୍ତି। ରାଜନୈତିକ ଦଳ, ନେତା, କର୍ମୀ, ଆଇନ ପ୍ରଣେତା ଏବଂ ପ୍ରଚାରକମାନେ ଏହି ରାଲିକୁ ନିଜ ସ୍ୱାର୍ଥ ପାଇଁ ବ୍ୟବହାର କରିବା ଅନୁଚିତ।

## ଆନ୍ଦୋଳନ ପଛରେ ସୁଦାନ ଗୁରୁଙ୍ଗ



ସାମାଜିକ ଗଣମାଧ୍ୟମରୁ କଟକଣା ହଟିବା, ଗୃହମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ସତ୍ତ୍ୱେ ନେପାଳରେ ଉଗ୍ର ବିକ୍ଷୋଭ ଜାରି ରହିଛି। ଉପଦ୍ରବୀଙ୍କ ଅନୁପ୍ରବେଶ ଯୋଗୁଁ ଏହି ଆନ୍ଦୋଳନ ହେଲା ବୋଲି ପୂର୍ବତନ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି କହିଛନ୍ତି। କ୍ଷମତାସୀନ ହେବାକୁ ଆନ୍ଦୋଳନକାରୀ ଚାହୁଁଥିବା ସେ ଉଲ୍ଲେଖ କରିଛନ୍ତି। ତେବେ ଏହି ବିକ୍ଷୋଭ ପଛରେ ୩୬ ବର୍ଷୀୟ ସୁଦାନ ଗୁରୁଙ୍ଗଙ୍କ ହାତ ଥିବା କୁହାଯାଉଛି। ଏକ ଏନ୍‌ଜିଓ 'ହାମି ନେପାଳ'ର ସେ ଅଧ୍ୟକ୍ଷ ଅଛନ୍ତି। ଲେ ନିଜେ ମଧ୍ୟ ଏହି ସୂଚନା ଦେଇଥିଲେ। ସାମାଜିକ ଗଣମାଧ୍ୟମରେ ସେ କହିଥିଲେ ଯେ ତାଙ୍କ ଗୋଷ୍ଠୀ ରାଲି ଆୟୋଜନ କରିବାକୁ ନିବେଦନ କରିଥିଲା। ଛାତ୍ରଛାତ୍ରମାନଙ୍କୁ ସ୍କୁଲ ପୋଷାକ ପିନ୍ଧିବା ଏବଂ ପୁସ୍ତକ ଧରି ସାମିଲ ହେବାକୁ କହିଥିଲା। ଏହି ଗୋଷ୍ଠୀ ପ୍ରଦର୍ଶନକୁ ଶାନ୍ତିପୂର୍ଣ୍ଣ ପ୍ରତିରୋଧର ପ୍ରତୀକରେ ପରିଣତ କରିଥିଲା। ବ୍ଲାକଆଉଟ ପୂର୍ବରୁ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ଏହି ଗୋଷ୍ଠୀ ବିକ୍ଷୋଭକାରୀଙ୍କୁ ସୁରକ୍ଷା ମାନକ ଏବଂ ବିକ୍ଷୋଭର ସ୍ଥଳ ବିଷୟରେ ସୂଚନା ଦେଉଥିଲା। ୨୦୧୫ର ନେପାଳରେ ଆସିଥିବା ଭୂକମ୍ପ ସମୟରେ ଏହି ଏନ୍‌ଜିଓ ସୃଷ୍ଟି ହୋଇଥିଲା। ଏହି ଭୂକମ୍ପରେ ସୁଦାନ ନିଜ ଶିଶୁକୁ ହରାଇ ଥିଲେ। ଏହା ପରେ ସେ ଦୁର୍ନୀତି ବିରୋଧରେ ସ୍ୱର ଉଠାଇବା ଆରମ୍ଭ କରିଥିଲେ। ଶେଷରେ ସେ ସାମାଜିକ ଗଣମାଧ୍ୟମରେ ଜେନ୍ ଜେଡ୍ ବିକ୍ଷୋଭ ନେଇଥିଲେ।

# ରାଜସ୍ଥାନରେ ରେକର୍ଡ ବର୍ଷା


ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ଚଳିତ ବର୍ଷ ମୌସୁମୀ ଦେଶରେ ବିପର୍ଯ୍ୟୟ ସୃଷ୍ଟି କରିଛି। ବର୍ଷା ସମସ୍ତ ରେକର୍ଡ ଭାଙ୍ଗି ଦେଇଛି। ଭୂସ୍ଖଳନ ସାଙ୍ଗକୁ ବନ୍ୟା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ରାଜସ୍ଥାନରେ ଇତିହାସର ଦ୍ୱିତୀୟ ସର୍ବାଧିକ ବର୍ଷା ହୋଇଛି। ଏ ପର୍ଯ୍ୟନ୍ତ ୬୯୩.୧ ମିମି ବର୍ଷା ହେଲାଣି। ୧୦୯ ବର୍ଷ ତଳେ ୧୯୧୭ରେ ୮୪୪.୨ ମିମି ବର୍ଷା ହୋଇଥିଲା। ଏବେ ସୁଦ୍ଧା ୬୩ ପ୍ରତିଶତ ବନ୍ଧ ଫୁଲ୍ ହୋଇଗଲାଣି। ରାଜ୍ୟରେ ଜୁନ୍‌ରେ ୧୨୫.୩ ମିମି, ଜୁଲାଇରେ ୨୯୦ ମିମି ଏବଂ ଅଗଷ୍ଟରେ ୧୮୪ ମିମି ବର୍ଷା ହୋଇଥିଲା। ସେହିପରି ହିମାଚଳରେ ମୌସୁମୀ କହର ଜାରି ରହିଛି। ସୋମବାର ରାତିରେ କୁଲ୍ଲୁରେ ଭୂସ୍ଖଳନ ହୋଇ ଏକ ଭାଙ୍ଗିଯିବାରୁ ପରିବାରର ୫ ଜଣଙ୍କ ମୃତ୍ୟୁ ହୋଇଛି। ତେବେ ତିନି ଜଣଙ୍କୁ ସୁରକ୍ଷିତ ଭାବେ ବାହାର କରାଯାଇଛି। ଏ ପର୍ଯ୍ୟନ୍ତ ରାଜ୍ୟରେ ୧୩୬ ବଡ଼ ଭୂସ୍ଖଳନ ଘଟଣା ଏବଂ ୪୫ ଥର ବାଦଲଫଟା ବର୍ଷା ହେଲାଣି। ଏହା ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆକାଶ ମାର୍ଗରୁ କାଙ୍ଗଡ଼ା ଜିଲ୍ଲାର ସର୍ବେକ୍ଷଣ କରିଛନ୍ତି। ସେ ବନ୍ୟା ଏବଂ ବର୍ଷା ପ୍ରଭାବିତ କ୍ଷେତ୍ର ପାଇଁ ୧୫୦୦ କୋଟି ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ସେହିପରି ମୃତକଙ୍କ ପରିବାର ସଦସ୍ୟଙ୍କ ଲାଗି ୨ ଲକ୍ଷ ଲେଖାଏଁ ଏବଂ ଆହତଙ୍କ ପାଇଁ ୫୦ ହଜାର ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। କୃଷକଙ୍କୁ ପିଏମ କିଶାନ ନିଧିର ଆଡଭାନ୍ସ କିସ୍ତି ପ୍ରଦାନ କରାଯିବ ବୋଲି ମୋଦୀ କହିଛନ୍ତି।

ଅନ୍ୟପଟେ ଗୁଜରାଟ ଅହମଦାବାଦରେ ସୋମବାର ରାତିରେ ବଡ଼ ଅଘଟଣ ଘଟିଛି। ରାତିରେ ଦମ୍ପତି ପାଣି ଭର୍ତ୍ତି ସଡ଼କ ଦେଇ ଯାଉଥିଲେ। ରାସ୍ତାରେ ଥିବା ଖାଲରେ କରେଣ୍ଟ ତାର ଥିଲା। ଏହା ସଂସ୍ପର୍ଶରେ ଆସିଯିବାରୁ ଉଭୟଙ୍କ ମୃତ୍ୟୁ ହୋଇଛି। ସେହିପରି ଉତ୍ତର ଗୁଜରାଟ ଏବଂ ସୌରାଷ୍ଟ୍ରରେ ଗତ ତିନି ଦିନ ହେଲା ପ୍ରବଳ ବର୍ଷା ଜାରି ରହିଛି। ଏହା ଦ୍ୱାରା କଚ୍ଛର ମରୁଭୂମିରେ ପ୍ରଥମ ଥର ପାଇଁ ବନ୍ୟା ଆସିଛି। ସେହିପରି ପ୍ରଧାନମନ୍ତ୍ରୀ ବନ୍ୟା ପୀଡ଼ିତ ପଞ୍ଜାବ ଗସ୍ତରେ ଯାଇ ୧୬୦୦ କୋଟି ଟଙ୍କାର ଆର୍ଥିକ ପ୍ୟାକେଜ ଦେଇଛନ୍ତି। ସେ ଗୁରଦାସପୁରରେ ପ୍ରଭାବିତ ଚାଷୀ, ଏନ୍‌ଡିଆରଏଫ, ଏସ୍‌ଡିଆରଏଫ ଟିମ୍ ସହ ଆଲୋଚନା କରିଛନ୍ତି। ମନ୍ତ୍ରୀ ଏବଂ ଅଧିକାରୀଙ୍କ ସହ ମଧ୍ୟ ବୈଠକ କରିଛନ୍ତି।

## ହାଇକୋର୍ଟରେ ଐଶ୍ୱର୍ଯ୍ୟା

ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ବଲିଉଡ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ମଙ୍ଗଳବାର ଦିଲ୍ଲୀ ହାଇକୋର୍ଟରେ ଆବେଦନ ଦାଏର କରିଛନ୍ତି। ଏଥିରେ ସେ ବିନାନୁମତିରେ ତାଙ୍କ ଫଟୋ, ନାମ, ପରିଚୟ ଏବଂ ଏଆଇ ଜେନେରେଟେଡ ଅଶ୍ଳୀଳ ବିଷୟବସ୍ତୁ (କଣ୍ଟେଣ୍ଟ) ଉପରେ ରୋକ୍ ଲଗାଇବାକୁ ଦାବି କରିଛନ୍ତି। ଏହା ଦ୍ୱାରା ବ୍ୟକ୍ତିଗତ ଅଧିକାରର ଉଲ୍ଲଙ୍ଘନ ହେଉଛି ବୋଲି ସେ କହିଛନ୍ତି। ଅଭିନେତ୍ରୀଙ୍କ ଓକିଲ ସନ୍ଦୀପ ସେଠ କୋର୍ଟରେ କହିଛନ୍ତି ଯେ ଭ୍ରମାତ୍ମକ ପ୍ରଚାର ଏବଂ ଲାଭ ପାଇଁ ଐଶ୍ୱର୍ଯ୍ୟାଙ୍କ ପରିଚୟକୁ ବିନା ଭୟରେ ଅପବ୍ୟବହାର କରାଯାଉଛି। ଐଶ୍ୱର୍ଯ୍ୟାଙ୍କ ଅଶ୍ଳୀଳ, ଜାଲିଆତି କରାଯାଇଥିବା ଏବଂ ଏଆଇ ଜେନେରେଟଡ ଫଟୋ ଅନ୍‌ଲାଇନରେ ପ୍ରଚାରପ୍ରସାର କରାଯାଉଛି। ଏହା ଦ୍ୱାରା ଅଭିନେତ୍ରୀଙ୍କ ଗରିମା ଏବଂ ଅଧିକାର ଉଲ୍ଲଙ୍ଘନ ହେଉଛି। ସେହିପରି ଯୌନ ଇଚ୍ଛାକୁ ମେଣ୍ଟାଇବା ପାଇଁ ଐଶ୍ୱର୍ଯ୍ୟାଙ୍କ ଫଟୋ ବ୍ୟବହାର କରାଯାଉଛି। ସନ୍ଦୀପ ସେଠ୍ କହିଥିଲେ ଯେ କିଛି କମ୍ପାନୀ ତଥା ୱେବସାଇଟ ନିଜକୁ ଆନୁଷ୍ଠାନିକ ପ୍ଲାଟଫର୍ମ କହି ଐଶ୍ୱର୍ଯ୍ୟାଙ୍କ ନାମ ଏବଂ ଫଟୋ ଲଗାଇ ମଗ୍, ଟି-ସାର୍ଟ, ଡ୍ରିଙ୍କ ପ୍ରଡକ୍ଟସ ସହିତ ଅନେକ ବେଆଇନ ସାମଗ୍ରୀ ବିକୁଛନ୍ତି। ଏହା ଉପରେ ବିଚାରପତି କହିଥିଲେ ଯେ ଅନ୍‌ଲାଇନ ପ୍ଲାଟଫର୍ମ, କମ୍ପାନୀ ଏବଂ ବିନା ଅନୁମତିରେ ଏଭଳି ଫଟୋ ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ଉପରେ କଟକଣା ଲଗାଯିବ। ଏଥିପାଇଁ 'ଇଞ୍ଜକ୍ସନ ଅର୍ଡର' ପାରିତ କରାଯିବ। ଜାନୁଆରୀ ୧୫ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି କୋର୍ଟ କହିଛନ୍ତି।

# ମୁନ୍ନାଭାଇ ଜେଲ୍‌ରେ ହିଁ ରୁହନ୍ତୁ: ସୁପ୍ରିମକୋର୍ଟ



### ଅନ୍ୟ ଦ୍ୱାରା ପରୀକ୍ଷା ଦେବାକୁ ଭର୍ତ୍ସନା

### ଜାମିନ ଆବେଦନ ଖାରଜ କଲେ

ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ବଲିଉଡ ଚଳଚ୍ଚିତ୍ର 'ମୁନ୍ନାଭାଇ ଏମ୍‌ବିବିଏସ' ପରି ଉତ୍ତର ପ୍ରଦେଶର ଜଣେ ବ୍ୟକ୍ତି ନିଜ ପରୀକ୍ଷା ଦେବା ପାଇଁ ଅନ୍ୟ ଜଣଙ୍କୁ ବସାଇ ଥିଲେ। ଏହାକୁ ସୁପ୍ରିମକୋର୍ଟ ଚିନ୍ତାଜନକ କହିଛନ୍ତି। ମୁନ୍ନାଭାଇଙ୍କୁ ଜେଲ୍‌ରେ ହିଁ ରହିବାକୁ ପଡ଼ିବ ବୋଲି ଉଲ୍ଲେଖ କରିଛନ୍ତି। ଏଭଳି ଜାଲିଆତି ସାର୍ବଜନୀନ ପରୀକ୍ଷା ପ୍ରଣାଳୀକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦେଉଛି। ଏହା ଦ୍ୱାରା ଅନେକ ପରୀକ୍ଷାର୍ଥୀ କ୍ଷତିଗ୍ରସ୍ତ ହେଉଛନ୍ତି ବୋଲି ଜଷ୍ଟିସ ବିକ୍ରମ ନାଥ, ଜଷ୍ଟିସ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ କହିଛନ୍ତି। ଏହା ସହିତ ଅଭିଯୁକ୍ତର ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି। ଆବେଦନକାରୀ ୨୦୨୪ ଡିସେମ୍ବରରେ ହୋଇଥିବା ଉତ୍ତର ପ୍ରଦେଶ ସିଟିଇଟି ପରୀକ୍ଷାରେ ନିଜ ସ୍ଥାନରେ ଜାଲ୍ ପରୀକ୍ଷାର୍ଥୀଙ୍କୁ ବସାଇଥିବା ଅଭିଯୋଗ ଲାଗିଛି।

ଏହା ପୂର୍ବରୁ ଆହ୍ଲାବାଦ ହାଇକୋର୍ଟ ଅଭିଯୁକ୍ତର ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ସେ ଏହି ନିଷ୍ପତ୍ତି ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ଓକିଲ କହିଥିଲେ ଯେ ଏହି ମାମଲାରେ ତିନି ଜଣଙ୍କ ବିରୋଧରେ ଆରୋପପତ୍ର ଦାଖଲ କରାଯାଇଛି। ନକଲି ପରୀକ୍ଷାର୍ଥୀଙ୍କ ସମେତ ଦୁଇ ଜଣଙ୍କୁ ମଧ୍ୟ ଜାମିନ ମିଳିସାରିଛି। ଏହାକୁ ନେଇ ସୁପ୍ରିମକୋର୍ଟ ଉତ୍ତର ପ୍ରଦେଶ ସରକାରଙ୍କୁ ନୋଟିସ ଜାରି କରି ଚାରି ସପ୍ତାହ ଭିତରେ ଜବାବ ମାଗିଛନ୍ତି। ହାଇକୋର୍ଟରେ ମିଥ୍ୟା ମାମଲାରେ ଫସା ଯାଇଛି ବୋଲି ଆବେଦନକାରୀଙ୍କ ପକ୍ଷରୁ କୁହାଯାଇଥିଲା। ସେ ପରୀକ୍ଷା ଦିନ ହସ୍ପିଟାଲରେ ଭର୍ତ୍ତି ହୋଇଥିବା କହିଥିଲେ। ଅଜାଣତରେ ଆଉ କେହି ପରୀକ୍ଷାରେ ବସିଥିବା ସୂଚନା ଦିଆଯାଇଥିଲା। ତେବେ ହାଇକୋର୍ଟ ଆବେଦନକୁ ଖାରଜ କରିଦେଇଥିଲେ। ପରୀକ୍ଷାରେ ଆଉ କେହି ବସିବା ଦ୍ୱାରା ଶିକ୍ଷା ପ୍ରଣାଳୀର ଅଖଣ୍ଡତା ପ୍ରଭାବିତ ହେଉଛି। ସମାଜ ଉପରେ ଗମ୍ଭୀର ପ୍ରଭାବ ପଡୁଛି ବୋଲି କହିଥିଲେ। ଆବେଦନକାରୀ ଏବଂ ଅନ୍ୟଜଣଙ୍କ ବିରୋଧରେ ପ୍ରଧାନ ଶିକ୍ଷକଙ୍କ ଅଭିଯୋଗରେ ମାମଲା ରୁଜୁ ହୋଇଥିଲା। ୨୦୨୪ ଡିସେମ୍ବର ୧୫ରେ ଆୟୋଜିତ ପରୀକ୍ଷାରେ ନକଲି ପରୀକ୍ଷାର୍ଥୀ ଥିବା ନେଇ ସୂଚନା ମିଳିଥିଲା। ଯାଞ୍ଚ ସମୟରେ ବାୟୋମେଟ୍ରିକକୁ ମିଶା ଯାଇ ନ ଥିଲା। ଆବେଦନକାରୀ ସନ୍ଦୀପ ସିଂହ ପଟେଲଙ୍କ ସ୍ଥାନରେ ଅନ୍ୟ ଜଣେ ବ୍ୟକ୍ତି ଜାଲ୍ ପ୍ରବେଶ ପତ୍ରର ମାଧ୍ୟମରେ ପରୀକ୍ଷା ଦେଉଥିବା ଜଣା ପଡ଼ିଥିଲା।

# ଜୈବିକ ଚାଷ ପ୍ରତି ଅନାଗ୍ରହୀ ଓଡ଼ିଶା ଚାଷୀ

- ସାର ଓ କୀଟନାଶକ ଛାଡ଼ିପାରୁ ନାହାନ୍ତି
- ଯୋଜନା ହେଉଛି, କାର୍ଯ୍ୟାନ୍ୱୟନ ହେଉନି

ଭୁବନେଶ୍ୱର, ୯।୯ (ସମିସ): କୃଷି କ୍ଷେତ୍ରରେ ରସାୟନିକ ସାରର ବ୍ୟବହାର ପୂର୍ବାପେକ୍ଷା ବହୁ ମାତ୍ରାରେ ବୃଦ୍ଧି ପାଇଛି। ଅଧିକ ଉତ୍ପାଦନ ପାଇଁ ଚାଷୀମାନେ ସାର ଓ କୀଟନାଶକ ବ୍ୟବହାର ଉପରେ ଗୁରୁତ୍ୱ ଦେଉଛନ୍ତି। ଏହାଦ୍ୱାରା ଉତ୍ପାଦନ ବୃଦ୍ଧି ହେଉଛି। ମାତ୍ର ଉତ୍ପାଦିତ ଫସଲର ଗୁଣାତ୍ମକମାନ ହ୍ରାସ ପାଉଛି। ଏହାକୁ ଲୋକମାନେ ଖାଦ୍ୟ ରୂପେ ଗ୍ରହଣ କରି ରୋଗଗ୍ରସ୍ତ ହେଉଛନ୍ତି। ବିଭିନ୍ନ ପ୍ରକାର ରୋଗର କାରଣ ବ୍ୟାପକ ସାର ବ୍ୟବହାର ବୋଲି ଏକାଧିକ ଗବେଷଣାରୁ ପ୍ରମାଣିତ ହୋଇଛି। ଏଥିସହ ମାଟିର ଉର୍ବରତା ହ୍ରାସ ପାଇବା ସହ ସାର ବ୍ୟବହାର ଯୋଗୁଁ ମାଟି ପଥୁରିଆ ହୋଇଯାଉଛି। ତେଣୁ କେନ୍ଦ୍ର ସରକାର ସାର ବ୍ୟବହାର ହ୍ରାସ କରି ଜୈବିକ ପଦ୍ଧତିରେ ଚାଷ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି। ମାତ୍ର ତାହା ଫଳପ୍ରଦ ହୋଇପାରୁନି। ବିଶେଷକରି ଚାଷୀମାନେ ଏହାକୁ ଗ୍ରହଣ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଜୈବିକ ପଦ୍ଧତିରେ ପ୍ରସ୍ତୁତ କୀଟନାଶକ ବା ବାୟୋ ପେଷ୍ଟିସାଇଡ୍ କ୍ରୟ କରିବା ପାଇଁ ଚାଷୀମାନଙ୍କୁ ୫୦ ପ୍ରତିଶତ ରିହାତି ଯୋଗାଇ ଦିଆଯାଉଥିଲେ ବି କୃଷକ କିଣୁନାହାନ୍ତି। ସଚେତନତା ଅଭାବ ସହ ଉପଲବ୍ଧତାରେ ସମସ୍ୟା ଯୋଗୁଁ ଅଧିକ ଚାଷୀ ଏଥିରେ ସାମିଲ ହୋଇପାରୁ ନାହାନ୍ତି।

ଜୈବିକ ଚାଷକୁ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟରେ ପରମ୍ପରାଗତ କୃଷି ବିକାଶ ଯୋଜନା(ପିକେଭିୱାଇ) କାର୍ଯ୍ୟକାରୀ କରାଯାଇଛି। ୨୦୨୧-୨୨ ରୁ ୨୦୨୩-୨୪ ବର୍ଷ ପାଇଁ ୧୦ଟି ଜିଲ୍ଲାରେ ଏଥିପାଇଁ ୧ହଜାର ହେକ୍ଟର ଜମି ଚିହ୍ନଟ ହୋଇଥିଲା। ଏହାପରେ ୧୫ଟି ଜିଲ୍ଲାରେ ଭାରତୀୟ ପ୍ରାକୃତିକ କୃଷି ପଦ୍ଧତି(ବିପିକେପି) କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହୋଇଥିଲା। ପରବର୍ତ୍ତୀ ୨୦୨୨-୨୩ ରୁ ୨୦୨୩-୨୪ ବର୍ଷ ପାଇଁ ୨୪ହଜାର ହେକ୍ଟର ଜମିରେ ଏହି ଚାଷ ହୋଇଥିଲା। ଏହାପରେ ୨୦୨୪-୨୫ ବର୍ଷଠାରୁ ପୁର୍ନବାର ପିକେଭିୱାଇ ଯୋଜନାରେ ୪ଟି ଜିଲ୍ଲାରେ ୬୫୦୦ ହେକ୍ଟର ଜମିରେ ଜୈବିକ ଚାଷ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅଧିନରେ ଚାଷରେ ଗୋବର ଖତ, କମ୍ପୋଷ୍ଟ ଓ ଜିଆ ଖତ ପ୍ରସ୍ତୁତ ସହ ବହୁଳ ବ୍ୟବହାର ପାଇଁ ପଦକ୍ଷେପ ନିଆଯାଇଥିଲା। ଏଥିପାଇଁ କୃଷକମାନଙ୍କୁ ପ୍ରଶିକ୍ଷଣ ସହିତ ବ୍ୟାପକ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ତେବେ ପ୍ରୋତ୍ସାହନ ରାଶି ପାଇଲା ପରେ ବହୁ ସ୍ଥାନରେ କୃଷକମାନେ ଜୈବିକ ଚାଷରୁ ମୁହଁ ଫେରାଇ ନେଉଥିବାରୁ ଏହି ଯୋଜନା ସେତେଟା ଆଗେଇ ପାରୁନାହିଁ। ଜାତୀୟ ଓ ଆର୍ନ୍ତଜାତୀୟ ବଜାରରେ ଜୈବିକ ପଦ୍ଧତିରେ ଉତ୍ପାଦିତ କୃଷିଜାତ ସାମଗ୍ରୀର ଅଧିକ ଚାହିଦା ରହୁଥିବାରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହା ଉପରେ ଗୁରୁତ୍ୱ ଦେଉଛନ୍ତି। ତେବେ ରାଜ୍ୟରେ ଚାଷୀମାନେ ଧାନଠାରୁ ଆରମ୍ଭକରି ପନିପରିବା ପର୍ଯ୍ୟନ୍ତ ଚାଷ କ୍ଷେତ୍ରରେ ରସାୟନିକ ସାର ଓ କୀଟନାଶକ ଉପରେ ସର୍ବାଧିକ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳୁଛି।

ରସାୟନିକ ସାର ବ୍ୟବହାର କ୍ଷେତ୍ରରେ ଓଡ଼ିଶା ଦେଶର ୧୭ତମ ସ୍ଥାନରେ ଥିବାବେଳେ କୀଟନାଶକ ବ୍ୟବହାର କ୍ଷେତ୍ରରେ ତୃତୀୟ ସ୍ଥାନରେ ରହିଛି। ରାଜ୍ୟରେ ବାର୍ଷିକ ୧୧୪୩ ମେଟ୍ରିକ ଟନ୍ କୀଟନାଶକ ବ୍ୟବହାର ହେଉଛି। ଦିନକୁ ଦିନ ଚାଷୀମାନେ ଅଧିକରୁ ଅଧିକ ପରିମାଣରେ ରସାୟନିକ ସାର ଓ କୀଟନାଶକ ଉପରେ ନିର୍ଭରଶୀଳ ହେଉଛନ୍ତି। ଓଡ଼ିଶା ବର୍ତ୍ତମାନ ଜାତୀୟସ୍ତରରେ ଚାଉଳ ଉତ୍ପାଦନ କ୍ଷେତ୍ରରେ ୫ମ ସ୍ଥାନରେ ଥିବାବେଳେ ଛତୁ ଏବଂ କନ୍ଦମୂଳ ଉତ୍ପାଦନ କ୍ଷେତ୍ରରେ ପ୍ରଥମ ସ୍ଥାନରେ ରହିଛି। ସେହିଭଳି ପଣସ ଉତ୍ପାଦନରେ ଦ୍ୱିତୀୟ, କାଜୁବାଦାମରେ ତୃତୀୟ, ଲଙ୍କା ଉତ୍ପାଦନରେ ଚତୁର୍ଥ ଓ ପନିପରିବା ଉତ୍ପାଦନରେ ସପ୍ତମ ସ୍ଥାନରେ ରହିଛି। ଆମ୍ବ ଉତ୍ପାଦନରେ ଅଷ୍ଟମ ସ୍ଥାନରେ ରହିଛି ଓଡ଼ିଶା। ତେବେ ଏହିସବୁ ଚାଷ ପାଇଁ ଚାଷୀମାନେ ଜୈବିକ ପଦ୍ଧତି ଅପେକ୍ଷା ରସାୟନିକ ସାର ଓ କୀଟନାଶକ ପ୍ରୟୋଗ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି।

## ପରିତ୍ୟକ୍ତ ପୋଖରୀରୁ ଗଳିତ ମୃତଦେହ ଉଦ୍ଧାର

ବାରିପଦା/ କୁଳିଅଣା, ୯।୯(ସମିସ): କୁଳିଅଣା ଥାନା ଅନ୍ତର୍ଗତ ଗାଙ୍ଗରାଜ ଅଞ୍ଚଳର ଏକ ପରିତ୍ୟକ୍ତ ପୋଖରୀରୁ ଜଣେ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଛି। ମଙ୍ଗଳବାର ଅପରାହ୍ଣରେ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ଉକ୍ତ ପୋଖରୀକୁ ଶୌଚ ହେବାକୁ ଯିବା ବେଳେ ଦୁର୍ଗନ୍ଧ ହୋଇଥିଲା। ଖୋଜାଖୋଜି କରିବାରୁ ପୋଖରୀରେ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। କୁଳିଅଣା ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। କେହି ଦୁର୍ବୃତ୍ତ ଯୁବକଙ୍କୁ ହତ୍ୟା କରିବା ପରେ ଏଠାରେ ପକାଇ ଦେଇଥିବା ସନ୍ଦେହ କରାଯାଉଛି। ଶବ ବ୍ୟବଚ୍ଛେଦ ନିମନ୍ତେ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲକୁ ପଠାଯାଇଛି। ପୁଲିସ ତଦନ୍ତ ଜାରି ରହିଛି।

## ମାଟି ତଳୁ ଦେଢ଼ବର୍ଷ ଶିଶୁପୁତ୍ରର ମୃତଦେହ ଉଦ୍ଧାର

ମୋରଡା/ରାସଗୋବିନ୍ଦପୁର, ୯।୯(ସମିସ): ରାସଗୋବିନ୍ଦପୁର ପୁଲିସ ମଙ୍ଗଳବାର ମାଟି ତଳୁ ଦେଢ଼ବର୍ଷର ଏକ ଶିଶୁପୁତ୍ରର ମୃତଦେହକୁ ଉଦ୍ଧାର କରିଛି। ନାକିଚୁଆ ପଞ୍ଚାୟତର ଭାଲୁଘେରା ଗ୍ରାମର ସମୀର ପାତ୍ରଙ୍କ ସ୍ତ୍ରୀ ଦୁଇ ମାସ ତଳେ ପ୍ରାଣ ହରାଇଥିଲେ। ପରବର୍ତ୍ତୀ ସମୟରେ ସମୀର ବାହାରକୁ କାମ କରିବାକୁ ଯିବାରୁ ତାଙ୍କ ଦେଢ଼ବର୍ଷର ପୁଅ ବାପୁନକୁ ସମ୍ପର୍କୀୟ ମାମୁ ରଘୁ ବେସ୍ରାଙ୍କ ଘରେ ଛାଡ଼ିଥିଲେ। ବାପୁନଙ୍କ ଦେହ ଅସୁସ୍ଥ ହେବାରୁ ରଘୁଙ୍କ ପରିବାରଲୋକେ ଔଷଧ ଆଣି ଦେଇଥିଲେ ମଧ୍ୟ ସୁସ୍ଥ ହୋଇନଥିଲା। ଗତ ୭ ତାରିଖରେ ଶିଶୁପୁତ୍ରର ମୃତ୍ୟୁ ଘଟିବାରୁ ରଘୁଙ୍କ ପରିବାର ତାକୁ ମାଟି ଖୋଳି ପୋତି ଦେଇଥିଲେ। କିନ୍ତୁ ଶିଶୁର ମୃତ୍ୟୁକୁ ସନ୍ଦେହ କରି ଖୁଣ୍ଟା ବ୍ଲକ୍ ଗୌଡ଼ଗାଁ ଗ୍ରାମର ତାଙ୍କ ନିଜ ଅଜା ଅଜୟ କୁମାର ବେହେରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ପଠାଇଛି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

ବାରିପଦା, ୯।୯ (ସମିସ): ବାରିପଦା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ସ୍ପେଶାଲ ପୋକ୍‌ସୋ କୋର୍ଟ ବିଚାରପତି ସନ୍ତୋଷ କୁମାର ନାୟକ ଆଜି ଜଣେ ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍ ଓ ୨୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଦୋଷୀଜଣଙ୍କ ହେଲା, ରାସଗୋବିନ୍ଦପୁର ଥାନା ଅଞ୍ଚଳର ବିନୋଦ ରାମ (୩୫)। ଜରିମାନା ଅନାଦେୟ ହେଲେ ଅତିରିକ୍ତ ୧ବର୍ଷ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ସୂଚନାନୁଯାୟୀ, ୨୦୧୯ ଅକ୍ଟୋବର ୩ତାରିଖ ରାତି ପ୍ରାୟ ୧୦ଟାରେ କେହି ନଥିବାର ସୁଯୋଗ ନେଇ ବିନୋଦ ମହିଳାଙ୍କ ଘରେ ଜୋରଜବରଦସ୍ତ ପଶିଥିଲା। ପରେ ତାଙ୍କୁ ଛୁରି ଦେଖାଇ ଦୁଷ୍କର୍ମ କରିଥିଲା। ଘଟଣା ସମ୍ପର୍କରେ ଜଣାଇଲେ ସ୍ୱାମୀ ସହ ତାଙ୍କୁ ଜୀବନରୁ ମାରିଦେବାର ଧମକ ଦେଇଥିଲା। ଏ ସଂପର୍କରେ ମହିଳାଜଣଙ୍କ ତାଙ୍କ ସ୍ୱାମୀଙ୍କୁ ଘଟଣା ସଂପର୍କରେ ଜଣାଇବାରୁ ଅକ୍ଟୋବର ୨୧ରେ ପୀଡ଼ିତା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଓ ପୀଡ଼ିତାଙ୍କ ଡାକ୍ତରୀମାଇନା କରିଥିଲା। ପରେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିଲା ପୁଲିସ। ତେବେ ସମସ୍ତ ସାକ୍ଷୀଙ୍କ ବୟାନ, ଡାକ୍ତରୀ ଓ ପୁଲିସ ରିପୋର୍ଟକୁ ଭିତ୍ତି କରି ଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ଏହି ମାମଲା ପରିଚାଳନା କରୁଥିଲେ।

## ୨ ଶିକାରୀ ଗିରଫ; ଦେଶୀ ବନ୍ଧୁକ ଓ ଧନୁତୀର ଜବତ

ବାରିପଦା, ୯।୯(ସମିସ): ଶିମିଳିପାଳ ଅଭୟାରଣ୍ୟରେ ବନ୍ୟଜନ୍ତୁଙ୍କୁ ଶିକାରୀ ଦାଉରୁ ସୁରକ୍ଷା ନିମନ୍ତେ ଖଞ୍ଜା ଯାଇଥିବା ଏଆଇ କ୍ୟାମେରା ସହାୟତାରେ ପୁଣି ୨ଜଣ ଶିକାରୀ ଧରାପଡିଛନ୍ତି। ଶିମିଳିପାଳ ବନ୍ୟଜନ୍ତୁ ବୁଦ୍ଧିମତା ନେଟୱର୍କ (ଏସଡବ୍ଲୁଆଇଏନ) ପରି ଅତ୍ୟାଧୁନିକ ବୈଜ୍ଞାନିକ କୌଶଳ ବ୍ୟବହାର କରାଯାଇ ଶିକାରୀକୁ ଧରିବାକୁ ବନ ବିଭାଗର ପ୍ରୟାସ ସଫଳ ହୋଇଛି। ବନ ବିଭାଗ ୨ଜଣ



ଶିକାରୀଙ୍କୁ ସେମାନଙ୍କ ଘରୁ ଗିରଫ କରିଛି। ସେମାନେ ହେଲେ, କପ୍ତିପଦା ଥାନା ଅନ୍ତର୍ଗତ ମାଙ୍କଡ଼ପଦା ଗ୍ରାମର ଗୋବିନ୍ଦ ସୋରେନ(୩୫) ଓ ଶରତ ଥାନା ଅନ୍ତର୍ଗତ ଲାବଣ୍ୟଦେଇପୁର ଗ୍ରାମର ମାରା ସିଂ(୫୦)। ସେମାନଙ୍କ ନିକଟରୁ ୨ଟି ଦେଶୀ ବନ୍ଧୁକ, ଗୋଟିଏ ଧନୁ ଏବଂ ତୀର ଜବତ କରାଯାଇଛି। ଏହି ଶିକାରୀମାନେ ମାରାଣାସ୍ତ୍ର ଧରି ଶିମିଳିପାଳ ଅଭୟାରଣ୍ୟର ପୋଡ଼ାଡିହା ରେଞ୍ଜ ଅନ୍ତର୍ଗତ କୋର ଅଞ୍ଚଳ ମଧ୍ୟକୁ ପ୍ରବେଶ କରିଥିବା ବେଳେ ସେମାନଙ୍କ ଫଟୋ କ୍ୟାମେରାରେ କଏଦ ହୋଇଥିଲା। ତାହାକୁ ଆଧାର କରି ଯାଞ୍ଚ ପ୍ରକ୍ରିୟା କରି ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ ଟିମ ଓ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ଡିଭିଜନ୍ କର୍ମଚାରୀ ସଂପୃକ୍ତ ଶିକାରୀଙ୍କ ଘରେ ଚଢ଼ଉ କରି ଗିରଫ କରିଥିଲେ। ବନବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ବେଳେ ଗିରଫ ଶିକାରୀଙ୍କୁ କୋର୍ଟ ଚାଲାଣ କରାଯାଇଛି।

## କୁକୁର ମୁହଁରୁ ହରିଣ ଶାବକ ଉଦ୍ଧାର



ଅନୁଗୋଳ, ୯।୯ (ସମିସ): ଅନୁଗୋଳ ବନଖଣ୍ଡ ବନ୍ତଳା ବନାଞ୍ଚଳ ତଳଗଡ଼ ମୁଣ୍ଡାସାହିରୁ ଏକ କ୍ଷତାକ୍ତ ହରିଣ ଛୁଆକୁ ବନବିଭାଗ ଉଦ୍ଧାର କରିଛି। ରବିବାର ସକାଳେ ହରିଣ ଛୁଆକୁ କୁକୁର ଗୋଡ଼ାଉଥିବା ବନବିଭାଗକୁ ଖବର ମିଳିଥିଲା। ଖିଣ୍ଡା ସେକ୍ସନ ଟିମ୍ ତୁରନ୍ତ ପହଞ୍ଚି କୁକୁର ମୁହଁରୁ ହରିଣ ଛୁଆକୁ ଉଦ୍ଧାର କରିଥିଲେ। ତାକୁ ବନ୍ତଳା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ଚିକିତ୍ସା କରାଯିବା ସହ ନିରୀକ୍ଷଣରେ ରଖାଯାଇଛି। ଉଦ୍ଧାର କାର୍ଯ୍ୟରେ ଫରେଷ୍ଟର୍ ଶ୍ରୀନିବାସ ସାହୁ, ଫରେଷ୍ଟ ଗାର୍ଡ ସିତୁ ବେହେରା, ହାତୀ ସ୍କ୍ୱାଡ୍ ତରୁଣ ଦେହୁରୀ, ଯୁଗଳ ମୁଦୁଲି, ସରୋଜ ପ୍ରଧାନ ଓ ଗଜମିତ୍ର ସଞ୍ଜୟ ବେହେରା ପ୍ରମୁଖ ସାମିଲ ଥିଲେ।

## କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନୋଟିସ

**ସରକାରୀ ପ୍ରାଥମିକ ବିଦ୍ୟାଳୟ ଶିଶୁବାଟିକା ଶିଶୁ ସେବିକା ନିଯୁକ୍ତିକୁ ଚାଲେଞ୍ଜ**

କଟକ, ୯। ୯(ସମିସ): ରାଜ୍ୟର ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଶିଶୁ ବାଟିକା ଶ୍ରେଣୀ ଖୋଲାଯାଇ ଏଥିରେ ଅଣପ୍ରଶିକ୍ଷିତ ଶିଶୁ ସେବିକାମାନଙ୍କୁ ନିଯୁକ୍ତି ପ୍ରଦାନକୁ ଚାଲେଞ୍ଜ କରି ମାମଲା ହାଇକୋର୍ଟରେ ପହଞ୍ଚିଛି। ନିଯୁକ୍ତି ଆଶାୟୀମାନେ ଏନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ମାମଲାର ପ୍ରାରମ୍ଭିକ ଶୁଣାଣି କରି ପ୍ରତିପକ୍ଷ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି ଅଦାଲତ। ଦିବ୍ୟଲୋଚନ ମହାନ୍ତ ଓ ଅନ୍ୟମାନଙ୍କ ପକ୍ଷରୁ ଦାୟର ଆବେଦନ ଗୁଡିକର ଶୁଣାଣି କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ସରକାରଙ୍କୁ ଜବାବ ଦାଖଲ କରିବା ପାଇଁ କହିଛନ୍ତି। ଆବେଦନକାରୀ ଦର୍ଶାଇଛନ୍ତି ଯେ କେନ୍ଦ୍ର ସରକାରଙ୍କ ମାନବସମ୍ବଳ ବିକାଶ ବିଭାଗ ପକ୍ଷରୁ ଜାତୀୟ ଶିକ୍ଷାନୀତି-୨୦୨୦ ଲାଗୁ ପରେ ରାଜ୍ୟରେ ୬ବର୍ଷରୁ କମ ବୟସର ଶିଶୁଙ୍କ ପାଇଁ ଗତ ୨୦୨୫ ଜୁନ୍ ୩୦ରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବିଜ୍ଞପ୍ତି ଅନୁସାରେ ଶିଶୁ ବାଟିକା ବର୍ଗ ଖୋଲାଯାଇଥିଲା। ସେହିଭଳି ଗତ ୨୦୨୫ ଅଗଷ୍ଟ ୨୦ର ବିଜ୍ଞପ୍ତି ଅନୁସାରେ ଶିଶୁବାଟିକା ପାଇଁ ଶିଶୁ ସେବିକା ମାନଙ୍କୁ ନିଯୁକ୍ତି ସଂକ୍ରାନ୍ତରେ ଏକ ବିଜ୍ଞପ୍ତି ଜାରି ହୋଇଥିଲା। ଏହି ଶ୍ରେଣୀରେ ନାମ ଲେଖାଉଥିବା ଶିଶୁଙ୍କ ଯତ୍ନ ତଥା ମୂଳଦୁଆ ଶିକ୍ଷା ପାଇଁ ଇସିସିଇ(ଇଅରଲି ଚାଇଲଡହୁଡ କେୟାର ଆଣ୍ଡ ଏଜୁକେସନ)ରେ ପ୍ରଶିକ୍ଷଣପ୍ରାପ୍ତଙ୍କୁ ଶିଶୁ ସେବିକା ଭାବେ ନିଯୁକ୍ତ କରାନଯାଇ ଅଣପ୍ରଶିକ୍ଷିତ ତଥା ମାଟ୍ରିକ ପାସ କରିନଥିବା ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଯିବା ଜାତୀୟ ଶିକ୍ଷା ନୀତିର ଉଲ୍ଲଙ୍ଘନ କରୁଥିବା ଆବେଦନକାରୀ ଅଭିଯୋଗ କରିଛନ୍ତି। ଏଣୁ ଉକ୍ତ ବିଜ୍ଞପ୍ତିକୁ ରଦ୍ଦ କରିବା ସହ ଶିଶୁ ବାଟିକା ପାଇଁ ପ୍ରଶିକ୍ଷଣପ୍ରାପ୍ତ ଇସିସିଇ ଡିଗ୍ରୀଧାରୀଙ୍କୁ ନିଯୁକ୍ତି ଦିଆଯାଉ ବୋଲି ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଅକ୍ଷୟ କୁମାର ପାଣ୍ଡେ ମାମଲା ପରିଚାଳନା କରୁଛନ୍ତି। ଆସନ୍ତା ସେପ୍ଟେମ୍ବର ୨୫କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

**କୋରାପୁଟ ବଡ଼ ମେଡ଼ିକାଲରେ ସଫଳ ଅସ୍ତ୍ରୋପଚାର**

## ଯୁବକଙ୍କ ଶରୀରରୁ ବାହାରିଲା ତୀର



କୋରାପୁଟ, ୯।୯ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ପାକାନାଗୁଡ଼ା ପଞ୍ଚାୟତ ନାୟକଗୁଡ଼ା ଗ୍ରାମର ଲକ୍ଷ୍ମଣ ଗୌଡ଼ ତୀର ମାଡ଼ରେ ଗୁରୁତର ହୋଇ ସୋମବାର ରାତିରେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସ୍‌ପିଟାଲରେ ଭର୍ତ୍ତି ହୋଇଥିଲେ। ଶରୀରରେ ତୀର ଲାଗିଥିବା ଅବସ୍ଥାରେ ତାଙ୍କର ଚିକିତ୍ସା ଚାଲିଥିଲା। ଆଜି ସଫଳ ଅସ୍ତ୍ରୋପଚାର କରାଯାଇ ତାଙ୍କ ଶରୀରରୁ ତୀକୁ ବାହାର କରାଯାଇଥିବା ଜଣାପଡ଼ିଛି। ସର୍ଜରୀ ବିଭାଗ ମୁଖ୍ୟ ପ୍ରଫେସର୍ ଡାକ୍ତର ଅଭିଷେକ ପାତ୍ରଙ୍କ ନେତୃତ୍ୱରେ ଡାକ୍ତର ମୃତ୍ୟୁଞ୍ଜୟ ମଲ୍ଲିକ, ନିଶ୍ଚେତକ ବିଶେଷଜ୍ଞ ସହକାରୀ ପ୍ରଫେସର ଡାକ୍ତର ଗୋପାଳ ନାୟକ ଏବଂ ଓଟି କର୍ମଚାରୀ ମାନଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଟିମ୍ ଅପରେସନ କରିଥିଲେ। ଗୁରୁତର ଅବସ୍ଥାରେ ଲକ୍ଷ୍ମଣ ସୋମବାର ରାତି ପ୍ରାୟ ୯ଟାରେ ହସ୍ପିଟାଲରେ ପହଞ୍ଚିଥିଲେ। ରାତି ୧୦ଟାରୁ ଅପରେସନ ଆରମ୍ଭ ହୋଇ ରାତି ଗୋଟାଏ ବେଳେ ଶେଷ ହୋଇଥିବା ପ୍ରଫେସର୍ ଅଭିଷେକ ପାତ୍ର କହିଛନ୍ତି। ଅପରେସନ ବହୁତ ଜଟିଳ ଥିଲା। ଲକ୍ଷ୍ମଣଙ୍କ ଶରୀର ଭିତରେ ତୀର ପ୍ରାୟ ୮ଇଞ୍ଚ ପଶିଥିବା ବେଳେ ଶରୀରରୁ ପ୍ରାୟ ଦେଢ଼ ଲିଟର ରକ୍ତ ବୋହି ଯାଇଥିଲା। ଅନ୍ତଃନଳୀର ଦୁଇଟି ସ୍ଥାନରେ ସମ୍ପୂର୍ଣ୍ଣ ଛିଡ଼ି ଯାଇଥିବା ବେଳେ ଅନ୍ୟ ଦୁଇଟି ସ୍ଥାନରେ ଅଧା କଟି ଥିଲା। ତେଣୁ ଅତ୍ୟନ୍ତ ସାବଧାନତାର ସହ ଅସ୍ତ୍ରୋପଚାର କରାଯାଇଥିଲା ବୋଲି ହସ୍ପିଟାଲ ପକ୍ଷରୁ କୁହାଯାଇଛି।

**■ ସାପକାମୁଡ଼ା ରୋଗୀଙ୍କୁ ଝଡ଼ାଫୁଙ୍କା**

## ଭାଇ-ଭଉଣୀ ମୃତ

ଉମରକୋଟ, ୯।୯(ସମିସ): ସାପକାମୁଡ଼ାରେ ଭାଇଭଉଣୀଙ୍କ ମୃତ୍ୟୁ ଘଟିଛି। ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ୍ ଅନ୍ତର୍ଗତ ରାଜପୁର ଅଞ୍ଚଳରେ ଏପରି ଘଟଣା ଘଟିଛି। ମୃତକଦ୍ୱୟ ହେଲେ, ରାଜପୁର ଗ୍ରାମର ଜଗତୁ ହରିଜନଙ୍କ ପୁଅ ରୁଜୁରାଜ ହରିଜନ (୯ମାସ) ଓ ଭଉଣୀ ଅମିତା ହରିଜନ (୧୧)। ଗତରାତିରେ ସମସ୍ତେ ଖାଇପିଇ ଘରେ ଶୋଇଥିବା ବେଳେ ଉଭୟଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ପରିବାରଲୋକ ଏ ସଂପର୍କରେ ଜାଣିବା ପରେ ଦୁହିଁଙ୍କୁ ଡାକ୍ତରଖାନା ନେବା ବଦଳରେ ଗୁଣିଆ ପାଖକୁ ଝଡ଼ାଫୁଙ୍କା କରିବାକୁ ନେଇଥିଲେ। ଭଲ ନହେବାରୁ



ବହୁ ବିଳମ୍ବରେ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେତେବେଳକୁ ଉଭୟଙ୍କ ମୃତ୍ୟୁ ହୋଇସାରଥିଲା। ସଚେତନତା ଅଭାବ ଯୋଗୁଁ ଏଭଳି ପରିସ୍ଥିତି ଉପୁଜୁଛି ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସନ୍ତୋଷ କୁମାର ପଣ୍ଡା କହିଛନ୍ତି।

## ଆତ୍ମସମର୍ପଣ କଲେ ୭ ଫେରାର ଶିକାରୀ

ବାରିପଦା, ୯।୯(ସମିସ): ବନ୍ୟଜନ୍ତୁ ଶିକାର ଘଟଣାରେ ଜଡ଼ିତ ୭ ଜଣ ଫେରାର୍ ଶିକାରୀ ବନ ବିଭାଗ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଶିମିଳିପାଳ ବନ୍ୟଜନ୍ତୁ ବୁଦ୍ଧିମତା ନେଟୱର୍କ, ବନ କର୍ମଚାରୀ ଏବଂ ସ୍ଥାନୀୟ ଜନ ପ୍ରତିନିଧିଙ୍କ ସହଯୋଗରେ ଏହି ଶିକାରୀମାନେ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ, ଶରତ ଥାନା ଅନ୍ତର୍ଗତ କାଟୁରିଆ ଗ୍ରାମର ଚମ୍ପାଇ ସିଂ, ପ୍ରଧାନ ସିଂ, କର ସିଂ,



କନ୍ଦ ଗାଗରାଇ, ଅଇଁଠୁ ସିଂ, ରାମ ସିଂ ଗାଗରାଇ ଓ ଠାକୁରା ସୋରେନ। ସେମାନଙ୍କ ପାଖରୁ ୫ଟି ଦେଶୀ ବନ୍ଧୁକ ଜବତ କରାଯାଇଛି। ଏମାନେ ଦୀର୍ଘ ଦିନ ଧରି ଫେରାର୍ ଥିଲେ। ମଙ୍ଗଳବାର ପୋଡ଼ାଡିହା ରେଞ୍ଜ କାର୍ଯ୍ୟାଳୟରେ ସରପଞ୍ଚ ଏବଂ ୱାର୍ଡମେମ୍ବର୍‌ଙ୍କ ଉପସ୍ଥିତିରେ ଆତ୍ମସମର୍ପଣ କରିଛନ୍ତି। ଏଥିସହ ଗ୍ରାମର ଅନ୍ୟ ଶିକାରୀମାନେ ମଧ୍ୟ ଶିକାର ଛାଡ଼ି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବେ ବୋଲି ସରପଞ୍ଚ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଘଟଣାରେ ସମୁଦାୟ ୭ଟି ଦେଶୀ ବନ୍ଧୁକ ଜବତ କରିବା ସହ ଅଭିଯୁକ୍ତମାନଙ୍କୁ ବନବିଭାଗ ଗିରଫ କରି କୋର୍ଟ ଚାଲାଣ କରିଛି।

## ସୋନପୁରରୁ ଅପହୃତ ନାବାଳକ ପୁରୀରୁ ଉଦ୍ଧାର

ପୁରୀ, ୯।୯(ସମିସ): ସୋନପୁରରୁ ଅପହୃତ ନାବାଳକ ପୁରୀରୁ ଉଦ୍ଧାର ହୋଇଛି। ୨୦ ଲକ୍ଷ ଟଙ୍କା ପାଇଁ ନାବାଳକକୁ ମୁଣ୍ଡ ଜାମିନ ରଖିଥିଲେ ଦୁର୍ବୃତ୍ତ। ସୂଚନାନୁଯାୟୀ, ୩ଜଣ ଦୁର୍ବୃତ୍ତ ସୋନପୁରରୁ ନାବାଳକକୁ ରବିବାର ଏକ କାର୍‌ରେ ଅପହରଣ କରି ପୁରୀ ନେଇ ଆସିଥିଲେ। ନରେନ୍ଦ୍ରକୋଣସ୍ଥିତ ଏକ ଲଜ୍‌ରେ ସୋମବାର ରାତି ପ୍ରାୟ ୮ଟାରେ ପହଞ୍ଚିଥିଲେ। ଏନେଇ ନାବାଳକଙ୍କ ପରିବାରଲୋକେ ନିକଟସ୍ଥ ଥାନାରେ ଅଭିଯୋଗ କରିବା ପରେ ପୁରୀ ପୁଲିସର ସହଯୋଗ ନେଇଥିଲା ସୋନପୁର ପୁଲିସ। ପୁରୀ ଏସ୍‌ପି ପ୍ରତୀକ ସିଂଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇ ସହରର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିଲା। ତେବେ ଦୁର୍ବୃତ୍ତମାନେ ନାବାଳକକୁ ନରେନ୍ଦ୍ର କୋଣର ଏକ ଲଜ୍‌ରେ ରଖିଥିବା ବିଶେଷ ସୂତ୍ରରୁ ପୁଲିସ ଖବର ପାଇଥିଲା। ବିଳମ୍ବିତ ରାତିରେ ସମ୍ପୃକ୍ତ ଲଜ୍‌ରେ ପୁଲିସ ଚଢ଼ଉ କରି ନାବାଳକକୁ ଉଦ୍ଧାର କରିଥିଲେ ମଧ୍ୟ ଦୁର୍ବୃତ୍ତମାନେ ଫେରାର୍ ହୋଇଯାଇଥିଲେ। ଦୁର୍ବୃତ୍ତମାନେ ବ୍ୟବହାର କରିଥିବା କାର୍‌କୁ ପୁଲିସ ଜବତ କରିଥିବାବେଳେ ପୁରୀ ପୁଲିସ ନାବାଳକକୁ ସୋନପୁର ପୁଲିସକୁ ହସ୍ତାନ୍ତର କରିଛି। ନାବାଳକ ବାପାଙ୍କର ଏକ ଭେରାଇଟି ଷ୍ଟୋର ସୋନପୁରରେ ରହିଛି। ଅପହରଣକାରୀମାନେ ଦୋକାନ ପାଖ ଅଞ୍ଚଳର ହୋଇଥିବାବେଳେ ପୁଲିସ ସେମାନଙ୍କୁ ଚିହ୍ନଟ କରିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ପୁଲିସ କହିଛି।

**୨୦ ଲକ୍ଷ ଟଙ୍କା ପାଇଁ ମୁଣ୍ଡ ଜାମିନ ରଖିଥିଲେ**

## ଡାକ୍ତର ହେବେ ଆଦିବାସୀ ଝିଅ ବିଦୁ

- ଉପାନ୍ତ ଅଞ୍ଚଳ ପାଇଁ ସୃଷ୍ଟି କଲେ ଉଦାହରଣ
- ଗୋଟିଏ ଥରେ ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ

ଜୟପାଟଣା, ୯।୯(ସମିସ): କଳାହାଣ୍ଡି ଜିଲ୍ଲା ଉପାନ୍ତ ଅଞ୍ଚଳରେ ଥିବା ଜୟପାଟଣା ବ୍ଲକ ଅନ୍ତର୍ଗତ ବଡ଼କର୍ଲାକୋଟ ପଞ୍ଚାୟତ ନୂଆପଡ଼ା ଗାଁର ଜଣେ ଗରିବ ଆଦିବାସୀ ଝିଅ ବିଦୁ ନାଏକ(୨୧) ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଅଞ୍ଚଳ ପାଇଁ ଗର୍ବ ଗୌରବ ଆଣିଛନ୍ତି। ଗତ ଜୁନ ୧୪ରେ ସେ ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବର୍ତ୍ତମାନ ବ୍ରହ୍ମପୁର ମେଡ଼ିକାଲ କଲେଜରେ ନାମ ଲେଖାଇ ଡାକ୍ତର ପାଠ ପଢୁଛନ୍ତି। ବିଦୁ ଗାଁରୁ ଭୁବନେଶ୍ୱର ଯିବା ଆଉ ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ମେଡିକାଲ କଲେଜରେ ନାମ ପର୍ଯ୍ୟନ୍ତ ରାସ୍ତା ବହୁ କଣ୍ଟକିତ ଥିଲା।

କଳାହାଣ୍ଡି ଜିଲ୍ଲା ଜିଲ୍ଲା ଜୟପାଟଣା ବ୍ଲକ୍ ଉପାନ୍ତ ଅଞ୍ଚଳରେ ଥିବା ନୂଆପଡା ଗାଁରେ ରହନ୍ତି ବିଦୁଙ୍କ ପରିବାର। ବାପା ନରେନ୍ଦ୍ର, ମା' ପ୍ରମଶିଳା, ବିଦୁ ଓ ତାଙ୍କ ଛୋଟ ଭଉଣୀ। ପରିବାର ଅତି ଗରିବ ଶ୍ରେଣୀର ହୋଇଥିବା ବେଳେ କୁଲି ମଜୁରି କରି ଜୀବନ ଅତିବାହିତ କରନ୍ତି। ବିଦୁଙ୍କ ମା'-ବାପା ଘରର କାମ ସହ କୁଲି ମଜୁରି କରି ଯାହା ଟଙ୍କା ଉପାର୍ଜନ କରନ୍ତି, ସେଥିରେ କଷ୍ଟେମଷ୍ଟେ ପରିବାର



ଚଳିଯାଏ। ଗାଁ ସ୍କୁଲରେ ବିଦୁ ପ୍ରଥମରୁ ପଞ୍ଚମ ପଞ୍ଚମ ପର୍ଯ୍ୟନ୍ତ ପଢ଼ିବା ପରେ ଷଷ୍ଠରୁ ଦଶମ ଶ୍ରେଣୀ ପର ଦୁଲୁକିବନ୍ଧ ଆଦିବାସୀ ସ୍କୁଲରେ ପଢ଼ିଥିବା ବେଳେ ୨୦୧୯ରେ ନମ୍ବର ୪୩୧ ମାର୍କ ରଖି ପାସ କରିଥିଲେ। କିନ୍ତୁ ୨୦୨୦ରୁ ୨୦୨୧ପର୍ଯ୍ୟନ୍ତ ଦୁଇ ବର୍ଷ ତାଙ୍କର ପାଠପଢ଼ା ବନ୍ଦ ହୋଇଗଲା। ଘରେ ଦୁଇଓଳି ଦୁଇ ମୁଠା ଖାଇବା ପାଇଁ ଅସୁବିଧା ହୋଇଥିଲା। ଘରର ଆର୍ଥିକ ସ୍ଥିତିକୁ ବିଦୁ ଧାନ ବିଲରେ କୁଲି ମଜୁରୀ କରି କିଛି ଟଙ୍କା ଘର ଚାଲିବା ପାଇଁ ଦେଇ କିଛି ଟଙ୍କା ପାଠ ପଢା ପାଇଁ ସଞ୍ଚୟ କରି ରଖିଥିଲେ। ବିଦୁଙ୍କ ଭଲ ପାଠ ପଢା ଦେଖି ତାଙ୍କୁ ସର୍ବଦା ସହଯୋଗ କରି ଆସିଥିବା ତାଙ୍କ ବଡ଼ ମା'ଙ୍କ ପୁଅ ଲାବଣ୍ୟ ପୁଝାରି ଦୁଇବର୍ଷ ପରେ ୨୦୨୨ରେ ବିଦୁଙ୍କ ଉଚ୍ଚ ଶିକ୍ଷା ପାଇଁ ସହଯୋଗ କରି ଆସିଥିଲେ। ବିଦୁଙ୍କୁ ଲାଞ୍ଜିଗଡ଼ସ୍ଥିତ ଆଦିବାସୀ ହାଇୟର ସେକେଣ୍ଡାରୀ ସ୍କୁଲରେ ନାମ ଲେଖାଇଥିଲେ। ସେଠାରେ ବିଦୁ ୪୫୪ ମାର୍କ ବା ୭୫ ପ୍ରତିଶତ ରଖି ୨୦୨୪ ରେ ପାସ କରିଥିଲେ। ପରେ ସେ ଭୁବନେଶ୍ୱରରେ କୋଚିଂ କରି ସେଠାରେ ନିଟ୍ ପରୀକ୍ଷା ଦେଇ ଗତ ଜୁନ ୨୦୨୫ରେ ପ୍ରଥମ ଥର ହିଁ ଉତ୍ତୀର୍ଣ୍ଣ ହୋଇ ବର୍ତ୍ତମାନ ବ୍ରହ୍ମପୁର ମେଡିକାଲ କଲେଜରେ ଡାକ୍ତରୀ ପଢ଼ିବା ପାଇଁ ନାମ ଲେଖାଇଛନ୍ତି। ଜୀବନର ଜଣେ ଭଲ ଡାକ୍ତର ହୋଇ ଲୋକଙ୍କ ସେବାରେ ଜୀବନକୁ ଉତ୍ସର୍ଗ କରିବି ବୋଲି ବିଦୁ କହିଛନ୍ତି।

## ବୃଦ୍ଧଙ୍କୁ ଝୁଣିଦେଲା ଭାଲୁ

କୋକସରା/ଜୟପାଟଣା, ୯।୯ (ସମିସ): କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ୍ ଉଛୁଲା ପଞ୍ଚାୟତ କୁଣ୍ଡିଗୁଡା ଗ୍ରାମର ଜଣେ ବୃଦ୍ଧ ଭାଲୁ ଆକ୍ରମଣ ଶିକାର ହୋଇ ଗୁରୁତର ହୋଇଛନ୍ତି। ଗୁରୁତର ବୃଦ୍ଧଜଣଙ୍କ ହେଲେ, ଉଦେ ମାଝୀ(୬୦)। ମଙ୍ଗଳବାର ଭୋର୍‌ରେ ଉଦେ ଶୌଚ ପାଇଁ ନିଜ ଚାଷ ଜମି ଆଡ଼କୁ ଯାଇଥିବା ବେଳେ ଏକ ଜଙ୍ଗଲୀ ଭାଲୁ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ଫଳରେ ବୃଦ୍ଧଙ୍କ ମୁଣ୍ଡ ଓ ପିଠିରେ କ୍ଷତ ହୋଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ଉଦେଙ୍କୁ ଭବାନୀପାଟଣାସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିବା ଜଣାପଡ଼ିଛି। ଅନ୍ୟପଟେ ବନ ବିଭାଗର କର୍ମଚାରୀମାନେ ମେଡିକାଲରେ ପହଞ୍ଚି କାଗଜ ପତ୍ର ସଂଗ୍ରହ କରିବା ସହ ଆବଶ୍ୟକ ହିସାବରେ କ୍ଷତିପୂରଣ ସହାୟତା ଯୋଗାଇଦେବା ପାଇଁ କହିଛନ୍ତି।

## ଭିତରକନିକାରେ ୧ ଲକ୍ଷ ୩୦ ହଜାର ୭୯୬ ଦେଶୀୟ ପକ୍ଷୀ

ରାଜନଗର, ୯।୯ (ସମିସ): ବିଶ୍ୱପ୍ରସିଦ୍ଧ ଭିତରକନିକାରେ ଦେଶୀୟ ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଚଳିତବର୍ଷ ଦେଶୀୟ ପକ୍ଷୀଙ୍କ ସଂଖ୍ୟା ଗତବର୍ଷଠାରୁ ଅଧିକ ରହିଛି। ଗତବର୍ଷ ଭିତରକନିକାରେ ୧,୩୦,୧୨୩ ଦେଶୀୟ ପକ୍ଷୀ ଭିଡ଼ ଜମାଇଥିବା ବେଳେ ଚଳିତବର୍ଷ ଏହି ସଂଖ୍ୟା ୧,୩୦,୭୯୬କୁ ବୃଦ୍ଧି ପାଇଛି। ଅର୍ଥାତ୍ ଗତବର୍ଷଠାରୁ ଚଳିତବର୍ଷ ୬୭୩ ଅଧିକ ସଂଖ୍ୟକ ପକ୍ଷୀ ଭିତରକନିକାରେ ଭିଡ଼ ଜମାଇଛନ୍ତି। ୧୪୦୯ଟି ଗଛରେ ୨୭,୬୪୬ ବସାରେ ଏହି ପକ୍ଷୀଙ୍କୁ ଗଣନା କରାଯାଇଥିବା ଜଣାପଡ଼ିଛି।

**ଗତବର୍ଷଠାରୁ ୬୭୩ ଅଧିକ ପକ୍ଷୀ**

ରାଜନଗର ଡିଏଫ୍‌ଓ ଭରଦରାଜ ଗାଓଁଙ୍କରଙ୍କ ସୂଚନା ମୁତାବକ, ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୧ ତାରିଖ ଯାଏଁ ତିନିଦିନ ଧରି ଭିତରକନିକାର ମଠଆଡ଼ିଆ, ଲକ୍ଷ୍ମୀପ୍ରସାଦଡ଼ିଆ, ଦୁର୍ଗାପ୍ରସାଦଡ଼ିଆ ସମେତ ରାଜନଗର ରେଞ୍ଜର ବ୍ରାହ୍ମଣୀ ନଦୀ ମଧ୍ୟରେ ଥିବା ବାଲିଡିଆ ଆଇଲ୍ୟାଣ୍ଡରେ ପକ୍ଷୀ ଗଣନା କରାଯାଇଥିଲା। ଭିତରକନିକା ଜାତୀୟ ଉଦ୍ୟାନରେ ବନ ବିଭାଗର ୩ଟି ଟିମ ପକ୍ଷୀ ଗଣନା କରିଥିବା ବେଳେ ଜାତୀୟ ଉଦ୍ୟାନ ବାହାରେ ଦୁଇଟି ଟିମ୍ ପକ୍ଷୀ ଗଣନା କରିଥିଲେ।

ଚଳିତବର୍ଷ ଭିତରକନିକା ଜାତୀୟ ଉଦ୍ୟାନରେ ୧୦ ପ୍ରକାର ପକ୍ଷୀଙ୍କ ସମାଗମ ହୋଇଛି। ଗେଣ୍ଡାଳିଆ, ରାଣୀବଗ, ମଝିଆବଗ, ଛୋଟବଗ, ଖଇରାବଗ,



ମାଟିଆବଗ, ପାଣିକୁଆ, ଅନ୍ଧାରିଆବଗ, କାପରଖାଇ, ଦାବେଣ୍ଡିଆ ପ୍ରଭୃତି ପକ୍ଷୀଙ୍କୁ ଚିହ୍ନଟ କରାଯାଇଛି। ମଠଆଡ଼ିଆରେ ୧୩୨୬୧ ବସାରେ ୨୬,୫୨୨ ବଡ଼ପକ୍ଷୀ ଓ ୩୭୦୪୨ ଶାବକ, ଲକ୍ଷ୍ମୀପ୍ରସାଦଡ଼ିଆରେ ୨୭୧୮ ବଡପକ୍ଷୀ ଓ ୩୬୩୬୪ ଶାବକ, ଦୁର୍ଗାପ୍ରସାଦଡ଼ିଆରେ ୧୧୮ ବଡ଼ପକ୍ଷୀ ଓ ୧୫୪ ଶାବକ, ବାଲିଡିଆରେ ୧୪୬୪ ବଡପକ୍ଷୀ ଓ ୧୯୪୪ ଶାବକ ପକ୍ଷୀଙ୍କୁ ଗଣନା ସମୟରେ ଠାବ କରଯାଇଥିଲା।

ସକାଳ
THE SAKALA



# ସମ୍ବଲପୁର ଜିଲ୍ଲାରେ କଂଗ୍ରେସର ସଙ୍ଗଠନ ସୃଜନ ଅଭିଯାନ

**ସମ୍ବଲପୁର, ୯।୯ (ସମିସ)**

ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି)ର ନିର୍ଦ୍ଦେଶକ୍ରମେ ସମ୍ବଲପୁର ଜିଲ୍ଲାରେ ମଙ୍ଗଳବାରଠାରୁ କଂଗ୍ରେସର ସଂଗଠନ ସୃଜନ ଅଭିଯାନ ଆରମ୍ଭ ହୋଇଛି। ଆଜି ଏଆଇସିସି ପର୍ଯ୍ୟବେକ୍ଷକ ତଥା ରାଜସ୍ଥାନର ପୂର୍ବତନ ବିଧାୟକ ଇନ୍ଦ୍ରଜ୍ ସିଂ ଗୁରଜରଙ୍କ ସହିତ ପ୍ରଦେଶ କଂଗ୍ରେସ କମିଟି (ପିସିସି) ପକ୍ଷରୁ ନିଯୁକ୍ତ ପର୍ଯ୍ୟବେକ୍ଷକ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ପର୍ଯ୍ୟବେକ୍ଷକ ଜୟନ୍ତ କୁମାର ସାହୁ ଓ ପର୍ଯ୍ୟବେକ୍ଷକ ଅଂଶୁମାନ ଦାସ ଆସି ପହଞ୍ଚିଛନ୍ତି। ସଂଗଠନ ସୃଜନ ଅଭିଯାନ ମାଧ୍ୟମରେ ଜିଲ୍ଲା ସଭାପତି ଚୟନ କରାଯିବ। ଆଜିଠାରୁ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବିଧାନସଭା କ୍ଷେତ୍ର ତଥା ବିଭିନ୍ନ ଅଞ୍ଚଳ ଗସ୍ତକରି ଦଳୀୟ ନେତା ଓ କର୍ମୀଙ୍କ ସହିତ ଆଲୋଚନା କରାଯିବ। ଏହି ପର୍ଯ୍ୟବେକ୍ଷକ ଦଳ ଏଆଇସିସିକୁ ଜିଲ୍ଲା ସଭାପତି ପଦ ସକାଶେ ୬ ଜଣଙ୍କ ନାମ ତାଲିକା ପ୍ରଦାନ କରିବେ। ସେମାନଙ୍କ ମଧ୍ୟରୁ ଯୋଗ୍ୟତା ଓ ଲୋକପ୍ରିୟତା ଆଧାରରେ ଦଳର ଜିଲ୍ଲା ସଭାପତି ଚୟନ କରାଯିବ ବୋଲି ଜଣାପଡ଼ିଛି।

ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏଆଇସିସି ପର୍ଯ୍ୟବେକ୍ଷକ ତଥା ରାଜସ୍ଥାନର ପୂର୍ବତନ ବିଧାୟକ ଇନ୍ଦ୍ରଜ୍ ସିଂ ଗୁରଜର ସୂଚନା ଦେଇ କହିଛନ୍ତି ଯେ, କ୍ଷମତାର ବିକେନ୍ଦ୍ରୀକରଣ ପାଇଁ ଏହି ଅଭିଯାନ କରାଯାଉଛି ଏବଂ ଏହି ସଂଗଠନ ସୃଜନ ଅଭିଯାନ ମାଧ୍ୟମରେ ଜିଲ୍ଲା ସଭାପତି ଚୟନ କରାଯିବ। ଜିଲ୍ଲା ଗସ୍ତ କରି ଦଳୀୟ ନେତା ଓ କର୍ମୀଙ୍କ ସହିତ ଆଲୋଚନା କରାଯିବ। ଏହାପରେ ଏକ ୬ ଜଣିଆ ସମ୍ଭାବ୍ୟ ତାଲିକା ପ୍ରସ୍ତୁତ କରାଯାଇ ଏଆଇସିସିକୁ ପ୍ରଦାନ କରାଯିବ। ଏହି ତାଲିକାରେ ଅନୁସୂଚିତ ଜାତି, ଜନଜାତି, ମହିଳା, ଓବିସି ଓ ସଂଖ୍ୟାଲଘୁ ଆଦି ବର୍ଗର ପ୍ରତିନିଧିତ୍ୱ ଉପରେ ଗୁରୁତ୍ୱାରୋପ କରାଯିବ। ନିରପେକ୍ଷ ଆଧାରରେ ସୁପାରିସ କରିଥିବା ଉକ୍ତ ତାଲିକାରୁ ଜଣେ ଦକ୍ଷ, ସୁସଂଗଠକ, ଜନାଦୃତ ବ୍ୟକ୍ତିଙ୍କୁ ଏଆଇସିସି ତର୍ଜମା କରିବା ପରେ ଜିଲ୍ଲା ସଭାପତି ନିଯୁକ୍ତ କରିବ ବୋଲି ଏଆଇସିସି ପର୍ଯ୍ୟବେକ୍ଷକ ଶ୍ରୀ ସିଂ ପ୍ରକାଶ କରିଛନ୍ତି। ଏହି ପ୍ରକ୍ରିୟାକୁ ଯଥାସମ୍ଭବ ସ୍ୱଚ୍ଛ ଓ ନିରପେକ୍ଷ କରିବାକୁ ଏଆଇସିସି ତରଫରୁ ପରାମର୍ଶ ଦିଆଯାଇଛି ଓ ଫଳରେ ପ୍ରତି ଜିଲ୍ଲାରେ ଜଣେ ଲେଖାଏଁ ଯୋଗ୍ୟ ତଥା ଦକ୍ଷ ବ୍ୟକ୍ତି ଦଳର ସାଂଗଠନିକ ନେତୃତ୍ୱ ନେବେ ବୋଲି ସେ କହିଥିଲେ।

ଜିଲ୍ଲା କଂଗ୍ରେସ କମିଟି ସଂଯୋଜକ ଦୁର୍ଗା ପାଢ଼ୀ ସାମ୍ବାଦିକ ସମ୍ମିଳନୀରେ ସଂଗଠନ ସୃଜନ ଅଭିଯାନର ଆଭିମୁଖ୍ୟ




ସହିତ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏଆଇସିସି ପର୍ଯ୍ୟବେକ୍ଷକ ଓ ପିସିସି ପର୍ଯ୍ୟବେକ୍ଷକଙ୍କ ବ୍ୟତୀତ ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ତଥା ପିସିସି ସମ୍ପାଦକ ଇଂ. ଦିଲୀପ ଦୁରିଆ ମଞ୍ଚାସୀନ ଥିଲେ। ଏହାପରେ ଶ୍ରୀ ଗୁରଜର କଂଗ୍ରେସ କାର୍ଯ୍ୟାଳୟରେ ଉପସ୍ଥିତ କର୍ମୀ କର୍ମକର୍ତ୍ତା ଙ୍କୁ ଭେଟିଥିଲେ ଓ ଏହି ସମୟ ରେ କଂଗ୍ରେସ ଦଳକୁ ଆଗାମୀ ନିର୍ବାଚନରେ ସମସ୍ତେ ମିଳିମିଶି ଶକ୍ତିଶାଳୀ କରିବା ପାଇଁ ରାଷ୍ଟ୍ରୀୟ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଏବଂ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବାର୍ତ୍ତା ଘରେ ଘରେ ପହଞ୍ଚାଇବା ଆଦି ବିଷୟରେ କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ଜିଲ୍ଲା ସଭାପତି ଚୟନ ପାଇଁ ମତମନ୍ତବ୍ୟ ଲୋଡ଼ିଥିଲେ। ଏହି ଅବସରରେ ପିସିସି ସଭ୍ୟ ଚନ୍ଦ୍ରକାନ୍ତ ପୁରୋହିତ, ପିସିସି ସଭ୍ୟା ସୁରଞ୍ଜିନି ବାରିକ, ଗୋବିନ୍ଦ ମିଶ୍ର, ସୃତପା ମିତ୍ର, ବିଜୟ ଲକ୍ଷ୍ମୀ ବେହେରା, କବିତା ପଟ୍ଟନାୟକ, ସେବାଦଳ ର ବିନୋଦିନୀ ଦୀପ, ଡଲି ଅହମଦ, ବାବୁ ଖାନ, ରବି ରାଉତ, ଜିତେନ୍ ମହାନନ୍ଦ, ପୂର୍ବତନ କାଉନସିଲର ଅଶୋକ ସୋନି, ପୂର୍ବତନ କାଉନସିଲର ବନମାଳୀ ସତନାମୀ, ପୂର୍ବତନ କାଉନସିଲର ଲାଲ ମୋହନ ଷାଠିଆ, ପୂର୍ବତନ କାଉନସିଲର କୃଷ୍ଣ ଚନ୍ଦ୍ର ସୁନାର, ପ୍ରକାଶ ଶତପଥି, ଲକ୍ଷ୍ମୀ ନାରାୟଣ ପ୍ରଧାନ, ଓବିସି ଜିଲ୍ଲା ସଭାପତି ଶିବବ୍ରତ ପ୍ରଧାନ, ଜିତେନ୍ଦ୍ର ପ୍ରଧାନ, ରାଜେଶ ମିଶ୍ର, ସୁଧୀର ପଣ୍ଡା, ମୋହନ ଶାହା, ଦଶରଥ ଦାସ, ବିରଞ୍ଚି ମହାପାତ୍ର, କାଲୁ ସ୍ୱାଇଁ ପ୍ରମୁଖ ନେତା ଓ କର୍ମୀ ପର୍ଯ୍ୟବେକ୍ଷକଙ୍କୁ ଭେଟି ନିଜସ୍ୱ ମତ ଉପସ୍ଥାପନ କରିଥିଲେ।

ଆଜି ସଂଗଠନ ସୃଜନ ଅଭିଯାନର ପ୍ରଥମ ଦିନ ଅପରାହ୍ଣରେ ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀର ରେଢ଼ାଖୋଲ ବ୍ଲକ ଓ ଏନଏସି ସକାଶେ କର୍ମୀ ଓ କର୍ମକର୍ତ୍ତାଙ୍କ ସମାବେଶ ଆୟୋଜନ କରାଯାଇଥିବାବେଳେ ଆସନ୍ତାକାଲି ୧୦ ତାରିଖ ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀର ନାକଟିଦେଉଳ ଏବଂ ଯୁଯୋମୁରା ବ୍ଲକ, ୧୧ ତାରିଖ କୁଚିଣ୍ଡା ନିର୍ବାଚନ ମଣ୍ଡଳୀର କୁଚିଣ୍ଡା ବ୍ଲକ ଓ ଏନଏସି, ବାମରା ବ୍ଲକ ଓ ଜମନକିରା ବ୍ଲକ, ୧୨ ତାରିଖ ରେଙ୍ଗାଲି ନିର୍ବାଚନ ମଣ୍ଡଳୀର ଧନକଉଡ଼ା ବ୍ଲକ ରେଙ୍ଗାଲି ବ୍ଲକ ଓ ଏନଏସି, ମାନେଶ୍ୱର ବ୍ଲକ ଏବଂ ୧୩ ତାରିଖ ସମ୍ବଲପୁର ନିର୍ବାଚନ ମଣ୍ଡଳୀର ହୀରାକୁଦ ଟାଉନ ଓ ବୁର୍ଲା ଟାଉନରେ କର୍ମକର୍ତ୍ତା ଓ କର୍ମୀଙ୍କ ସମାବେଶ ଅନୁଷ୍ଠିତ ହେବ ବୋଲି ଡିସିସି ଜିଲ୍ଲା ସଂଯୋଜକ ଦୁର୍ଗା ପାଢ଼ୀ ସୂଚନା ଦେଇଛନ୍ତି।

## ଆଜି ଭୁବନେଶ୍ୱର-ରାଉରକେଲା-ଭୁବନେଶ୍ୱର ଏକ୍ସପ୍ରେସ୍ ବାତିଲ

**ସମ୍ବଲପୁର, ୯।୯ (ସମିସ) :** ଲିଙ୍କ୍ ରେକ୍ ବିଳମ୍ବରେ ଚାଲିବା ଯୋଗୁଁ, ଭୁବନେଶ୍ୱର-ରାଉରକେଲା-ଭୁବନେଶ୍ୱର ଏକ୍ସପ୍ରେସ୍ ୧୦ ତାରିଖ ଉଭୟ ଦିଗରେ ବାତିଲ ରହିବ ବୋଲି ରେଳବାଇ ପକ୍ଷରୁ ଅବଗତ କରାଯାଇଛି। ପ୍ରେସ ବିଜ୍ଞପ୍ତି ଅନୁଯାୟୀ, ଟ୍ରେନ୍ ନମ୍ବର ୨୨୮୪୦/୨୨୮୩୯ ଭୁବନେଶ୍ୱର-ରାଉରକେଲା-ଭୁବନେଶ୍ୱର ଏକ୍ସପ୍ରେସ୍ ୧୦.୦୯.୨୦୨୫ରେ ବାତିଲ ରହିବ। ଏହି ବାତିଲ୍ ବିଷୟରେ ଧ୍ୟାନ ଦିଅନ୍ତୁ ଏବଂ ସେହି ଅନୁସାରେ ଯାତ୍ରା ଯୋଜନା କରନ୍ତୁ ବୋଲି ଯାତ୍ରୀମାନଙ୍କୁ ଅନୁରୋଧ କରାଯାଇଛି।

## ହନୁମାନ ମନ୍ଦିର ନିର୍ମାଣ ବିଲ୍ ଦେୟ ଦେବାରେ ଟାଳଟୁଳ ଅଭିଯୋଗ



**ସମ୍ବଲପୁର, ୯।୯ (ସମିସ) :** ଯୁଯୋମୁରା ଗ୍ରାମରେ ହନୁମାନ ମନ୍ଦିର କାର୍ଯ୍ୟ ଶେଷ ହୋଇଥିଲେ ହେଁ ତାହାର ବିଲ୍ ଦେବାକୁ ଅଧିକାରୀମାନେ ଟାଳଟୁଳ କରୁଥିବା ଆଜି ଯୁଯୋମୁରା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କଠାରେ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସମ୍ବଲପୁର ଜିଲ୍ଲା ଯୁଯୋମୁରା ବ୍ଲକ ଯୁଯୋମୁରା ଗ୍ରାମ ବଜାରଠାରେ ଏକ ହନୁମାନ ମନ୍ଦିର ନିର୍ମାଣ କାର୍ଯ୍ୟ ଏକ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିଲା। ସ୍ଥାନୀୟ କନିଷ୍ଠ ଯନ୍ତ୍ରୀ (ଜେଇ) ଆସି କାର୍ଯ୍ୟ ଦେଖି ବିଲ ପ୍ରସ୍ତୁତ କରିଥିଲେ। ଏହାପରେ ନିର୍ବାହୀ ଯନ୍ତ୍ରୀ (ଇଇ)ଙ୍କୁ ପଚାରିବାରୁ ସେ ତାଙ୍କ ପାଖରେ ଫାଇଲ ନାହିଁ ବୋଲି କହିଲେ। କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ନିର୍ବାହୀ ଯନ୍ତ୍ରୀ ଫାଇଲ ଫେରାଇ ଦେଇଛନ୍ତି ବୋଲି କହିଥିବା ସେମାନେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଯୁଯୋମୁରା ବ୍ଲକରେ ସବୁକିଛି ଠିକ୍ ଚାଲିନାହିଁ ଏବଂ ଗ୍ରାମବାସୀ କାମ ତଦାରଖ କରୁଥିବାରୁ କମିଶନ ମିଳିବ ନାହିଁ ବୋଲି ଆଶଙ୍କା ହଇରାଣ କରାଯାଉଥିବା ସେମାନେ ଅଭିଯୋଗ କରିଛନ୍ତି। ଆସନ୍ତା ୭ ଦିନ ୧୬ ତାରିଖ ମଧ୍ୟରେ ବିଲ୍ ଦେୟ ଦିଆନଗଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ହନୁମାନ ମନ୍ଦିର ନିର୍ମାଣ କମିଟି ଯୁଯୋମୁରା ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ୫୧୮ ବୋତଲ ମଦ ଜବତ, ଜଣେ ଗିରଫ

**ସମ୍ବଲପୁର, ୯।୯ (ସମିସ) :** ସମ୍ବଲପୁର ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଚଢ଼ଉ କରି ପୁଲିସ ଏକ ମଦ ବୋତଲ ବୋଝେଇ ବୋଲେରୋ ଜବତ କରିବାସହ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ପୁଲିସର ସୂଚନାନୁଯାୟୀ, ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଅଇଁଠାପାଲି ଥାନା ଅଞ୍ଚଳରେ ଆଜି ସନ୍ଧ୍ୟାରେ ଚଢ଼ଉ କରିଥିଲା। ଏହି ସମୟରେ ୩୬୧ ବୋତଲ ବିଅର (୨୨୦ ଲିଟର), ୧୫୭ ବୋତଲ ବିଦେଶର ମଦ (୩୧ ଲିଟର) ଏହିଭଳି ମୋଟ ୨୫୧ ଲିଟର ବିଦେଶୀ ମଦ ବୋଝେଇ ବୋଲେରୋ (ଓଆର୍ ୦୫ଏଭି-୧୬୦୬) କୁ ଜବତ କରିଛି। ଏହା ରଖିଥିବା ବୁର୍ଲା କଣ୍ଟ୍ରାକ୍ଟର କଲୋନୀ ଗୁଆଲାପଡ଼ାର ଅରବିନ୍ଦ ରାୟ (୨୫) କୁ ପୁଲିସ ଧରିଛି। ପୁଲିସ ଅଇଁଠାପାଲି ଥାନା କେସ ନଂ.୨୯୭ ତା ୯-୯-୨୦୨୫ ଦଫା ୫୨(ଏ) ଓଡ଼ିଶା ଅବକାରୀ ଆକ୍ଟରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ରୁକ୍ମିଣୀ ପତିଙ୍କ ପରଲୋକ

**ସମ୍ବଲପୁର, ୯।୯ (ସମିସ):** ବରଗଡ଼ ଜିଲ୍ଲା ଭଟଲି କେନ୍ଦୁଗୁଡ଼ିଆ ମୂଳନିବାସୀ ରୁକ୍ମିଣୀ ପତିଙ୍କ ଗତକାଲି ରାତିରେ ପରଲୋକ ହୋଇଯାଇଛି।



ମୃତ୍ୟୁବେଳକୁ ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା। ସେ ଜଣେ ମିଷ୍ଟଭାଷୀ, ଧର୍ମପରାୟଣା ମହିଳା ଥିଲେ। ତାଙ୍କ ପଛରେ ସ୍ୱାମୀ ଜନାର୍ଦ୍ଦନ ପତି, ଚାରିପୁଅ ନିମାଇଁଚରଣ, ଉମାଚରଣ, ଚିତ୍ତରଞ୍ଜନ ଓ ମନୋରଞ୍ଜନ, ଚାରି ବୋହୂ ବନିତା, ନିତାଞ୍ଜଳି, ବିଜୟା ଓ ମିତା ଏବଂ ନାତିନାତୁଣୀ ରହିଛନ୍ତି। ତାଙ୍କ ବିୟୋଗରେ ଜ୍ଞାତିପରିଜନ ମହଲରେ ଶୋକର ଛାୟା ଖେଳିଯାଇଛି।

## ବ୍ଲକସ୍ତରୀୟ ଖୋ-ଖୋ, କବାଡ଼ି, ଫୁଟବଲ, ହକି ପ୍ରତିଯୋଗିତା



**ଜମନକିରା, ୯।୯ (ସମିସ) :** ସରକାରୀ ଏସଏସଡି ଉଚ୍ଚ ବିଦ୍ୟାଳୟ ଭୋଜପୁର ଠାରେ ଜମନକିରା ବ୍ଲକ ସ୍ତରୀୟ ୧୭ ଓ ୧୪ ବର୍ଷରୁ କମ୍ ବାଳକ ବାଳିକା ବର୍ଗର ଖୋ-ଖୋ, କବାଡି, ଫୁଟ୍‌ବଲ ଓ ହକି ଖେଳାଳୀ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ୪ଟି ସବ-ଜୋନ ରୁ ମୋଟ ୩୬୫ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିକୁଞ୍ଜ ବିହାରୀ ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ବରିଷ୍ଠ ଶିକ୍ଷକ ରୋହିତ କୁମାର ନାଥ, କ୍ରୀଡା ଶିକ୍ଷକ ନାରାୟଣ ପଧାନ ଯୋଗଦେଇଥିଲେ। କ୍ରୀଡା ଶିକ୍ଷକ ନିହାର ପଟେଲ, ସୁଶାନ୍ତ ଚୌଧୁରୀ, ସିସିଲିଆ ତିର୍କି, ପ୍ରଦୀପ ବାରିକ, ରଣଜିତ ଗିରି, ପ୍ରିୟରଞ୍ଜନ ସାତୁଆ, ଶିବନାରାୟଣ ବେହେରା, ଧରଣୀଧର ନାୟକ, ଦୀପକ କିସାନ, ସତ୍ୟବ୍ରତ ଦେହୁରୀ, ନିଳିମା କେରକେଟା ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ଚୟନ ହୋଇଥିବା ପ୍ରତିଯୋଗୀ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେବେ।

## ମିର୍ଦ୍ଧା ସମାଜର ବୈଠକ

**ସମ୍ବଲପୁର, ୯।୯ (ସମିସ) :** ଜିଲ୍ଲା ପରିଷଦ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ସମ୍ବଲପୁର ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ମାଧବ ମିର୍ଦ୍ଧା ଅଧ୍ୟକ୍ଷତା ଏବଂ କୁଚିଣ୍ଡା ଜିଲ୍ଲା ପରିଷଦ ସଦସ୍ୟ ଦେବରାଜ କିସାନଙ୍କ ଉପସ୍ଥିତିରେ ମିର୍ଦ୍ଧା ସମାଜକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମହାକାଳ ଜୟନ୍ତପୁର ବଡ଼ଖାଲା ଅନ୍ତର୍ଗତ ଜିଲ୍ଲାର ଯୁଯୋମୁରା, ରେଙ୍ଗାଲି, ଧନକଉଡ଼ା, ମାନେଶ୍ୱର, ଜମନକିରା ଏହିପରି ୫ଟି ବ୍ଲକର ୧୮ଟି ଘାଟିର ସଭାପତି ଓ ସମ୍ପାଦକ ମାନେ ଯୋଗ ଦେଇଥିଲେ। ବୈଠକରେ ମିର୍ଦ୍ଧା ସମାଜର ବିଭିନ୍ନ ସମସ୍ୟା ସହ ଉନ୍ନତି ତଥା ଲୋପ ପାଇଯାଉଥିବା ତାଙ୍କ ଭାଷା, ସଂସ୍କୃତିର ଉତ୍‌ଥାନ ବିଷୟରେ ଆଲୋଚନା ହୋଇଥିଲା। ଉପସ୍ଥିତ ସଭ୍ୟମାନେ ନିଜସ୍ୱ ମତ ଓ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ସମାଜରେ ଶିକ୍ଷା ଓ ସଂସ୍କାର ଦିଗରେ ବିଶେଷ ଗୁରୁତ୍ୱ ଦିଆଯିବ। ଆଗାମୀ ଦିନରେ ମିର୍ଦ୍ଧା ସମାଜର ବିଭିନ୍ନ ସମସ୍ୟା ନେଇ ସରକାରଙ୍କୁ ଏକ ଦାବିପତ୍ର ଦିଆଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।



## ବେଙ୍ଗାଲୁରୁରେ ନୂଆଁଖାଇ ଭେଟ୍‌ଘାଟ




**ସମ୍ବଲପୁର, ୯।୯ (ସମିସ) :** ଜୁହାର ପରିବାର ବେଙ୍ଗାଲୁରୁର ପରିଚାଳନାରେ ୨୬ତମ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ କେଟିପିଓ, ହ୍ୱାଇଟ୍‌ଫିଲ୍ଡରେ ଆୟୋଜିତ ହୋଇଯାଇଛି। ଚଳିତବର୍ଷର ବିଷୟବସ୍ତୁ ଥିଲା ସାତ୍ ବହନି (ସପ୍ତଦେବୀ)। ଏଥିପାଇଁ ବିଶେଷ ସମଲେଇ ମନ୍ଦିର ଗଠନ ସହିତ ସାତୋଟି ଦେବୀଙ୍କ ପ୍ରତିକୃତି ପ୍ରସ୍ତୁତ କରାଯାଇଥିଲା। ପୂର୍ବାହ୍ଣ ୧୦ଟାରେ ସମଲେଇ ପୂଜା ଆରମ୍ଭ ହୋଇଥିଲା, ଏହାପରେ ସତ୍ୟଜିତ ଚଇନୀଙ୍କ ଭଜନ ସହ ଆଧ୍ୟାତ୍ମିକ ଶୁଭାରମ୍ଭ ହୋଇଥିଲା। ପଶ୍ଚିମ ଓଡ଼ିଶାରୁ ଆସିଥିବା ୧୦୦ରୁ ଅଧିକ ଶିଳ୍ପୀଙ୍କ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଞ୍ଚକୁ ଜୀବନ୍ତ କରିଥିଲା। ନଟରାଜ କଳା ପରିଷଦ, ବଲାଙ୍ଗୀରଙ୍କର ଲୋକନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଉମାକାନ୍ତ ବାରିକଙ୍କ ପ୍ରଦର୍ଶନ ପରିବେଶକୁ ଉତ୍ସାହିତ କରିଥିବାବେଳେ ଓଲିଉଡ୍ ସଙ୍ଗୀତଶିଳ୍ପୀ ସୁଗ୍ୟାନୀ ମହାପାତ୍ରଙ୍କ ଗୀତ ସମସ୍ତଙ୍କ ମନକୁ ଛୁଇଁଯାଇଥିଲା। ବିଜୟ ମେହେର, ପ୍ରତୀକ ବାଗ୍, ଓ ଜୟଶ୍ରୀଙ୍କର ଆକର୍ଷଣୀୟ ପ୍ରସ୍ତୁତି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏଥିସହିତ ଟ୍ରେଣ୍ଡି ରାପର୍ ବ୍ଲାକ୍ ଭା'ଙ୍କର ଉତ୍ସାହପୂର୍ଣ୍ଣ ଗୀତ-ସଙ୍ଗୀତରେ ଯୁବ ପିଢ଼ି ଆନନ୍ଦିତ ହୋଇଥିଲେ। କାର୍ଯ୍ୟକ୍ରମରେ ବିକାଶ ଫାଉଣ୍ଡେସନର ଅଧ୍ୟକ୍ଷା ମୃଦୁଳା ଠାକୁର ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସ୍ମରଣିକା ଉନ୍ମୋଚନ କରିଥିଲେ। ସମ୍ବଲପୁର ଜିଲ୍ଲା ବିଜେପି ଅଧ୍ୟକ୍ଷ ଗିରିଶ ପଟେଲ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ପ୍ରମୁଖ ସମ୍ମାନୀତ ଅତିଥି ଥିଲେ। ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଭିଡିଓ ବାର୍ତ୍ତା ମାଧ୍ୟମରେ ଅଭିନନ୍ଦନ ଜଣାଇଥିଲେ। ଏବର୍ଷର ଜୁହାର ସମ୍ମାନ ରଜତ ରାଜ ପାଣିଗ୍ରାହୀଙ୍କୁ ଦିଆଗଲା, ସେ ଲୋକସଙ୍ଗୀତ ଓ ଆଦିବାସୀ ସଙ୍ଗୀତ ସୁରକ୍ଷା ପାଇଁ ନିଷ୍ଠାପୂର୍ଣ୍ଣ ସେବା ଦେଇଆସୁଛନ୍ତି। ଜୁହାର ପରିବାର ବେଙ୍ଗାଲୁରୁର ସଂସ୍ଥାପକ ବିଶ୍ୱଜିତ ପ୍ରଧାନ କହିଥିଲେ, ୨୬ ବର୍ଷ ପୂର୍ବରୁ ମୁଁ ଯେ ବୀଜ ପୋତିଥିଲି, ସେଥିରୁ ଏବେ ଏକ ବଡ଼ ଗଛ ହୋଇଥିବାକୁ ଦେଖିବା ଅତ୍ୟନ୍ତ ଗର୍ବର କଥା। ଅଧ୍ୟକ୍ଷ ଶୋଭନ ଦାଶ ଓ ସଂଯୋଜକ ସୁଦୀପ୍ତ ପଣ୍ଡା ଦର୍ଶକ, ଶିଳ୍ପୀ ଓ ମାଧ୍ୟମ ସହଭାଗୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

## ଉତ୍ସର୍ଗ ଅନୁଷ୍ଠାନର ବାର୍ଷିକ ଉତ୍ସବ

**ସମ୍ବଲପୁର, ୯।୯ (ସମିସ) :** ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ରେ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଉତ୍ସର୍ଗର ୪୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବକୁ ଅନୁଷ୍ଠାନର ପ୍ରତିଷ୍ଠାତା ସଭ୍ୟ ସ୍ୱର୍ଗତ ସରୋଜ ଦାସଙ୍କୁ ଉତ୍ସର୍ଗୀକୃତ କରାଯାଇଥିଲା। ସଂଯୋଜକ ପ୍ରଶାନ୍ତ ପାଟଯୋଶୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବରେ ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଡିଏମଇଟିର ଅତିରିକ୍ତ ନିର୍ଦ୍ଦେଶକ ଡା. ଉମାକାନ୍ତ ଶତପଥୀ ଯୋଗ ଦେଇଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସଭାରେ ଉପସ୍ଥିତ ଥିବା ସତ୍ତ୍ୱେ ଅନୁଷ୍ଠାନର ଉଦ୍ୟୋକ୍ତା ସଭ୍ୟ ଭାବରେ ମଞ୍ଚ ଉପରକୁ ଆସିନଥିଲେ। ବରିଷ୍ଠ ସଭ୍ୟ ଶିବନାରାୟଣ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ସର୍ଗ ରକ୍ତଦାନଠାରୁ ଆରମ୍ଭ କରିଥିବାବେଳେ ସଫେଇ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ଉପଯୋଗୀ ସରଞ୍ଜାମ ଯୋଗାଣ, ରୋଗୀଙ୍କ ପାଇଁ ଆମ୍ବୁଲାନ୍ସ ସେବା, ଅକ୍ସିଜେନ ସାମଗ୍ରୀ ଯୋଗାଣ, ମୃତ୍ୟୁ ପରେ ଶରୀର ଦାନ ଆଦି କାର୍ଯ୍ୟ କରିଆସୁଛି। ୧୯୮୪ ରୁ ଆରମ୍ଭ ହୋଇ ୨୦୨୫ ମସିହା ଯାଏ ସେବା ମନୋବୃତ୍ତି ନେଇ ଅନୁଷ୍ଠାନ ଦ୍ୱାରା କରାଯାଇଥିବା ବିଭିନ୍ନ କାର୍ଯ୍ୟ ଏବଂ ସେଗୁଡ଼ିକର ଅନୁଭୂତି ବିଷୟରେ ପ୍ରତିଷ୍ଠାତା ସଭ୍ୟ ସୁଧୀର ପୂଜାରୀ କହିଥିଲେ। ଏହି ଅବସରରେ ସମ୍ପୂର୍ଣ୍ଣ ଶରୀର ଦାନ କରିଥିବା ସ୍ୱର୍ଗତ ଈଶ୍ୱର ମରାଇଙ୍କ ପରିବାର ଏବଂ କରୋନା ସମୟରେ ୧୦୦ଟି ଅମ୍ଳଜାନ ସିଲିଣ୍ଡର ଯୋଗେଇ ଦେଇଥିବା ସମାଜସେବୀ ଅଜୟ ଅଗ୍ରୱାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲକ୍ଷ୍ମଣ ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ଶେଷରେ ଅନୁଷ୍ଠାନର ବରିଷ୍ଠ ସଭ୍ୟ ହରିଶଙ୍କର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## 'ଜଗତର କଲ୍ୟାଣ ପାଇଁ ସନ୍ଥ ନର୍କରେ ପଡ଼ିବାକୁ ଭୟ କରେ ନାହିଁ'

### ଓଡ଼ିଆ ସନ୍ଥ ସାହିତ୍ୟ ପରମ୍ପରା' ଶୀର୍ଷକ ଆଲୋଚନାଚକ୍ର

**ସମ୍ବଲପୁର, ୯।୯ (ସମିସ) :** କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଭୀମଭୋଇ ଗବେଷଣା କେନ୍ଦ୍ରର ମିଳିତ ଆନୁକୂଲ୍ୟରେ 'ଓଡ଼ିଆ ସନ୍ଥ ସାହିତ୍ୟ ପରମ୍ପରା' ଶୀର୍ଷକ ଏକଦିବସୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବ ସାହିତ୍ୟ ଅକାଦେମୀର ଓଡ଼ିଆ ଉପଦେଷ୍ଟା ପରିଷଦର ଆବାହକ ତଥା ବିଶିଷ୍ଟ ସାହିତ୍ୟିକ ଡଃ ଗୌରହରି ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେଇଥିଲା। ଅକାଦେମୀର କୋଲକତାସ୍ଥିତ ସମ୍ଭାଗର ଭାରପ୍ରାପ୍ତ ଅଧିକାରୀ କ୍ଷେତ୍ରବାସୀ ନାଏକ ସ୍ୱାଗତ ସମ୍ଭାଷଣ ପ୍ରଦାନ କରି ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିବା ସହିତ ସନ୍ଥ ଜୀବନର ମହତ୍ତ୍ୱ ଉପସ୍ଥାପନ କରିଥିଲେ। ସାହିତ୍ୟ ଅକାଦେମୀ ଓଡ଼ିଆ ଉପଦେଷ୍ଟା ପରିଷଦର ସଦସ୍ୟ ଡଃ ମନୋଜ କୁମାର ପଣ୍ଡା ଓଡ଼ିଆ ସନ୍ଥ ସାହିତ୍ୟର ବିସ୍ତୃତି ଓ ପ୍ରବୃତ୍ତି ଉପରେ ଆଲୋକପାତ କରିବା ସହିତ ସନ୍ଥ ସାହିତ୍ୟ ଗବେଷଣା ଉପରେ ପ୍ରାଧାନ୍ୟ ଦେଇଥିଲେ। ସଭାପତି ଡଃ ଦାସ ବିଶ୍ୱ ସନ୍ଥ ସାହିତ୍ୟର ବିଭିନ୍ନ ଦିଗ ବିଶ୍ଲେଷଣ କରିବା ସହିତ ନିର୍ଭୀକତା ସନ୍ଥର ପ୍ରଧାନ ଲକ୍ଷଣ ବୋଲି କରିଥିଲେ। ଜଗତର କଲ୍ୟାଣ ପାଇଁ ସନ୍ଥ ନର୍କରେ ଅବଗାହନ କରିବାକୁ ଭୟ କରେ ନାହିଁ ବୋଲି ମତବ୍ୟକ୍ତ କରିବା ସହିତ ଭାରତର ପ୍ରମୁଖ ସନ୍ଥଙ୍କ ସାହିତ୍ୟ ଆଲୋଚନା କରିଥିଲେ। ବିଶିଷ୍ଟ ସାହିତ୍ୟିକ ପ୍ରଫେସର କାଳିଦାସ ମିଶ୍ର ଭିତ୍ତିପ୍ରବନ୍ଧ




ପାଠ କରିଥିଲେ। ପଞ୍ଚସଖା ସାହିତ୍ୟ ଓଡ଼ିଆ ସନ୍ଥ ସାହିତ୍ୟର ଚରମ ଉତ୍କର୍ଷ ବୋଲି ସେ ମତ ଦେଇଥିଲେ। ଓଡ଼ିଆ ସନ୍ଥ ସାହିତ୍ୟର ଯଥାଯଥ ପୂର୍ଣ୍ଣାଙ୍ଗ ଗବେଷଣା ଏ ପର୍ଯ୍ୟନ୍ତ ହୋଇନାହିଁ। ବର୍ତ୍ତମାନ ଚିତ୍ତରଞ୍ଜନ ଦାସଙ୍କ ଭଳି ଗବେଷକଙ୍କ ଆବଶ୍ୟକତା ଉପରେ ପ୍ରଫେସର ମିଶ୍ର ଗୁରୁତ୍ୱ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଜ୍ଞାନ ରଞ୍ଜନ ସ୍ୱାଇଁ ଯୋଗଦେଇ ଅକାଦେମୀର ପ୍ରୟାସ ଓ ସହଯୋଗ ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବିତ୍ତ ନିୟନ୍ତ୍ରକ ଜଗନ୍ନାଥ ରାଉତ ମଞ୍ଚାସୀନ ଥିଲେ। ଭୀମଭୋଇ ଗବେଷଣା କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡଃ ରଞ୍ଜନ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

ପରବର୍ତ୍ତୀ ଦୁଇଟି ଅଧିବେଶନରେ ପାଞ୍ଚଜଣ ଆଲୋଚକ ସେମାନଙ୍କ ପ୍ରବନ୍ଧ ପାଠ କରିଥିଲେ। ସେମାନେ ହେଉଛନ୍ତି ଅଧ୍ୟାପକ ଅଖିଳ ବିଶ୍ୱାଳ, ଡଃ ଦ୍ୱାରିକାନାଥ ନାୟକ, ଡଃ ସଂଘମିତ୍ରା ମିଶ୍ର, ଡଃ ସୌରଭ ରଞ୍ଜନ ଖମାରୀ ଏବଂ ଡଃ ଶେଷାନ ବିଶି। ଆଲୋଚକମାନେ ଚର୍ଯ୍ୟାଗୀତିକା ଓ ପଞ୍ଚସଖା ସାହିତ୍ୟ ବୈଶିଷ୍ଟ୍ୟ ଏବଂ ଭୀମଭୋଇ ତଥା ଅନ୍ୟ ସନ୍ଥଙ୍କ କୃତି ଉପରେ ଆଲୋକପାତ କରିଥିଲେ। ପ୍ରଥମ ଅଧିବେଶନରେ ପ୍ରଫେସର ପ୍ରଦୀପ ପଣ୍ଡା ସଭାପତିତ୍ୱ କରିଥିଲେ ଓ ଡଃ ପରୀକ୍ଷିତ ଭୋଇ ଧନ୍ୟବାଦ ଅର୍ପଣ କରିଥିବାବେଳେ ଦ୍ୱିତୀୟ ଅଧିବେଶନରେ ପ୍ରଫେସର ସନ୍ତୋଷ ରଥ ସଭାପତିତ୍ୱ କରିଥିଲେ ଏବଂ ଡଃ ଲିପିକା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଆଦିତ୍ୟ ଆଲୁମିନିୟମ କାରଖାନାରେ ସାରଥି ଉତ୍ସବ



**ସମ୍ବଲପୁର, ୯।୯ (ସମିସ) :** ଆଦିତ୍ୟ ଆଲୁମିନିୟମ, ହିଣ୍ଡାଲକୋ, ଲପଙ୍ଗା ପରିସରରେ ସାରଥି ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଆଦିତ୍ୟ ଆଲୁମିନିୟମର ଲଜିଷ୍ଟିକ ବିଭାଗ ଏହି ଉତ୍ସବର ଆୟୋଜନ କରିଥିଲେ। ଏହି ଉତ୍ସବରେ କାରଖାନା ଏବଂ କାରଖାନା ବାହାରୁ ଆସୁଥିବା ସମସ୍ତ ଭାରୀଯାନ ଚାଳକମାନେ ଅଂଶଗ୍ରହଣ କରିଥିଲେ।

କମ୍ପାନୀର ସେଫ୍ଟି ମ୍ୟାନେଜର ଫକୀର ପଟ୍ଟନାୟକ ଏହି ଉତ୍ସବରେ ଯୋଗଦେଇ ସଡକ ସୁରକ୍ଷା ବିଷୟରେ ବୁଝାଇଥିଲେ। ତତ୍ ସହିତ ସିଏଚ୍‌ପି ମୁଖ୍ୟ ଅଶ୍ୱିନୀ ମହାପାତ୍ର, ଆଡମିନ ବିଭାଗ ମ୍ୟାନେଜର ପୀୟୁଷ ରାଜଗୁରୁ, ଫ୍ଲାଏଆସ୍ ବିଭାଗର ଶାନ୍ତନୁ ସେନାପତି ଏବଂ ଲଜିଷ୍ଟିକ ବିଭାଗ ମୁଖ୍ୟ ଗୋପାଳ ସିଂ ରାଥୋଡ ସମସ୍ତ ଚାଳକମାନଙ୍କୁ ଉଦ୍‌ବୋଧନ ଦେଇଥିଲେ ଏବଂ କମ୍ପାନୀର ପ୍ରଗତିରେ ସେମାନଙ୍କ ଅବଦାନକୁ ବର୍ଣ୍ଣନା କରିଥିଲେ। ସେମାନେ ଚାଳକମାନଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଶେଷରେ ଚାଳକ ମାନଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା।

ଆଦିତ୍ୟ ଆଲୁମିନିୟମ ଏପରି ଏକ କାର୍ଯ୍ୟକ୍ରମର ଆୟୋଜନ କରିଥିବାରୁ ଚାଳକମାନେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶାରେ ଗ୍ରାମୀଣ ମହିଳାଙ୍କ ଜୀବନରେ ରୂପାନ୍ତରଣ ଆଣୁଛି ଆଦିତ୍ୟ ଆଲୁମିନିୟମର 'ପ୍ରୋଜେକ୍ଟ ଶକ୍ତି'

**ସମ୍ବଲପୁର, ୯।୯ (ସମିସ)**

ଆଦିତ୍ୟ ବିର୍ଲା ଗ୍ରୁପ୍ କମ୍ପାନୀ ଆଦିତ୍ୟ ଆଲୁମିନିୟମ ଓଡ଼ିଶାର ସମ୍ବଲପୁର ଜିଲ୍ଲାରେ ଏହାର କାରଖାନା ନିକଟବର୍ତ୍ତୀ ଅଞ୍ଚଳରେ ବାସ କରୁଥିବା ଜନସାଧାରଣଙ୍କ ନିମନ୍ତେ ଅର୍ଥପୂର୍ଣ୍ଣ କଲ୍ୟାଣକାରୀ ପ୍ରୟାସ ସମୂହରେ ଗଭୀର ଭାବରେ ନିୟୋଜିତ ରହିଛି। ଏହାର ଅନ୍ୟତମ ପ୍ରକଳ୍ପ 'ପ୍ରୋଜେକ୍ଟ ଶକ୍ତି' ଆୟକାରୀ ଉପାୟ ଜରିଆରେ ବେରୋଜଗାର ଗ୍ରାମୀଣ ମହିଳାଙ୍କ ନିକଟରେ ପହଞ୍ଚିବା ସହିତ ସେମାନଙ୍କୁ ସ୍ୱାବଲମ୍ବୀ ହେବାରେ ସହାୟତା କରୁଛି।

ଏହି ପ୍ରୟାସ ସମ୍ପର୍କରେ ପ୍ରକାଶ କରି ହିଣ୍ଡାଲକୋ ସମ୍ବଲପୁରର ମାଇନିଂ ବିଜିନେସ୍ ହେଡ ଏବଂ କ୍ଲଷ୍ଟର ହେଡ କୈଳାସ ପାଣ୍ଡେ କହିଛନ୍ତି, 'ପ୍ରୋଜେକ୍ଟ ଶକ୍ତି କେବଳ ଅର୍ଥନୈତିକ ସଶକ୍ତିକରଣ ସମ୍ପର୍କିତ ନୁହେଁ, ଏହା ମହିଳାଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ସହିତ ସେମାନଙ୍କ ମଧ୍ୟରେ ନେତୃତ୍ୱକୁ ପ୍ରୋତ୍ସାହିତ କରୁଛି। ଆବଶ୍ୟକ ସାଧନ ଏବଂ ସମ୍ବଳ ଯୋଗାଇଦେଇ ଆମେ ଆମ କାରଖାନା ନିକଟବର୍ତ୍ତୀ ଅଞ୍ଚଳର ୪୦ଟି ଗ୍ରାମରେ ୨୦୦୦ରୁ ଅଧିକ ମହିଳାଙ୍କ ମଧ୍ୟରେ ସକାରାତ୍ମକ ପରିବର୍ତ୍ତନର ବ୍ୟାପକ ପ୍ରଭାବ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ।

ଅଗଷ୍ଟ ୨୦୧୯ରେ ଏହା ଆରମ୍ଭ ହେବା ଦିନଠାରୁ ପ୍ରୋଜେକ୍ଟ ଶକ୍ତି ୨୧୫ ଗୋଷ୍ଠୀର ୨୧୮୫ ଏସଏଚ୍‌ଜି ସଦସ୍ୟାଙ୍କ ଜୀବନକୁ ସ୍ପର୍ଶ କରିଛି। ଏହି ପ୍ରୋଜେକ୍ଟ ଶକ୍ତି ଅଧିନରେ ପ୍ରୟାସଗୁଡିକ ମଧ୍ୟରେ ସାମୂହିକ ଅଭିବୃଦ୍ଧି ନିମନ୍ତେ ପ୍ରଗତି, ଚାଲେଞ୍ଜ ଏବଂ ରଣକୌଶଳ ସମ୍ପର୍କରେ ଆଲୋଚନା କରିବାକୁ ନିୟମିତ ଏସଏଚ୍‌ଜି ବୈଠକ ଅନ୍ତର୍ଭୁକ୍ତ। ଟେଲରିଂ, ପତ୍ର ଥାଳି ତିଆରି, ଛତୁ ଚାଷ, ପନିପରିବା ଚାଷ ଆଦି ଆୟକାରୀ କାର୍ଯ୍ୟକଳାପଗୁଡିକୁ ଦୀର୍ଘସ୍ଥାୟିତା ସୁନିଶ୍ଚିତ କରିବା ନିମନ୍ତେ ପ୍ରସ୍ତାବାବଳୀ, ପ୍ରେରଣା, ତାଲିମ ଏବଂ ବଜାର ସଂଯୋଗୀକରଣ ଆଦି ଜରିଆରେ ସମର୍ଥନ ଯୋଗାଇ ଦିଆଯାଉଛି।

ଏହି ପ୍ରକଳ୍ପରେ ମଧ୍ୟ ସାମାଜିକ ଯୋଜନାଗୁଡିକ ସମ୍ପର୍କରେ ସଚେତନତା ବୃଦ୍ଧି କରାଯାଉଛି ଏବଂ ଆର୍ଥିକ ସାକ୍ଷରତା ତାଲିମ ସେମାନଙ୍କୁ ଆବଶ୍ୟକ ଦକ୍ଷତାରେ ସୁସଜ୍ଜିତ କରୁଛି। ସଫଳ ଉଦ୍ୟୋଗଗୁଡ଼ିକୁ ଶିକ୍ଷଣୀୟ ଗସ୍ତ ଏବଂ ମେଳା ଆଦିରେ ଅଂଶଗ୍ରହଣ ସେମାନଙ୍କର ଦୃଶ୍ୟମାନତା ଏବଂ ବଜାର ପହଞ୍ଚକୁ ପରିବର୍ଦ୍ଧିତ କରୁଛି, ବୋଲି ଶ୍ରୀ ପାଣ୍ଡେ କହିଛନ୍ତି।

ପାଣ୍ଠି ଯୋଗାଣକାରୀ ସଂସ୍ଥା ଏବଂ ରୂପାୟନକାରୀ ସହଯୋଗୀ ଆଦିତ୍ୟ ଆଲୁମିନିୟମ ତାଲିମ, ଦକ୍ଷତା ନିର୍ମାଣ ଏବଂ ଶିକ୍ଷାମୂଳକ ଗସ୍ତ ଆଦିରେ ଉଲ୍ଲେଖନୀୟ ଭାବରେ ନିବେଶ କରୁଛି। ଏହା ଏକ ମୂଲ୍ୟ ଶୃଙ୍ଖଳ ଏବଂ ଦୀର୍ଘସ୍ଥାୟୀ ଆଭିମୁଖ୍ୟକୁ ପ୍ରୋତ୍ସାହିତ କରୁଥିବାବେଳେ ଏହି ପ୍ରକଳ୍ପ ସ୍ଥାନୀୟ ଉତ୍ପାଦନ ଏବଂ ଆହରଣକୁ ଉତ୍ସାହିତ କରୁଛି।

# ଉଷା ଗିରିଙ୍କୁ ଗୋବିନ୍ଦ ବଲ୍ଲଭ ମିଶ୍ର ସ୍ମୃତି ସମ୍ମାନ



**ବରଗଡ଼, ୯।୯ (ସମିସ):** ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରତ୍ୟେକ ପର୍ବପର୍ବାଣୀ ଗରିବ ନିଷ୍ପେସିତ ମାନଙ୍କ ସହିତ ପାଳନ କରିଥାଏ। ଗଣପର୍ବ ନୂଆଁଖାଇ ପରେ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଆୟୋଜନ କରି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧିତ କରିଥାଏ ଅନୁଷ୍ଠାନ। ଚଳିତ ବର୍ଷ ବରଗଡ଼ ବିଜୁ ପଟ୍ଟନାୟକ ଟାଉନହଲ ପ୍ରେକ୍ଷାଳୟରେ ଅନୁଷ୍ଠାନ ପକ୍ଷରୁ ବୃଦ୍ଧାଶ୍ରମ ମାନଙ୍କ ଅନ୍ତେବାସୀ ମାନଙ୍କୁ ନେଇ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ଚଳିତ ବର୍ଷ ମର୍ଯ୍ୟାଦା ଜନକ ଗୋବିନ୍ଦ ବଲ୍ଲଭ ମିଶ୍ର ସ୍ମୃତି ସମ୍ମାନ ଜାନକୀ ପୁରୀ (ଉଷା)ଙ୍କୁ ଦିଆଯାଇଛି। ସମାଜସେବୀ ଗୀତା ମିଶ୍ର ଏହି ପୁରସ୍କାରର ପ୍ରାୟୋଜକ ଥିବା ବେଳେ ଏଥିରେ ଉଷା ଗିରିଙ୍କୁ ମାନପତ୍ର ପୁଷ୍ପଗୁଚ୍ଛ ଉତ୍ତରୀୟ ସାଙ୍ଗକୁ ଅର୍ଥରାଶି ପ୍ରଦାନ କରାଯାଇଛି। ପୁରସ୍କାର ଦେବା ସମୟରେ ସମାଜସେବୀ ଗୀତା ମିଶ୍ରଙ୍କ ସହିତ ବଦାନ୍ୟ ବନ୍ଧୁ ମୁଖ୍ୟ ସୁବ୍ରତ ବିର୍ଡ଼ିଆ ଉପସ୍ଥିତ ଥିଲେ। ଉଷା ବିନା ପାରିଶ୍ରମିକ ବିନା ସ୍ୱାର୍ଥରେ ବିଜେପୁର ସମଲେଇପଦର ଗାଁରେ ଥିବା ପାର୍ବତୀ ଗିରି ବୃଦ୍ଧାଶ୍ରମର ଅନ୍ତେବାସୀ ମାନଙ୍କ ସେବା ଯତ୍ନ କରି ଆସୁଛନ୍ତି।

# ଲଣ୍ଡନରେ ନୂଆଁଖାଇ ଭେଟ୍‌ଘାଟ୍

ସମ୍ବଲପୁର, ୯।୯ (ସମିସ)



ଜୁହାର ପରିବାର ୟୁକେ ଦ୍ୱାରା ଆୟୋଜିତ ଅଷ୍ଟମ ବାର୍ଷିକ ନୂଆଁଖାଇ ଭେଟ୍‌ଘାଟ୍ ଗତ ୬ ତାରିଖ ଲଣ୍ଡନର ପିନରସ୍ଥିତ ହାଚ୍ ଏଣ୍ଡ ହାଇସ୍କୁଲରେ ମହାନତା ଏବଂ ସାମୁଦାୟିକ ଭାବନା ସହିତ ପାଳିତ ହୋଇଯାଇଛି। ୟୁକେର ଓଡ଼ିଆ ପରିବାର ସମେତ ପ୍ରାୟ ଦୁଇ ଶହରୁ ଊର୍ଦ୍ଧ୍ୱ ଉପସ୍ଥିତ ଲୋକ ପାରମ୍ପରିକ ରୀତିନୀତି, ସ୍ପନ୍ଦନଶୀଳ ସାଂସ୍କୃତିକ ପ୍ରଦର୍ଶନ ଏବଂ ଐତିହ୍ୟର ଏକ ଆନନ୍ଦପୂର୍ଣ୍ଣ ଉତ୍ସବ ସହିତ କୃଷି ଉତ୍ସବ ପାଳନ କରିବାକୁ ଏକତ୍ରିତ ହୋଇଥିଲେ। ମା' ସମଲେଶ୍ୱରୀଙ୍କ ପୂଜା ସହିତ ଆରମ୍ଭ ହୋଇଥିଲା କାର୍ଯ୍ୟକ୍ରମ। ସମଲେଇ ଭଜନ ସହିତ ଆରମ୍ଭ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ଓଡ଼ିଆ ପରିବାର ୟୁକେ ଦ୍ୱାରା ବୟସ୍କମାନଙ୍କୁ ସମ୍ମାନିତ କରି 'ଜୁହାର୍ ଭେଟ୍' ପରମ୍ପରାକୁ ଉଜ୍ଜୀବିତ କରାଯାଇଥିଲା।

ମହୋତ୍ସବର କୃଷି ମୂଳମନ୍ତ୍ରକୁ ଜୀବନ୍ତ ରଖି, ଜୁହାର ପରିବାର ୟୁକେ ପୁଣିଥରେ ଏହାର ସ୍ୱାକ୍ଷର ପ୍ରତିଯୋଗିତା - ସର୍ବୋତ୍ତମ ଉଦ୍ୟାନ ଏବଂ ଅମଳ ଏବଂ ସର୍ବୋତ୍ତମ ମଣ୍ଡା ପିଠା ଆୟୋଜନ କରିଥିଲା। ଏହି ବର୍ଷ ସ୍ନିଗ୍ଧା ମିଶ୍ର ଉଦ୍ୟାନ ପ୍ରତିଯୋଗିତା ଜିତିଥିଲେ, ସୁଶ୍ରୀ ୱେଲ୍ସ ଉପବିଜେତା ହୋଇଥିଲେ। ମଣ୍ଡା ପିଠା ପ୍ରତିଯୋଗିତାରେ ସ୍ମିତା ଦାସ ଶ୍ରେଷ୍ଠ ପୁରସ୍କାର ପାଇଥିଲେ ଏବଂ ସମାପିକା ଗୁରୁ ଉପବିଜେତା ହୋଇଥିଲେ। ଅପରାହ୍ନରେ ଶିଶୁ ଏବଂ ଓଡ଼ିଆ ପରିବାର ସଦସ୍ୟଙ୍କ ଦ୍ୱାରା ପ୍ରଦର୍ଶିତ ମନୋରମ ସମ୍ବଲପୁରୀ ଲୋକଗୀତ ଏବଂ ନୃତ୍ୟ ସହିତ ଜୀବନ୍ତ କରାଯାଇଥିଲା। ଓଡ଼ିଶାର ପ୍ରସିଦ୍ଧ ଫ୍ୟାଶନ୍ ଡିଜାଇନର୍ - ରାମକୃଷ୍ଣ ପଟ୍ଟନାୟକ (ନୟନ)ଙ୍କ ନିର୍ଦ୍ଦେଶନାରେ ରାମୁଲି କ୍ରିଏସନ୍ସ ଦ୍ୱାରା ପ୍ରଦର୍ଶିତ ସମ୍ବଲପୁରୀ-ଥିମ୍ ଫ୍ୟାଶନ୍ ଶୋ, ଜଗାମୟୀ ସ୍ୱାଇଁ (ନୟନ)ଙ୍କ ଦ୍ୱାରା ଉତ୍କୃଷ୍ଟ ହାତ-ଅଙ୍କିତ ଡିଜାଇନ୍ ପ୍ରଦର୍ଶନ ଆକର୍ଷଣୀୟ ଥିଲା। ସନ୍ଧ୍ୟାରେ ଦ୍ୱିତୀକୃଷ୍ଣ ପଣ୍ଡାଙ୍କ ଦ୍ୱାରା ଏକ ଗତିଶୀଳ ଡ୍ରମ୍ ବାଦ୍ୟ ପରିବେଷଣ ଏବଂ ଧର୍ମେନ୍ଦ୍ରଙ୍କ କି-ବୋର୍ଡ ସହିତ ପରିବେଶକୁ ଚାର୍ଜ କରିଥିଲା। ସେମାନଙ୍କ ସମ୍ବଲପୁରୀ ତାଳ ଦର୍ଶକମାନଙ୍କୁ ଆନନ୍ଦରେ ନୃତ୍ୟ କରିବାକୁ ପ୍ରେରଣା ଦେଇଥିଲା।

ପାରମ୍ପରିକ ରୀତିନୀତି ପରେ, ଅତିଥିମାନେ ଲଣ୍ଡନର ପ୍ରସିଦ୍ଧ ଭାରତୀୟ ରେଷ୍ଟୁରାଣ୍ଟ ମଧୁରୁ ପୋଟଲି ଦ୍ୱାରା ପ୍ରସ୍ତୁତ ସୁସ୍ୱାଦୁ ଭୋଜନ ଉପଭୋଗ କରିଥିଲେ। ଏଥିରେ ଜୁହାର ପରିବାର ୟୁକେର ମହିଳା ସଦସ୍ୟମାନଙ୍କ ଦ୍ୱାରା ଆମ୍ବିଳ ଏବଂ ଘାଣ୍ଟ ତରକାରୀ ଭଳି ଓଡ଼ିଆ ଖାଦ୍ୟ ସାମିଲ ଥିଲା। ଅପରାହ୍ନରେ ସମ୍ବଲପୁରର ବହୁ ପ୍ରିୟ ଚାଉଳବରା ପରିବେଷଣ କରାଯାଇଥିଲା। ଏଥିପାଇଁ ସାତ୍ୱିକା ମିଶ୍ର, ଗୌରବ ମେହେର ଏବଂ ସାନନ୍ଦ ପଟ୍ଟନାୟକଙ୍କୁ ବିଶେଷ ଧନ୍ୟବାଦ। ୟୁକେରେ ଜନ୍ମିତ ଏବଂ ବଢ଼ିଥିବା ଆମର ଯୁବ ପିଢ଼ି, ସେମାନଙ୍କ ସାଂସ୍କୃତିକ ମୂଳକୁ ଆଲିଙ୍ଗନ କରିବା ଏବଂ ଏହି ପରମ୍ପରାକୁ ଆଗକୁ ବଢ଼ାଉ ଥିବା ଉତ୍ସାହ ମଞ୍ଚ ପରିଚାଳନାରେ ସେମାନଙ୍କର ସକ୍ରିୟ ଅଂଶଗ୍ରହଣ ମାଧ୍ୟମରେ ସ୍ପଷ୍ଟ। ଫେରସ୍ତ ଦେବାର ନୀତି ଅନୁସାରେ, ଜୁହାର ପରିବାର ୟୁକେ ଏକ ଦାନ ରାଫେଲ ଆୟୋଜନ କରିଥିଲା ଯାହା ପ୍ରାୟ ୩୫୦ ପାଉଣ୍ଡ ସଂଗ୍ରହ କରିଥିଲା। ଏହି ଆୟ ଓଡ଼ିଶାରେ ଅର୍ଥପୂର୍ଣ୍ଣ ପଦକ୍ଷେପଗୁଡ଼ିକୁ ସମର୍ଥନ କରିବା ପାଇଁ ଯିବ। ଜୁହାର ପରିବାର ୟୁକେର ଏହି ପଦକ୍ଷେପ ସାଂସ୍କୃତିକ ଉତ୍ସବ ସହିତ ସାମାଜିକ ଦାୟିତ୍ୱ ପ୍ରତି ସମ୍ପ୍ରଦାୟର ପ୍ରତିବଦ୍ଧତାକୁ ଆହୁରି ମଜବୁତ କରିବ ବୋଲି ଆଶାପ୍ରକାଶ କରାଯାଇଛି।

# ତୈଳିକ ବୈଶ୍ୟ ସାହୁ ସମାଜର ନୂଆଁଖାଇ ଭେଟ୍‌ଘାଟ୍



**ପାଇକମାଲ, ୯।୯ (ସମିସ):** ପାଇକମାଲ ବ୍ଲକ ନୃସିଂହନାଥ ପୀଠ ସମାଜର ଧର୍ମଶାଳା ଠାରେ ପାଇକମାଲ ବ୍ଲକ ତୈଳିକ ବୈଶ୍ୟ ସାହୁ ସମାଜର ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସମାଜର ଇଷ୍ଟଦେବୀ କରମା ମାତା ଶିବଶଙ୍କରଙ୍କ ଫଟୋ ଚିତ୍ର ପୁଷ୍ପମାଲ୍ୟ ଅର୍ପଣ କରାଯାଇ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ବଳରାମ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଭିକାରୀ ଚରଣ ସାହୁ, ମୁଖ୍ୟ ବକ୍ତା ଭାବେ ମନୋରଞ୍ଜନ ସାହୁ ଯୋଗ ଦେଇଥିଲେ। ବିପିନ୍ ବିହାରୀ ସାହୁ ସଭା ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ପାଇକମାଲ ବ୍ଲକର ସମସ୍ତ ପଞ୍ଚାୟତ ସଭାପତିମାନେ ଯୋଗ ଦେଇଥିଲେ। ଉପସ୍ଥିତ ସମସ୍ତ ଅତିଥି ମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ପରେ ନୂଆଁଖାଇ ଭୋଗ ସମସ୍ତଙ୍କୁ ଦିଆଯାଇଥିଲା। ବଳରାମ ସାହୁ ଧନ୍ୟବାଦ ଦେଇଥିଲେ।

# ମାଣ୍ଡୋସିଲ ହାଇସ୍କୁଲ ୧୯୯୦ ମାଟ୍ରିକ ବ୍ୟାଚ୍ ବନ୍ଧୁମିଳନ

**ପାଇକମାଲ, ୯।୯ (ସମିସ):** ପାଇକମାଲ ବ୍ଲକ ମାଣ୍ଡୋସିଲ ହାଇସ୍କୁଲ ୧୯୯୦ ମାଟ୍ରିକ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ ନିକଟସ୍ଥ ସାଇପଲା ଡ୍ୟାମ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମସ୍ତେ ବିଦ୍ୟାଳୟର ତଥା ଛାତ୍ର ଜୀବନର ଅନୁଭୂତି କହିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ମିହିର ମହାନ୍ତି, ଗୋପାଳ ପ୍ରସାଦ ବେହେରା, ଚନ୍ଦ୍ରଭାନୁ ବିଶ୍ୱାଳ, ରବୀନ୍ଦ୍ର ସାହୁ, ପ୍ରୀତମ ସାହୁ, ଭାଗୀରଥି ମାଝୀ, ଉଦ୍ଧବ ମାଝୀ, ହେମନ୍ତ ମାଝୀ, ସନ୍ତୋଷ ମହାନନ୍ଦ, ଲିଙ୍ଗରାଜ ସାହୁ, ଚନ୍ଦ୍ରହାସ ସାହୁ, ପରମାନନ୍ଦ ସାହୁ, କୌଶଲ୍ୟା ମନିହାରା, ତିଲୋତ୍ତମା ତନସନା, ଶେଖ ସମସ କମାର, ଭୁବନାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



# ଜିଲ୍ଲାସ୍ତରୀୟ ସଂସ୍କୃତ ଦିବସ ସମାରୋହ



**ସମ୍ବଲପୁର, ୯।୯ (ସମିସ) :** ଓଡ଼ିଶା ସାଂସ୍କୃତିକ ସମାଜ ପ୍ରେକ୍ଷାଳୟରେ ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ, ସମ୍ବଲପୁର ଜିଲ୍ଲା ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘର ଜିଲ୍ଲା ସଭାପତି ସୁଶୀଲ କୁମାର ମହାକୁଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ଯୋଗଦାନ କରି ବିଦ୍ୟାଳୟସ୍ତରରେ ସଂସ୍କୃତକୁ ରୁଚିକର ଓ ଆକର୍ଷଣୀୟ କରିବା ସହିତ ସେଦିଗରେ ସଂସ୍କୃତ ଶିକ୍ଷକମାନେ ନିଜକୁ ନିୟୋଜିତ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘର ରାଜ୍ୟ ସାଧାରଣ ସମ୍ପାଦକ ଡଃ କୁମାର ଚନ୍ଦ୍ର ମିଶ୍ର ସଂସ୍କୃତ ଭାଷାର ସୁରକ୍ଷା ଓ ସେହି ଭାଷାର ମହନୀୟତା ଉପରେ ଆଲୋଚନା କରି ଶିକ୍ଷକମାନଙ୍କ ମଧ୍ୟରେ ରହିଥିବା ବୃତ୍ତିଗତ ସଂଶୟଗୁଡ଼ିକ ଦୂର କରିଥିଲେ। ସମ୍ମାନୀତ ଅତିଥି ଭାବେ କେନ୍ଦ୍ରୀୟ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ସୋମଦତ୍ତ ଶାସ୍ତ୍ରୀ, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ହରି ନାରାୟଣ ପଣ୍ଡା ତଥା ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘର ଯୁଗ୍ମ ସମ୍ପାଦକ ଗୋପବନ୍ଧୁ ପୁରୋହିତ ଯୋଗଦେଇ ସଂସ୍କୃତ ଯେ କେବଳ ଏକ ଭାଷା ନୁହେଁ, ଏହା ଏକ ଭାରତୀୟ ସଂସ୍କୃତିର ଗନ୍ତାଘର ଏବଂ ଏହି ଭାଷା ବିନା ସଂସ୍କୃତି ପଙ୍ଗୁ ବୋଲି ଅଭିହିତ କରିଥିଲେ। ବରଗଡ଼ ସିମେଣ୍ଟ ନଗର ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ କପିଳେଶ୍ୱର ବାଗ ମହାକବି କାଳିଦାସଙ୍କ ମେଘଦୂତ ମହାକାବ୍ୟର ସ୍ୱରଚିତ ସମ୍ବଲପୁରୀ ଭାଷାନ୍ତରକୁ ଗାନ କରିଥିଲେ। ଜିଲ୍ଲାସ୍ତରୀୟ ଉତ୍ସବରେ ଚଳିତବର୍ଷ ଅବସର ଗ୍ରହଣ କରିଥିବା ସଂସ୍କୃତ ଶିକ୍ଷକ ଚିନ୍ତାମଣି ଭୋଇ, କିଶୋର ପାଣିଗ୍ରାହୀ, ପ୍ରମୋଦ ସାହୁ, ସିଦ୍ଧାର୍ଥ ବିଶ୍ୱାଳ ତଥା ଶିକ୍ଷୟିତ୍ରୀ ବାସନ୍ତୀ ତ୍ରିପାଠୀ ଓ କିଶୋରୀମଣି ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତତ୍ ସଂଗେସଂଗେ ପ୍ରତ୍ୟେକ ବ୍ଲକରେ ସଂସ୍କୃତ ଭାଷାରେ ସର୍ବୋଚ୍ଚ ନମ୍ବର ଛାତ୍ରଛାତ୍ରୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସ୍କୃତ ଶିକ୍ଷକ ଅସିତ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ସମ୍ପାଦକ ଦେବରାଜ ରଥ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ଆମ୍ବସଡ଼ା କଟାପାଲିର ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ବରିଷ୍ଠ ସଂସ୍କୃତ ଶିକ୍ଷୟିତ୍ରୀ ନାରାୟଣୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସଂସ୍କୃତ ଶିକ୍ଷକ ପ୍ରଶାନ୍ତ ଦାଶ, ଦୁର୍ଗା ଶଙ୍କର ପାଣିଗ୍ରାହୀ, ଶିକ୍ଷୟିତ୍ରୀ ସୁଶ୍ରୀ ସଙ୍ଗୀତା ବେହେରା, ଦେବଶ୍ରୀ ପ୍ରଧାନ, ଦିପ୍ତୀବାଳା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# ବ୍ରଜଗୋପାଲ ବକ୍ସିଂ ରେଫରି ମନୋନୀତ

**ବୀରମହାରାଜପୁର, ୯।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକର ବ୍ରଜଗୋପାଲ ପଣ୍ଡା ଆସନ୍ତା ରାଜ୍ୟ ବିଦ୍ୟାଳୟସ୍ତରୀୟ ବକ୍ସିଂ ପ୍ରତିଯୋଗିତାର ରେଫରି ଭାବେ ମନୋନୀତ ହୋଇଛନ୍ତି। ଆସନ୍ତା ୧୭ ରୁ ୧୯



ତାରିଖ ପର୍ଯ୍ୟନ୍ତ ପୁରୀଜିଲ୍ଲା ସ୍କୁଲରେ ୧୪ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ପୁଅ ଝିଅଙ୍କ ବକ୍ସି ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଥିବାବେଳେ ଏଥିରେ ପ୍ରଥମ ଥର ପାଇଁ ସୁବର୍ଣ୍ଣପୁର ଜିଲ୍ଲାରୁ ଶ୍ରୀ ପଣ୍ଡା ରେଫରୀ ଭାବେ ଚୟନ ହୋଇଥିବାରୁ ଜିଲ୍ଲା ବକ୍ସିଂ ଖେଳାଳିଙ୍କ ମହଲରେ ଆନନ୍ଦ ଓ ଉଲ୍ଲାସ ଖେଳିଯାଇଛି। ସୁନ୍ଦରଗଡ଼, ଗଞ୍ଜାମ ଓ ସୁବର୍ଣ୍ଣପୁର ଜିଲ୍ଲାରୁ ଜଣେ ଲେଖାଏଁ ଓ ପୁରୀ ଜିଲ୍ଲାରୁ ୩ ଜଣ ବିଦ୍ୟାଳୟସ୍ତରୀୟ ବକ୍ସିଂ ରେଫରୀ ଭାବରେ ଚୟନ ହୋଇଥିବା ଜଣାପଡ଼ିଛି। ବକ୍ସିଂ କୋଚ୍ ତଥା ଶିକ୍ଷକ ରାଜେଶ ମେଣ୍ଡିଲୀ ଓ ଅଞ୍ଚଳବାସୀ ବ୍ରଜଗୋପଲ୍‌ଙ୍କୁ ଏଥିପାଇଁ ଶୁଭେଚ୍ଛା ଜଣାଇଛନ୍ତି।

# ପଞ୍ଚମୁଖୀ ଯୁବକ ସଂଘ ଏବଂ ଚେତନା ନାଟ୍ୟ ଅନୁଷ୍ଠାନ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

**ସମ୍ବଲପୁର, ୯।୯ (ସମିସ) :** ସ୍ଥାନୀୟ ଧନୁପାଲି ମହାବୀରପଡ଼ାରେ ପଞ୍ଚମୁଖୀ ଯୁବକ ସଂଘ ଏବଂ ଚେତନା ନାଟ୍ୟ ଅନୁଷ୍ଠାନ ପକ୍ଷରୁ ସୋମବାର ସନ୍ଧ୍ୟାରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ସହରର ବିଭିନ୍ନ ବର୍ଗ ଓ ବୟସର ନାଗରିକ ସାମିଲ ହୋଇ ନୂଆଁଖାଇ ଶୁଭେଚ୍ଛା ଆଦାନ ପ୍ରଦାନ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପଞ୍ଚମୁଖୀ ଯୁବକ ସଂଘର କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର କୁମାର ପଣ୍ଡା ପୌରୋହିତ୍ୟ କରିଥିଲେ। ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତରାଜ ଓ ପାନୀୟ ଜଳଯୋଗାଣ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟଅତିଥି, ବିଧାୟକ ଜୟନାରାୟଣ ମିଶ୍ର ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବାରେ ନୂଆଁଖାଇର ମହତ୍ୱ ଉଲ୍ଲେଖନୀୟ ବୋଲି କହିଥିଲେ। ରେଙ୍ଗାଲିର ପୂର୍ବତନ ବିଧାୟକ, ଉଦ୍ୟୋକ୍ତା ତଥା ସଭାପତି ନାଉରୀ ନାୟକ



ମଞ୍ଚାସୀନ ଥିଲେ। ନାରୀ ନେତ୍ରୀ ଶୁଭଶ୍ରୀ ମିଶ୍ର ମଧ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ଅଭିନେତା ତଥା ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ମହାରଣାଙ୍କୁ ପ୍ରଶସ୍ତିପତ୍ର ଓ ଅଙ୍ଗବସ୍ତ୍ର ପ୍ରଦାନ ପୂର୍ବକ ଚେତନା ନାଟ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ ମଧ୍ୟ ପୁରସ୍କୃତ ହୋଇଥିଲେ।

ସଭା ପ୍ରାରମ୍ଭରେ ମା' ସମଲେଶ୍ୱରୀ ମନ୍ଦିରର ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। ଦେବାଶିଷ ବେହେରା ଓ ରୋଶନୀ ବାବୁଙ୍କ ସଂଯୋଜନାରେ ଅନୁଷ୍ଠିତ ସାଂସ୍କୃତିକ ସନ୍ଧ୍ୟାରେ ନଟରାଜ, କଳା ଓ କଳାକାର, ପୁଷ୍ପକ ଗ୍ରୁପ୍, ଧ୍ରିଜ ଗ୍ରୁପ୍, ଫେସ୍‌ଟୁ ଫେସ୍, ଗାବାନା ଅନୁଷ୍ଠାନର କଳାକାରଙ୍କ ସହିତ ଶିଶୁ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପଞ୍ଚମୁଖୀ ଯୁବକ ସଂଘ ଏବଂ ଚେତନା ନାଟ୍ୟ ଅନୁଷ୍ଠାନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଅନ୍ତର୍ଜାତୀୟ ସାକ୍ଷରତା ଦିବସ

**ଡୁଙ୍ଗୁରିପାଲି, ୯।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ବନ୍ଧପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନବ ଭାରତୀୟ ଅନ୍ତର୍ଜାତୀୟ ସାକ୍ଷରତା ଦିବସ କାର୍ଯ୍ୟକ୍ରମରେ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଥବିର ବୁଡେକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ବନ୍ଧପାଲି ଗ୍ରାମ ପଞ୍ଚାୟତର ସରପଞ୍ଚ ଖିରଧର ବୁଡେକ୍ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ପହିଲ ବୁଡେକ, ସର୍ଗୁଲ କ୍ଲଷ୍ଟରର ସିଆର୍‌ସିସି ନୀଳକଣ୍ଠ ନାଏକ ଯୋଗଦେଇଥିଲେ। ଅତିଥିମାନେ ଶିକ୍ଷା ଓ ସାକ୍ଷରତା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ପରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କୁ ନେଇ ଗ୍ରାମ ପରିକ୍ରମା ଶୋଭାଯାତ୍ରା ହୋଇଥିଲା। ଏଥିରେ ବିଦ୍ୟାଳୟର ଶିକ୍ଷକ ହେମକାନ୍ତ ମେହେର, ଅଶ୍ୱିନୀ କୁମାର ବେହେରା, ପ୍ରସନ୍ନ କୁମାର ତାଣ୍ଡି ଏବଂ ଶିକ୍ଷୟିତ୍ରୀ ଦୀପ୍ତିମୟୀ ପ୍ରଧାନ ସହଯୋଗ କରିଥିଲେ।

# ପ୍ରାଦେଶିକ ବିଜ୍ଞାନ ମେଳାରେ ଅରହନ୍ତ ପୁରସ୍କୃତ

**ବୀରମହାରାଜପୁର, ୯।୯ (ସମିସ):** ଓଡ଼ିଶା ଭାରତୀ ଶିକ୍ଷା ବିକାଶ ସମିତି ଆନୁକୂଲ୍ୟରେ କଟକରେ ଅନୁଷ୍ଠିତ ପ୍ରାଦେଶିକ ବିଜ୍ଞାନ ମେଳାରେ



ବୀରମହାରାଜପୁର ବ୍ଲକ ସୁବଳୟା ଶିଶୁ ବିଦ୍ୟା ମନ୍ଦିରର ସପ୍ତମ ଶ୍ରେଣୀ ଛାତ୍ର ଅରହନ୍ତ ଦ୍ୱିତୀୟ ସ୍ଥାନ ଅଧିକାର କରି ଉପଖଣ୍ଡ ତଥା ସୁବର୍ଣ୍ଣପୁର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଆୟୋଜିତ ବିଜ୍ଞାନ ମେଳାରେ ସେ ସ୍ମାର୍ଟ ସ୍କୁଲର ପ୍ରକଳ୍ପ ପ୍ରଦର୍ଶନ କରି ପୁରସ୍କୃତ ହୋଇଥିଲେ। ଏଥିପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର

**ଡୁଙ୍ଗୁରିପାଲି, ୯।୯ (ସମିସ):** ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ଆର୍‌ଏମ୍‌ସିଠାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ଅନୁଷ୍ଠିତ ହୋଇଯାଇଛି। ଡୁଙ୍ଗୁରିପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲ୍ଲୀପ କୁମାର ବାଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଡୁଙ୍ଗୁରିପାଲି ବ୍ଲକ ଉପାଧ୍ୟକ୍ଷ ବେଲାର ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଡୁଙ୍ଗୁରିପାଲି ଜିଲ୍ଲା ପରିଷଦ ସଭ୍ୟା ମଞ୍ଜୁଶ୍ରୀ ମାଝୀ, ସୁବର୍ଣ୍ଣପୁର ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ପ୍ରେମଲାଲ ସେଠ, ପ୍ରଭୁଦତ୍ତ ନାଏକ, ବିଜୟ କୁମାର ଭୋଇ ଯୋଗଦେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଖିରୋଦ ଭୂଷଣ ରାଏ ସଂଯୋଜନା କରିଥିଲେ। ଏହି ଶିବିରରେ ବ୍ଲକର ବିଭିନ୍ନ ଗ୍ରାମରୁ ଆସୁଥିବା ଭିନ୍ନକ୍ଷମମାନଙ୍କୁ ଅଙ୍ଗନବାଡ଼ି କର୍ମୀମାନେ




ପଞ୍ଜୀକରଣ କରିବା ପରେ ଡାକ୍ତର ସଞ୍ଜୟ ପ୍ରଧାନ ଓ ସାନ୍ତନୁ ମେହେର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଚିହ୍ନଟ କରିବା ପରେ ଭିନ୍ନକ୍ଷମଙ୍କୁ ହ୍ୱିଲଚେୟାର, ଆଶାବାଡ଼ି, ଶ୍ରବଣ ଯନ୍ତ୍ର ଆଦି ଉପକରଣ ପ୍ରଶାସନ ପକ୍ଷରୁ ପ୍ରଦାନ କରାଯିବ ବୋଲି ଅଧିକାରୀମାନେ ପ୍ରକାଶ କରିଛନ୍ତି।

# ଜେଏନ୍‌ଭିରେ ଭିଏମ୍‌ସି ବୈଠକ

**ତରଭା, ୯।୯ (ସମିସ):** ତରଭା ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ବିଦ୍ୟାଳୟ ପରିଚାଳନା କମିଟିର (ଭିଏମ୍‌ସି) ବୈଠକ ସୁବର୍ଣ୍ଣପୁର ଜିଲ୍ଲାପାଳ ତଥା ବିଦ୍ୟାଳୟ ପରିଚାଳନା କମିଟି ଚେୟାରମ୍ୟାନ ଡ଼. ନୃପରାଜ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୋନପୁର ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ, ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟିର ସ୍ଥାନୀୟ ସଦସ୍ୟମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶାଶ୍ୱତ କୁମାର ସାହୁ ବୈଠକ ପରିଚାଳନା କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ନିଶିକାନ୍ତ କେ. ଶ୍ୟାମକୱର ବିବରଣୀ ପାଠ କରିଥିଲେ। ଏଥିରେ ଜିଲ୍ଲାପାଳ ବିଦ୍ୟାଳୟର ସୁପରିଚାଳନା ପାଇଁ ମନ୍ତବ୍ୟ ଦେବା ସହିତ ବିଦ୍ୟାଳୟର ସମଗ୍ର ପରିସର ନିରୀକ୍ଷଣ କରିଥିଲେ। ବରିଷ୍ଠ ଛାତ୍ରଛାତ୍ରୀମାନଙ୍କୁ ଶ୍ରେଣୀଗୃହରେ ଭେଟି ପାଠପଢ଼ା ପାଇଁ ଦୀଗଦର୍ଶନ ଦେଇଥିଲେ।

# ସଂସଦୀୟ ଜିଲ୍ଲା କ୍ରୀଡ଼ା ଶିକ୍ଷକ କର୍ମଶାଳା

ବୌଦ୍ଧ, ୯।୯ (ସମିସ)




ବୌଦ୍ଧ ଜିଲ୍ଲା ଷ୍ଟାଡିୟମ ପରିସରରେ ସାଂସଦ ଖେଳ ମହୋତ୍ସବର ସଫଳ ରୂପାୟନ ଓ ପଞ୍ଜୀକରଣ ନିମନ୍ତେ ଜିଲ୍ଲାର କ୍ରୀଡା ଶିକ୍ଷକମାନଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଲୋକସଭା ନିର୍ବାଚନ ମଣ୍ଡଳୀର ଖେଳାଳିମାନଙ୍କର କିଭଳି ଭାବେ ସଠିକ ଏବଂ ଅଧିକ ସଂଖ୍ୟାରେ କିପରି ପଞ୍ଜୀକରଣ ହୋଇପାରିବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଏଥିସହ ଅନଲାଇନ ପଞ୍ଜୀକରଣର ବିଭିନ୍ନ ଦିଗ ବିଷୟରେ ଆଲୋଚନା କରାଯିବା ସହ ବହୁଳ ପରିମାଣରେ ପଞ୍ଜୀକରଣ ପାଇଁ ମଧ୍ୟ ସେମାନଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ଖେଳାଳିମାନେ ସେପ୍ଟେମ୍ବର ୨୦ ତାରିଖ ସୁଦ୍ଧା ପଞ୍ଜୀକରଣ କରିପାରିବେ। ଇଚ୍ଛୁକ ଖେଳାଳିମାନେ ଫୁଟବଲ, କ୍ରିକେଟ, ଭଲିବଲ, ବ୍ୟାଡ଼ମିଣ୍ଟନ, ଚେସ, ପୁଚି, କବାଡି, ଖୋଖୋ ଖେଳିବା ପାଇଁ ନାମ ଉଭୟ ପୁରୁଷ ଓ ମହିଳା ପଞ୍ଜୀକରଣ କରିବା ଅନିର୍ବାଜ୍ୟ ବୋଲି ଏଥିରେ ସୂଚାଯାଇଛି। ଇଚ୍ଛୁକ ଖେଳାଳି ସାଂସଦ ଖେଳ ମହୋତ୍ସବ ପୋର୍ଟାଲରେ ଅନ୍ ଲାଇନ ଜରିଆରେ ନିଜର ନାମ କିମ୍ବା ନିଜ ଦଳର ନାମ ପଞ୍ଜୀକରଣ କରିପାରିବେ। କ୍ରୀଡା ପ୍ରତିଯୋଗିତା ଗୁଡ଼ିକ ପଞ୍ଚାୟତ, ବ୍ଲକ, ବିଧାନସଭା ଓ ଲୋକସଭାସ୍ତରରେ ସେପ୍ଟେମ୍ବର ୨୧ ଠାରୁ ଡିସେମ୍ବର ୨୫ ତାରିଖ ପର୍ଯ୍ୟନ୍ତ ୩ ମାସ ପର୍ଯ୍ୟନ୍ତ ଆୟୋଜନ କରାଯିବ ବୋଲି ସୂଚାଯାଇଛି। ଏହି କର୍ମଶାଳାରେ ଜିଲ୍ଲା କ୍ରୀଡା ଅଧିକାରୀ ସୁଦାମ କୁମାର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ବୌଦ୍ଧ ଜିଲ୍ଲା କ୍ରୀଡା ସଂଘ କୋଷାଧ୍ୟକ୍ଷ ସୁଶୀଲ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଶାଳାରେ ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଯୁଗଳ କିଶୋର ସାମଲ ସାଂସଦ କ୍ରୀଡ଼ା ମହୋତ୍ସବର ଲକ୍ଷ୍ୟ, ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିବା ସହ ଏହି କ୍ରୀଡ଼ା ମହୋତ୍ସବକୁ ସଫଳ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ, ବୌଦ୍ଧ ବ୍ୟାଡ଼ମିଣ୍ଟନର ସମ୍ପାଦକ ସୁନ୍ଦର ପ୍ରକାଶ, ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର କ୍ରୀଡା ଶିକ୍ଷକ ଲମ୍ବୋଦର ପୁରୋହିତ, ଶାରୀରିକ ଶିକ୍ଷା ନିରୀକ୍ଷକ ଆନନ୍ଦ କୁମାର ବେହେରା, ମାଇ ଭାରତ ସଂଯୋଜକ ଆସମାନ ମହାକୁଡ଼ଙ୍କ ସମେତ ୧୫ଟି ବିଦ୍ୟାଳୟର କ୍ରୀଡା ଶିକ୍ଷକମାନେ ଉପସ୍ଥିତ ଥିଲେ।


# ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍; ସିନିୟର ଦଳ ବିଜୟୀ

**ବିନିକା, ୯।୯ (ସମିସ):** ଜାତୀୟ କ୍ରୀଡ଼ା ଦିବସ ଅବସରରେ ସ୍ଥାନୀୟ ସିଦ୍ଧାର୍ଥ ଗରୁଡ଼ କ୍ୟାମ୍ପସଠାରେ ସିଦ୍ଧାର୍ଥ ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟୟନରତ ଯୁକ୍ତ ତିନି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରମାନଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏଥିରେ ସିନିୟର୍ ଦଳ ବିଜୟୀ ହୋଇଥିଲେ। କଲେଜ ଅଧ୍ୟକ୍ଷ ଡଃ ଧୀରେନ୍ଦ୍ର କୁମାର ନାୟକ ମେୟର ଧ୍ୟାନଚାନ୍ଦଙ୍କ ପ୍ରତିଛବିରେ ମାଲ୍ୟାର୍ପଣ କରି ଆନୁଷ୍ଠାନିକ ଭାବେ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ଟସ୍ ଜିଣି ପ୍ରଥମେ ସିନିୟର ଦଳ ନିର୍ଦ୍ଧାରିତ ୧୦ ଓଭରରେ ୫ ୱିକେଟ ହରାଇ ୯୬ ରନ୍ କରିଥିଲେ। ତାର ବିପକ୍ଷରେ କନିଷ୍ଠ ଦଳ ୧୦ ଓଭରରେ ୮ ୱିକେଟ



ହରାଇ ୫୭ ରନ୍ କରିବାକୁ ସକ୍ଷମ ହୋଇଥିଲେ। ମ୍ୟାଚକୁ ଅଧ୍ୟାପକ ବଚନ ଦାସ, ଶ୍ରୀତମ ସୁଭଦର୍ଶନ, ବିକ୍ରମ ମେହେର ପରିଚାଳନା କରିଥିଲେ। ସିନିୟର ଦଳର ଶଶାଙ୍କ ଶେଖର ଦାସ ୩୮ ରନ୍ କରି ୨ ୱିକେଟ ନେଇଥିବାରୁ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ବିଜେତା ସିନିୟର ଦଳ ଓ ଉପବିଜେତା ଜୁନିୟର ଦଳକୁ ଅଧ୍ୟକ୍ଷ ଶ୍ରୀ ନାୟକ ଟ୍ରଫି ଦେଇ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଖେଳ ଶିକ୍ଷକ ନାରାୟଣ ଚୌଧୁରୀ ଓ ମନୋଜ ନାଏକ ସମ୍ପାଦନା କରିଥିଲେ।

# ସମ୍ପାଦକୀୟ



ଜୀବନରେ ଆନନ୍ଦ ପାଇବାକୁ ହେଲେ ଜନାସକ୍ତ ଓ ବିଷୟାସକ୍ତ ନ ହୋଇ ଏକ ମହତ୍ ଲକ୍ଷ୍ୟ ସହିତ ଚୁକ୍ତି କର।
-ଆଲବର୍ଟ ଆଇନଷ୍ଟାଇନ୍

ସକାଳ
THE SAKALA

## ନେପାଳରୁ ସନ୍ଦେଶ

ସାମ୍ପ୍ରତି ନେପାଳରେ ଯାହା ଘଟିଛି, ଘଟୁଛି ଓ ଘଟିବାକୁ ଯାଉଛି ତାହାର ପ୍ରଭାବ କେବଳ ସେହି ଦେଶ ଭିତରେ ସୀମିତ ନାହିଁ। ସେଠାରେ ସୃଷ୍ଟ ହିଂସା, ଜୀବନହାନି ପଛରେ କାରଣ ଯାହା ବି ଥାଉ ନା କାହିଁକି, ମନମୁଖି ଶାସନ ବ୍ୟବସ୍ଥା ବିରୋଧରେ ଛାତ୍ରସମାଜ ଭିତରେ ନବଜାଗରଣର ବାତାବରଣ କ୍ରମେ ଯେ ବିଶ୍ୱ ରାଜନୀତିରେ ନୂଆ ସମ୍ଭାବନା ସୃଷ୍ଟି କରୁଛି ତାହା ସ୍ୱୀକାର କରିବାକୁ ହେବ। ଏଥିସହିତ ବିଶ୍ୱ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ପ୍ରତି ସୃଷ୍ଟ ନୂତନ ଆହ୍ୱାନକୁ ସମ୍ମୁଖୀନ ହେବା ଲାଗି ହିମାଳୟ ପାଦଦେଶରୁ ଏକ ସତର୍କ ଘଣ୍ଟିର ସୂଚନା ମଧ୍ୟ ମିଳିଛି।

ନେପାଳ ଘଟଣାରୁ ଅବଶିଷ୍ଟ ବିଶ୍ୱକୁ ଅନ୍ତତଃ ତିନିଟି ସନ୍ଦେଶ ଯାଇଛି। ପ୍ରଥମତଃ, ଜନତା, ବିଶେଷକରି ଯୁବବର୍ଗଙ୍କ ଉପରେ ମୁଖ୍ୟସ୍ରୋତର ଗଣମାଧ୍ୟମ ତୁଳନାରେ ସାମାଜିକ ଗଣମାଧ୍ୟମର ପ୍ରଭାବ ଓ ଆଦୃତି ବଢ଼ିବାରେ ଲାଗିଛି। ଏପରିକି ସାମାଜିକ ଗଣମାଧ୍ୟମ ନିର୍ବାଚନ ଫଳାଫଳ ନିର୍ଣ୍ଣୟରେ ବଡ଼ ଭୂମିକା ନିର୍ବାହ କରୁଛି, ଯାହାର ପ୍ରଭାବରୁ ଆମେରିକାର ରାଷ୍ଟ୍ରପତି ନିର୍ବାଚନ ମଧ୍ୟ ବର୍ତ୍ତିପାରିନାହିଁ। ସରକାରୀ କଳର ଦୁର୍ନୀତି, ଭ୍ରଷ୍ଟାଚାର ବିରୋଧରେ ସାମାଜିକ ଗଣମାଧ୍ୟମ ହିଁ ସାମ୍ପ୍ରତିକ କୋଳାଶ୍ରିତ ଗଣମାଧ୍ୟମ ଯୁଗରେ ନିର୍ଭୀକ ସାମ୍ବାଦିକତାର ଭୂମିକା ନିର୍ବାହ କରୁଛି। ତେଣୁ ସ୍ୱାଭାବିକ ଭାବେ ସାମାଜିକ ଗଣମାଧ୍ୟମକୁ ନେପାଳ ସରକାର ନିଷେଧ ଘୋଷଣା କରିବା ପରେ ତାହାର ତତ୍କାଳ ପ୍ରତିକ୍ରିୟା ଛାତ୍ର ଓ ଯୁବ ସମାଜରେ ପ୍ରତିଫଳିତ ହୋଇଛି। ଦ୍ୱିତୀୟତଃ, ସାମ୍ପ୍ରତିକ ଯୁବପିଢ଼ି(ଜେନ୍-ଜେଡ୍)କୁ ସାମାଜିକ ଗଣମାଧ୍ୟମ ନିଜର ମୋହ-ମାୟାଜାଲ୍‌ରେ ଏତେ ଆସକ୍ତ କରି ରଖିଛି ଯେ ତା'ବିନା ଦଣ୍ଡେ ମଧ୍ୟ ତିଷ୍ଠିବା ଅସମ୍ଭବ ହୋଇପଡ଼ିଛି। ସାମାଜିକ ଗଣମାଧ୍ୟମର ସମାଜ ଉପରେ ଏହି ନକାରାତ୍ମକ ପ୍ରଭାବ ଆଦୌ ଶୁଭଙ୍କର ନୁହେଁ।

ତୃତୀୟ ସନ୍ଦେଶଟି ଉଭୟ ଚିନ୍ତାଜନକ ଓ ସକାରାତ୍ମକ। ଯଦି ଶାସନ ବିରୋଧୀ ଆନ୍ଦୋଳନ ଓ ବିଦ୍ରୋହ ପଛରେ ବାହ୍ୟଶକ୍ତିର ହାତ ଥିବା ଧରାନିଆଯାଏ ତେବେ ତାହା ବିଶ୍ୱ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ସାର୍ବଭୌମତ୍ୱ, ଅଖଣ୍ଡତା ଓ ଏକତା ପ୍ରତି ବଡ଼ ଆହ୍ୱାନ। ଗତବର୍ଷ ବାଂଲାଦେଶ, ଚଳିତ ବର୍ଷ ଇଣ୍ଡୋନେସିଆ ଏବଂ ଏବେ ନେପାଳରେ ଶାସନତନ୍ତ୍ର ବିରୋଧରେ ସୃଷ୍ଟ ବିରୋଧ, ବିକ୍ଷୋଭ ଓ ବିଦ୍ରୋହ ଆଦୌ କାକତାଳିକ ହୋଇ ନ ପାରେ। ବାଂଲାଦେଶରେ ଶେଖ ହସିନାଙ୍କୁ ଗାଦିଚ୍ୟୁତ କରିବା ପଛରେ ଆମେରିକା, ଚୀନ୍ ଓ ପାକିସ୍ତାନର ପ୍ରଚ୍ଛନ୍ନ ହାତ ଥିବା ଅଭିଯୋଗ କେତେକାଂଶରେ ପ୍ରମାଣିତ। ତେଣୁ ଇଣ୍ଡୋନେସିଆ ଓ ନେପାଳରେ ସେଭଳି ଆଶଙ୍କାକୁ ଏଡ଼ାଇ ଦେଇହେବ ନାହିଁ। କିନ୍ତୁ ସକାରାତ୍ମକ ଦିଗରୁ ବିଚାର କଲେ ଏହା ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ ଯେ ବାଂଲାଦେଶର ଛାତ୍ର ଆନ୍ଦୋଳନ ପଛରେ ଥିଲା ନିରଙ୍କୁଶ କ୍ଷମତାର ମନମୁଖି ଶାସନରେ ଅତିଷ୍ଠ ପୁଞ୍ଜିଭୂତ ଅସନ୍ତୋଷର ବାସ୍ତବ ପ୍ରତିଫଳନ। ଗତ ସପ୍ତାହରେ ଇଣ୍ଡୋନେସିଆରେ ଶାସନତନ୍ତ୍ର ବିରୋଧରେ ସମାନ କାରଣରୁ ଜନପ୍ରତିକ୍ରିୟା ଦେଖିବାକୁ ମିଳିଥିଲା। ସେହିପରି ସମ୍ପ୍ରତି ନେପାଳ ଘଟଣା ପଛର ପୃଷ୍ଠଭୂମି ଯଦି କେବଳ ସାମାଜିକ ଗଣମାଧ୍ୟମର ନିଷେଧାଦେଶରେ ସୀମିତ ଥା'ନ୍ତା ତେବେ ନେପାଳ ପ୍ରଧାନମନ୍ତ୍ରୀ ଇସ୍ତଫା ଦେଇ ନ ଥା'ନ୍ତେ। ନେପାଳରେ ଜେନ୍‌ଜେଡ୍‌ର ହିଂସାତ୍ମକ ଆନ୍ଦୋଳନ ପଛରେ ସାମାଜିକ ଗଣମାଧ୍ୟମ ନିଷେଧକୁ ବିରୋଧ ଏକ ବାହାନାମାତ୍ର। ଅସଲ କାରଣ ଶାସନତନ୍ତ୍ରର ଦୁର୍ନୀତି, ଭ୍ରଷ୍ଟାଚାର ଓ ସ୍ୱୈରଚାର, ଏହା ଏକ ଅପ୍ରିୟସତ୍ୟ।

ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଶାସକଙ୍କୁ ଗାଦିଚ୍ୟୁତ କରିବା ପାଇଁ ଯଦି ରାଜତନ୍ତ୍ର ବ୍ୟବସ୍ଥା ଭଳି ପ୍ରଜାତନ୍ତ୍ରଙ୍କୁ ବିଦ୍ରୋହର ପଥ ଆପଣେଇବାକୁ ପଡ଼େ, ଗଣତନ୍ତ୍ର ପାଇଁ ଏହାଠାରୁ ବଳି ବିପଦ ଆଉ କ'ଣ ହୋଇପାରେ? ତେଣୁ ଇଣ୍ଡୋନେସିଆ ଓ ନେପାଳ ଘଟଣାକୁ ଆଞ୍ଚଳିକ ସମସ୍ୟା ଭାବେ ଆଦୌ ଅଣଦେଖା କରାଯାଇ ନ ପାରେ। ଗଣତନ୍ତ୍ର ହେଉ କି ରାଜତନ୍ତ୍ର ନିରଙ୍କୁଶ ଓ ନିରବଚ୍ଛିନ୍ନ କ୍ଷମତା ଯେତେବେଳେ ଜନତାନ୍ତ୍ରିକ ଓ ଜନକଲ୍ୟାଣ ବିମୁଖୀ ହୋଇଯାଏ ସେତେବେଳେ ଜନଅସନ୍ତୋଷ ଆଉ ନିର୍ବାଚନ ପର୍ଯ୍ୟନ୍ତ ଅପେକ୍ଷା କରିବ ନାହିଁ, ଏହା ସାମ୍ପ୍ରତିକ ଦୃଶ୍ୟପଟର ସବୁଠାରୁ ବଡ଼ ସଙ୍କେତ। ସେଭଳି ଘୁଣଖିଆ ଶାସନର ଅବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାରେ ଆଗାମୀ ଦିନରେ ଛାତ୍ରସମାଜ ସାରଥି ସାଜିବେ ସେହି ଶୁଭସଙ୍କେତ ମଧ୍ୟ ମିଳୁଛି।

## ଆଧାରକୁ ସ୍ୱୀକୃତି

ଭୋଟର ତାଲିକାରେ ନାମ ସାମିଲ୍ ପାଇଁ ପ୍ରମାଣସିଦ୍ଧ ଓ ସରକାରୀ ସ୍ୱୀକୃତିପ୍ରାପ୍ତ ପରିଚୟ ପତ୍ର ଭାବରେ 'ଆଧାର'କୁ ଗ୍ରହଣ କରିବା ପାଇଁ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଭାରତୀୟ ନିର୍ବାଚନ ଆୟୋଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ବିହାରରେ ଆରମ୍ଭ ହୋଇଥିବା ସଘନ ଭୋଟର ତାଲିକା ସଂଶୋଧନରେ ଯେଉଁ ବିବାଦ, ବିତର୍କ ଓ ଅଚଳାବସ୍ଥା ସୃଷ୍ଟି ହୋଇଥିଲା ତାହାର ଆପାତତଃ ସମାଧାନର ବାଟ ବାହାରିଛି। ଏଥିସହିତ ନିର୍ବାଚନ ଆୟୋଗ 'ଆଧାର'କୁ ଭୋଟର ପରିଚୟ ଭାବେ ବୈଧ ନ କରିବା ପାଇଁ ଯେଉଁ କସରତ କରିଥିଲେ ତାହା ମଧ୍ୟ ନିଷ୍ଫଳ ହୋଇଛି।

ବିହାରରେ ସଘନ ଭୋଟର ତାଲିକା ସଂଶୋଧନ ଅଭିଯାନ ଆରମ୍ଭରୁ ବିବାଦ ଓ ବିତର୍କ ସୃଷ୍ଟି ହୋଇଥିଲା। ଭୋଟର ତାଲିକାକୁ ତ୍ରୁଟିଶୂନ୍ୟ କରିବା ସ୍ୱାଗତଯୋଗ୍ୟ ହେଲେ ମଧ୍ୟ ଏଥିପାଇଁ ନିର୍ବାଚନ ଆୟୋଗ ଭୋଟରଙ୍କଠାରୁ ଯେଉଁ ପ୍ରମାଣପତ୍ର ଲୋଡ଼ିଥିଲେ ତାହା ହିଁ ସମସ୍ୟା ସୃଷ୍ଟି କରିଥିଲା। ୧୨କୋଟି ଜନସଂଖ୍ୟା ବିଶିଷ୍ଟ ବିହାର ଭଳି ସବୁକ୍ଷେତ୍ରରେ ଏକ ପଛୁଆ ରାଜ୍ୟରେ ଭୋଟରମାନେ ମାତ୍ର ମାସକ ଭିତରେ ସେହିସବୁ ପ୍ରମାଣପତ୍ର ଯୋଗାଡ଼ କରିବା ଦୁରୁହ ବ୍ୟାପାର ଥିଲା। ସରକାରୀ ବ୍ୟବସ୍ଥାର ସବୁକ୍ଷେତ୍ରରେ 'ଆଧାର' ବାଧ୍ୟତାମୂଳକ ଓ ଅପରିହାର୍ଯ୍ୟ ଥିବାରୁ ସାମ୍ପ୍ରତିକ ଜଟିଳ ପରିସ୍ଥିତିରେ ଭୋଟର ପରିଚୟ ପାଇଁ ତାହାକୁ ସ୍ୱୀକାର କରିଥିଲେ ଆକାଶ ଛିଡ଼ି ପଡ଼ିନଥା'ନ୍ତା। କିନ୍ତୁ ନିର୍ବାଚନ ଆୟୋଗ ତାଙ୍କ ଜିଦ୍‌ରେ ଅଡ଼ି ବସିବାରୁ ଲୋକେ ତ ହଇରାଣ ହେଲେ, ସଂସଦର ମୌସୁମୀ ଅଧିବେଶନ ପ୍ରାୟତଃ ଅଚଳ ହୋଇଗଲା। ସର୍ବୋଚ୍ଚ ନ୍ୟାୟାଳୟର ବହୁମୂଲ୍ୟ ସମୟ ମଧ୍ୟ ନଷ୍ଟ ହେଲା।

'ଆଧାର'କୁ ନାଗରିକ ପ୍ରମାଣପତ୍ର ରୂପେ ଗ୍ରହଣ କରାଯିବ ନାହିଁ, ଅଥଚ ପରିଚୟପତ୍ର ରୂପେ ଗ୍ରହଣ କରିବାରେ ଅସୁବିଧା ନାହିଁ ବୋଲି ନ୍ୟାୟାଳୟଙ୍କ ରାୟ ପରେ ଏହି ସମସ୍ୟାର ଅବସାନ ଘଟିଛି। ଓଡ଼ିଆରେ ଏକ ଲୋକକଥା ଅଛି, ଯାହାର ମର୍ମାର୍ଥ ହେଉଛି - ଯାହା ଅବଧାର୍ଯ୍ୟ ତାହା ହିଁ ଶେଷରେ ହୁଏ, ଅଥଚ ତାହାକୁ ପ୍ରଥମରୁ ଅସ୍ୱୀକାର କଲେ ଅଯଥା ସମାଜର ସମ୍ମାନ ଓ ସମୟ ହାନି ହୁଏ। ନିର୍ବାଚନ ଆୟୋଗଙ୍କ ବିହାର ଭୋଟର ତାଲିକା ସଂଶୋଧନ କସରତରୁ ସେହି ଆପ୍ତବାକ୍ୟଟି ପ୍ରମାଣିତ ହେଉଛି।

# କିପରି ଧନୀ ହେବେ?

ଡ. ଅବଶ ପରିଡ଼ା

କିପରି ଧନୀ ହେବେ? ବାକ୍ୟଟି ଠିକ୍ ଚୁମ୍ବକ ପରି, ଯାହା ଆମକୁ ଆକର୍ଷଣ କରେ। ନଜର ଆପେ ଆପେ ଟାଣି ହୋଇଯାଏ। ଏଥିରେ କିଛି ମନ୍ଦ ବି ନାହିଁ। ପ୍ରାୟ ଅଧିକାଂଶ ଲୋକ ଧନୀ ଏବଂ ଏକ ସମୃଦ୍ଧ ଜୀବନ ବଞ୍ଚିବାକୁ ଇଚ୍ଛା ରଖନ୍ତି। କିଛିଦିନ ତଳେ 'ଧନୀ ହେବାର ଆକାଂକ୍ଷା' ଶୀର୍ଷକ ଏକ ସର୍ବେକ୍ଷଣରେ ପ୍ରକାଶ ପାଇଛି ଯେ ଶତକଡ଼ା ୬୫ ପ୍ରତିଶତଙ୍କ ପାଇଁ ପୂର୍ବାପେକ୍ଷା ଟଙ୍କା ଓ ସମ୍ପତ୍ତି ଏବେ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି। ପୃଥିବୀର ସବୁ ଯାଗାରେ ସମାନ ପରିସ୍ଥିତି। ବିଶ୍ୱ ଅର୍ଥନୀତିର ତିନି-ଚତୁର୍ଥାଂଶ ପ୍ରତିନିଧିତ୍ୱ କରୁଥିବା ନିମ୍ନ ଓ ମଧ୍ୟମ ଆୟକାରୀ ଦେଶରେ ଅତ୍ୟଧିକ ଟଙ୍କା ସଞ୍ଚୟ କରିବା, ଧନୀ ହେବା ପାଇଁ ବାଟ ଖୋଜିବା ସହିତ ଏକ ସମୃଦ୍ଧ ଜୀବନକୁ ଏବେ ଅଧିକ ଗୁରୁତ୍ୱ ଦିଆଯାଉଛି। ଏଥିରୁ ଭାରତୀୟମାନେ ମଧ୍ୟ ଭିନ୍ନ ନୁହନ୍ତି। ଆମମାନଙ୍କ କ୍ଷେତ୍ରରେ ଧନୀ ହେବାର, ବିଶେଷକରି କୋଟିପତି ହେବାର ଆଶା ଓ ଆକାଂକ୍ଷା ବଢୁଛି। କିନ୍ତୁ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ କୋଟିପତି ହେବା ପାଇଁ ଭାରତୀୟମାନେ ଅବୈଧ ନୁହେଁ, ବରଂ ନୈତିକ ଓ ଆଇନଗତ ଉପାୟକୁ ପସନ୍ଦ କରୁଛନ୍ତି। ଏହି ଲକ୍ଷ୍ୟକୁ ହାସଲ କରିବା ପାଇଁ ନିଜର ଅଭ୍ୟାସ ଓ ଜୀବନଶୈଳୀକୁ ମଧ୍ୟ ପରିବର୍ତ୍ତନ କରିବାକୁ ଭାରତୀୟମାନେ ଇଚ୍ଛୁକ।

ଏଠାରେ ଏକ ସାଧାରଣ ପ୍ରଶ୍ନ ଆସିପାରେ ଯେ ଧନୀ ହେବାର ଆକାଂକ୍ଷା ବଢୁଛି କାହିଁକି? ଏହି ପ୍ରଶ୍ନର ସରଳ ଉତ୍ତର ହେଉଛି କେବଳ ଭଲ ଭାବେ ବଞ୍ଚିବା ପାଇଁ ନୁହେଁ, ବରଂ ପରିବର୍ତ୍ତନ ପାଇଁ ଏହି ଆକାଂକ୍ଷାର ସୃଷ୍ଟି। ଆଧୁନିକୀକରଣର ଚାପ, ଅସରନ୍ତି ଆଶା, ଅସମାନ ଆୟ, ଉପଭୋକ୍ତାବାଦର ଅଭ୍ୟାସ ଏବଂ ବ୍ୟକ୍ତିଗତ ସ୍ୱପ୍ନ ଭଳି ଅନେକ କାରଣ ଏଥିପାଇଁ ସହାୟକ। 'ଧନୀ ହେବାର ପ୍ରକ୍ରିୟା' କିଛି ଅଛି କି? ଆପଣଙ୍କ ମନକୁ ଏ ପ୍ରଶ୍ନ ବି ଆସୁଥିବ। ହଁ, ଏହି ପ୍ରକ୍ରିୟାର ଗୋଟେ ଲମ୍ବା ତାଲିକା ଅଛି।

ପ୍ରଥମଟି ହେଉଛି, ସାଂଗଠନିକ ଓ ଗଠନମୂଳକ ପ୍ରକ୍ରିୟା। ଅନେକ ଏହାକୁ ଧନୀ ହେବାର ପ୍ରକୃତ ପଥ ବୋଲି ମତ ରଖନ୍ତି। ଶିକ୍ଷା, ଦକ୍ଷତା-ନିର୍ମାଣ, ଉଦ୍ୟୋଗିତା ସହାୟତା, ସରକାରୀ ଯୋଜନା, ଋଣ, ନିଯୁକ୍ତି, ସମ୍ପତ୍ତି ସୃଷ୍ଟି ଉପକରଣ ଯଥା ସେୟାର ବଜାର, ମ୍ୟୁଚୁଆଲ୍ ଫଣ୍ଡ, ରିଅଲ୍ ଇଷ୍ଟେଟ୍ ଓ ନିବେଶ ଇତ୍ୟାଦି ଏହାର ଉପାଦାନ। ଦ୍ୱିତୀୟଟି ହେଉଛି ଶୋଷଣମୂଳକ କିମ୍ବା ଭ୍ରମାତ୍ମକ ପ୍ରକ୍ରିୟା। ଏଥିରେ ନିଜେ ଧନୀ ହେବାକୁ ହେଲେ ଅନ୍ୟଲୋକଙ୍କୁ ବୋକା କିମ୍ବା ବିଭ୍ରାନ୍ତ କରାଯାଏ। ଠକେଇପୂର୍ଣ୍ଣ ନିବେଶ ମଡେଲ, ଯେପରିକି ଚିଟ୍‌ଫଣ୍ଡ, ମିଛ ବ୍ୟବସାୟ ଟିପ୍ସ, କ୍ରିପ୍ଟୋ ଠକେଇ, ଉଚ୍ଚ-ଦେୟ ଯୁକ୍ତପାଠ୍ୟକ୍ରମ, ଲଟେରୀ ଓ ଜୁଆ ଅର୍ଥନୀତି ଇତ୍ୟାଦି ଏଥିରେ ଅନ୍ତର୍ଭୁକ୍ତ। ଆଚରଣଗତ ପ୍ରକ୍ରିୟା ହେଉଛି ତୃତୀୟ, ଯେଉଁଥିରେ ବ୍ୟକ୍ତିର ଆଶାକୁ ପରିଚାଳନା କରାଯାଏ। ଏହି ପ୍ରକ୍ରିୟା 'ଆକାଂକ୍ଷୀ ମାର୍କେଟିଙ୍ଗ' ଉପରେ ନିର୍ଭରଶୀଳ। ଏହାର ମାନେ ହେଉଛି ବିଳାସପୂର୍ଣ୍ଣ ବିଜ୍ଞାପନ ଏବଂ ଧନୀ ହେବାର ସଫଳ କାହାଣୀକୁ ବିଶ୍ୱାସ କରିବା ପାଇଁ ଏକ ଚାପ ପ୍ରୟୋଗ କରାଯାଏ। ଆଚରଣଗତ ପ୍ରକ୍ରିୟାର ସବୁଠାରୁ ଆଧୁନିକ ଉପାଦାନ ହେଉଛି ଆପ୍ସ ଏବଂ ଅନଲାଇନ୍ ପ୍ଲାଟଫର୍ମଗୁଡ଼ିକରେ ନିବେଶ। ଏସବୁକୁ ଏକ ଖେଳ ଭାବରେ ଉପସ୍ଥାପନ କରାଯିବା ସହିତ ଏକ ବିପଦପୂର୍ଣ୍ଣ ଅର୍ଥନୈତିକ ଆଚରଣକୁ ପ୍ରୋତ୍ସାହିତ କରାଯାଏ। ଚତୁର୍ଥ ତଥା ଶେଷ ହେଉଛି ସାଂସ୍କୃତିକ ଓ ପ୍ରତୀକାତ୍ମକ ପ୍ରକ୍ରିୟା। ଏଥିରେ ଆକାଂକ୍ଷୀ ବର୍ଣ୍ଣନା ହୁଏ ଏବଂ ପୁସ୍ତକ, ଭିଡିଓ, ଗଣମାଧ୍ୟମ, ଜ୍ୟୋତିଷ ଓ ପାଠ୍ୟକ୍ରମ ଇତ୍ୟାଦି ଏହାର ଉପାଦାନ। ଚୁମ୍ବକରେ କହିବାକୁ ଗଲେ ଧନୀ ହେବାର ପ୍ରକ୍ରିୟାରେ ବୈଧ ଅର୍ଥନୈତିକ ଉପଦେଶଠାରୁ ଆରମ୍ଭ କରି ପ୍ରତୀକାତ୍ମକ ଓ ଶୋଷଣମୂଳକ ରଣନୀତି ପରିସରଭୁକ୍ତ। ଲୋକମାନେ ଏଠି ଦୁଇପ୍ରକାରର ବ୍ୟବହାର କରନ୍ତି। ଯଥା ଧନୀ ହେବାର ସ୍ୱପ୍ନ ଆଡ଼କୁ ଅଗ୍ରସର ହୁଅନ୍ତି କିମ୍ବା କେତେକ ସମୟରେ ଭ୍ରମିତ ମଧ୍ୟ ହୁଅନ୍ତି।

'କିପରି ଧନୀ ହେବେ' କେବଳ ଏକ ବାକ୍ୟ ନୁହେଁ ଏହା ଏକ ଶିଳ୍ପ, ଏକ ବିଶାଳ ଅର୍ଥନୀତି। ଲୋକଙ୍କ ଆକାଂକ୍ଷା ଉପରେ ନିର୍ମିତ ଏକ ମେଟା-ମାର୍କେଟ। ଆମେ ଯେଉଁ ସମାଜରେ ରହୁଛେ, ସେଠାରେ ଉଭୟ ବସ୍ତୁବାଦୀ ଓ ବ୍ୟକ୍ତିଗତ ସଫଳତାକୁ ପ୍ରାଥମିକତା ଦିଆଯାଏ। ସମାଜବିଜ୍ଞାନୀ ମ୍ୟାକ୍ସ ୱେବରଙ୍କ ପ୍ରୋଟେଷ୍ଟାଣ୍ଟ ନୀତି ଏଠି ଖୁବ ପ୍ରାସଙ୍ଗିକ। ୱେବରଙ୍କ ମତରେ ଧନ ହେଉଛି ଶୃଙ୍ଖଳା, ପ୍ରୟାସ ଓ ଭାଗ୍ୟର ଏକ ନୈତିକ ଚିହ୍ନ। ଧନ ଓ ସମ୍ପତ୍ତି ଆମ ନିମନ୍ତେ କେବଳ ବଞ୍ଚିବାର ଏକ ମାଧ୍ୟମ ନୁହେଁ, ବରଂ ସାମାଜିକ ସ୍ଥିତି, ସ୍ୱାଧୀନତା ଏବଂ ଆତ୍ମମୂଲ୍ୟର ପ୍ରତୀକ। କହିବାକୁ ଗଲେ 'ଧନୀ ହେବି' ଏକ ସାଂସ୍କୃତିକ ଆବେଗ। ତେଣୁ ଏହି ଆବେଗକୁ ନେଇ ବେପାର ହେବା ମଧ୍ୟ ସ୍ୱାଭାବିକ। ପୁସ୍ତକ, ଟକ୍ ଶୋ, ପାଠ୍ୟକ୍ରମ ଓ ଜ୍ୟୋତିଷଶାସ୍ତ୍ର ଦ୍ୱାରା ଏକ ବଜାର ସୃଷ୍ଟି ହୁଏ। ପ୍ରତିବଦଳରେ ବଜାର ଦିଏ ଆର୍ଥିକ ସମୃଦ୍ଧିର ପଥ ଓ ସମାଧାନର ପ୍ରତିଶ୍ରୁତି। ଏହା ସତ ଯେ ବ୍ୟକ୍ତିର ଆଶାକୁ ବ୍ୟବସାୟରେ ପରିବର୍ତ୍ତନ କରୁଛନ୍ତି କିଛି ପୁସ୍ତକ ପ୍ରକାଶକ, ପ୍ରେରଣାଦାୟକ ବକ୍ତା ଓ ଗଣମାଧ୍ୟମ। ଏକ ସ୍ୱୟଂ-ସହାୟକ ପୁସ୍ତକ କିମ୍ବା ଏକ ୟୁଟ୍ୟୁବ୍ ସେମିନାରରେ କେବଳ ଶବ୍ଦ ବା ଭାଷଣ ବିକ୍ରି ହୁଏ ନାହିଁ। ବରଂ ପରିବର୍ତ୍ତନର ସମ୍ଭାବନାକୁ ବିକ୍ରୟ କରାଯାଉଛି। ପିଏରେ ବୋର୍ଡିୟୁଙ୍କ 'ସାଂସ୍କୃତିକ ପୁଞ୍ଜି' ବା କଲ୍‌ଚରାଲ୍ କ୍ୟାପିଟାଲ୍‌ର ଧାରଣା ଏଠାରେ ପ୍ରଯୁଜ୍ୟ।

ଯେତେବେଳେ 'ସଫଳତା'ର ଭାଷା ଏକ ପ୍ରତୀକାତ୍ମକ ପୁଞ୍ଜି ହୋଇଯାଏ ସେତେବେଳେ ଗ୍ରାହକମାନେ ଏହାକୁ ଅର୍ଥନୈତିକ ପୁଞ୍ଜିରେ ରୂପାନ୍ତରିତ କରିବା ଆଶାରେ କିଣନ୍ତି। ଉଦାହରଣ ସ୍ୱରୂପ, 'ରିଚ୍ ଡ୍ୟାଡ୍ ପୋର ଡ୍ୟାଡ୍' କିମ୍ବା 'ଥିଙ୍କ୍ ଆଣ୍ଡ ଗ୍ରୋ ରିଚ୍' ଭଳି ପୁସ୍ତକ ସାରା ବିଶ୍ୱରେ କୋଟିକୋଟି ସଂଖ୍ୟାରେ ବିକ୍ରି ହୋଇସାରିଛି। ପ୍ରତିଦିନ ଏହାର ବହୁଭାଷୀ ନକଲ ମଧ୍ୟ ବଜାରକୁ ଆସୁଛି। ଏକ ଆକଳନ ଅନୁଯାୟୀ, ୨୦୨୪ ମସିହାରେ ବିଶ୍ୱ ସ୍ୱୟଂ ସହାୟକ ଶିଳ୍ପର ମୂଲ୍ୟ ପ୍ରାୟ ଚାରିଲକ୍ଷ କୋଟି ଟଙ୍କାରୁ ଅଧିକ ଥିଲା, ଯେଉଁଥିରେ ବ୍ୟକ୍ତିତ୍ୱ ବିକାଶ, ସଫଳତା, ସ୍ୱୟଂ-ସହାୟକ ପୁସ୍ତକ, ପ୍ରଶିକ୍ଷଣ, ପାଠ୍ୟକ୍ରମ ଏବଂ ପ୍ରେରଣାଦାୟକ ଭାଷଣ ଅନ୍ତର୍ଭୁକ୍ତ। ଆଗାମୀ ପାଞ୍ଚ ବର୍ଷରେ ଏହି ଅର୍ଥନୀତି ୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଯିବ।

ଏଠାରେ ଦୁଇଟି କଥା ଆଲୋଚନା କରିବା। ଉଭୟ ଆର୍ଲି ହଚସଚିଲ୍ଡଙ୍କ ଭାବପ୍ରବଣ ଶ୍ରମ(ଇମୋସନାଲ୍ ଲେବର) ଏବଂ ଇଭା ଇଲୁଜଙ୍କ ଭାବପ୍ରବଣ ପୁଞ୍ଜିବାଦ(ଇମୋସନାଲ୍ କ୍ୟାପିଟାଲିଜିମ୍) ବ୍ୟାଖ୍ୟା କରେ ଯେ ଧନୀ ହେବାର ବିଷୟବସ୍ତୁ ଆଶା, ଆତ୍ମବିଶ୍ୱାସ ଏବଂ ସମ୍ପର୍କ ସୃଷ୍ଟି କରିବା ପାଇଁ ପ୍ରସ୍ତୁତ କରାଯାଇଛି। ତେଣୁ ଏହାକୁ ପାଥେୟ କରି ଇଭେଣ୍ଟ ଏବଂ ଟକ୍ ଶୋ' ଆମ ସାମୂହିକ ଭାବନାକୁ ପରିଚାଳନା କରୁଛନ୍ତି। ଉଦାହରଣ ସ୍ୱରୂପ, ଦର୍ଶକଙ୍କ କରତାଳି, ସାକ୍ଷ୍ୟ, 'ପୂର୍ବ-ପର' କାହାଣୀ ଓ ପରାମର୍ଶର ପ୍ରଭାବ ହେଉଛି ପୁନରାବୃତ୍ତି-କ୍ରୟ କରିବାର ଏକ ଫାଶ। ଏଠି ଜାଣି ରଖନ୍ତୁ ଯେ ଧନ ରୋଜଗାର ଓ ଯୋଜନା ପାଇଁ ହେଉଥିବା ପ୍ରେରଣାଦାୟକ ଭାଷଣର ବଜାର ଅତ୍ୟନ୍ତ ଲାଭଦାୟକ, କୋଡ଼ିଏ ହଜାର କୋଟି ଟଙ୍କାର ବେପାର।

ପୃଥିବୀର ଅଧାରୁ ଅଧିକ ଯୁବବର୍ଗଙ୍କ ଚିନ୍ତା ହେଉଛି ବେକାରୀ ସମସ୍ୟା ଓ ଅନିଶ୍ଚିତ ଚାକିରି। ତେଣୁ ଯେତେବେଳେ ସାଂରଚନିକ ବ୍ୟବସ୍ଥା ଏହି ସମସ୍ୟାର ସମାଧାନ ଯୋଗେଇପାରୁନାହିଁ ସେତେବେଳେ ଏହାର ସମାଧାନ ପାଇଁ ବ୍ୟକ୍ତିଗତକୃତ 'ମହାଜାଗତିକ ସମାଧାନ' ଆଡ଼କୁ ଯୁବବର୍ଗ ମୁହାଁଉଛନ୍ତି। ଏହାର ଅର୍ଥ ହେଉଛି, ଜ୍ୟୋତିଷଶାସ୍ତ୍ର, ସଂଖ୍ୟା ବିଜ୍ଞାନ, 'ଭାଗ୍ୟ-ଆଧାରିତ' ଧନ ପରାମର୍ଶ। ସାମାଜିକ ବ୍ୟବସ୍ଥା ଯେବେ ସ୍ଥିରତା ପ୍ରଦାନ କରିବାରେ ବିଫଳ ହୁଏ, ସେସମୟରେ ଲୋକମାନେ ଅର୍ଥ ପାଇଁ କୌଣସି ଏକ ପ୍ରତୀକାତ୍ମକ ପ୍ରଣାଳୀ ଉପରେ ଆସ୍ଥା ରଖନ୍ତି। ସମ୍ଭବତଃ, ସେଇଥିପାଇଁ ସାମଗ୍ରିକ ଜ୍ୟୋତିଷ ବଜାର ଯେମିତିକି ପାଠ, ଆପ୍ସ, ରହସ୍ୟମୟ ସେବା ଇତ୍ୟାଦିର ବଜାର ମୂଲ୍ୟ ପ୍ରାୟ ୯୫ ହଜାର କୋଟି ଟଙ୍କା ବୋଲି ଆକଳନ କରାଯାଇଛି।

ବିଶ୍ୱରେ ଏମିତି ଗୋଟିଏ ମାତ୍ର ବ୍ୟବସାୟ ଯାହା କେବେ ଭାଙ୍ଗିବ ନାହିଁ ତାହା ହେଉଛି ଲୋକଙ୍କୁ ଶିଖାଇବା ଯେ ସେମାନେ କିପରି ଭାଙ୍ଗି ନ ପଡ଼ିବେ। ଏହା ମଜାକଥା ନୁହେଁ। ଉଦାହରଣ ହେଉଛି ଯେ ସର୍ବାଧିକ ବିକ୍ରି ହେଉଥିବା ପୁସ୍ତକର ଲେଖକଙ୍କଠାରୁ ଆରମ୍ଭ କରି ୟୁଟ୍ୟୁବ୍ ଗୁରୁ ପର୍ଯ୍ୟନ୍ତ, ସମସ୍ତେ ଧନୀ ହେବାର ରହସ୍ୟ ଜାଣନ୍ତି। କିନ୍ତୁ ସେ ବହି କିଣୁଥିବା ଲୋକ କିମ୍ବା ଭିଡିଓକୁ ରାତି ଅନିଦ୍ରା ହୋଇ ଦେଖୁଥିବା ଲୋକ ଧନୀ ହେବାର ଫର୍ମୁଲା କେବେବି ଜାଣିପାରେନାହିଁ। ଏଇ ଯେମିତି ଜ୍ୟୋତିଷ ଆପ୍ସ। ପ୍ରତିଶ୍ରୁତି, ମିଳେ ଯେ ଶୁକ୍ର ଆସନ୍ତା ଚନ୍ଦ୍ର ଗ୍ରହଣ ପରେ ଆପଣଙ୍କୁ କୋଟିପତି କରିବ। ପରବର୍ତ୍ତୀ ସୂଚନା ଆସେ କି ଅଧିକ ପ୍ରିମିୟମ୍ ଭବିଷ୍ୟବାଣୀ ପ୍ୟାକ୍ ପାଇଁ ୯୯୯ ଟଙ୍କା ପୈଠ କରନ୍ତୁ। ତେଣୁ ଏଠାରେ ପରାମର୍ଶ ରହିବ ଯେ ଯଦି ଆପଣ ପ୍ରକୃତରେ ଧନୀ ହେବାକୁ ଚାହାନ୍ତି, ତେବେ କେବଳ ସୂତ୍ର ଅନୁସରଣ କରନ୍ତୁ ନାହିଁ। ଏହାକୁ ଲେଖନ୍ତୁ, ପ୍ରକାଶ କରନ୍ତୁ, ପ୍ରୟୋଗ କରନ୍ତୁ ଏବଂ ନିଜ ପ୍ରତିଭା ଓ ଦକ୍ଷତାକୁ ବିକ୍ରୟ କରନ୍ତୁ। କାରଣ ଏହି ସ୍ୱପ୍ନର ବଜାରରେ ବିକ୍ରେତାମାନେ ସର୍ବଦା କ୍ରେତାଙ୍କ ଅପେକ୍ଷା ଅଧିକ ଧନୀ ହୁଅନ୍ତି।

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ରୋଷେଇ ଘରର ସ୍ୱାସ୍ଥ୍ୟ ଚିନ୍ତା

ବିଚିତ୍ର ବିଶ୍ୱାଳ

'ଏଇଟି ଆମର ରୋଷେଇ ଘର, ଏ ଘର ଭିତର ସଫାସୁତର / ଏଇଠାରେ ମା' ପରିବା କାଟେ, ବେସର ବାଟେ, ଜାଇ ରଗଡ଼େ, ଶାଗ ଖରଡ଼େ / ଗଢ଼ଇ ପିଠା, ଆରିସା କାକରା ଆହା କି ମିଠା।' ରୋଷେଇ ଘର ବିଷୟରେ ଶୈଶବରେ ପଢ଼ିଥିବା ଏହି ଗୀତଟି ଏବେ ବି ଅନେକଙ୍କ ସ୍ମୃତିରେ ତାଜା ହୋଇ ଥିବ ନିଶ୍ଚୟ। ଇଞ୍ଜିନ୍ ଯେମିତି ଗାଡ଼ିଟିକୁ ଟାଣିଥାଏ, ସେମିତି ରୋଷେଇ ଘର ହିଁ ଘରର ଇଞ୍ଜିନ୍ ଭାବେ କାମ କରିଥାଏ। ଆମ ସଂସ୍କୃତିରେ ରୋଷେଇ ଘରକୁ ଏକ ପବିତ୍ର ସ୍ଥାନ ଭାବେ ବିବେଚନା କରାଯାଏ। ଅପରିଷ୍କାର ହାତ ଓ ଗୋଡ଼ ନେଇ ରୋଷଇ ଘରକୁ ଯିବା ମନା। ଯଦିଓ ଏହାର ବୈଜ୍ଞାନିକ କାରଣ ବି ରହିଛି, କିନ୍ତୁ ଏହାକୁ ସଂସ୍କୃତି ସହିତ ଯୋଡ଼ି ଦିଆଯାଇ ଚଳଣିର ଏକ ଅଭିନ୍ନ ଅଂଶରେ ପରିଣତ କରିଦିଆଯାଇଛି।

ଆଦିବାସୀ ସମାଜରେ ମଧ୍ୟ ରୋଷେଇ ଘରର ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ରହିଛି। ଚକୋଟିଆ- ଭୁଞ୍ଜିଆ ଆଦିବାସୀ ସଂପ୍ରଦାୟର ରୋଷେଇ ଘରକୁ 'ଲାଲ୍ ବଙ୍ଗଳା' କୁହାଯାଏ। ନିଜ ପରିବାର ଲୋକଙ୍କ ବ୍ୟତୀତ ବାହାର ଲୋକ ତାଙ୍କ ରୋଷେଇ ଘରକୁ ଛୁଇଁବା ମନା। ସେମାନଙ୍କ ବିଶ୍ୱାସ ଅନୁସାରେ 'ଲାଲ୍ ବଙ୍ଗଳା'ରେ ସେମାନଙ୍କ ଦେବାଦେବୀ ଅବସ୍ଥାନ କରିଥା'ନ୍ତି। ଆମ ଓଡ଼ିଆ ପରମ୍ପରା ଓ ବିଶ୍ୱାସ ଅନୁସାରେ ରୋଷେଇ ଘରେ ବା ଭିତର ଘରେ 'ଦେଇପିଣ୍ଡି' ଅବସ୍ଥାନ କରିଥା'ନ୍ତି, ଯାହାଙ୍କୁ ପୂଜା କରାଯାଏ। ଆମ ଦେଶରେ ରୋଷେଇ ଘରର ପବିତ୍ରତା ବିଷୟ ବଖାଣିଲେ ଅନେକ ହେବ। ଏତଦ୍‌ବ୍ୟତୀତ ଛୋଟରୁ ବଡ଼ ଯାଏଁ ସମସ୍ତଙ୍କ ମନ ଥାଏ ରୋଷେଇ ଘରେ। ଆଜି କ'ଣ ରୋଷେଇ ହେଉଛି ଓ କ'ଣ ଖାଇବାକୁ ମିଳିବ! ଏହି ଦୃଷ୍ଟିରୁ ରୋଷେଇ ଘରର ଗୁରୁତ୍ୱ ଯଥେଷ୍ଟ ଅଧିକ।

ଆଜିକାଲି ରୋଷେଇ ଘରର ପରିଚୟ ଦ୍ରୁତଗତିରେ ବଦଳିବାରେ ଲାଗିଛି। ଆଜିକାଲି ଆମେ ଶରୀରରେ ବହନ କରୁଥିବା ପ୍ରାୟ ସମସ୍ତ ରୋଗର କାରଣ ଖାଦ୍ୟ ବୋଲି ଡାକ୍ତରମାନେ ମତ ଦେଉଛନ୍ତି। ସେହି ଖାଦ୍ୟ ପ୍ରସ୍ତୁତ ହେଉଛି ଆମ ରୋଷେଇ ଘରେ। ଆଜିକାଲି ଆମେ ବ୍ୟବହାର କରୁଥିବା ଖାଦ୍ୟ ସାମଗ୍ରୀ ସବୁ, ତାହା ପ୍ୟାକେଟ୍ ଖାଦ୍ୟ ସାମଗ୍ରୀ ହେଉ କି ପନିପରିବା ହେଉ, ସବୁଥିରେ ପ୍ରଚୁର ପରିମାଣର କୀଟନାଶକର ଅବଶିଷ୍ଟାଂଶର ଉପସ୍ଥିତି ରହୁଛି, ଯାହା ମଣିଷର ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ଆମ ରୋଷେଇ ଘରକୁ ଏହି ସବୁ ପନିପରିବା ଓ ଫଳ ଖାଦ୍ୟ ଭାବେ ତ ଆସୁଛି, କିନ୍ତୁ ଅସଲରେ ଏହା ବିଷ ଭାବେ ଆମର ଓ ଆମ ପିଲାମାନଙ୍କର ପେଟକୁ ଯାଉଛି।

ଆମ ଦେଶରେ ଏହିପରି ବିଷାକ୍ତ କୀଟନାଶକର ବ୍ୟବହାର ୧୯୭୦ ମସିହା ସବୁଜ ବିପ୍ଳବ ପରଠାରୁ ବହୁଳ ଭାବେ ବୃଦ୍ଧି ପାଇଛି। ୧୯୯୯-୨୦୦୦ରେ ଆମ ଦେଶରେ କୃଷିକ୍ଷେତ୍ରରେ ୪୬.୨୦ ହଜାର ଟନ୍ କୀଟନାଶକର ବ୍ୟବହାର ହେଉଥିବା ବେଳେ ୨୦୨୨-୨୩ରେ ଏହା ୫୨୪୬୬.୪୫ ଟନରେ ପହଞ୍ଚିଛି। ୨୦୨୪ରେ ଆମ ଦେଶରେ କୀଟନାଶକ ବଜାରର ପରିମାଣ ହେଉଛି ୨୬ ହଜାର କୋଟି ଟଙ୍କା। ଆମ ରୋଷେଇ ଘରକୁ ବଜାରରୁ ଆସୁଥିବା ସମସ୍ତ ପନିପରିବାରେ ଯଥେଷ୍ଟ ପରିମାଣର ବିଷ ଭରିରହିଛି। ଯାହାକୁ ଆମେ ପ୍ରତ୍ୟେକ ଦିନ ଖାଦ୍ୟ ଭାବେ ଖାଉଛନ୍ତି। ଏହିସବୁ ବିଷର ପ୍ରଭାବ ଯୋଗୁଁ ସଂପ୍ରତି କ୍ୟାନ୍ସର, ଉଚ୍ଚ ରକ୍ତଚାପ, ମଧୁମେହ, ହୃଦଘାତ ଓ ସ୍ନାୟବିକ ରୋଗର ସଂଖ୍ୟା ଦ୍ରୁତଗତିରେ ବଢ଼ି ଚାଲୁଛି।

ଫସଲରେ ବ୍ୟବହାର ହେଉଥିବା କୀଟନାଶକର ସର୍ବାଧିକ ପ୍ରଭାବ ଶିଶୁ ଓ ଗର୍ଭବତୀଙ୍କ ଉପରେ ପଡ଼ିଥାଏ। ତେଣୁ ଏହି ସବୁ ବିଷ କେବଳ ଯେ ବର୍ତ୍ତମାନ ପିଢ଼ିକୁ ରୋଗଗ୍ରସ୍ତ କରୁଛି ତାହା ନୁହେଁ, ଭବିଷ୍ୟତ ପିଢ଼ିକୁ ମଧ୍ୟ ରୋଗୀଣା କରୁଛି। ଏହାସହିତ ଆଜିକାଲି ବଜାର ଦ୍ୱାରା ବହୁଳ ଭାବେ ପ୍ରଭାବିତ ହୋଇଥିବା ଆମ ରୋଷେଇ ଶୈଳୀ ବି ଆମ ଶରୀରରେ ରୋଗ ସୃଷ୍ଟି କରିବାର ଅନ୍ୟ ଏକ କାରଣ ସାଜିଛି। ପୂର୍ବ ଲୋକମାନେ ଯେଉଁଭଳି ଭାବେ ରୋଷେଇ କରୁଥିଲେ, ସଂପ୍ରତି ସେଥିରେ ବହୁତ ପରିବର୍ତ୍ତନ ଆସିଛି। ଆଜିକାଲି ରୋଷେଇରେ ତେଲ, ଚିକ୍କଣ ମଇଦା, ପଲିସ୍ ଚାଉଳ ଆଦିର ପରିମାଣ ବହୁତ ବଢ଼ିଛି, ଯାହା ଆମ ଶରୀରରେ କୋଲେଷ୍ଟ୍ରଲ ଓ ଶର୍କରା ବଢ଼ିବାର ଅନ୍ୟତମ କାରଣ। ସଂପ୍ରତି ଏମିତି ପରିବାର ନ ଥିବ, ଯେଉଁଠି ଲୋକଙ୍କୁ ଉଚ୍ଚ ରକ୍ତଚାପ, ମଧୁମେହ କିମ୍ବା କୋଲେଷ୍ଟ୍ରଲ ହୋଇନଥିବ। ଏହିସବୁ ରୋଗର ମୂଳ କାରଣ ହେଉଛି ଆମେ ଖାଉଥିବା ଖାଦ୍ୟ।

ସମୟ ଥିଲା, ଜନସଂଖ୍ୟାର ଅଧିକ ଭାଗ ଲୋକ ଭୂତାଣୁ ଜନିତ ରୋଗର ଶିକାର ହେଉଥିଲେ। ଆଜି ଜନସଂଖ୍ୟାର ଅଧାରୁ ଅଧିକ ଭାଗ ଲୋକ ଜୀବନଶୈଳୀ ଜନିତ ରୋଗରେ ଆକ୍ରାନ୍ତ। ଏହି ରୋଗ ମୁଖ୍ୟତଃ ଅନୁପଯୋଗୀ ବିଷାକ୍ତ ଖାଦ୍ୟ ଖାଇବା ଯୋଗୁଁ ହିଁ ହେଉଛି, ଯାହା ରୋଷେଇ ଘର ବାଟ ଦେଇ ଆମ ଶରୀରକୁ ଆସୁଛି। ତେଣୁ ସଂପ୍ରତି ସ୍ୱାସ୍ଥ୍ୟକର ଜୀବନ ବଞ୍ଚିବା ପାଇଁ ପ୍ରଥମେ ଆମ ରୋଷେଇ ଘରକୁ ବିଷାକ୍ତ ଖାଦ୍ୟ ଆଣିବା ବନ୍ଦ କରିବାକୁ ହେବ। ରୋଷେଇ ଘର ବିଷମୁକ୍ତ ରହିଲେ ଆମ ଶରୀର ବି ରୋଗମୁକ୍ତ ରହିବ। ଏଥିପାଇଁ ଆମ ଚାଷବାସ ବ୍ୟବସ୍ଥାକୁ ଜୈବିକ କରିବା ସହିତ ପ୍ରକ୍ରିୟାକୃତ ପ୍ୟାକେଟ୍ ଖାଦ୍ୟକୁ ଆମ ରୋଷେଇଘରୁ ବାହାର କରିବାକୁ ହେବ।

ତିରଣ(ଜଗତସିଂହପୁର),
ମୋ: ୯୪୩୮୪୬୮୪୭୪

# ରାଘବ ଦାସ ମଠ ଓ ଅନବସର ନୀତି

ସ୍ୱପ୍ନେଶ୍ୱର

## ଲୋକକଥାରେ ଲୋକଦେବତା

ମହାରାଜା ଚୋଳଗଙ୍ଗ ଦେବ ଉତ୍କଳର ସିଂହାସନ ଆରୋହଣ କଲା ପରେ ତାଙ୍କର ହୃଦ୍‌ବୋଧ ହେଲା ଯେ ମହାପ୍ରଭୁ ଶ୍ରୀଜଗନ୍ନାଥ ଥିଲେ ଉତ୍କଳୀୟମାନଙ୍କର ପ୍ରାଣର ପ୍ରାଣ। ହିନ୍ଦୁ, ବୌଦ୍ଧ ଓ ଆଦିବାସୀ ନିର୍ବିଶେଷରେ ସମସ୍ତ ପ୍ରଜା ତାଙ୍କୁ ନିଜର ଇଷ୍ଟ ରୂପେ ଆରାଧନା କରୁଥିଲେ। ଶାସକ ଓ ଶାସିତଙ୍କ ଧର୍ମ ଭିତରେ ସମନ୍ୱୟ ଏକ ଜରୁରୀ ପ୍ରଶାସନିକ ଆବଶ୍ୟକତା ବୋଲି ରାଜାଙ୍କୁ ଜଣା ଥିଲା। ତେଣୁ ସେ ବିଷ୍ଣୁ ଜଗନ୍ନାଥଙ୍କୁ ନିଜର ଇଷ୍ଟରୂପେ ଗ୍ରହଣ କଲେ। ପୁରୁଷୋତ୍ତମ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଶ୍ରୀକ୍ଷେତ୍ର ଯାତ୍ରା କଲେ। ମନ୍ଦିର ଭିତରକୁ ତାଙ୍କର ପ୍ରଥମ ପ୍ରବେଶରେ ସେ ଯଯାତି କେଶରୀଙ୍କ ଦ୍ୱାରା ନିର୍ମିତ ୩୮ ହାତ ମାପର ମନ୍ଦିରର ଭଗ୍ନାବସ୍ଥା ଦେଖି ମର୍ମାହତ ହେଲେ। ମହାପ୍ରଭୁଙ୍କ ମହିମା ଓ ମାହାତ୍ମ୍ୟ ଅନୁରୂପ ଏକ ମନ୍ଦିର ନିର୍ମାଣ କରିବା ପାଇଁ ସଂକଳ୍ପ ନେଲେ।

ମନ୍ଦିର ନିର୍ମାଣର ଦାୟିତ୍ୱ ରାଜା ସେ ସମୟର ବିଖ୍ୟାତ ଶିଳ୍ପାଚାର୍ଯ୍ୟ ହଳଧର ବ୍ରହ୍ମାଙ୍କ ହାତରେ ନ୍ୟସ୍ତ କଲେ। ଓଡ଼ିଶାର ଅଭ୍ୟନ୍ତର ପ୍ରଦେଶରୁ ପଥରସବୁ ଚାପ-ଡଙ୍ଗାରେ ଲଦା ହୋଇ ମହାନଦୀ ଓ ତା'ର ଶାଖା ନଦୀ ଦେଇ ଶ୍ରୀକ୍ଷେତ୍ର ଆସିବା ପରେ ସ୍ୱତନ୍ତ୍ର ଶଗଡ଼ରେ ଲଦା ହୋଇ ନୀଳାଚଳ ପର୍ବତର ପାଦ ଦେଶରେ ପହଞ୍ଚିଲା। ଯୋଜନା ହେଲା ଯେ ପର୍ବତର ପାଦଦେଶରୁ ଶିଖର ପର୍ଯ୍ୟନ୍ତ ଚାର(କାଠ ଓ ଶକ୍ତ କାଠ ପଟାର ଗଡ଼ା) ବନ୍ଧା ଯିବ। କିନ୍ତୁ ମହାରଣାମାନେ ଯେତେ ଚେଷ୍ଟା କଲେ ମଧ୍ୟ ଚାର ଗଡ଼ାଯାଇ ପାରିଲା ନାହିଁ।

ଚାର ଗଣେଶଙ୍କ ମନ୍ଦିର ନିକଟରେ ଗୋପୀନାଥ ମନ୍ଦିର ଥିଲା। ମହାପ୍ରଭୁଙ୍କର ପରମ ଭକ୍ତ ପରମ ବୈଷ୍ଣବ ଗୁରୁ ରାଘବ ଦାସ ନିକଟସ୍ଥ ଏକ ଆଶ୍ରମରେ ଅବସ୍ଥାନ କରି ଗୋପୀନାଥଙ୍କୁ ଆରାଧନା କରୁଥିଲେ। କ୍ଷେତ୍ରବାସୀ ତାଙ୍କୁ ଗୁରୁ ମାନ୍ୟ କରୁଥିଲେ ଏବଂ ଯେକୌଣସି ସମସ୍ୟାର ସମାଧାନ ପାଇଁ ପରାମର୍ଶ ଲୋଡୁଥିଲେ। ଚାର ବାନ୍ଧିବାରେ ବାରମ୍ବାର ଅସଫଳ ହୋଇ ଶିଳ୍ପାଚାର୍ଯ୍ୟ ବ୍ରହ୍ମା ରାଘବ ଦାସଙ୍କ ପାଖକୁ ଯାଇ ପରାମର୍ଶ ଲୋଡ଼ିଲେ। ରାଘବ ଦାସ କିଛିସମୟ ଧ୍ୟାନସ୍ଥ ହେଲେ ଏବଂ ମହାପ୍ରଭୁ ସହୁଥିବା ଯନ୍ତ୍ରଣା କଥା ଦେଖି ଶିଶୁପରି କାନ୍ଦିବାକୁ ଲାଗିଲେ। କିଛି ସମୟପରେ ସେ ପ୍ରକୃତିସ୍ଥ ହେଲେ ଏବଂ କହିଲେ, 'ମହାପ୍ରଭୁ ଜ୍ୱରରେ ପୀଡ଼ିତ ହୋଇ ଅନବସର ଘରେ ଚିକିତ୍ସିତ ହେଉଛନ୍ତି। ତୁମର ଚାର ନିର୍ମାଣ ସମୟର କଠୋର ଶବ୍ଦ ଓ ଶ୍ରମିକମାନଙ୍କର ଚିତ୍କାର ମହାପ୍ରଭୁଙ୍କ ରୋଗଯନ୍ତ୍ରଣାକୁ ବହୁଗୁଣିତ କରୁଛି। ତେଣୁ ପ୍ରତିଦିନ ଚନ୍ଦନ ଘୋରି ନେଇ ଅନବସର ଘରେ ଦେବା ପରେ ସ୍ୱର୍ଗବୈଦ୍ୟ ଧନ୍ୱନ୍ତରୀ ଠାକୁରଙ୍କ ଶ୍ରୀଅଙ୍ଗରେ ଲାଗି କରୁଛନ୍ତି। ମହାପ୍ରଭୁଙ୍କ ଅନବସର ଶେଷ ପର୍ଯ୍ୟନ୍ତ ତୁମର ଚାର ବନ୍ଧା କାମ ସ୍ଥଗିତ ରଖିବା ପାଇଁ ମୁଁ ପରାମର୍ଶ ଦେବି।'

ପରଂବ୍ରହ୍ମ ଶ୍ରୀଜଗନ୍ନାଥ ଜ୍ୱରାକ୍ରାନ୍ତ ହେଉଥିବା କଥା ଶିଳ୍ପାଚାର୍ଯ୍ୟ ସହଜରେ ଗ୍ରହଣ କରିପାରିଲେ ନାହିଁ। ଏହି ସମୟରେ ରାଜଗୁରୁ ଶୈବ ବାସୁଦେବ ରଥ ସେଠାରେ ପହଞ୍ଚିଲେ। ସେ ମଧ୍ୟ ରାଘବ ଦାସଙ୍କ କଥାରେ ବିଶ୍ୱାସ କରିପାରିଲେ ନାହିଁ। ତେଣୁ ପ୍ରମାଣ ଦେବା ପାଇଁ ରାଘବ ଦାସ ଶିଳ୍ପାଚାର୍ଯ୍ୟ ବ୍ରହ୍ମା ଓ ରାଜଗୁରୁ ବାସୁଦେବଙ୍କୁ ନେଇ ମେରଦା ନୃସିଂହଙ୍କ ପାଖରେ ଥିବା ସେତେବେଳର ଅନବସର ଘର ପାଖରେ ପହଞ୍ଚିଲେ। ଧନ୍ୱନ୍ତରୀ ମହାପ୍ରଭୁଙ୍କ ଚିକିତ୍ସା ପରେ ମୁକ୍ତେଶ୍ୱର ମନ୍ଦିର ପଟୁ ବାହାରି ଆସିଲେ। ସେ ଶିଳ୍ପାଚାର୍ଯ୍ୟ ଓ ରାଜଗୁରୁଙ୍କ ସନ୍ଦେହ ଦୂର କରିବା ପାଇଁ କହିଲେ, 'ଆପଣମାନେ ପରମଭକ୍ତ ରାଘବ ଦାସଙ୍କୁ ପରୀକ୍ଷା କରିବା ପାଇଁ ଆସି ମହାପ୍ରଭୁଙ୍କୁ ପରୀକ୍ଷା କରିବାର ଅପରାଧ କରିଛନ୍ତି। ଚାର ଗଢ଼ାହେବା ଦିନଠାରୁ ନିର୍ମାଣର ଶବ୍ଦ ଯୋଗୁଁ ମହାପ୍ରଭୁଙ୍କର ରୋଗଯନ୍ତ୍ରଣା ବହୁଗୁଣିତ ହୋଇଯାଇଛି। ରାଘବ ଦାସଙ୍କ ପ୍ରଦତ୍ତ ଚନ୍ଦନ କିଛି ପରିମାଣରେ ଠାକୁରଙ୍କ ଯନ୍ତ୍ରଣା ଉପଶମ କରିବାରେ ସହାୟକ ହୋଇଛି। ଅନବସର ସମୟରେ କୌଣସି ଶବ୍ଦ ଶାସ୍ତ୍ରର ବିରୁଦ୍ଧାରଣ କରେ।' ଏତିକି କହି ସ୍ୱର୍ଗବୈଦ୍ୟ ଅନ୍ତର୍ଦ୍ଧାନ ହୋଇଗଲେ। ବ୍ରହ୍ମା ଓ ରଥ ରାଘବ ଦାସଙ୍କୁ କ୍ଷମା ପ୍ରାର୍ଥନା କଲେ। ଚାର ଗଢ଼ିବା କାମ ଅନବସର ଶେଷ ହେବା ପର୍ଯ୍ୟନ୍ତ ସ୍ଥଗିତ ରହିଲା।

ରାଜାଙ୍କ ଅନୁରୋଧରେ ରାଘବ ଦାସ ଅନବସର ବେଳେ ପାଳନ କରାଯିବାକୁ ଥିବା ନିୟମ ପ୍ରଣୟନ କଲେ। ଅନବସର ଘରେ ବାର୍ତ୍ତାଳାପ, ବାଦ୍ୟ, ଘଣ୍ଟ, ଘଣ୍ଟା, ନୃତ୍ୟ, ସଙ୍ଗୀତ, ମନ୍ତ୍ର ଉଚ୍ଚାରଣ ଆଦି ହେବ ନାହିଁ। ରଙ୍ଗୀନ ଫୁଲ ଲାଗି କରାଯିବ ନାହିଁ କି ପୁରାଣଶାସ୍ତ୍ର ପଢ଼ାଯିବ ନାହିଁ। ଗନ୍ଧ ଦ୍ରବ୍ୟ ଓ ରନ୍ଧା ଦ୍ରବ୍ୟ ସମର୍ପଣ ହେବ ନାହିଁ। ରାଘବ ଦାସ ରହୁଥିବା ଆଶ୍ରମର ନାମ ପରବର୍ତ୍ତୀ କାଳରେ ରାଘବ ଦାସ ମଠ ନାମରେ ଖ୍ୟାତି ଲାଭ କଲା। ଏହି ମଠ ଆଜିପର୍ଯ୍ୟନ୍ତ ମହାପ୍ରଭୁଙ୍କ ସେବାରେ ପ୍ରମୁଖ ଭୂମିକା ଗ୍ରହଣ କରି ଆସିଛି।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ହୀରାକୁଦ ଜଳସ୍ତର ୬୨୭.୭୩ ଫୁଟ୍

**ଗୋଟିଏ ଗେଟ୍ ଖୋଲା**

ସମ୍ବଲପୁର, ୯।୯ (ସମିସ): ଉପରମୁଣ୍ଡରେ ବର୍ଷା କମିବାରୁ ହୀରାକୁଦ ଜଳଭଣ୍ଡାର କର୍ତ୍ତୃପକ୍ଷ ପର୍ଯ୍ୟାୟକ୍ରମେ ଗେଟ୍ ବନ୍ଦ କରୁଥିବା ବେଳେ ବର୍ତ୍ତମାନ ବାମ ପାର୍ଶ୍ୱର ମାତ୍ର ଗୋଟିଏ ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଛି। ଆଜି ଅପରାହ୍ଣ ୩ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୨୭.୭୩ ଫୁଟ୍‌ରେ ପହଞ୍ଚିଛି। ଜଳଭଣ୍ଡାରକୁ ଏବେ ସେକେଣ୍ଡ ପ୍ରତି ୮୭,୮୬୧ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୪୯,୭୪୬ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧୬,୨୬୬ ଘନଫୁଟ ଜଳ ପ୍ରବାହିତ ହେଉଥିବା ବେଳେ ପାୱାର ଚ୍ୟାନେଲ ଦେଇ ୨୯,୨୦୩ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ୍, କେନାଲ ପାଇଁ ୪,୦୩୪ ଘନଫୁଟ ଜଳ ନିଷ୍କାସିତ ହେଉଛି। ସୂଚନାନୁଯାୟୀ, ନଦୀବନ୍ଧର ଉପରମୁଣ୍ଡରେ ୭.୨୨ ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୪.୮୯ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୩.୯୧ ଫୁଟ୍ ରହିଥିଲା।

## ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

ସମ୍ବଲପୁର, ୯।୯(ସମିସ): ସମ୍ବଲପୁର ଅତିରିକ୍ତ ଜିଲ୍ଲା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ବିଚାରପତି ଅଭିଳାଷ ସେନାପତି ଆଜି ଜଣେ ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍ ଓ ୫୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଆଉ ଏକ ବର୍ଷ ଅଧିକ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ଦୋଷୀଜଣଙ୍କ ହେଲା, ସମ୍ବଲପୁର କ୍ଷେତରାଜପୁର ଥାନା ଅଞ୍ଚଳର ରାଜୁ କୁମ୍ଭାର। ୨୧ଜଣଙ୍କ ସାକ୍ଷ୍ୟପ୍ରମାଣ ଓ ତଥ୍ୟ ଆଧାରରେ କୋର୍ଟ ଏହି ରାୟ ଦେଇଛନ୍ତି। ସୂଚନାନୁଯାୟୀ, ୨୦୧୮ ଜୁଲାଇ ୨୧ତାରିଖରେ ୧୪ ବର୍ଷୀୟା ଜଣେ ନାବାଳିକା ଏକ ଦୋକାନକୁ ଯାଇଥିବା ବେଳେ ଅଭିଯୁକ୍ତ ତାକୁ ଅପହରଣ କରି ଚକ୍ରଧରପୁରକୁ ନେଇଯାଇଥିଲା। ସେଠାରେ କିଛି ଦିନ ରଖି ଦୁଷ୍କର୍ମ କରିବା ପରେ ରାଉରକେଲା ଚାଲି ଆସିଥିଲା। ସେଠାରେ ମଧ୍ୟ ସେ ନାବାଳିକାକୁ ୪ ଦିନ ଧରି ଦୁଷ୍କର୍ମ କରିଥିଲା। ତେବେ ପୀଡ଼ିତାଜଣଙ୍କ ସୁଯୋଗ ପାଇ ଏ ସଂପର୍କରେ ଫୋନ୍‌ରେ ତା' ମା'ଙ୍କୁ ସବୁ ଜଣାଇବା ପରେ ପରିବାରଲୋକ କ୍ଷେତରାଜପୁର ଥାନାରେ ଅଭିଯୋଗ କରିଥିଲେ। ପୁଲିସ୍ ଏକ ମାମଲା ରୁଜୁ କରି ରାଉରକେଲାରୁ ନାବାଳିକାକୁ ଉଦ୍ଧାର କରିବା ସହ ରାଜୁକୁ ଗିରଫ କରିଥିଲା। ଆଜି ଅତିରିକ୍ତ ଜିଲ୍ଲା ଜଜ୍ ଓ ପୋକ୍‌ସୋ ବିଚାରପତି ଅଭିଳାଷ ସେନାପତି ୨୧ ଜଣଙ୍କ ସାକ୍ଷ୍ୟପ୍ରମାଣ ଓ ତଥ୍ୟ ଆଧାରରେ ଶୁଣାଣି କରି ଅଭିଯୁକ୍ତ ରାଜୁ କୁମ୍ଭାରକୁ ଦୋଷୀ ସାବ୍ୟସ୍ତ କରିଥିଲେ। ସ୍ୱତନ୍ତ୍ର ପିପି ସନ୍ତୋଷ କୁମାର ପଣ୍ଡା ମାମଲା ପରିଚାଳନା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସି ପି ରାଧାକ୍ରିଷ୍ଣନ୍...

ନେଇ ଗଠିତ ଇଲେକଟୋରାଲ କଲେଜ ଏହି ମତଦାନରେ ସାମିଲ ହୋଇଥିଲା। ଆଜି ଦିନ ୧୦ଟାରୁ ମତଦାନ ଆରମ୍ଭ ହୋଇ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାଲିଥିଲା। ତେବେ ୭୮୧ ସାଂସଦଙ୍କ ମଧ୍ୟରୁ ୭୬୭ ସାଂସଦ ମତଦାନ କରିଥିଲେ। ଅନ୍ୟପକ୍ଷରେ ବିଜେଡିର ୭, ବିଆରଏସ୍‌ର ୪ ଏବଂ ଅକାଳୀ ଦଳର ଜଣେ ସାଂସଦଙ୍କୁ ମିଶାଇ ୧୪ ଜଣ ସାଂସଦ ମତଦାନରେ ଭାଗ ନେଇନଥିଲେ। ସନ୍ଧ୍ୟାରେ ମତଗଣନା କରାଯାଇ ଫଳାଫଳ ଘୋଷଣା କରାଯାଇଛି। ରିଟର୍ଣ୍ଣିଂ ଅଫିସର ଫଳାଫଳ ଘୋଷଣା କରି କହିଲେ ଯେ ଆଜିର ମତଦାନରେ ୭୬୭ଟି ଭୋଟ୍ ପଡ଼ିଥିଲା। ଏଥିମଧ୍ୟରୁ ୭୫୨ଟି ବୈଧ ଥିବା ବେଳ ୧୫ଟି ଭୋଟ୍ ନାକଚ ହୋଇଥିଲା। ବୈଧ ଭୋଟ ମଧ୍ୟରୁ ରାଧାକ୍ରିଷ୍ଣନଙ୍କୁ ୪୫୨ଟି ପ୍ରଥମ ପସନ୍ଦର ଭୋଟ୍ ମିଳିଥିବା ବେଳେ ସୁଦର୍ଶନଙ୍କୁ ମିଳିଛି ୩୦୦ଟି ପ୍ରଥମ ପସନ୍ଦର ଭୋଟ୍।

ସୂଚନାଯୋଗ୍ୟ ଯେ ଉପରାଷ୍ଟ୍ରପତି ନିର୍ବାଚନରେ ୧୫୨ ହେଉଛି ସବୁଠାରୁ କମ୍ ବିଜୟ ବ୍ୟବଧାନ। ୨୦୨୨ରେ ଅନୁଷ୍ଠିତ ଉପରାଷ୍ଟ୍ରପତି ନିର୍ବାଚନରେ ଏନଡିଏ ପ୍ରାର୍ଥୀ ଧନଖଡ଼ ୫୨୮ ଟି ଭୋଟ୍ ପାଇଥିବା ବେଳେ ବିରୋଧୀ ଦଳ ପ୍ରାର୍ଥୀ ମାର୍ଗାରେଟ୍ ଆଲଭା ପାଇଥିଲେ ମାତ୍ର ୧୮୨ଟି ଭୋଟ୍। ୩୪୬ଟି ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଥିଲେ ଧନଖଡ଼। ଗତ ଜୁଲାଇ ମାସରେ ଜଗଦୀପ ଧନଖଡ଼ ଇସ୍ତଫା ଦେବାପରେ ଉପରାଷ୍ଟ୍ରପତି ନିର୍ବାଚନ ଜରୁରି ହୋଇପଡ଼ିଥିଲା। ଏହି ପଦଲାଗି ଏନ୍‌ଡିଏ ପକ୍ଷରୁ ବିଜେପି ନେତା ତଥା ମହାରାଷ୍ଟ୍ର ଗଭର୍ଣ୍ଣର ସିପି ରାଧାକ୍ରିଷ୍ଣନଙ୍କୁ ପ୍ରାର୍ଥୀ କରାଯାଇଥିବା ବେଳେ ବିରୋଧୀ ମେଣ୍ଟ ପକ୍ଷରୁ ସୁପ୍ରିମ କୋର୍ଟର ପୂର୍ବତନ ବିଚାରପତି ବି ସୁଦର୍ଶନ ।।ରେଡୀଙ୍କୁ ପ୍ରାର୍ଥୀ କରାଯାଇଥିଲା।

ନବନିର୍ବାଚିତ ଉପରାଷ୍ଟ୍ରପତି ଚନ୍ଦ୍ରପୁରମ ପନୁସାମୀ ରାଧାକ୍ରିଷ୍ଣନ ୨୦ ଅକଟୋବର ୧୯୫୭ରେ ତାମିଲନାଡୁର ତିରିପୁରରେ ଜନ୍ମ ଗ୍ରହଣ କରିଥିଲେ। ଜଣେ ଆରଏସଏସ୍ କର୍ମୀ ଭାବେ ସାମାଜିକ ଜୀବନ ଆରମ୍ଭ କରିଥିବା ରାଧାକ୍ରିଷ୍ଣନ ୧୯୮୦ରେ ବିଜେପି ଗଠନ ହେବା ଦିନଠାରୁ ଦଳ ସହିତ ରହିଛନ୍ତି। ୧୯୯୮ ଏବଂ ୧୯୯୯ରେ ସେ ଦୁଇ ଥର କୋଏମ୍ବାଟୁରରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ। ୨୦୦୪ରୁ ୨୦୦୬ ପର୍ଯ୍ୟନ୍ତ ସେ ତାମିଲନାଡୁର ବିଜେପି ସଭାପତି ଦାୟିତ୍ୱ ତୁଲାଇଥିଲେ। ୨୦୨୩ ଫେବୃଆରିରେ ରାଧାକ୍ରିଷ୍ଣନଙ୍କୁ ଝାଡ଼ଖଣ୍ଡର ରାଜ୍ୟପାଳ ନିଯୁକ୍ତ କରାଯାଇଥିଲା। ଏହି ସମୟରେ ସେ ତେଲେଙ୍ଗାନା ଓ ଗୋଆର ରାଜ୍ୟପାଳ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇଥିଲେ। ୨୦୨୪ ଜୁଲାଇରେ ତାଙ୍କୁ ମହାରାଷ୍ଟ୍ର ରାଜ୍ୟପାଳ ନିଯୁକ୍ତ କରାଯାଇଥିଲା।

### କ୍ରସଭୋଟିଂ ନେଇ...

୪୫୨ ଭୋଟ୍ ମିଳିଥିବା ବେଳେ ବିରୋଧୀ ପ୍ରାର୍ଥୀ ସୁଦର୍ଶନ ରେଡୀଙ୍କୁ ୩୦୦ ଭୋଟ ମିଳିଛି। ୧୫ଟି ଭୋଟ୍ ନାକଚ ହୋଇଛି।

ଶାସକ ଏନ୍‌ଡିଏ ପାଖରେ ୪୨୫ ସାଂସଦ ଥିବା ବେଳେ ୱାଇଏସ୍‌ଆର କଂଗ୍ରେସର ୧୧ ଜଣ ସଭ୍ୟ ଏହାକୁ ସମର୍ଥନ ଘୋଷଣା କରିଥିଲେ। ତେଣୁ ଏନ୍‌ଡିଏ ପ୍ରାର୍ଥୀଙ୍କ ପ୍ରତି ୪୩୬ ସଭ୍ୟଙ୍କ ସମର୍ଥନ ଥିଲା। ସେହିଭଳି ବିରୋଧୀ ଦଳ ପ୍ରାର୍ଥୀଙ୍କ ପ୍ରତି ୩୨୪ (ଇଣ୍ଡିଆ ବ୍ଲକ୍ ୩୧୨ ଏବଂ ଆପ୍ ୧୨) ସାଂସଦଙ୍କ ସମର୍ଥନ ଥିଲା। ରାଧାପ୍ରିଷ୍ଣନଙ୍କୁ ଆକଳନ ଠାରୁ ୧୬ଟି ଅଧିକ ଭୋଟ୍ ମିଳିଥିବା ବେଳେ ରେଡୀଙ୍କୁ ୨୪ଟି କମ୍ ଭୋଟ୍ ମିଳିଛି। ତେଣୁ ମତଦାନରେ ବିରୋଧୀ ଦଳ ପକ୍ଷରୁ କ୍ରସଭୋଟିଂ ହୋଇଥିବା କୁହାଯାଉଛି। ନିର୍ବାଚନରେ ବିରୋଧୀଙ୍କୁ ଏକଜୁଟ୍ ରଖିବା ଲାଗି ବିରୋଧୀ ନେତାଙ୍କ ଉଦ୍ୟମ ସଂପୂର୍ଣ୍ଣ ରୂପେ ସଫଳ ହୋଇନଥିବା ଫଳାଫଳରୁ ଜଣାପଡ଼ିଛି। କାରଣ ଏହାର କିଛି ସାଂସଦ କ୍ରସଭୋଟିଂ କରିଥିବା ବେଳେ ଆଉ କିଛି ସାଂସଦଙ୍କ ଭୋଟ୍ ନାକଚ ହୋଇଛି। ତେବେ କିଏ କ୍ରସ୍‌ଭୋଟିଂ କରିଛନ୍ତି ତାହାକୁ ନେଇ ବିରୋଧୀ ମେଣ୍ଟରେ ଖୋଳତାଡ଼ ଆରମ୍ଭ ହୋଇଯାଇଛି। ଏସଂପର୍କରେ ପ୍ରତିକ୍ରିୟା ଦେଇ କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି ଯେ ତାଙ୍କ ପ୍ରାର୍ଥୀ ଏଥର ୪୦ ପ୍ରତିଶତ ଭୋଟ୍ ପାଇଛନ୍ତି। ଗତଥର କଂଗ୍ରେସ ପ୍ରାର୍ଥୀ ୨୬ ପ୍ରତିଶତ ଭୋଟ୍ ପାଇଥିଲେ।

### ହିଂସା, ଅରାଜକତା...

ଆହୁରି ଉଗ୍ର ରୂପ ନେଇଥିଲା। ବର୍ତ୍ତମାନ ସୁଦ୍ଧା ୨୨ ଜଣ ଆନ୍ଦୋଳନକାରୀଙ୍କ ମୃତ୍ୟୁ ହେଲାଣି। ଜେନେରାଲ ଜେଡ୍ ନାମରେ ଚାଲିଥିବା ଏହି ଆନ୍ଦୋଳନ ଆଜି ଆହୁରି ଭୟଙ୍କର ରୂପ ନେଇଥିଲା। ଆନ୍ଦୋଳନକାରୀମାନେ ହଜାର ହଜାର ସଂଖ୍ୟାରେ ଆଜି ପୁଣି ରାସ୍ତାକୁ ଆସି ସଂସଦ, ସୁପ୍ରିମ କୋର୍ଟ ସମେତ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କ ଘର ଉପରେ ଆକ୍ରମଣ କରି ନିଆଁ ଲଗାଇଦେଇଥିଲେ। ଏପରିକି ପୂର୍ବତନ ପ୍ରଧାନମନ୍ତ୍ରୀ ସେର ବାହାଦୁର ଦେଓବାଙ୍କୁ ସେମାନେ ଗୋଡ଼ାଇ ଗୋଡ଼ାଇ ମରଣାନ୍ତକ ଆକ୍ରମଣ କରିଛନ୍ତି। ଆଉ ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଘରେ ଆନ୍ଦୋଳନକାରୀ ନିଆଁ ଲଗାଇଦେବାରୁ ତାଙ୍କ ପତ୍ନୀ ପୋଡ଼ି ଯାଇ ପ୍ରାଣ ହରାଇଛନ୍ତି। ଆନ୍ଦୋଳନକାରୀ ଜ ।।ଣେ ମନ୍ତ୍ରୀଙ୍କୁ ରାସ୍ତା ଉପରେ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରୁଥିବାର ଦୃଶ୍ୟ ମଧ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋବରେ ଲାଗିଛି।

ପରିସ୍ଥିତି ଅସମ୍ଭାଳ ହେଉଥିବା ଦେଖି ରାଷ୍ଟ୍ରପତି ରାମଚନ୍ଦ୍ର ପୋଡ଼େଲ ଏବଂ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ଆଜି ସନ୍ଧ୍ୟାରେ ସେମାନଙ୍କ ପଦରୁ ଇସ୍ତଫା ଦେବାକୁ ଘୋଷଣା କରିଛନ୍ତି। ଏହାପୂର୍ବରୁ ଅନେକ ମନ୍ତ୍ରୀ ଇସ୍ତଫା ଦେଇ ସାରିଥିଲେ। ଖବର ମିଳିଛି ଯେ ପ୍ରଧାନମନ୍ତ୍ରୀ ଓଲି ଇସ୍ତଫା ଦେବାକୁ ରାଜି ନଥିଲେ। ଆନ୍ଦୋଳନକାରୀଙ୍କୁ ଦମନ କରିବା ଲାଗି ସେ ସେନା ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷରେ ସେନା ଅଧ୍ୟକ୍ଷ ଏଥିରେ ରାଜି ହୋଇନଥିଲେ ଏବଂ ଓଲିଙ୍କୁ ଗାଦି ଛାଡ଼ିବା ଲାଗି ପରାମର୍ଶ ଦେଇଥିଲେ। ଏହାପରେ ଓଲି ଇସ୍ତଫା ଘୋଷଣା କରିଥିଲେ।

ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଘୋଷଣା ପରେ କିଛି ଆନ୍ଦୋଳନକାରୀ ଆନନ୍ଦ ପ୍ରକାଶ କରୁଥିବା ବେଳେ ଅନେକ ଆନ୍ଦୋଳନକାରୀ ସଂସଦ ଭିତରେ ପଶି ନିଆଁ ଲଗାଇବା ସହିତ ଭଙ୍ଗାରୁଜା କରିଛନ୍ତି। ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଘରୋଇ ବାସଭବନ ଉପରେ ମଧ୍ୟ ସେମାନେ ଆକ୍ରମଣ କରିଛନ୍ତି।

ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ପରେ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଲାଗି ଆଗେଇ ଆସିଛି ସେନା। ଅନେକ ସାମରିକ ହେଲିକପଟର ମନ୍ତ୍ରୀ ଓ ଅଫିସରମାନଙ୍କୁ ନେଇ ତ୍ରିଭୂବନ ଆନ୍ତର୍ଜାତିକ ବିମାନଘାଟୀକୁ ନେଉଥିବାର ଦେଖାଯାଇଛି। ଏହାର କିଛି ସମୟ ପରେ ବିମାନଘାଟୀରେ ବିମାନ ସେବାକୁ ବାତିଲ କରାଯାଇଛି।

ଇତିମଧ୍ୟରେ ସେନାବାହିନୀ ପକ୍ଷରୁ ଆନ୍ଦୋଳନକାରୀଙ୍କୁ ଶାନ୍ତି ବଜାୟ ରଖିବା ଲାଗି ନିବେଦନ କରାଯାଇଛି। ସେନା ପକ୍ଷରୁ କୁହାଯାଇଛି ଯେ ନେପାଳ ଓ ନେପାଳବାସୀଙ୍କର ସ୍ୱାଧୀନତା ଓ ସାର୍ବଭୌମତ୍ୱ ର ସୁରକ୍ଷା ଲାଗି ସେନା ସାମ୍ବିଧାନିକ ଦାୟିତ୍ୱ ତୁଲାଇବାକୁ ସଂକଳ୍ପବଦ୍ଧ। ଶାନ୍ତି, ସାମାଜିକ ସଦଭାବ ଏବଂ ଜାତୀୟ ଏକତା ବଜାୟ ରଖିବାରେ ସେନାକୁ ସହଯୋଗ କରିବା ଲାଗି ସେନା ଯୁବ ଆନ୍ଦୋଳନକାରୀଙ୍କୁ ଆହ୍ୱାନ ଜଣାଇଛି।

ସୂଚନାଯୋଗ୍ୟ ଯେ ୨୦୦୮ ରେ ୨୩୯ ବର୍ଷ ପୁରୁଣା ରାଜତନ୍ତ୍ର ସମାପ୍ତ ହେବାପରେ ନେପାଳରେ ରାଜନୈତିକ ଅସ୍ଥିରତା ଲାଗି ରହିଛି। ଗତ ୧୭ ବର୍ଷ ଭିତରେ ନେପାଳରେ ୧୪ଟି ସରକାର ଗଠିତ ହେଲାଣି ଏବଂ କୌଣସି ଗୋଟିଏ ସରକାର ବି ୫ ବର୍ଷ କାର୍ଯ୍ୟକାଳ ପୂରଣ କରିପାରି ନାହିଁ। ୭୩ ବର୍ଷୀୟ ଓଲି ଗତବର୍ଷ ଚତୁର୍ଥ ଥର ଲାଗି ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲେ।

### ଶୀତଳ ଭଣ୍ଡାରରେ...

ଓଡ଼ିଶାରେ ବିରଳ କଳାବାଘ ଦେଖାଯାଉଥିବା ବେଳେ ଏଥିପାଇଁ ଶିମିଳିପାଳକୁ ବହୁ ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ। ଏସବୁକୁ ଦୃଷ୍ଟିରେ ରଖି ଗତ ୨୦୨୪ ଜାନୁଆରୀ ମାସରେ ଶିମିଳିପାଳଠାରେ ଏକ କଳାବାଘ ସଫାରୀ ନିର୍ମାଣ ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ବାରିପଦା ନିକଟରେ ଅର୍ଥାତ ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟଠାରୁ ପ୍ରାୟ ୧୫ କିଲୋମିଟର ଦୂରରେ ଥିବା ଏହି ସଫାରୀ ପ୍ରାୟ ୨୦୦ ହେକ୍ଟରରୁ ଅଧିକ ଅଞ୍ଚଳରେ ହେବାର ଥିଲା। ଏଥି ମଧ୍ୟରୁ ୧୦୦ ହେକ୍ଟର ଅଞ୍ଚଳ ପ୍ରଦର୍ଶନୀ କ୍ଷେତ୍ର ପାଇଁ ଥିବାବେଳେ ଅବଶିଷ୍ଟ ଅଞ୍ଚଳକୁ ପଶୁ ଚିକିତ୍ସା ସେବା ସୁବିଧା, କର୍ମଚାରୀ ଭିତ୍ତିଭୂମି, ପରିଦର୍ଶକ ସୁବିଧା ଏବଂ ଏକ ଉଦ୍ଧାର କେନ୍ଦ୍ରର ବିକାଶ ପାଇଁ ବ୍ୟବହାର କରାଯିବାର ପ୍ରସ୍ତାବ ଥିଲା। ଏହି ସଫାରୀ କଳାବାଘ ଭଳି ବିରଳ ବନ୍ୟଜନ୍ତୁଙ୍କ ସଂରକ୍ଷଣ ଆବଶ୍ୟକତା ବିଷୟରେ ସଚେତନତା ସୃଷ୍ଟି କରିବା ସହିତ ଓଡ଼ିଶାର ଅନନ୍ୟ ଜୈବ ବିବିଧତାର ସଂରକ୍ଷଣ ଏବଂ ପ୍ରଦର୍ଶନ ପାଇଁ ରାଜ୍ୟର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥାନ୍ତା ବୋଲି ରାଜ୍ୟ ସରକାର ଲକ୍ଷ୍ୟ ରଖିଥିଲେ।

ମାତ୍ର ରାଜ୍ୟରେ ସରକାର ବଦଳିବା ପରେ ପରେ ଏହି ବିରଳ କଳାବାଘଙ୍କୁ ନେଇ ଶିମିଳିପାଳରେ ପ୍ରସ୍ତାବିତ ବ୍ୟାଘ୍ର ସଫାରୀ କାର୍ଯ୍ୟ ଆଗେଇ ପାରୁନାହିଁ। ଇତି ମଧ୍ୟରେ କଳାବାଘ ସଫାରୀ ଘୋଷଣାକୁ ଦେଢବର୍ଷ ପୂରିଗଲାଣି। ପୂର୍ବ ସରକାରଙ୍କ ଘୋଷଣା ଅନୁଯାୟୀ ଅକ୍ଟୋବର ୨୦୨୫ରେ ଏହି କଳାବାଘ ସଫାରୀ ପ୍ରଦର୍ଶନୀ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଥାନ୍ତା। ଅମଲାତାନ୍ତ୍ରିକ ଅବହେଳା ଓ ବିଭାଗୀୟ ଉଦାସୀନତା ଯୋଗୁଁ ଏହି ପ୍ରକଳ୍ପ ଆଗେଇ ପାରୁନଥିବା ଅଭିଯୋଗ ଏବେ ଅଭିଯୋଗ ହୋଇଛି ହେଉଛି। ଯାହାଫଳରେ ଏହି ବିରଳ କଳାବାଘ ସଫାରୀ ପ୍ରସ୍ତାବ ଶୀତଳଭଣ୍ଡାରରେ ରହିଯାଇଛି। ସୂଚନା ଥାଉ କି ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟ ୨୭୫୦ ବର୍ଗ କିଲୋମିଟର ଅଞ୍ଚଳରେ ପରିବ୍ୟାପ୍ତ। ଏଠାରେ ୫୦ ରୁ ଅଧିକ ସ୍ତନ୍ୟପାୟୀ ପ୍ରଜାତି, ୩୦୦ରୁ ଅଧିକ ପକ୍ଷୀ ପ୍ରଜାତି ଏବଂ ୬୦ ରୁ ଅଧିକ ସରୀସୃପ ପ୍ରଜାତିର ବାସସ୍ଥାନ କରୁଛନ୍ତି। ରାଜ୍ୟର ସର୍ବାଧିକ ବାଘ ଏଠାରେ ରହିଥିବା ବେଳେ ଦେଶରେ ଏକମାତ୍ର ସ୍ଥାନ ଭାବେ ଏଠାରେ ବିରଳ କଳାବାଘ ଦେଖାଯାଇଥାନ୍ତି।

### ୧୩ ତାରିଖ...

ସ୍ଥିତି ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଉପରେ ସକ୍ରିୟ ରହିଛି ଘୂର୍ଣ୍ଣିବଳୟ। ଏହା ପ୍ରଭାବରେ ଆସନ୍ତା ୧୩ ତାରିଖ ଯାଏଁ ରାଜ୍ୟର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟ ଧରଣର ବର୍ଷା ହେବ। ଏହା ପ୍ରଭାବରେ ଉତ୍ତର ଓ ଦକ୍ଷିଣ ଓଡ଼ିଶାର ଅନେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ସେ କହିଛନ୍ତି। ଅନ୍ୟପଟେ ଗତ ୨୪ ଘଣ୍ଟାରେ ରାଜ୍ୟର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଥିବା ବେଳେ ଗୋଟିଏ ସ୍ଥାନରେ ଅତ୍ୟନ୍ତ ପ୍ରବଳ ଓ ଗୋଟିଏ ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ ହୋଇଛି। ରାୟଗଡ଼ା ଜିଲ୍ଲାର କୋଟ୍ରାଗୁଡ଼ାରେ ସର୍ବାଧିକ ୫୮.୨ ମିମି ବର୍ଷା ରେକର୍ଡ କରାଯାଇଛି।

### ବର୍ଷକରେ ଇଭି...

ପ୍ରତିଶତ ଇଭି ଚଳପ୍ରଚଳ କରିବ। ୨୦୩୬ ଅର୍ଥାତ ଓଡ଼ିଶାକୁ ଶହେ ବର୍ଷ ବେଳକୁ ଏହି ସଂଖ୍ୟା ୭୦ ଓ ୨୦୪୭ ସୁଦ୍ଧା ମୋଟ୍ ଗାଡ଼ିର ୮୦ ପ୍ରତିଶତ ଇଭି ରହିଥିବ ବୋଲି ଏଥିରେ ଦର୍ଶାଯାଇଛି। ନୂତନ ନୀତିରେ ୨ ଚକିଆ ଇଭି ଗାଡ଼ି ପାଇଁ ସର୍ବାଧିକ ୨୦ ହଜାର ଟଙ୍କା, ୩ ଚକିଆ ପାଇଁ ୩୦ ହଜାର ଓ ୪ ଚକିଆ ଗାଡ଼ି ପାଇଁ ଦେଢ଼ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରିଆତି ପ୍ରଦାନ କରାଯିବ। ଏହା ସହିତ ବୈଦ୍ୟୁତିକ ବସ୍, ପରିବହନ ସେବା ପାଇଁ ଗାଡ଼ି ଓ ଟ୍ରକ୍ ଓ ଇଭି ଆମ୍ବୁଲାନ୍ସ ଇତ୍ୟାଦି ପାଇଁ ମଧ୍ୟ ଉତ୍ସାହଜନକ ଭାବେ ରିଆତି ଦିଆଯିବ।

ଆସନ୍ତା ୬ ମାସ ମଧ୍ୟରେ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟରେ ବ୍ୟବହୃତ ହେଉଥିବା ଗାଡ଼ି ଗୁଡ଼ିକୁ ଇଭି ଗାଡ଼ିରେ ପରିବର୍ତ୍ତନ କରାଯିବ। ସେହିପରି ରାଜ୍ୟର ସବୁ ସହରାଞ୍ଚଳରେ ପୌର ସଂସ୍ଥାଗୁଡ଼ିକ ଅଳିଆ ସଂଗ୍ରହ ଗାଡ଼ି ଓ ସେବାରେ ନିୟୋଜିତ ଗାଡ଼ି ଗୁଡ଼ିକୁ ଇଭିରେ ପରିବର୍ତ୍ତନ କରିବେ। ରାଜ୍ୟର ସମସ୍ତ ପାର୍କ, ପର୍ଯ୍ୟଟନ କ୍ଷେତ୍ର, ପିକ୍‌ନିକ୍ ସ୍ପଟ୍ ଆଦିରେ ସଲଟ୍ ସେବାରେ ବ୍ୟବହୃତ ଗାଡ଼ି ଓ ଡଙ୍ଗାକୁ ସୌରଚାଳିତ ବା ଇଭିରେ ରୂପାନ୍ତରିତ କରାଯିବ। ଏଥିପାଇଁ ୧୨ ମାସ ସମୟ ନିଆଯିବ । ଅନୁରୂପ ଭାବରେ ବର୍ଷେ ମଧ୍ୟରେ ସମସ୍ତ ସ୍କୁଲ୍ କଲେଜ୍‌ରେ ଚାଲୁଥିବା ବସ୍, ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଚାଲୁଥିବା ଆମ୍ବୁଲାନ୍ସ ଓ ପୁଲିସ ପିସିଆର ଗୁଡ଼ିକ ମଧ୍ୟ ଇଭିରେ ରୂପାନ୍ତରିତ ହେବ। ଏଥିପାଇଁ ରାଜ୍ୟରେ ବ୍ୟାଟେରୀ ସ୍ୱାପିଂ କେନ୍ଦ୍ର ପ୍ରତିଷ୍ଠା ପାଇଁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରିଆତି ବ୍ୟବସ୍ଥା କରାଯିବା ସହିତ ୩୦୦ ନୂଆ ଇଭି ଚାର୍ଜିଂ ଷ୍ଟେସନ୍ ସ୍ଥାପନ ହେବ ଏଥିପାଇଁ ୫ ଲକ୍ଷ ଟଙ୍କା ରିଆତି ବ୍ୟବସ୍ଥା ହୋଇଛି। ପ୍ରକାଶିତ ଏହି ଚିଠି ବିଜ୍ଞପ୍ତିକୁ ନେଇ ଗୋଟିଏ ମାସ ପର୍ଯ୍ୟନ୍ତ ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ। ଏହା ପରେ ବିଭାଗ ପକ୍ଷରୁ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଇବ।

### କେନ୍ଦ୍ର ଓ ରାଜ୍ୟକୁ...

ତରଫରୁ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ଓ ଆଶୁତୋଷ ପାଢୀ ମାମଲା ପରିଚାଳନା କରୁଛନ୍ତି। ଆବେଦନକାରୀ ଅଭିଯୋଗ କରିଛନ୍ତି ଯେ ପ୍ରକଳ୍ପଟି ବାଧ୍ୟତାମୂଳକ ପରିବେଶଗତ ଅନୁମତି (ଇସି), ଜଙ୍ଗଲ ଅନୁମତି (ଏଫସି) କିମ୍ବା ଉପକୂଳ ନିୟନ୍ତ୍ରଣ କ୍ଷେତ୍ର (ସିଆରଜେଡ୍) ଅନୁମୋଦନ ବିନା ଆରମ୍ଭ ହୋଇଛି। ସମ୍ବେଦନଶୀଳ ଏବଂ ଘୂର୍ଣ୍ଣିଝଡ଼-ପ୍ରବଣ ଉପକୂଳ ଅଞ୍ଚଳରେ ଗଛ କାଟିବା ସ୍ଥାୟୀ ବିକାଶ ନୀତିର ଉଲ୍ଲଙ୍ଘନ ହୋଇଥିବା ବେଳେ ପ୍ରକଳ୍ପର ରାସ୍ତା ତିଆରି କରିବା ପାଇଁ ୧୩,୫୦୦ରୁ ଅଧିକ ଗଛ କଟାଯାଇଛି। ୪୭୧.୪୦୧ ହେକ୍ଟର୍ ପରିମିତ ଅଞ୍ଚଳରେ ହେବାକୁ ଥିବା ଏହି ବିମାନବନ୍ଦର ସ୍ଥାନରେ ଜଙ୍ଗଲ ଜମି ଅନ୍ତର୍ଭୁକ୍ତ ଏବଂ ଏହା ସିଆରଜେଡ୍-୩ ମଧ୍ୟରେ ଅବସ୍ଥିତ। ଏହି ଅଞ୍ଚଳ ବାଲୁଖଣ୍ଡ-କୋଣାର୍କ ବନ୍ୟପ୍ରାଣୀ ଅଭୟାରଣ୍ୟ ନିକଟରେ ରହିଛି, ଯାହା କୃଷ୍ଣସାର ମୃଗଙ୍କ ବାସସ୍ଥାନ ଏବଂ ଅଲିଭ୍ ରିଡଲେ କଇଁଛଙ୍କ ବସାଘର ଭାବେ ପରିଚିତ। ଏଣୁ ସିପସରୁବାଲି ମୌଜା ପ୍ରକଳ୍ପ ସ୍ଥାନରେ ଆପ୍ରୋଚ୍ ରୋଡ୍, ସୀମା ପ୍ରାଚୀର ଏବଂ ସାମଗ୍ରୀ ଷ୍ଟକ୍‌ୟାର୍ଡ ସମେତ ଚାଲିଥିବା ନିର୍ମାଣ କାର୍ଯ୍ୟ ଉପରେ ମଧ୍ୟବର୍ତ୍ତୀକାଳୀନ ସ୍ଥଗିତାଦେଶ ପାଇଁ ପ୍ରାର୍ଥନା କରାଯାଇଛି।

### ରାଜ୍ୟରେ ବଢୁଛି...

ମାନସିକ ଅସ୍ଥିରତାକୁ ଦାୟୀ କରାଯାଉଛି। କିଏ ଫାଶୀରେ ଝୁଲୁଛି ତ କିଏ ବିଷ ପିଇ ଜୀବନ ହାରୁଛି । କେହି ପାଣିକୁ ଡେଇଁ ଆତ୍ମହତ୍ୟା କରୁଛି, କିଏ ପୁଣି ଦେହରେ ନିଆଁ ଲଗାଇ, କିଏ ଟ୍ରେନ୍ ଆଗକୁ ଡ଼େଇଁ ଜୀବନ ହାରୁଛି । ପ୍ରତିଦିନ ଏପରି ଖବର ଗଣମାଧ୍ୟମର ଶିରୋନାମା ପାଲଟୁଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି ମୋଟ ଆତ୍ମହତ୍ୟାର ୭୦ ପ୍ରତିଶତ ହେଉଛନ୍ତି କେବଳ ଯୁବପିଢ଼ି ।

୧୮ ରୁ ୨୫ ବର୍ଷର ଯୁବବର୍ଗ ବା ବିଦ୍ୟାର୍ଥୀ ପ୍ରେମ, ପାଠପଢ଼ା ଚାପ, ପରିବାରଲୋକଙ୍କ ତାଗିଦ୍ ପାଇଁ ଆତ୍ମହତ୍ୟା କରୁଥିବାବେଳେ ୨୫ରୁ ୪୦ ବୟସ ବର୍ଗର ଲୋକମାନେ ପାରିବାରିକ କହଳ, ସଂସାର ବୋଝ, କର୍ମକ୍ଷେତ୍ରରେ ଚାପ କିମ୍ବା ବ୍ୟବସାୟରେ କ୍ଷତି ସହି ନପାରି ଆତ୍ମହତ୍ୟା ରାସ୍ତାକୁ ଆପଣାଉଥିବା ସୂଚନା ରହିଛି। ପରିବାର ଠାରୁ ଦୂରରେ ରହୁଥିବା ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଏଭଳି ଆତ୍ମହତ୍ୟା ଘଟଣା ଅଧିକ ଦେଖିବାକୁ ମିଳୁଛି। ଏ ସଂକ୍ରାନ୍ତରେ ମନସ୍ତତ୍ତ୍ୱିତ୍ ସଚ୍ଚିଦାନନ୍ଦ ନାଥ କହିଛନ୍ତି ଯେ, ଆତ୍ମହତ୍ୟାର ମୂଳ କାରଣ ହେଉଛି ନିଃସଙ୍ଗତା। ଯେଉଁମାନେ ବିଭିନ୍ନ କାରଣରୁ ମାନସିକ ଚିନ୍ତାରେ ରହୁଛନ୍ତି ସେମାନଙ୍କୁ ପରିବାର, ବନ୍ଧୁ କିମ୍ବା କର୍ମକ୍ଷେତ୍ରରେ ସହଯୋଗୀମାନେ ଏକାକୀ ନ କରି ସହଯୋଗ କଲେ ବ୍ୟକ୍ତିର ମାନସିକ ସ୍ଥିତି ବଦଳିଥାଏ। ତେଣୁ ଏଥିପ୍ରତି ସମସ୍ତେ ଗୁରୁତ୍ୱ ଦେବା ଉଚିତ୍। ବିଶେଷ କରି ବର୍ତ୍ତମାନ ଅଧିକ ଯୁବଗୋଷ୍ଠୀ ଡିଜିଟାଲ ଦୁଃଖ ବା ଯନ୍ତ୍ରଣାର ସମ୍ମୁଖୀନ ହେଉଛନ୍ତି। ଅଧିକ ସମୟ ଧରି ରିଲସ୍ ଦେଖିବା, ବିଭିନ୍ନ ପ୍ରକାର ଗେମ୍ ଖେଳିବା, ଅନ୍ୟର ଜୀବନଶୈଳୀକୁ ନିଜ ଜୀବନ ସହ ତୁଳନା କରି ଦୁଃଖ ପ୍ରକାଶ କରିବା, ସାମାଜିକ ଗଣମାଧ୍ୟରେ ଲାଇକ୍ କମିବାର ଚିନ୍ତା ଆଦି ଯୁବଗୋଷ୍ଠୀଙ୍କ ବ୍ୟବହାରରେ ପରିବର୍ତ୍ତନ କରିବା ସହ ମାନସିକ କ୍ଷେତ୍ରରେ ମଧ୍ୟ ଦୁର୍ବଳ ଅନୁଭବ ହୋଇଥାଏ। ଯାହାକି ସେମାନେ ଅନ୍ୟମାନଙ୍କ ଆଗରେ ପ୍ରକାଶ କରିନପାରି ଆତ୍ମହତ୍ୟା ପାଇଁ ମନସ୍ଥ କରିଥାନ୍ତି। ତେବେ ଆତ୍ମହତ୍ୟା କେବେହେଲେ ଏକ ତତ୍‌କ୍ଷଣାତ୍ ନିଷ୍ପତ୍ତି ନୁହେଁ, ଏଥିପାଇଁ ପୂର୍ବରୁ ମାନସିକ ଭାବେ ଚିନ୍ତା କରାଯାଇଥାଏ। ତେବେ ଯେଉଁମାନେ ମାନସିକ ଭାବେ ଦୁର୍ବଳ ସେମାନେ ଛୋଟ ଛୋଟ କଥାକୁ ମନ ଭିତରେ ଗଭୀର ଭାବେ ଚିନ୍ତା କରି ଏଭଳି ନିଷ୍ପତ୍ତି ନେଉଛନ୍ତି।

ଏକ ରିପୋର୍ଟ ଅନୁସାରେ ଭାରତରେ ପ୍ରତି ୩ମିନିଟରେ ଜଣେ ଆତ୍ମହତ୍ୟା କରୁଥିବା ବେଳେ ଓଡ଼ିଶାରେ ପ୍ରତି ୧୦ଜଣଙ୍କ ମଧ୍ୟରୁ ଜଣେ ଆତ୍ମହତ୍ୟା କରିବାକୁ ଚିନ୍ତା କରୁଛନ୍ତି। ସାମାଜିକ ଗଣମାଧ୍ୟମ ଆବଶ୍ୟକତା ଠାରୁ ଅଧିକ ବ୍ୟବହାର ନକରିବା, ପରିବାର ସଦସ୍ୟଙ୍କ ସହ ମନଖୋଲି କଥାବାର୍ତ୍ତା କରିବା କାର୍ଯ୍ୟକ୍ଷେତ୍ର ହେଉ ଅବା ବ୍ୟକ୍ତିଗତ କ୍ଷେତ୍ରରେ ଭଲ ବନ୍ଧୁଙ୍କ ସହ ସମ୍ପର୍କ ରଖିବା, ରାତିରେ ଭଲ ନିଦରେ ଶୋଇବା ଆଦିକୁ ଗୁରୁତ୍ୱ ଦେବା ନିହାତି ଜରୁରୀ ବୋଲି ଶ୍ରୀ ନାଥ କହିଛନ୍ତି।

**AFFIDAVIT**

By virtue of an affidavit sl No.- 8753, dtd. 08.09.2025 before the Executive Magistrate, Jajpur, I, Pritipiyusa Nayak, Vill/Po- Nandipur, Dist.- Jajpur, Odisha here by declare that my Father's correct name is Akshya Kumar Nayak but in Passport bearing no. L8794894 my fathers name reflected as Akhasy Nayk. That both the names are one and same person.

**AFFIDAVIT**

By virtue of an affidavit sworn before Notary Public Bhubaneswar, on dated 09.09.2025, I, Nabina Barik resident At- Khajuria, Ps- Kamakshya Nagar, Dist: Dhenkanal, PIN- 759018, Odisha, , declare that I have changed the name of my Son from Prenes Barik to Prince Barik. Henceforth He shall be known as **PRINCE BARIK** for all future purposes.

**Notice (Above 18 years of age)**

By virtue of an Affidavit sworn before the Notary Public, Udala, Mayurbhnaj, dated 09-09-2025 I, Thibu Murmu, Address At- Dahanibuda, Po- Silaghati, Ps- Khunta, Dist- Mayurbhanj, Pin- 757019 declare that I have changed my name Thiburam Murmu to Thibu Murmu . Henceforth I shall be known as Thibu Murmu for all purposes.
**Thibu Murmu**

**AFFIDAVIT**

I, Puspanjali Nayak, W/o- Shri Sridhar Nayak, resident of Village - Ostia, Po- Rasanga, PS Gania, Dist - Nayagarh, Pin - 752085, Odisha, declare by this affidavit No - 43932, dated - 09.09.2025, that now on wards I shall be known as Mrs.**PUSPANJALI NAIK** for all future purposes.

**NOTICE**

By virtue of an affidavit sworn before the Executive Magistrate, Bhubaneswar, CF No. 47, on dated 09/09/2025, I **MANASI BEHERA**, W/o Kalandi Behera resident of Village At- Balipada, Po- Binayakpur, Ps - Pipili, Dist- Puri, State- Odisha, Pin- 752104 declare that I have changed my name from **MANASI BHOI** to **MANASI BEHERA.** Henceforth, I shall be known as **MANASI BEHERA** for all future purposes.
(Sd- **MANASI BEHERA**)

**AFFIDAVIT**

By virtue of an affidavit sl No.- 705/25, dtd. 01.09.2025 before the Notary Public, Bhubaneswar, I, Jitan Sahoo,, At/Po- Talabasta, Ps- Banki, Dist.- Cuttack-754007 have changed my name from Jitrndra Kumar Sahoo to Jitan Sahoo. Henceforth I shall be known as Jitan Sahoo for all purposes.
**Sd/- Jitan Sahoo**

**AFFIDAVIT**

By virtue of an affidavit sworn before The Notary Public, Sunabeda dated 05/09/2025 I, Sri Abhimanyu Patra, S/o- Late Madhab Patra, Vill.- M Luhaba, Po.- Subai, Ps.- Nandapur, District- Koraput declare that I have changed my son's name from **Badant Patra** to **Bedant Patra**. Henceforth, my son shall be known as **Bedanta Patra** for all purposes.
Sd/-
Abhimanyu Patra

**AFFIDAVIT**

By virtue of an affidavit sworn before the Executive Magistrate, Delanga, AF No. 1522, on dated 22/08/2025, I **SUMANTA PRADHAN**, S/o Banambar Pradhan resident of Village At- Rench, Po- Berboi, Ps - Delanga, Via- Berboi, Dist- Puri, State- Odisha, Pin- 752016 declare that I have changed my minor son's name from **ISWARAJITI PRADHAN** to **SURYANSHU PRADHAN.** Henceforth, he shall be known as **SURYANSHU PRADHAN** for all future purposes.
Sd- **SUMANTA PRADHAN**

**LOST**

By virtue of an affidavit before the notary, Govt. of India, Titilagarh on 7/9/25 and a complain lodged in Titilagarh police station on 3/9/25, I, **Hifzul Rahman,** S/o Hafiji Habibula Rahman resident of At- Neherunagar Ward No.7, PO/PS- Titilagarh, Dist- Balangir, Odisha do hereby declare that, my original ROR of Mouza Titilagarh KHA PS. Titilagarh, PS. No.84 purchased holding No. 463/460 (Plot No. 475/2862/4153 & Plot No. 475/2862) has been lost some where in Titilagarh market on 03/09/2025, If any person finds the same, may please contact My Advocate Mr. Manoj Kumar Hati mobile no. 8598911191.

**ପୂର୍ବ ତଟ ରେଳପଥ**

**ପାର୍ସଲ ସ୍ଥାନ ଲିଜ୍‌ରେ ଦେବା ପାଇଁ ଇ-ନିଲାମ**

**08 SLRs ଏବଂ 04 VPs ର ଲିଜ୍ ଦେବା ନିମନ୍ତେ**

| କ୍ର. | ଟ୍ରେନ୍ ନଂ. ଏବଂ CC ଟନ୍ ରେ | ଠାରୁ - ପର୍ଯ୍ୟନ୍ତ | SLR ଆଗ/ପଛ | ଆବୃତ୍ତି | ଲଟ୍ ସମାପ୍ତି ସମୟ |
|---|---|---|---|---|---|
| 1 | 22974-73 | ପୁରୀ-ଗାନ୍ଧୀଧାମ (ରାଉଣ୍ଡ ଟ୍ରିପ୍) | VP | 1 ଦିନ | 16.09.2025,1130 ଘଟିକା |
| 2 | 20851-52 | ଭୁବନେଶ୍ୱର-ପୁଡୁଚେରୀ (ରାଉଣ୍ଡ ଟ୍ରିପ୍) | VP | 1 ଦିନ | 16.09.2025,1140 ଘଟିକା |
| 3 | 22805-06 | ଭୁବନେଶ୍ୱର-ଆନନ୍ଦ ବିହାର ଟର୍ମିନାଲ୍ (ରାଉଣ୍ଡ ଟ୍ରିପ୍) | VP | 1 ଦିନ | 16.09.2025,1150 ଘଟିକା |
| 4 | 12146-45 | ପୁରୀ-ଲୋକମାନ୍ୟ ତିଳକ ଟର୍ମିନସ୍ (ରାଉଣ୍ଡ ଟ୍ରିପ୍) | VP | 1 ଦିନ | 16.09.2025,1200 ଘଟିକା |
| 5 | 12074 | ଭୁବନେଶ୍ୱର - ହାଓଡ଼ା | F-1 | 7 ଦିନ | 17.09.2025,1130 ଘଟିକା |
| 6 | 12281 | ଭୁବନେଶ୍ୱର-ନୂଆଦିଲ୍ଲୀ | F-1 | 1 ଦିନ | 17.09.2025,1140 ଘଟିକା |
| 7 | 22805 | ଭୁବନେଶ୍ୱର-ଆନନ୍ଦ ବିହାର ଟର୍ମିନାଲ | F-1 | 1 ଦିନ | 17.09.2025,1150 ଘଟିକା |
| 8 | 18425 | ପୁରୀ-ଦୁର୍ଗ | R-1 | 7 ଦିନ | 17.09.2025,1200 ଘଟିକା |
| 9 | 20472 | ପୁରୀ-ଶ୍ରୀ ଗଙ୍ଗାନଗର | R-1 | 1 ଦିନ | 17.09.2025,1210 ଘଟିକା |
| 10 | 22890 | ପୁରୀ - ଦୀଘା | R-1 | 1 ଦିନ | 17.09.2025,1220 ଘଟିକା |
| 11 | 12278 | ପୁରୀ - ହାଓଡ଼ା | R-1 | 7 ଦିନ | 17.09.2025,1230 ଘଟିକା |
| 12 | 22974 | ପୁରୀ-ଗାନ୍ଧୀଧାମ | R-1 | 1 ଦିନ | 17.09.2025,1240 ଘଟିକା |

ଲଟ୍ ଆରମ୍ଭ ହେବା ତାରିଖ ଓ ସମୟ : **16.09.2025, 1100 ଘଟିକା** (କ୍ରମ ସଂ. 1 ରୁ 4 ପାଇଁ), **17.09.2025, 1100 ଘଟିକା** (କ୍ରମ ସଂ. 5 ରୁ 12 ପାଇଁ), ସର୍ବନିମ୍ନ ବୃଦ୍ଧି : **0.20%** (ସମସ୍ତ କ୍ରମ ସଂ. ପାଇଁ), ଲଟ୍ ସ୍ଥିତି : ଡ୍ରାଫ୍ଟ କ୍ୟାଟାଲଗ୍‌ରେ ନୂଆ (ସମସ୍ତ କ୍ରମ ସଂ. ପାଇଁ)।
କ୍ରମ ସଂ. 1 ରୁ 4 : ନିଲାମ କ୍ୟାଟାଲଗ୍ ସଂ. **KUR-VP-Sept-25**, କ୍ରମ ସଂ. 5 ରୁ 12 : ନିଲାମ କ୍ୟାଟାଲଗ୍ ସଂ. **KUR-SLR-Sept-02** ଏବଂ ତା.**01.09.2025**ରିଖ ରେ ପ୍ରକାଶ ପାଇବ **(VPs & SLRs)**।
ଉପରୋକ୍ତ ଇ-ନିଲାମ ବିଜ୍ଞପ୍ତିର ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ୍ **www.ireps.gov.in** ରେ ଉପଲବ୍ଧ।
**PR-569/Q/25-26** ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ୍

CAD-1702

ଟ.ଡ.ସ.ସ

**TRIBAL DEVELOPMENT CO-OPERATIVE CORPORATION OF ORISSA LTD (TDCCOL)**
Tel. 0674-2542475 / 2542617. Fax-2544828. Email: admin@tdccorissa.org,
website: www.tdccodisha.org

No.2462/TPCCOL Date- 08.09.2025

**Detail Tender Call Notice for Supply of a complete set up for Mustard Oil Expelling Machine along with seeds cleaning machine, Oil filter machine, bottling & labeling machine.**

Sealed Tender(s) are invited from only registered dealers/ manufacturers/ authorized suppliers for supply, installation, testing and commissioning of one **Cold Pressed Mustard Oil Expelling Machine along with seeds cleaning machine, Oil filter machine, bottling & labeling machine with crushing capacity up to 100Kg-120kg/Hr.,** with electrical and tools on turnkey basis to be installed at the following place:

| Sl | Machine to be installed | District | TDCCOL Branch |
|---|---|---|---|
| 1 | Oil Expelling Machine (with cleaning and bottling unit) | KANDHAMAL | BALLIGUDA |

The bidder(s) must submit Demand Draft for Rs. 50, 000/- (Rupees Fifty Thousand) only, drawn in favor of "Managing Director", TDCCOL, payable at Bhubaneswar" towards Earnest Money Deposit (EMD) for the machine. The Tender must be accompanied with brochure containing technical specifications of the machine. The details of the Tender call notice can be downloaded from www.tdccorissa.org.

The bidder(s) should quote their basic rate, taxes, installation charges, freight FOR destination, packing/ forwarding charges, training charges (maximum for 2 days) at site and other charges if any. The supply of the Machines including installation, testing and commissioning is to be completed within 20 days from receipt of the order. The last date for acceptance of Tender is up to **2:00 pm on dated-10.10.2025**

The undersigned reserves the right to accept or reject any or all Tenders without assigning any reason thereof.

OIPR-26005/11/0009/2526 **Managing Director**

**AFFIDAVIT**

By virtue of an affidavit sworn before the Executive Magistrate, Tangi, Dist.: Khordha, I, **Fakir Charan Panda**, aged about 68 years, S/o: Bhramarbar Panda of Village: Balarampur, PO.: Rameswar, PS: Nirakarpur, Dist.: Khordha declare by this Affidavit No.: 1166, Dated: 29.07.2025 that now onwards my wife's name will be known as **Susama Rani Panda** for all future purposes.
**Fakir Charan Panda**

**AFFIDAVIT**

By virtue of an affidavit C.F No.-22, dtd. 01.09.2025 in the court of the Executive Magistrate, Bhubaneswar, I, Pratap Kumar Dash have changed my name from Swadhin Kumar Das to Pratap Kumar Dash. Henceforth I shall be known as Pratap Kumar Dash for all purposes.
**Sd/-Pratap Kumar Dash**

**AFFIDAVIT**

By virtue of an Affidavit before Notary Public, Malkangiri, I, **Suruja Hembram**, aged about 60 years, W/o.: Rupae Hembram resident of Village: M.V-03, PO.: Tamasa, P.S./Dist.: Malkangiri, Odisha, declare by this Affidavit No.: 1253/25, Dated: 02.09.2025 that I have changed my & my husband surname from Suraj Mardi, W/o.: Rupae Mardi to **Suruja Hembram, W/o.: Rupae Hembram.** Henceforth I shall be known as **Suruja Hembram, W/o.: Rupae Hembram** for all future purposes.

**AFFIDAVIT**

By virtue of an affidavit C.F No.-23, dtd. 01.09.2025 in the court of the Executive Magistrate, Bhubaneswar, I, Manguli Charan Dash have changed my name from Manguli Bhoi to Manguli Charan Dash. Henceforth I shall be known as Manguli Charan Dash for all purposes.
**Sd/-Manguli Charan Dash**

**AFFIDAVIT**

By virtue of an Affidavit before Notary Public, Malkangiri, I, **Lachmi Padiami**, aged about 25 years, W/o.: Ram Padiami, D/o.: Muka Madkami, resident of Village/PO.: Tamasa, P.S./Dist.: Malkangiri, Odisha, declare by this Affidavit No.: 1540/2025, Dated: 08.09.2025 that I have changed my name from Lachmi Madkami to **Lachmi Padiami.** Henceforth I shall be known as **Lachmi Padiami**, for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Rairangpur, Mayurbhanj dated- 30/07/2025. I, Paresh Hembram, S/o Late Lalmohan Hembram, Address: Village- Kalimati, PO- Sanpurunapani, PS- Bisoi, Dist- Mayurbhanj, Odisha, PIN- 757033 declare that I have changed my daughter's name from Dangi Hembram (old name) to Basanti Hembram (new name). Henceforth, she shall be known as **Basanti Hembram** (new name) for all future purposes.

**AFFIDAVIT**

By virtue of an affidavit sworn before The Notary Public, Bhubaneswar, dtd- 03.09.2025 I, **Kiran Das**, W/o Abhaya Kumar Panda, resident of At/Po- Kalarahanga, PS- Mancheswar, Bhubaneswar, Dist- Khordha, Odisha, PIN- 751024 declare that I have changed my daughter's name from **Adyasha Das** to **Adyasha Panda.** Henceforth she shall be known as **Adyasha Panda** (new name) for all purposes.
**Kiran Das**

**AFFIDAVIT**

I, Monoranjan Parida, S/o- Udyanath Parida, resident of At- Bhikapada, Ps- Khalikote, Dist- Ganjam, Pin- 761029, Odisha declared by this affidavit No. 730, dtd- 08/09/2025 that now onwards I shall be known as **MANOJ KUMAR PARIDA** for all future purposes.

**AFFIDAVIT**

By virtue of an affidavit sworn before The Notary Public, Bhubaneswar, dtd- 04.09.2025 I, **Akhila Kumar Sahoo,** S/o- Bhikari Charan Sahoo, resident of New Forest park, Ashok Nagar, PS.- Capital, Bhubaneswar, Dist.- Khordha, Odisha, 751009 declare that I have changed my minor daughter's name from **Sai Anwesha Sahoo** to **Saianwesaa Sahoo.** Henceforth she shall be known as **Saianwesaa Sahoo** (new name) for all purposes.
**Akhila Kumar Sahoo**

**AFFIDAVIT**

By virtue of an affidavit sworn before The Notary Public, Bhubaneswar, dtd- 03.09.2025 I, **Muralidhar Sasmal,** S/o Budhiram Sasamal, resident of At- Penduparalli, PO- Bheteswar, PS- Banapur, Dist- Khorda, Odisha, PIN- 752031 declare that I have changed my name from **Murali Sasamal** to **Muralidhar Sasmal.** Henceforth I shall be known as **Muralidhar Sasmal** (new name) for all purposes.
**Muralidhar Sasmal**

**AFFIDAVIT**

By virtue of an affidavit sworn before The Executive Magistrate, Dhenkanal dated- 22/04/2025. I, **Avanti Samal,** D/o- Trinath Samal, Address: Village- Krushnakumarpur, PO- Kaimati, PS- Sadar, Dist- Dhenkanal, PIN- 759027, Odisha declare that I have changed my name from **Abanti Samal** to **Avanti Samal.** Henceforth, I shall be known as **Avanti Samal** (new name) for all purposes.
**Avanti Samal**

**AFFIDAVIT**

By virtue of an affidavit No- 5384 sworn before the Executive Magistrate Champua on dated- 06/09/2025. I Rebati Naik, W/O- Netrananda Naik, Resident of Vill/PO- Asanpat, PS- Baria, Dist- Keonjhar, Odisha, Pin- 758044 declare that I have changed my minor daughter's name from **CHANPI NAIK** (old name ) to **CHAMPI NAIK** (new name) Henceforth she shall be known as **CHAMPI NAIK** all future purposes.
**REBATI NAIK**

**AFFIDAVIT**

By virtue of an affidavit (CF No. 83, dtd- 07/10/2024) before The Exeutive Magistrate, Bhubaneswar. I, **Sourajit Acharya,** S/o Sashikanta Acharya, resident of At- Sariabarpatna, PO- Debidol, Dist- Jagatsinghpur, Odisha (Aadhar Card No: 8408 2004 2789) declares that, Sourajit Acharya and Sourjit Acharya is one and same person who is myself and Sashikanta Acharya and Sasikanta Acharya is one and same person who is my father.

**AFFIDAVIT**

I, Sudhanshu Sekhar Samal, aged about 46 years, S/o-Dhaneswar Samal, resident of At- Haladibasanta, Po- Sahupada, Ps- Bariramachandrapur, Dist- Jajpur, Pin- 755003, Odisha, do hereby declare by this affidavit No.1838, dtd- 08/09/2025, that now onwards I shall be known as **SUDHANSU SEKHAR SAMAL** for all future purposes.

**AFFIDAVIT**

By virtue of an affidavit sworn before The Notary Public, Bhubaneswar, dtd- 04.09.2025 I, **Sudarsan Jena,** S/o Ratha Jena, resident of At/Po- Chanarpur, PS- Balikuda, Dist- Jagatsinghpur, Odisha, PIN- 754107 declare that I have changed my minor daughter's name from **Sonakshi Nayak** to **Sonakshi Jena.** Henceforth she shall be known as **Sonakshi Jena** (new name) for all purposes.
**Sudarsan Jena**

**AFFIDAVIT**

By virtue of an affidavit sworn before The Notary Public, Bhubaneswar, dtd- 04.09.2025 I, **Susanta Khatua,** S/o Sudhira Chandra Khuntia, resident of At- Chakeisiani, PO- Rasulgarh, PS- Mancheswar, Bhubaneswar, Dist- Khordha, Odisha, PIN- 751010 declare that I have changed my name from **Susanta Kumar Khuntia** to **Susanta Khatua.** Henceforth I shall be known as **Susanta Khatua** (new name) for all purposes.
**Susanta Khatua**

## ବିଜେପୁରର ପ୍ରସିଦ୍ଧ ଅନନ୍ତ ବ୍ରତ ମହୋତ୍ସବ ଉଦ୍‌ଯାପିତ

### ● ଭସାଣିରେ ସାମିଲ ୮ ଟି ମେଢ଼



ବିଜେପୁର, ୯।୯ (ସମିସ): ବରଗଡ଼ ଜିଲ୍ଲା ବିଜେପୁରର ପ୍ରସିଦ୍ଧ ଅନନ୍ତ ବ୍ରତ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ମଙ୍ଗଳବାର ମଧପଡା, ତଳିପଡା, ଉପରପଡା, ମାଳପଡା, ଗାନ୍ଧୀ ପଡା, ଭୁଏପଡା, ବଜରଙ୍ଗ ଛକ, ମହାବୀର ଛକ ସମେତ ୮ ଟି ମୃଣ୍ମୟ ପ୍ରତିମୂର୍ତ୍ତିକୁ ବିସର୍ଜନ ପାଇଁ ଶୋଭାଯାତ୍ରାରେ କର୍ମକର୍ତ୍ତାଗଣ ବିଶାଳ ରାଲିରେ ସହର ପରିକ୍ରମା କରିଥିଲେ। ଶାନ୍ତିଶୃଙ୍ଖଳା ସହିତ ଏହି ଶୋଭାଯାତ୍ରା ଗାନ୍ଧୀ ଛକ, ଗଙ୍ଗାଧର ଛକ, ଉପରପଡା, ଜଗନ୍ନାଥ ମନ୍ଦିର, ମାରୁତି ଛକ, ବସଷ୍ଟାଣ୍ଡ, ଶ୍ରୀରାମ ନଗର ଛକ ବାଟ ଦେଇ ଭସାଣି ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଡିଜେ ବାଦ୍ୟ, ଘଣ୍ଟବାଦ୍ୟ, ରେକର୍ଡ ଡ୍ୟାନ୍ସ, କାର୍ଟୁନ୍ ଡ୍ୟାନ୍ସ, ଆଦିବାସୀ ନୃତ୍ୟ ସମେତ ବିଭିନ୍ନ ଲୋକନୃତ୍ୟ ସାମିଲ ହୋଇଥିଲା। ତଳିପଡା ମହୋତ୍ସବ କମିଟି ପକ୍ଷରୁ ମହାରାଜା ଜଳନ୍ଧରଙ୍କ ନଗର ଭ୍ରମଣକୁ ଶୋଭାଯାତ୍ରାରେ ସାମିଲ କରାଯାଇଥିଲା। ଶୋଭାଯାତ୍ରାକୁ ଉପଭୋଗ କରିବା ପାଇଁ ପ୍ରବଳ ଜନସମାଗମ ପରିଲକ୍ଷିତ ହୋଇଥିଲା। ପରେ ଅନନ୍ତ ନାରାୟଣଙ୍କ ମୃଣ୍ମୟ ପ୍ରତିମାକୁ ଦାମୋଦର ପୋଖରୀରେ ଭାବପୂର୍ଣ୍ଣ ଭାବେ ବିଦାୟ ଦିଆଯାଇଥିଲା। ଶ୍ରଦ୍ଧାଳୁ ମାନଙ୍କ ମନୋରଞ୍ଜନ ପାଇଁ ହାଇସ୍କୁଲ ପଡିଆରେ ମୀନାବଜାର ସହିତ ଜଳନ୍ଧର ଦରବାର ଅନୁଷ୍ଠିତ ହୋଇଥିଲା।

### ● ପିପିଲିପାଲିରେ ନୃତ୍ୟ ପ୍ରତିଯୋଗିତା

ବିଜେପୁର: ଶ୍ରୀଶ୍ରୀ ଅନନ୍ତ ମହାପ୍ରଭୁଙ୍କ ପୂଜା ଅବସରରେ ବିଜେପୁର ବ୍ଲକ୍‌ର ବିଭିନ୍ନ ଗାଁ ଉତ୍ସବମୁଖର ହୋଇ ଉଠିଥିଲା।



ବ୍ଲକ୍ ଅଧୀନ ସାଇପାଲି, ପିପିଲିପାଲି, ପଡା, ଲାଉମୁଣ୍ଡା, ଏମଶ୍ରିଗିଡା ପ୍ରମୁଖ ଗାଁ ମାନଙ୍କରେ ନୀତି ନିଷ୍ଠାର ସହିତ ପୂଜାର୍ଚ୍ଚନା ସମ୍ପନ୍ନ ହୋଇଯାଇଛି। ବିଜେପୁର ବିଧାୟକ ସନତ ଗଡତିଆ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟକୃଷ୍ଣ ଦଣ୍ଡସେନା ବିଜେପୁରର ସମସ୍ତ ମେଢ଼ ତଥା ପୂଜା ଅନୁଷ୍ଠିତ ହେଉଥିବା ଗାଁ ଗୁଡିକ ଯାଇ ଭଗବାନଙ୍କ ଦର୍ଶନ କରିଥିଲେ। ଏହି ଉପଲକ୍ଷେ ପ୍ରତ୍ୟେକ ଗାଁରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପିପିଲିପାଲି ଗାଁରେ ନୃତ୍ୟ ପ୍ରତିଯୋଗିତା ହୋଇଥିବା ବେଳେ କିଶୋର ପାତ୍ର, ପଙ୍କଜ ଭୋଇ, ପ୍ରେମରାଜ ଡନସେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅନିଲ ତରିଆ, ଅନ୍ୱେଷା ଶତପଥୀ, ସୁରେଶ ସାହୁ, କୃଷ୍ଣ ଚନ୍ଦ୍ର ନାଏକ, ଶେଷ ମେହେର, ନିକୁ ପଟେଲ, ପପୁ ପାଣୀଙ୍କ ସମେତ ପୂଜା କମିଟି କର୍ମକର୍ତ୍ତା ସହଯୋଗ କରିଥିଲେ।

## ବରଗଡ଼ ନାଗରିକ ସୁରକ୍ଷା ସଂଘ ଗଠିତ



ବରଗଡ଼, ୯।୯ (ସମିସ): ବରଗଡ଼ ସହରରେ ଜିଲ୍ଲା ପ୍ରଶାସନ ତରଫରୁ ବେଆଇନ ଉଚ୍ଛେଦ ତଥା ଅନ୍ୟାନ୍ୟ ଅନ୍ୟାୟ ପୂର୍ଣ୍ଣ କାର୍ଯ୍ୟକଳାପକୁ ପ୍ରତିହତ କରିବା ପାଇଁ ବରଗଡ଼ ନାଗରିକ ସୁରକ୍ଷା ସଙ୍ଘ ଗଠନ କରାଯାଇଛି। ଅସ୍ଥାୟୀ ଭାବେ ସଂଘର ଆବାହକ ଭାବେ ଆଇନଜୀବୀ ଲିପ୍ସିତ ମିଶ୍ରଙ୍କୁ ମନୋନୀତ କରାଯାଇଥିବା ବେଳେ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ଏବଂ ନିପନ ଦାସଙ୍କୁ ଉପଦେଷ୍ଟା, ସହରର ସମସ୍ତ ଅଞ୍ଚଳର ବିଭିନ୍ନ ବ୍ୟବସାୟିକ, ସାମାଜିକ ସଂଗଠନର ସଭାପତି ମାନଙ୍କୁ ସହ ଆବାହକ ଭାବେ ମନୋନୀତ କରାଯାଇଛି। ସଂଗଠନ ଆଗାମୀ ଦିନରେ ପ୍ରଶାସନର ବିଭିନ୍ନ ଅନ୍ୟାୟ ମୂଳକ କାର୍ଯ୍ୟକଳାପ ତଥା ସ୍ୱେଚ୍ଛାଚାରିତା ବିରୁଦ୍ଧରେ ସ୍ୱରଉତ୍ତୋଳନ କରିବ। ଏହାସହିତ ରାଜ୍ୟ ସରକାରଙ୍କ ବିଭାଗୀୟ ମନ୍ତ୍ରୀ ଏବଂ ଉଚ୍ଚ ପଦସ୍ଥ ଅଧିକାରୀ ମାନଙ୍କ ସହିତ ସମନ୍ୱୟ ସ୍ଥାପନ କରି ଜିଲ୍ଲା ପ୍ରଶାସନର ଏତାଦୃଶ୍ୟ କାର୍ଯ୍ୟକଳାପ ବିଷୟରେ ଅବଗତ କରିବ। ଆବଶ୍ୟକ ସ୍ଥଳେ ସାମୂହିକ ସ୍ୱାର୍ଥ ପାଇଁ ଆଇନର ଆଶ୍ରୟ ନେବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆଗ୍ରଗାମୀ ଯୁବକ ସଂଘର ସଭାଗୃହରେ ଅନୁଷ୍ଠିତ ସଭାରେ ସହରର ବିଭିନ୍ନ ସଂଘର ପ୍ରତିନିଧି ମାନଙ୍କ ସହିତ ବ୍ୟବସାୟ କରି ଜୀବିକା ନିର୍ବାହ କରୁଥିବା ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ।

## ଅଞ୍ଚଳ ମହାବିଦ୍ୟାଳୟ ଓଡ଼ିଆ ବିଭାଗରେ ଗୁରୁ ପୂଜନ ଉତ୍ସବ

ପଦ୍ମପୁର, ୯।୯ (ସମିସ): ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟର ସ୍ନାତକ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଦ୍ୱାରା ଗୁରୁଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶ ସଭାପତି ଆସନ ଅଳଙ୍କୃତ କରିଥିଲେ। ଓଡ଼ିଆ ବିଭାଗର ବିଭାଗମୁଖ୍ୟ ଡ.ସରୋଜ ନାଏକ କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହ ଭାଗବତର ୨୪ଗୁରୁ ପ୍ରସଙ୍ଗ ଏବଂ ଓଡ଼ିଆ ସାହିତ୍ୟ ଭଣ୍ଡାରର ବହୁ ଉପାଦେୟ ତଥ୍ୟକୁ ଦୃଷ୍ଟାନ୍ତମୂଳକ ଭାବେ ବର୍ଣ୍ଣନା କରିଥିଲେ। ଗୁରୁ ଶିଷ୍ୟ ସମ୍ପର୍କ ଏକ ପବିତ୍ର ସମ୍ପର୍କ ଯାହା ଜୀବନବ୍ୟାପୀ ଅତୁଟ ରହିବା କଥା ବୋଲି ବିଭାଗର ଅଧ୍ୟାପିକା ସୁରେଶ୍ୱରୀ ପାଣ୍ଡେ, ଅଧ୍ୟାପକ ନିର୍ମଳ କୁମ୍ଭାର, ଅଧ୍ୟାପିକା ରୀନା ଧର୍ମବିନାୟକ, ଅଧ୍ୟାପକ କ୍ୟାପଟେନ ଜୟ ଭୁଏ, ପ୍ରାଧ୍ୟାପିକା ପୂର୍ଣ୍ଣିମା ଦୋରା, ଛାତ୍ର କିରଣ ବାଗ, କମଳ ସାହୁ ଏବଂ ଛାତ୍ରୀ ଗୀତାଞ୍ଜଳି ସାହୁ କହିଥିଲେ। ଛାତ୍ରୀ ନିହାରିକା ଆଚାର୍ଯ୍ୟ ଏବଂ ପ୍ରିୟାଙ୍କା ବଡଗୁଛିୟା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପିକା ସୁରେଶ୍ୱରୀ ପାଣ୍ଡେ ଧନ୍ୟବାଦ ଦେଇଥିଲେ।

### ପ୍ରଶାସନ ବୁଝେ କେବଳ ଆନ୍ଦୋଳନର ଭାଷା

# ଲୋକଙ୍କ ଦ୍ୱାରା ରାସ୍ତା ମରାମତି ପରେ ଚେତିଲା ପ୍ରଶାସନ

ବରଗଡ଼, ୯।୯ (ସମିସ)




ବରଗଡ଼ ଭଟଲି ରାସ୍ତା ସ୍ଥାନୀୟ ରାଣାପ୍ରତାପ ସ୍କୁଲ ପାଖ ଓଭର ବ୍ରିଜ ତଳେ ଦୀର୍ଘଦିନ ହେଲା ଶୋଚନୀୟ ଅବସ୍ଥାରେ ପଡି ରହିଥିଲା। ଗତ ଅଗଷ୍ଟ ୧୯ ତାରିଖ ଦିନ 'ସକାଳ' ଖବରକାଗଜରେ ଖବର ପ୍ରକାଶିତ ହୋଇଥିଲା। ହେଲେ ସ୍ଥାନୀୟ ପ୍ରଶାସନ ଭ୍ରୁକ୍ଷେପ କରିନଥିଲା। ଯାହାକୁ ନେଇ ଜିଲ୍ଲା ପ୍ରଶାସନକୁ ଜନଅସନ୍ତୋଷର ଶିକାର ହେବାକୁ ପଡିଥିଲା। ଉକ୍ତ ରାସ୍ତା ବରଗଡ଼ ସହରରୁ ବାହାରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସଂଯୋଗ କରୁଥିବା ବେଳେ ପ୍ରତ୍ୟକ ଦିନ ଶତାଧିକ ଆମ୍ବୁଲାନ୍ସ, ଛାତ୍ରଛାତ୍ରୀ ବିଭିନ୍ନ ଗାଁ ମାନଙ୍କରୁ ଲୋକେ ଯିବା ଆସିବା କରୁଥିଲେ। ଏପରିକି ପଡୋଶୀ ରାଜ୍ୟ ଛତିଶଗଡର ରାୟଗଡ ଜିଲ୍ଲାକୁ ମଧ୍ୟ ସଂଯୋଗ କରିଥାଏ। ଏଣୁ ଉକ୍ତ ରାସ୍ତାରେ ପ୍ରତ୍ୟକ ଦିନ ହଜାର ହଜାର ଲୋକ ଯିବା ଆସିବା କରୁଥିଲେ ମଧ୍ୟ ଦୀର୍ଘଦିନ ଧରି ରାସ୍ତାରେ ଖାଲଖମା ସୃଷ୍ଟିହୋଇ ପ୍ରାୟ ଦୁଇରୁ ତିନିଫୁଟ ପାଣି ଜମାହୋଇ ରହୁଥିଲା। ଯଦ୍ୱାରା ବାରମ୍ବାର ଛୋଟ ବଡ ଦୁର୍ଘଟଣାମାନ ଘଟୁଥିଲା। ଏହା ବିରୋଧରେ ସଂଯୁକ୍ତ କୃଷକ ସଂଗଠନ, ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାର, କୋଶଳ ସେନା ସହିତ ସ୍ଥାନୀୟ ବାସିନ୍ଦା ପରସ୍ପର ମଧ୍ୟରେ ଚାନ୍ଦା ଆଦାୟ କରି ନିଜସ୍ୱ ଉଦ୍ୟମରେ ରାସ୍ତା ମରାମତି କରିଥିଲେ। ଏହି ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେବା ସହିତ ରାଜ୍ୟସ୍ତରରେ ବରଗଡ଼ ଜିଲ୍ଲା ପ୍ରଶାସନ ଅପଦସ୍ତ ହୋଇଥିଲା। ଏହାର ଠିକ ୪ ଦିନ ପରେ ଅର୍ଥାତ ମଙ୍ଗଳବାର ଦିନ ବରଗଡ଼ ପୂର୍ତ୍ତ ବିଭାଗ ତରଫରୁ ସେହି ରାସ୍ତାର ସ୍ଥାୟୀ ମରାମତି କାର୍ଯ୍ୟ କରାଯାଇଛି। ତେବେ ପ୍ରଶାସନ କେବଳ ଆନ୍ଦୋଳନର ପରିଭାଷା ବୁଝେ ବୋଲି ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଛି।

## ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘର ନୂଆଁଖାଇ ଭେଟ୍‌ଘାଟ୍




ବରଗଡ଼, ୯।୯ (ସମିସ): ବରଗଡ଼ ଜିଲ୍ଲା ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘର ୧୫ ତମ ବାର୍ଷିକ ଉତ୍ସବ ଏବଂ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ବରଗଡ଼ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ଜିଲ୍ଲା ସଭାପତି ଆଶୁତୋଷ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଆଇନଜୀବୀ ଶ୍ୟାମସୁନ୍ଦର ଅଗ୍ରୱାଲ, ସ୍ୱତନ୍ତ୍ର ଅତିଥି ଭାବେ ବରପାଲି ଫାର୍ମାସିଷ୍ଟ କଲେଜର ଚେୟାରମ୍ୟାନ ନରେନ୍ଦ୍ର ହୋତା, ସମ୍ମାନିତ ଅତିଥି ଭାବେ ପ୍ରୀତମ ସିଂ, ମାମି ମିଶ୍ର, ପବିତ୍ର ଦେହେରୀ, ଡ.ଦିଲ୍ଲୀପ ପଣ୍ଡା, ଡ.ଯଶବୀର ସିଂ, କିଶୋର ଚନ୍ଦ୍ର ସାହୁ, ଗୋବିନ୍ଦ ପଣ୍ଡା, ମୁଖ୍ୟବକ୍ତା ସରୋଜ ଜେନା, ଚୈତନ୍ୟ ପୋଠାଳ ପ୍ରମୁଖ ମଞ୍ଚାସୀନ ଥିଲେ। ମହେଶ ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଆପ୍ରାଇଜ ଗ୍ରୁପ ଇନଷ୍ଟିଟ୍ୟୁସନର ଚେୟାରମ୍ୟାନ ଜଗଦୀଶ ଚନ୍ଦ୍ର ବେହେରା, ମିଟ କମ୍ପୁଟର ଚେୟାରମ୍ୟାନ ସରୋଜ ମାଝୀ, ମାହେଶ୍ୱରୀ ନର୍ସିଂହୋମ ଅଧ୍ୟକ୍ଷ ଫକୀର କର୍ଣ୍ଣଙ୍କୁ ସେବାଶ୍ରୀ ସମ୍ମାନ, ପଙ୍କଜ ଭୂଏ ଏବଂ ତରଣୀ ସେନ ସୁନାଙ୍କୁ କ୍ରୀଡାରତ୍ନ ସମ୍ମାନ, ସୀତାନାଥ ସାହୁ ଏବଂ ମଧୁସୂଦନ ଦାସଙ୍କୁ ସେବାରତ୍ନ ସମ୍ମାନ, ସାମ୍ବାଦିକ ମନୋଜ ମିଶ୍ର, ହର୍ଷ ବେହେରା, ସୁଦାମ ଭାଇନା, କ୍ଷମାନିଧି ବାଣ୍ଡୁକି, ରାଧେଶ୍ୟାମ ପଣ୍ଡା ଏବଂ ସମାଜସେବୀ ସଂଘମିତ୍ରା ପଟେଲ, ମିନୁ ହୋତା ଦାଶଶର୍ମା, ଦିବାକର ମାଝୀ, ଉମେଶ ପଧାନ ଏବଂ କବି ଜଟାଧାରୀ ପ୍ରଧାନ ପ୍ରମୁଖଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସୁମନ୍ତ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

## ବରଗଡ଼ରେ ଘନଉଛି ଜବରଦଖଲ ଉଚ୍ଛେଦ ବିବାଦ



### ଲେଙ୍ଗୁ ମିଶ୍ର ଛକରୁ ଜୀରା ବ୍ରିଜ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ ଦାବି

ବରଗଡ଼, ୯।୯ (ସମିସ): ବରଗଡ଼ରେ ଜବରଦଖଲ ଉଚ୍ଛେଦ ପ୍ରସଙ୍ଗ ଚର୍ଚ୍ଚା ଏବେ ଜୋର ଧରିଛି। ଲେଙ୍ଗୁ ମିଶ୍ର ଛକରୁ ଥାନା ଛକ ମଧ୍ୟରେ ଥିବା ବଡ ବଡ କୋଠା, ବିଲଡିଂ, ମାର୍କେଟ କମ୍ପେ୍ଲକ୍ସକୁ ଜିଲ୍ଲା ପ୍ରଶାସନ ଉଚ୍ଛେଦ କରିବାରେ ସଫଳହୋଇ ଥିବା ବେଳେ ବହୁ ପ୍ରତିକ୍ଷୀତ ବରଗଡ଼ର ଜନଗହଳି ରାସ୍ତା ଲେଙ୍ଗୁ ମିଶ୍ର ଛକରୁ ଜୀରା ବ୍ରିଜ ପର୍ଯ୍ୟନ୍ତ ପ୍ରଶାସନ ଜବରଦଖଲ ଉଚ୍ଛେଦ ତୁରନ୍ତ କରୁ ବୋଲି ବରଗଡ଼ ନାଗରିକ ମଞ୍ଚ ଦାବି କରିବା ସହ ପ୍ରତିବାଦ କରିଛି। ମଙ୍ଗଳବାର ଲେଙ୍ଗୁ ମିଶ୍ର ଛକ ଠାରେ ଏହି ପ୍ରତିବାଦ ସଭାରେ ଅନେକ ସାମାଜିକ ସଂଗଠନ ଯୋଗ ଦେଇ ବରଗଡ଼ର ବୃହତ୍ତର ସ୍ୱାର୍ଥକୁ ପୂରଣ କରାଯାଉ ବୋଲି କହିଥିଲେ। ଗୋଟିଏ ପଟେ ସୌନ୍ଦର୍ଯ୍ୟକରଣ ଆଳରେ ଜବରଦଖଲ ଉଚ୍ଛେଦକୁ ପ୍ରଶାସନ ତ୍ୱରାନ୍ୱିତ କରିଥିବା ବେଳେ ଲେଙ୍ଗୁ ମିଶ୍ର ଛକରୁ ଜୀରା ବ୍ରିଜରାସ୍ତାକୁ କାହିଁକି ଅଣଦେଖା କରୁଛ ବୋଲି ନାଗରିକ ମଞ୍ଚର ସଭାପତି ଭୀଷ୍ମଦେବ ସରାଫ ଅଭିଯୋଗ କରିଛନ୍ତି। ତୁରନ୍ତ ଉଚ୍ଛେଦ କାର୍ଯ୍ୟ କରାଯାଉ ବୋଲି ଦାବି କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମଲେଶ୍ୱରୀ ସଂଘର ସଭାପତି ସମୀର ପ୍ରଧାନ, ଜିଲ୍ଲା କଂଗ୍ରେସ ସଭାପତି ହରଦୀପ ସିଂ, ଆଇନଜୀବୀ ରମେଶ ପତି, ସାମ୍ବାଦିକ ବୀରେନ୍ଦ୍ର ପ୍ରଧାନ, ସୁଶାନ୍ତ ସାହୁ, ଅଶ୍ୱିନୀ ସରାଫ, ନିଖିଳ ପାଣିଗ୍ରାହୀ, ମାମୁଲୁ ମହାପାତ୍ର, ଶୟନ ପଣ୍ଡା, ବିମଲ ସିକ୍କା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ବିଡିଓଙ୍କୁ ଜିପିଏଲ୍‌ଏଫ୍ କାର୍ଯ୍ୟନିର୍ବାହୀ ସଦସ୍ୟ ସଂଘର ଦାବିପତ୍ର

ଝାରବନ୍ଧ, ୯।୯ (ସମିସ): ବ୍ଲକ୍ ଜିପିଏଲଏଫ କାର୍ଯ୍ୟନିର୍ବାହୀ ସଦସ୍ୟ ସଂଘ ଝାରବନ୍ଧ ତରଫରୁ ଝାରବନ୍ଧ ବିଡିଓ ପର୍ଶୁରାମ ପଣ୍ଡା ଏବଂ ବିପିଏମ ସତ୍ୟ କୁମ୍ଭାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସରକାରୀ ଚିଠି ନମ୍ବର ୫୨୨୯ରେ ଗତ ୪ ତାରିଖ କାର୍ଯ୍ୟନିର୍ବାହୀ ସଦସ୍ୟ ମାନଙ୍କ ନେତୃତ୍ୱ ପରିବର୍ତ୍ତନ କରାଯିବାର ଆଦେଶ ଆସିଛି। ଯାହାକୁ କାର୍ଯ୍ୟନିର୍ବାହୀ ସଦସ୍ୟ (ଇସି ମେମ୍ବର) ମାନେ ବିରୋଧ କରିଛନ୍ତି। ୫ ବର୍ଷ ହେଲା କାର୍ଯ୍ୟ କରି ଆସୁଛୁ, ପ୍ରଥମେ ବିନା ପାଉଣାରେ କାର୍ଯ୍ୟ କରି ସମସ୍ତ ବୈଠକ, ସଚେତନତା କାର୍ଯ୍ୟକ୍ରମରେ ନିୟୋଜିତ ହୋଇଛୁ ବୋଲି ସେମାନେ କହିଛନ୍ତି। ଏହାସହ ସ୍କୁଟର ଯୋଜନାରେ ସମସ୍ତ ଇସି ମେମ୍ବର ସ୍କୁଟର ନେଇଛନ୍ତି, ଯାହାର ଋଣ ପରିଶୋଧ ପାଇଁ ଅସୁବିଧା ହେବ ବୋଲି ମଧ୍ୟ କହିଛନ୍ତି। ସେମାନଙ୍କୁ ଯାତାୟାତ ଖର୍ଚ୍ଚ ପୂର୍ବରୁ ପ୍ରଦାନ କରାଯାଉଥିଲା କିନ୍ତୁ ଛଅ ମାସ ହେବ ତାହାକୁ ବନ୍ଦ କରି ଦିଆଯାଇଛି। ଇସି ମେମ୍ବରଙ୍କ ସ୍ଥାୟୀ ପରିବର୍ତ୍ତନ ନ କରି ଇସି ମେମ୍ବର ପଦବୀକୁ ସ୍ଥାୟୀ କରିବାକୁ ସଦସ୍ୟମାନେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ କୁମୀର ଗ୍ରାପ ସଭାନେତ୍ରୀ ଗୋପିକା ସାହୁ, ସମ୍ପାଦିକା ଯଶବନ୍ତି ସାହୁ, ଚଣ୍ଡୀଭଟା ଗ୍ରାପ ସଭାନେତ୍ରୀ ଦମୟନ୍ତୀ ପ୍ରଧାନ, ସମ୍ପାଦିକା ଜାନକୀ ଜଲଗତୀ, ଛୋଟଅନକି ଗ୍ରାପ ସଭାନେତ୍ରୀ ଇନ୍ଦୁମତୀ ସାହୁ, ସମ୍ପାଦିକା ସବିତା ହରିପାଲ, କୁର୍ଲୁପାଲି ଗ୍ରାପ ସମ୍ପାଦିକା ଉର୍ମିଳା ସାହୁ, ଭଇସାଦରହା ଗ୍ରାପ ସଭାନେତ୍ରୀ ଉମାବାଇ ପଟେଲ ସମ୍ପାଦିକା ବାସନ୍ତୀ ସିଦାର, କନ୍ଦାଡଙ୍ଗର ଗ୍ରାପ ସଭାନେତ୍ରୀ ଦୂଷିଲା ପଟେଲଙ୍କ ସହିତ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ।



## ବୈତାଳି କ୍ଲଷ୍ଟରସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



ଝାରବନ୍ଧ, ୯।୯ (ସମିସ): ଝାରବନ୍ଧ ବ୍ଲକ୍ ଅଧୀନ ବୈତାଳି କ୍ଲଷ୍ଟର ସିଆରସିସି ଭାବେ ଦିବସ ସାହୁ କାମ କରୁଛନ୍ତି। ପାଠପଢ଼ା ଠାରୁ ଆରମ୍ଭ କରି ଖେଳକୁଦ, କଳା ସଂସ୍କୃତି ସବୁକୁ ଆଗକୁ ନେବା ପାଇଁ ତାଙ୍କର ଉଦ୍ୟମ ବେଶ ପ୍ରଶଂସନୀୟ। ମଙ୍ଗଳବାର ଅମଠି ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଚଳିତ ଆର୍ଥିକ ବର୍ଷର କ୍ଲଷ୍ଟର ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସିଆରସିସିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ଅମଠି ପଞ୍ଚାୟତ ସରପଞ୍ଚ ଲକ୍ଷେ ସିଂ ଥପା ଯୋଗ ଦେଇ ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ବୈତାଳି କ୍ଲଷ୍ଟର ଅଧୀନ ୧୦ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ପିଲାମାନଙ୍କ ଏବଂ ଗୁରୁଜନଙ୍କ ପରିଧାନ। ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ବିଭିନ୍ନ କ୍ଲବ୍ ନାଁରେ ଖେଳ ଖେଳିଥିଲେ। ପ୍ରତ୍ୟେକ ଛାତ୍ରଛାତ୍ରୀ ନୂଆଁ ଜର୍ସି ଏବଂ ଜୋତା ପିନ୍ଧିଥିଲେ। ଗତବର୍ଷ ଖେଲୋ ଇଣ୍ଡିଆ କ୍ରୀଡା ଅନୁଦାନକୁ ବୈତାଳି କ୍ଲଷ୍ଟର ସିଆରସିସି ସୁବିନିଯୋଗ କରି ଏହାକୁ ସୁନିଶ୍ଚିତ କରିଥିଲେ। କ୍ଲଷ୍ଟରରେ କେବଳ ଦୁଇଜଣ କ୍ରୀଡା ଶିକ୍ଷକ ଶିକ୍ଷୟିତ୍ରୀ ଥିବା ବେଳେ ଶ୍ରୀ ସାହୁଙ୍କ ଉଦ୍ୟମ କ୍ରମେ ପ୍ରତ୍ୟେକ ବିଦ୍ୟାଳୟର ଜଣେ ଲେଖାଏଁ ଶିକ୍ଷକମାନଙ୍କୁ ତାଲିମ ବ୍ୟବସ୍ଥା କରିଥିଲେ। ଆଜି ସେହି ଶିକ୍ଷକ ମାନେ ମଧ୍ୟ କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ। ସେମାନଙ୍କୁ ଉତ୍ସାହିତ କରିବା ପାଇଁ ଶ୍ରୀ ସାହୁ ପ୍ରତ୍ୟେକ ଶିକ୍ଷକଙ୍କ ପାଇଁ ନୂତନ ଟିସାର୍ଟ ବ୍ୟବସ୍ଥା ମଧ୍ୟ କରିଥିଲେ। ପ୍ରତିଯୋଗିତାକୁ ସମ୍ପନ୍ନ କରିବାରେ ସହଯୋଗ କ୍ଲଷ୍ଟର ଅଧୀନ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗଣ ଏବଂ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ଗଣ ସହଯୋଗକ କରିଥିଲେ।

## କାଂସଡାରେ ଦକ୍ଷତା ତାଲିମ ସାର୍ଟିଫିକେଟ୍ ବଣ୍ଟନ




ପାଇକମାଲ, ୯।୯ (ସମିସ): ପାଇକମାଲ ବ୍ଲକ୍ କାଂସଡାରେ ଏଲଟିଆଇ ମାଇଣ୍ଡଟ୍ରି ପକ୍ଷରୁ ସିଲେଇ ଦକ୍ଷତା ତାଲିମ ସାର୍ଟିଫିକେଟ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଏଲଟିଆଇ ମାଇଣ୍ଡଟ୍ରି ଜିତେନ୍ଦ୍ର ଘଙ୍ଘାସ, ମହାଶକ୍ତି ଫାଉଣ୍ଡେସନର ନିର୍ଦ୍ଦେଶକ ଯୁଗଳ କିଶୋର ପଟ୍ଟନାୟକ, ପରିବେଶ ବିଶେଷଜ୍ଞ ସ୍ମୃତିରଞ୍ଜନ ସେଠୀ, ପ୍ରୋଜେକ୍ଟ ମ୍ୟାନେଜର ସତ୍ୟଜିତ ଷଡଙ୍ଗୀ, ଆଇଭିଡିପି ଇଂ.ରାଜକିଶୋର ନାଏକ, ପାଇକମାଳ ବ୍ଲକ୍ ଅଧ୍ୟକ୍ଷା ଭାବନା ସିଂ, ପାଇକମାଳ ବ୍ଲକ୍ ଏବିପି ମଧୁସ୍ମିତା ବେହେରା ଓ କାଂସଡା ସରପଞ୍ଚ କ୍ଷୀରବତୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ତିନି ମାସ ଧରି ଚାଲିଥିବା ସିଲେଇ ଦକ୍ଷତା ତାଲିମ ଗ୍ରହଣ କରିଥିବା ଛାତ୍ରୀମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଏହି ପଦକ୍ଷେପ ମାଧ୍ୟମରେ ଗାଁ ଝିଅମାନେ ଆତ୍ମନିର୍ଭରଶୀଳ ହେବା ସହ ସ୍ଥାନୀୟ ସ୍ତରରେ ନିଜର କାର୍ଯ୍ୟସୂଚନାରେ ଯୋଗ ଦେବେ ବୋଲି ଉପସ୍ଥିତ ଅଧିକାରୀମାନେ କହିଛନ୍ତି। ସେହିପରି ଝିଟିକି ଗାଁରେ ଥିବା ମଡେଲ ନର୍ସରୀ ଅଧିକାରୀମାନେ ପରିଦର୍ଶନ କରିଥିଲେ। ଏହାସହ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ମହାଶକ୍ତି ଫାଉଣ୍ଡେସନ ତରଫରୁ ଚାଲିଥିବା ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକଳାପକୁ ମଧ୍ୟ ପରିଦର୍ଶନ କରିଥିଲେ। ଏଥିରେ ମହାଶକ୍ତି ଫାଉଣ୍ଡେସନ ପାଇକମାଲ ବ୍ଲକ୍‌ର ସିଆରପିମାନଙ୍କ ସମେତ ସହସଂଯୋଜକ ଅଜିତ ପୁଟା, ନଟବର ପ୍ରଧାନ, ଅତିରିକ୍ତ ଇଂ.ସୁମନ୍ତ ନାଏକ ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିବା ବେଳେ ଶେଷରେ ବ୍ଲକ୍ ସଂଯୋଜକ ମିତ୍ରଭାନୁ ସାହୁ ଧନ୍ୟବାଦ ଦେଇଥିଲେ।

## ସନ୍ଦେହ ଘେରରେ ହେମନ୍ତର ମୃତ୍ୟୁ

ବରପାଲି, ୯।୯ (ସମିସ): ବରପାଲି ବ୍ଲକ୍ ବୁରୋମୁଣ୍ଡା ଗାଁରେ ଜନୈକ ଯୁବକର ମୃତଶରୀର ପୁଲିସ ସହାୟତାରେ ଉଦ୍ଧାର ହୋଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନଥିଲେ ମଧ୍ୟ ପରିବାର ଲୋକେ ଏହାକୁ ହତ୍ୟାକାଣ୍ଡ ବୋଲି ଅଭିଯୋଗ ଆଣିଛନ୍ତି। ବୁରୋମୁଣ୍ଡା ଗାଁର ଭାନୁ ସୁନ୍ଦର ମେହେରଙ୍କ ବଡ ପୁଅ ହେମନ୍ତ ମେହେର(୧୯)ଙ୍କ ମୃତଶରୀର ତାଙ୍କର ନିଜ ଧାନଖଳା ଅସ୍ଥାୟୀ ଘରେ ପଡିଥିବା ଗ୍ରାମବାସୀ ଓ ପରିବାର ଲୋକେ ମଙ୍ଗଳବାର ସକାଳୁ ଦେଖିଥିଲେ। ପରେ ପରିବାର ଲୋକେ ବିଜୟପଲ୍ଲୀ ଫାଣ୍ଡି ଅଧିକାରୀ ଓ ବରପାଲି ଥାନାଧିକାରୀ ଜୟାରଶ୍ମି ସେଠୀଙ୍କୁ ଜଣାଇଥିଲେ। ଘଟଣା ସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଦଳର ସହାୟତା ନେଇଥିଲେ। ପୁଲିସ ମୃତଶରୀରକୁ ଉଦ୍ଧାର କଲାପରେ ବ୍ୟବଚ୍ଛେଦ ପାଇଁ ବରଗଡ଼କୁ ପଠାଇଥିଲା।

# ଜିଲ୍ଲା କୃଷି ବିଭାଗରେ ୨୨ଲକ୍ଷ ଟଙ୍କାର ଦୁର୍ନୀତି

ପଦ୍ମପୁର, ୯।୯ (ସମିସ)




କିରାଣି ଗିରଫ, ପିଅନ ଫେରାର୍

ପଦ୍ମପୁର ଜିଲ୍ଲା କୃଷି ବିଭାଗ କାର୍ଯ୍ୟାଳୟରେ ବଡ଼ ରକମର କେଳେଙ୍କାରୀ ସାମ୍ନାକୁ ଆସିଛି। ଏହି ଅଫିସ୍‌ର ବରିଷ୍ଠ କିରାଣି ଓ ପିଅନ ମିଶି ଲକ୍ଷାଧିକ ଟଙ୍କା ଉଠାଇ ନେଇଥିବା ପଦ୍ମପୁର ଥାନାରେ ଜିଲ୍ଲା କୃଷି ଅଧିକାରୀ ପ୍ରଭାସ ଚନ୍ଦ୍ର ପଣ୍ଡା ଲିଖିତ ଅଭିଯୋଗ କରିଛନ୍ତି। ପଦ୍ମପୁର ବରିକେଲରେ ଥିବା ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ବରିଷ୍ଠ କିରାଣି କ୍ଷିରୋଦ୍ର ଗତ ଜୁଲାଇ ୨୨ରେ ବିଲ ନମ୍ବର ୨୩ରେ ୧୪ଲକ୍ଷ ୬୦ହଜାର ୧୦ ଟଙ୍କା ଓ ଜୁନ ୧୧ରେ ୮ ଲକ୍ଷ ୨୪ହଜାର ୨୨୫ଟଙ୍କା; ଏହିପରି ମୋଟ ୨୨ଲକ୍ଷ୩୦ ହଜାର ୨୨୫ ଟଙ୍କା ପିଅନ ରୂପକ ସାହୁର ଏଚଡିଏଫସି ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରିଥିଲେ। ଏହି ଘଟଣା ପଦ୍ମପୁର ସବ ଟ୍ରେଜେରୀରୁ ଜିଲ୍ଲା କୃଷି ଅଧିକାରୀ ପଣ୍ଡା ଜାଣିବା ପରେ ଗତ ୫ ତାରିଖରେ ପଦ୍ମପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଭିତ୍ତିରେ ପଦ୍ମପୁର ଥାନା ପୁଲିସ ମାମଲା ରୁଜୁ କରି କିରାଣି କ୍ଷୀରୋଦ୍ରକୁ ବରିକେଲ ଅଫିସ ବାସଭବନରୁ ଗିରଫ କରି କୋର୍ଟଚାଲାଣ କରିଛି। ମାତ୍ର ପିଅନ ରୂପକ ଫେରାର ଥିବା ପୁଲିସ ସୂତ୍ରରୁ ପ୍ରକାଶ। ଉଭୟ କିରାଣି ଓ ପିଅନ ଅଗଷ୍ଟ ୧୧ରୁ ଅଫିସକୁ ଆସୁ ନଥିବା ଜଣାପଡିଛି। ତେବେ ଏ ସଂପର୍କରେ ଜିଲ୍ଲା କୃଷି ଅଧିକାରୀ ପ୍ରଭାସ ଚନ୍ଦ୍ର ପଣ୍ଡାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

## ଅନାବନା ଲତାରେ ପରିପୂର୍ଣ୍ଣ ଟ୍ରାନ୍ସଫର୍ମର: ଗାଈଗୋରୁଙ୍କ ପ୍ରତି ବିପଦ



ପାଇକମାଲ, ୯।୯ (ସମିସ): ପାଇକମାଲ ବ୍ଲକ୍ ଜାମସେଠ ପଞ୍ଚାୟତ ନିକଟସ୍ଥ ସୋସାଇଟି ସାର୍ ଗୋଦାମ ନିକଟରେ ଦୁଇଟି ମୁକୁଳା ଟ୍ରାନ୍ସଫର୍ମର ରହିଛି। ଟ୍ରାନ୍ସଫର୍ମର ପରିସର ଅନାବନା ଗଛ ତଥା ଘାସ ଲତାରେ ପରିପୂର୍ଣ୍ଣ ଥିବାରୁ ବୁଲା ଗାଈଗୋରୁଙ୍କ ପ୍ରତି ବିପଦ ରହିଛି। ଟ୍ରାନ୍ସଫର୍ମର ପରିସରରେ ବାଡ ନଥିବାରୁ ଗାଈଗୋରୁ ଚରିବାକୁ ଗଲେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରେ ସମ୍ଭାବନା ରହିଛି। ଏପଟେ ଗାଁରେ କାଳୀପୂଜା ସମୟରେ ସେହି ପଡିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁଡିକ ଅନୁଷ୍ଠିତ ହୋଇଥାଏ। ଏଣୁ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱକୁ ସଫାସୁତୁରା କରି ବାଡ ଦେବାକୁ ଦାବି କରିଛନ୍ତି। ସେହିପରି ଛିଦେଇକେଲା ରାମଜୀ ମନ୍ଦିର ସମ୍ମୁଖରେ ମଧ୍ୟ ଟ୍ରାନ୍ସଫର୍ମର ମୁକୁଳା ହୋଇଥିବା ବେଳେ ନିକଟସ୍ଥ ପୋଖରୀ ପଟରେ ଥିବା ଗୋଟିଏ ଟ୍ରାନ୍ସଫର୍ମର ଅନାବନା ଗଛଲତାରେ ଭରି ରହିଛି। ବୁଲା ଗାଈଗୋରୁ ଚରିବାକୁ ଗଲେ ବିପଦ ସମ୍ଭାବନା ରହିଛି। ଏଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ୩ ଛାତ୍ରୀଙ୍କ ଉଚ୍ଚଶିକ୍ଷା ପାଇଁ ହାତ ବଢ଼ାଇଲା ଅଟଳ ପରିବାର



ଅମ୍ବାଭୋନା, ୯।୯ (ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍‌ର ଭେିନାତୋରା ପଞ୍ଚାୟତର ବରଙ୍ଗାକୋଟ ଗାଁର କାର୍ତ୍ତିକ ମଲ୍ଲିକଙ୍କର ଝିଅ ବର୍ଷା ମଲ୍ଲିକ। ଉଚ୍ଚଶିକ୍ଷା ପାଇଁ ଆଗ୍ରହ ଥିଲେ ହେଁ ଅର୍ଥାଭାବରୁ ନାମ ଲେଖାଇ ପାରି ନଥିଲେ। ତେବେ ଅଟଳ ପରିବାର ପକ୍ଷରୁ ବର୍ଷାଙ୍କର ଭୁକ୍ତା ମହାତ୍ମାଗାନ୍ଧୀ ମହାବିଦ୍ୟାଳୟ ଠାରେ ନାମ ଲେଖାଇବା ପାଇଁ ଆର୍ଥିକ ସହଯୋଗ କରାଯାଇଛି। ଏହାସହ ବର୍ଷାଙ୍କ ଭଉଣୀଙ୍କର ନାମଲେଖା ପାଇଁ ମଧ୍ୟ ଅଟଳ ପରିବାରର ସଦସ୍ୟ ବରଙ୍ଗକୋଟର ଜଗତରାମ ପଧାନ ସହଯୋଗର ହାତ ବଢ଼ାଇଛନ୍ତି। ସେହିପରି ଅମ୍ବାଭୋନା ବ୍ଲକ୍ ଅଧୀନ କୁମ୍ଭୋ ପଞ୍ଚାୟତର କୁମ୍ଭୋ ଗାଁର ପାଣ୍ଡବ ଭୁଏଙ୍କ ଝିଅ ସରିନା ଭୁଏ। ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀରୁ ଋଣ କରି ଅଧ୍ୟୟନ କରି ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କିନ୍ତୁ ଉଚ୍ଚଶିକ୍ଷା ପାଇଁ ଅର୍ଥ ବାଧକ ସାଜିଥିଲା। ଖବର ପାଇ ଅଟଳ ପରିବାର ସଭାପତି ଶିବାଜୀ ପଟେଲଙ୍କ ସମେତ ଟ୍ରଷ୍ଟି ପ୍ରଫୁଲ୍ଲ ପ୍ରଧାନ, ଶଙ୍କର ଭାନୁ ପଟେଲ ଏବଂ ନିତ୍ୟାନନ୍ଦ ବେହେରା ପାଣ୍ଡବ ଭୁଏଙ୍କ ଘରକୁ ଯାଇ ସରିନାଙ୍କ ଉଚ୍ଚଶିକ୍ଷା ପାଇଁ ଡୁଙ୍ଗୁରୀ କଲେଜରେ ନାମ ଲେଖାଇବାର ବ୍ୟବସ୍ଥା କରିଥିଲେ। ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଅନେକ ଛାତ୍ରଛାତ୍ରୀଙ୍କର ପାଠ ପଢ଼ିବା ପାଇଁ ଅଟଳ ପରିବାରର ଏପରି ବାରମ୍ବାର ସହଯୋଗ ବୁଦ୍ଧିଜୀବୀ ମହଲରୁ ପ୍ରଶଂସା ସାଉଁଟିଛି।

### ହାଇୱା ଧକ୍କାରେ ସୁରକ୍ଷାକର୍ମୀ ମୃତ ଘଟଣା

# ଧରାପଡ଼ିଲା ହାଇୱା; ଡ୍ରାଇଭର ଫେରାର୍




ଇବଥର୍ମାଲ, ୯।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର କୋଇଲା କ୍ଷେତ୍ରରେ ଘରୋଇ ସୁରକ୍ଷାକର୍ମୀ ଭାବେ କାମକରୁଥିବା ସଞ୍ଜୀବ ପ୍ରଧାନ(୪୦)ଙ୍କ ହାଇୱା ଧକ୍କାରେ ସୋମବାର ସକାଳେ ମୃତ୍ୟୁ ଘଟିଥିଲା। ହେଲେ ସନ୍ଧ୍ୟା ପର୍ଯ୍ୟନ୍ତ ଦୁର୍ଘଟଣା ଘଟାଇ ଫେରାର ହୋଇଥିବା ହାଇୱା ସମ୍ପର୍କରେ ପୁଲିସ ସ୍ପଷ୍ଟ ସୂଚନା ଦେଇପାରି ନଥିବାରୁ ଲୋକଙ୍କ ଆକ୍ରୋଶ ବଢ଼ିଥିଲା। ଏ ସଂକ୍ରାନ୍ତରେ ଖବର ମଧ୍ୟ ପ୍ରକାଶ ପାଇଥିଲା। ଆଜି ବନହରପାଲି ପୁଲିସ ଦୁର୍ଘଟଣା ଘଟାଇଥିବା ହାଇୱା ଧରିବାରେ ସକ୍ଷମ ହୋଇଛି। ହାଇୱାଟି ଧରାପଡିବା ପରେ ଗତକାଲି ଲୋକେ ଯେଉଁ କୋଲ୍ ୱାସେରୀରେ ଲାଗିଥିବା ହାଇୱା ବୋଲି ସନ୍ଦେହ କରି ତୁମ୍ବି ତୋଫାନ କରିଥିଲେ ତାହା ସତ୍ୟ ବୋଲି ଜଣାପଡିଛି। ଦୁର୍ଘଟଣା ଘଟାଇଥିବା ହାଇୱା ମାଁ ସାରଦା ଏଣ୍ଟରପ୍ରାଇଜେସ୍ କମ୍ପାନୀର ବୋଲି ଜଣାପଡିଛି। ଏହି ଗାଡିଟି ବନ୍ଧବାହାଲ କିରାରମା ଠାରେ ଥିବା ଆର୍ଥ ମିନେରାଲ୍ସ କମ୍ପାନୀ ଲିମିଟେଡ (ଇଏମସିଏଲ) କୋଲ୍ ୱାସେରୀରେ ଲାଗିଥିବା ପୁଲିସ୍ କହିଛି। ବନହରପାଲି ଥାନା ଆଇଆଇସି ରଞ୍ଜିତ ନାଏକ କହିଛନ୍ତି ଯେ ଗାଡିକୁ ଗତକାଲି ଠାରୁ ଟ୍ରେସ୍ କରାଯାଉଥିଲା ଏବଂ ଆଜି ତାହାକୁ ଥାନାରେ ଅଟକ ରଖା ଯାଇଛି। ହାଇୱାଟି ଇଏମସିଏଲ୍ କୋଲ୍ ୱାସେରୀର କୋଇଲା ପରିବହନ କାର୍ଯ୍ୟରେ ନିୟୋଜିତ ଥିବାରୁ ଖଣି ଅଞ୍ଚଳରେ ୱାସେରୀର ଷ୍ଟକୟାର୍ଡକୁ କୋଇଲା ପରିବହନ କରିଥାଏ। ରବିବାର ବିଳମ୍ବିତ ରାତ୍ରିରେ ହାଇୱାଟି ୭ନମ୍ବର ଖଣି ନିକଟ ଷ୍ଟକୟାର୍ଡକୁ କୋଇଲା ନେଇ ଯାଇଥିଲା। ସୋମବାର ଭୋର୍ ସମୟରେ ଡ୍ୟୁଟିରେ ଥିବା ଘରୋଇ ସୁରକ୍ଷାକର୍ମୀ ସଞ୍ଜୀବ ଶୌଚ ପାଇଁ ଯାଇଥିବା ବେଳେ ହାଇୱାଟି ଧକ୍କା ଦେଇ ଫେରାର ହୋଇଥିଲା। ଡାକ୍ତରଖାନାରେ ସଞ୍ଜୀବଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିବା ସହ ଫେରାର ଡ୍ରାଇଭରକୁ ଖୁବଶୀଘ୍ର ଧରାଯିବ ବୋଲି ଆଇଆଇସି ରଞ୍ଜିତ ନାଏକ କହିଛନ୍ତି। ଅନ୍ୟପଟେ ହାଇୱାକୁ ନେଇ ଉତ୍ୟକ୍ତ ଜନସାଧାରଣଙ୍କ ଦାବି ସତ୍ୟ ପ୍ରମାଣିତ ହେବା ପରେ ଇଏମସିଏଲ୍ କର୍ତ୍ତୃପକ୍ଷଙ୍କୁ ଘଣ୍ଟ ଘୋଡା ଯାଉଥିବା ଅଭିଯୋଗ କରିଛନ୍ତି। ଖଣି ଆଇନ ୧୯୫୫ ଅନୁସାରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଉ ନ ଥିବାରୁ କାରଖାନାରେ ଏକାଧିକ ଲୋକଙ୍କ ଜୀବନ ଗଲାଣି ବୋଲି କୁହାଯାଇଛି।

## ଲଖନପୁର ତହସିଲ ସମ୍ମୁଖରେ ଦୁର୍ଘଟଣା, ୨ ଗୁରୁତର




ଇବଥର୍ମାଲ, ୯।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ରାସ୍ତା କଡ଼ରେ ଭୁଲ ସାଇଡରେ ଛିଡା ହୋଇଥିବା କାରକୁ ଏକ ବାଇକ ଧକ୍କା ଦେଇଛି। ଫଳରେ ବାଇକରେ ଥିବା ୨ ଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ଦ୍ୱୟ ସଚିନ ଭୁଏ (୨୦) ଏବଂ ଅମିତ ଭୋଇ (୧୯) ବୋଲି ସୂଚନା ମିଳିଛି। ସ୍ଥାନୀୟ ଲୋକଙ୍କ ସହ ମିଶି ଲଖନପୁର ପୁଲିସ ଆହତ ଦ୍ୱୟଙ୍କୁ ଉଦ୍ଧାର କରି ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସାପରେ ଅଧିକ ଚିକିତ୍ସା ପାଇଁ ସମ୍ବଲପୁର ସ୍ଥିତ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

## ଗଞ୍ଜେଇ ଜବତ, ବାପ-ପୁଅ ଗିରଫ

ଇବଥର୍ମାଲ, ୯।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ବଡମାଲ ଥାନା ଅଧୀନ ଖେରୁଆଲ ଠାରେ ଯାଞ୍ଚ ସମୟରେ ବଡମାଲ ପୁଲିସ ପକ୍ଷରୁ ୪ କେଜି ଗଞ୍ଜେଇ ଜବତ୍ କରିବା ସହ ବାପ ଓ ପୁଅ ଗିରଫ ହୋଇଛନ୍ତି। ସୋମବାର ବଡମାଲ ଥାନାର ଏସଆଇ ଯଶୋବନ୍ତି ବାଗ ବିଶ୍ୱସ୍ତ ସୂତ୍ରରୁ ଗଞ୍ଜେଇ ଚାଲାଣ ଖବର ପାଇ ଖେରୁଆଲ ଠାରେ ଗାଡି ଯାଞ୍ଚ କରୁଥିଲେ। ଏଥିରେ ସମ୍ବଲପୁର ପଟୁ ଆସୁଥିବା ଏକ ସ୍କୁଟିକୁ ଯାଞ୍ଚ ସମୟରେ ସେଥିରୁ ୪ କିଲୋ ଗଞ୍ଜେଇ ସହ ନଗଦ ୩୦,୦୦୦ ଟଙ୍କା ଜବତ କରାଯାଇଥିଲା। ଏହାସହିତ ଗଞ୍ଜେଇ ଚାଲାଣ କରୁଥିବା ୨ ଜଣକୁ ମଧ୍ୟ ଗିରଫ କରାଯାଇଛି। ଗିରଫ ୨ ଜଣ ଝାରସୁଗୁଡ଼ା ବଡମାଲ ଥାନା ଅଧୀନ ବଡମାଲ ଗୋଣ୍ଡିଆପଡାର ବିନାୟକ ଦଣ୍ଡସେନା (୬୫) ଓ ପୁଅ କିରଣ ଦଣ୍ଡସେନା (୧୯) ବୋଲି ଜଣାପଡ଼ିଛି। ଉଭୟ ବାପା ଓ ପୁଅଙ୍କୁ କୋର୍ଟଚାଲାଣ କରାଯାଇଛି।



## ସାପକାମୁଡ଼ାରେ ୯ ବର୍ଷ ଶିଶୁର ମୃତ୍ୟୁ

ଇବଥର୍ମାଲ, ୯।୯ (ସମିସ): ବନହରପାଲି ଥାନା ତେଲେନପାଲି ପଞ୍ଚାୟତର ବନହରପାଲି ଗାଁର ଜଣେ ୯ ବର୍ଷର ଶିଶୁପୁତ୍ରର ସାପ କାମୁଡାରେ ମୃତ୍ୟୁ ଘଟିଛି। ଘଟଣାଟି ସୋମବାର ବିଳମ୍ବିତ ରାତିରେ ଘଟିଥିବା ବେଳେ ଶିଶୁର ନାମ କାର୍ତ୍ତିକ ଗିରି ବୋଲି ଜଣାପଡିଛି। ମା' ପ୍ରଭାସିନୀ ଗିରି ପୁଲିସକୁ ଆଜି ଦେଇଥିବା ଲିଖିତ ଅଭିଯୋଗ ଅନୁସାରେ ସୋମବାର ରାତିରେ ସମସ୍ତେ ଶୋଇଲା ପରେ କାର୍ତ୍ତିକ ପରିସ୍ରା କରିବାକୁ ମା'ଙ୍କୁ ଉଠାଇ ଥିଲେ। ବାହାରକୁ ଯାଇ ପୁଣି ଶୋଇଲା ବେଳେ କ'ଣ ଗୋଟେ କାମୁଡି ଦେଇଥିବା କଥା କାର୍ତ୍ତିକ ମା'ଙ୍କୁ କହିଥିଲେ। ମା' ଦେଖିଲା ବେଳକୁ ତାହା ଏକ ସାପ ଥିଲା। ରାତି ୨ଟା ୩୦ ବେଳକୁ ବାପା ଗୋପାଳ ଗିରି ଓ ମା' ପ୍ରଭାସିନୀ ପୁଅକୁ ନେଇ ଇବଥର୍ମାଲ ଡାକ୍ତରଖାନା ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆଜି ବନହରପାଲି ପୁଲିସ ଘଟଣା ସ୍ଥଳକୁ ଯାଇ ଏ ସଂକ୍ରାନ୍ତରେ ଏକ ସାପ କାମୁଡା ଅପମୃତ୍ୟୁ ମାମଲା ରୁଜୁ କରିଛି। ଶବକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାହୋଇଥିବା ଆଇଆଇସି ରଞ୍ଜିତ ନାଏକ ସୂଚନା ଦେଇଛନ୍ତି।

# ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ସାକ୍ଷରତା ଦିବସ




ବରଗଡ଼, ୯।୯ (ସମିସ): କୌଣସି ରାଷ୍ଟ୍ର ତଥା ସମାଜର ବିକାଶ ପାଇଁ ସାକ୍ଷରତା ନିହାତି ଆବଶ୍ୟକ। ସାକ୍ଷରତାର ପ୍ରୟୋଜନ ପ୍ରତି ଜନ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ଅଧୀନ ଜନତା ହାଇସ୍କୁଲ ଭୁକ୍ତାରେ ଅର୍ନ୍ତଜାତୀୟ ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୁର୍ଗା ପ୍ରସାଦ ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଇକୋ କ୍ଲବ୍ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ ଚଳିତ ବର୍ଷ ଅର୍ନ୍ତଜାତୀୟ ସାକ୍ଷରତା ଦିବସର ପ୍ରସଙ୍ଗ 'ଡିଜିଟାଲ ସାକ୍ଷରତାକୁ ପ୍ରୋତ୍ସାହିତ କରିବା' ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଧାରଣା ଦେଇଥିଲେ। ରାଜ୍ୟ ତଥା ଦେଶର ମହିଳା ଓ ପୁରୁଷଙ୍କ ସାକ୍ଷରତାର ସ୍ଥିତି ସମ୍ବନ୍ଧରେ ବୈଠକରେ ଆଲୋଚନା କରାଯାଇଥିଲା। ପ୍ରଧାନଶିକ୍ଷକ ଶ୍ରୀ ନାୟକ ଛାତ୍ରଛାତ୍ରୀ କମ୍ପ୍ୟୁଟର ଶିକ୍ଷା ଆହରଣ କରିବା ପାଇଁ ଆଗ୍ରହ ପ୍ରକାଶ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଆଶୁତୋଷ ଭୋଇ, ସୁବାସ ଚନ୍ଦ୍ର ଖମାରୀ, ପଦ୍ମଲୋଚନ ବିଶି, ଶ୍ରୀପତି ସାହୁ, ବୋଧରାମ ବିଶ୍ୱାଳ, ପ୍ରକାଶ ପଧାନ, ତେଜରାମ ସା ପ୍ରମୁଖ ସହଯୋଗ କରିଥିଲେ।

ସେହିପରି ବରଗଡ଼ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଠାରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ସାକ୍ଷରତା ଦିବସ ପାଳିତ ହୋଇଛି। ଅନୁଷ୍ଠାନର ଅଧ୍ୟକ୍ଷ ରଜନୀକାନ୍ତ ଦାଶ ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ ମୁଖ୍ୟ ଅତିଥି ଓ ବରଗଡ଼ ବିଇଓ ଡ.ସୁରେନ୍ଦ୍ର ସାହୁ, ସୋହେଲା ବିଇଓ ଅମୃତା ସାହୁ, ବିଜେପୁର ବିଇଓ ବଲ୍ଲଭ ମେହେର, ଭେଡେନ ବିଇଓ ମଛିନ୍ଦ୍ର ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନବ ଭାରତ ସାକ୍ଷର ଅଧୀନ ଉଲ୍ଲାସ କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ୧୫ରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କୁ ସାକ୍ଷର କରିବା ଲକ୍ଷ୍ୟ ସମସ୍ତେ ସଂକଳ୍ପ ନେଇଥିଲେ।

ଏଥିରେ ପ୍ରତ୍ୟେକ ବ୍ଲକ୍‌ର ଏବିଇଓଙ୍କ ସହ ସିଆରସିସି ଓ ସହକାରୀ ଶିକ୍ଷକ ଯୋଗ ଦେଇଥିଲେ। ଜନକ ସେଠ୍ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଓ ବେଣୁଧର ବରିହା ଧନ୍ୟବାଦ ଅର୍ପଣ କରିଥିଲେ।



# ଡିଆର୍‌ଏମ୍‌ଙ୍କ ଝାରସୁଗୁଡ଼ା ଗସ୍ତ

ଇବଥର୍ମାଲ, ୯।୯ (ସମିସ): ରେଳ ବିଭାଗର ଚକ୍ରଧରପୁର ଡିଭିଜନର ଡିଆରଏମ କରୁନ ହୁରିଆ ମଙ୍ଗଳବାର ଝାରସୁଗୁଡ଼ା ଗସ୍ତରେ ଆସିଛନ୍ତି। ଏହି ଅବସରରେ ସହରର ବିଭିନ୍ନ ସମସ୍ୟା ନେଇ ବିଧାୟକ ଟଙ୍କଧର ତ୍ରିପାଠୀ ଆଲୋଚନା କରିଛନ୍ତି। ଝାରସୁଗୁଡ଼ା ମୁଖ୍ୟ ରାସ୍ତାର ଉନ୍ନତି କରଣ ସହ ଡ୍ରେନେଜ ସମସ୍ୟା ଉପରେ ଆଲୋଚନା କରିଥିଲେ। ବିଶେଷକରି ସହରର ପୁରୁଣା ବସ୍‌ଷ୍ଟାଣ୍ଡ ଠାରୁ ଝଣ୍ଡା ଛକ ପର୍ଯ୍ୟନ୍ତ ଡ୍ରେନ ନିର୍ମାଣ ସହ ଜନସାଧାରଣଙ୍କ ଯାତାୟାତ ପାଇଁ ରାସ୍ତା ନିର୍ମାଣ ଉପରେ ଜୋର ଦେଇଥିଲେ। ଏହାସହ ରେଳ ବିଭାଗ ଅଧୀନରେ ଥିବା ସ୍କୁଲର ଉନ୍ନତି କରଣ ନେଇ ଆଲୋଚନା କରିଥିଲେ। ଆଜିର ଗସ୍ତରେ ବିଧାୟକ ତ୍ରିପାଠୀ, ଡିଆରଏମ ଓ ଜିଲ୍ଲାପାଳ କୁଣାଲ ମୋତିରାମ ଚୌହାଣ ମୁଖ୍ୟ ରାସ୍ତାରେ ଚାଲି ଚାଲି ଯିବା ସହ ସହରରେ ହେଉଥିବା ସମସ୍ୟା ଉପରେ ଆଲୋଚନା କରିଥିଲେ।



## ପିଏମ୍‌ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଯୋଗ ଓ ଚେସ୍ ପ୍ରତିଯୋଗିତା



ପଦ୍ମପୁର, ୯।୯ (ସମିସ): ବ୍ଲକ୍ ଶିକ୍ଷା ଅଧିକାରୀ ଲୋକନାଥ ଭୋଇଙ୍କର ନିର୍ଦ୍ଦେଶରେ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପଦ୍ମପୁରରେ ବ୍ଲକ୍‌ସ୍ତରୀୟ ଯୋଗ ଓ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର କାର୍ଯ୍ୟକାରୀ ପ୍ରଧାନଶିକ୍ଷକ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ ବ୍ଲକ୍ କ୍ରୀଡା ସଂଘର ସେକ୍ରେଟାରୀ ହରେକୃଷ୍ଣ ମେହେର ସଭା ପରିଚାଳନା କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ କେଶରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉଭୟ ପ୍ରତିଯୋଗିତାରେ ୬ ଟି ବର୍ଗରୁ ୬୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଚେସ୍‌ରେ ବୈଭବ ସାହୁ, ଓମ ପ୍ରକାଶ ସାହୁ, ଶ୍ରାବଣୀ ସାହୁ ଓ ପ୍ରାଚୀ ପ୍ରଜ୍ଞା ସାହୁ ଓ ଯୋଗରେ ଶ୍ରୀତମ ସାହୁ, ସମୀର ସେନ୍ଧ୍ରୀଆ, ଲିଶା ବାଗ ଓ ସୌଦାମିନୀ କୁମ୍ଭାର ଜିଲ୍ଲାସ୍ତରରେ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଶାରୀରିକ ଶିକ୍ଷୟିତ୍ରୀ ନିଳିମାରାଣୀ ମହାନ୍ତି, ଗୋବର୍ଦ୍ଧନ ମିଶ୍ର, କେଶବ ପ୍ରଧାନ, ସଦାନନ୍ଦ ସାହୁ, ରଜତଳ ସିଂହ ବରିହା ତଥା ଅନ୍ୟାନ୍ୟ ବିଦ୍ୟାଳୟର ଶାରୀରିକ ଶିକ୍ଷକ ମାନେ ସହଯୋଗ କରିଥିଲେ। ଶେଷରେ ଚନ୍ଦ୍ରମଣି ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଗୋଁଣ୍ଡ ମହାସଭା ନୂଆଁଖାଇ ଭେଟ୍‌ଘାଟ୍‌ରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଦାବିପତ୍ର

ପଦ୍ମପୁର, ୯।୯ (ସମିସ): ରାଜ୍ୟସ୍ତରୀୟ ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା ନୂଆଁଖାଇ ଭେଟଘାଟ ନୂଆଁପଡ଼ା ଜିଲ୍ଲା ପୁଲିସ ପଡିଆ ଠାରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ବରଗଡ଼ ଜିଲ୍ଲା ଗଣ୍ଡ ସମାଜ ଆୟୋଜନ ସମିତି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଭେଡେନ, ପାଟକୁଲୁଣ୍ଡା, ଲଖନପୁର, ଖର୍ସଲ, ପାହାଡ ଶ୍ରୀଗୀଡା ଆଦି ଗୋଁଣ୍ଡ ଜମିଦାର ଗଣ ବୀରତ୍ୱ ସହ ଇଂରେଜ ବିରୁଦ୍ଧରେ ଲଢ଼ିଥିଲେ। ଏଣୁ ସେମାନଙ୍କୁ ଉଚିତ ସମ୍ମାନ ପାଇଁ ପ୍ରତିମୂର୍ତ୍ତି ସ୍ଥାପନ କରିବା, ଗୋଁଣ୍ଡ ସମାଜର ଖଳା ଗୁଡିକ ପୁନଃରୁଦ୍ଧାର, ନୃସିଂହନାଥ ସ୍ଥିତ ଗୋଁଣ୍ଡ ସମାଜର କଲ୍ୟାଣମଣ୍ଡପର ଉନ୍ନତି କରଣ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ସମସ୍ୟା ଗୁଡିକର ସମାଧାନ ପାଇଁ ଦାବି ଉଲ୍ଲେଖ କରାଯାଇଛି। ଏହି ଅବସରରେ ଧନେଶ୍ୱର ସିଂହ, ସରୋଜ ଧରୁଆ, ସୁରେନ୍ଦ୍ର ଧରୁଆ, ନରେଶ ଧରୁଆ, ଚୈତୁ ସିଂ ଦେଓ, ଦୁର୍ଯ୍ୟୋଧନ ପୁଟା, ରମେଶ ଜଗତ, ରଘୁନନ୍ଦନ ଦେଓ, ସତ୍ୟବାନ ଧରୁଆ, ବିଦେଶୀ ରାଏ, ନିରଞ୍ଜନ ଧରୁଆ, ଅଶ୍ୱିନୀ ଧରୁଆ, ଚିତ୍ତରଞ୍ଜନ ପରରେ, ହିରଣ୍ୟ ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ।

## ଜେନିଥ୍ ଲାୟନ୍ସ ଗୁରୁକୁଳର ଗୃହ ବିନିଯୋଗ ଉତ୍ସବ




ପଦ୍ମପୁର, ୯।୯ (ସମିସ): ଜେନିଥ୍ ଲାୟନ୍ସ ଗୁରୁକୁଳ ତରଫରୁ ଗୃହ ବିନିଯୋଗ ଉତ୍ସବ ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ କ୍ୟାପ୍ଟେନ୍ ଜୟ ଭୋଇ ଗୃହ ବ୍ୟବସ୍ଥାର ମୂଲ୍ୟାଙ୍କନ କରି ଘରଗୁଡିକର ନାମର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷ ଡ.ମନୋଜ ପଣ୍ଡା ଭବିଷ୍ୟତର ନେତା ଗଠନ ପାଇଁ ଏକ ଗୃହ କ୍ୟାବିନେଟର ଆବଶ୍ୟକତା ବର୍ଣ୍ଣନା କରିଥିଲେ। ନବନିର୍ବାଚିତ ଗୃହ କ୍ୟାବିନେଟ ସଦସ୍ୟମାନେ ଶପଥ ଗ୍ରହଣ କରିଥିଲେ। ନିଜ ନିଜ ଗୃହର ମୂଲ୍ୟବୋଧକୁ ବଜାୟ ରଖିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଉତ୍ସବରେ ବିଦ୍ୟାଳୟର ସଭାପତି ପ୍ରତାପ ମିଶ୍ର, ଉପାଧ୍ୟକ୍ଷ ସୁଶାନ୍ତ ରଥ, ସଚିବ ପବନ ଅଗ୍ରୱାଲ ଏବଂ କୋଷାଧ୍ୟକ୍ଷ ମହମ୍ମଦ ଜାୱେଦ ସାର୍ ଯୋଗ ଦେଇଥିଲେ। ଶିକ୍ଷକ ସତୀଶ ଚନ୍ଦ୍ର ସାହୁ ଶପଥ ଗ୍ରହଣ ଉତ୍ସବ ଆୟୋଜନ କରିଥିଲେ। ଶିକ୍ଷକ ସନ୍ତୋଷ ବେହେରା ସମଗ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ବ୍ଲକ୍‌ସ୍ତରୀୟ ବ୍ୟାଙ୍କର୍ କମିଟିର ବୈଠକ

ଝାରବନ୍ଧ, ୯।୯ (ସମିସ): ଝାରବନ୍ଧ ବ୍ଲକ୍‌ସ୍ତରୀୟ ବ୍ୟାଙ୍କର୍ କମିଟିର ବୈଠକ ବ୍ଲକ୍ ସଭାଗୃହରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ନୂତନ ଭାବେ ଯୋଗ ଦେଇଥିବା ଏଲଡିଏମ ବିଦ୍ୟାନନ୍ଦ ତିର୍କୀ, ବିଡିଓ ପର୍ଶୁରାମ ପଣ୍ଡା, ବିପିଏମ ସତ୍ୟ କୁମ୍ଭାର, ବିଭିଓ ଡ.ସମୀର ଖମାରି, ଏଫଓ ସମୀର ଚାନ୍ଦ, ଝାରବନ୍ଧ ଏସବିଆଇ ଶାଖା ପରିଚାଳକ ଦୀପକରାଜ, ଡଭା ଓଜିବିର ଶାଖା ପରିଚାଳକ ଚିତ୍ରସେନ ପ୍ରଧାନ, ଏସଡିସିସି ବ୍ୟାଙ୍କ ଶାଖା ପରିଚାଳକ ବିରଜା ପ୍ରଧାନ ମଲ୍ଲିକ ଏବଂ ବ୍ୟାଙ୍କ ମିତ୍ର ମାନେ ଉପସ୍ଥିତ ଥିଲେ। ବୈଠକରେ ଏସଏଚଜି ବ୍ୟାଙ୍କ ଋଣ, କୃଷି ବୀମା, ସରକାର ଦ୍ୱାରା ପ୍ରାୟୋଜିତ ବିଭିନ୍ନ ଯୋଜନା ଉପରେ ଆଲୋଚନା ହୋଇଥିଲା। ଏହାସହ ଏଲଡିଏମ ଶ୍ରୀ ତିର୍କୀ ନୂତନ ଲୋକାଭିମୁଖୀ ପ୍ରସ୍ତାବ ଦେବାକୁ ଆହ୍ୱାନ ଦେଇଥିଲେ।

# ଥାନାଧିକାରୀଙ୍କୁ ଆଟ୍ରୋସିଟି ଆକ୍ଟର ତର୍ଜମା ଅଧିକାର ଆଦେଶକୁ ରଦ୍ଦ ଦାବି

ଇବଥର୍ମାଲ, ୯।୯ (ସମିସ)



ସମ୍ମିଳିତ ଆଦିବାସୀ ସମାଜର ଆୟୋଜନରେ ବେହେରାମାଲ ସ୍ଥିତ ସଂସ୍କୃତି ଭବନଠାରେ ଆଟ୍ରୋସିଟି ଉପରେ ଆଲୋଚନା ଚକ୍ର ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଛି। ପ୍ରଥମ ପର୍ଯ୍ୟାୟରେ ସମ୍ମିଳିତ ଆଦିବାସୀ ସମାଜର ଉପଦେଷ୍ଟା ରତ୍ନାକର ପ୍ରଧାନ ସଭା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ତ୍ରିନାଥ ଗୁଆଲ, ମୁଖ୍ୟ ବକ୍ତା ଭାବେ ଭୁବନେଶ୍ୱରର ସଂଗ୍ରାମ କେଶରୀ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଲକ୍ଷ୍ମୀଚରଣ ପାଲ ଉପସ୍ଥିତ ଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭାର ରାଜ୍ୟ ସଭାପତି ମହେନ୍ଦ୍ର ନାଏକ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ସିଆରାମ ଦାସ, ମୁଖ୍ୟ ବକ୍ତା ଭାବେ ଅଭିରାମ ମଲ୍ଲିକ ଓ ସମ୍ମାନିତ ଅତିଥି ଭାବେ ଅନ୍ଥୋନୀ ଟିର୍କୀ ଯୋଗ ଦେଇଥିଲେ।

ସରକାରଙ୍କ ଦ୍ୱାରା ଗତ ୩୦ ତାରିଖ ଦିନ ରାଜ୍ୟ ଗୃହ ବିଭାଗ ଆଟ୍ରୋସିଟି ଆକ୍ଟ ଉପରେ ଜାରି କରିଥିବା ନୋଟିସରେ ଆଟ୍ରୋସିଟି କେସ ଗୁଡିକ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଫ ପୁଲିସ (ଡିଏସ୍‌ପି)ଙ୍କ ଦ୍ୱାରା ତର୍ଜମା କରାଯିବ। ସ୍ୱତନ୍ତ୍ର ଅଦାଲତରେ ଉପସ୍ଥାପନା କରୁଥିବା ନିୟମକୁ ପରିବର୍ତ୍ତନ କରି ଥାନାର ନିରୀକ୍ଷକ ଭାରପ୍ରାପ୍ତ ଅଧିକାରୀ କୋର୍ଟରେ ଉପସ୍ଥାପନ କରିବେ ବୋଲି ନିର୍ଦ୍ଦେଶ ଅଛି। ଏହାଦ୍ୱାରା ଆଟ୍ରୋସିଟି ଆକ୍ଟ ୧୯୮୯ ଆଦିବାସୀ ତଥା ଦଳିତ ବର୍ଗର ସୁରକ୍ଷା କବଚ ଦୁର୍ବଳ ହେବ ଓ ଏହି ବର୍ଗର ଲୋକମାନେ ଆଇନ ଅଦାଲତରେ ଉଚିତ ନ୍ୟାୟ ପାଇ ପାଇବେ ନାହିଁ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ସରକାର ଏହି ନୋଟିସକୁ ରଦ୍ଦ କରନ୍ତୁ ବୋଲି ଦାବି ହୋଇଥିଲା। ରାଜ୍ୟରେ ବର୍ତ୍ତମାନ ଏଥି ପାଇଁ ୩ଟି ସ୍ୱତନ୍ତ୍ର ଅଦାଲତ କାର୍ଯ୍ୟ କରୁଛି। ଆଟ୍ରୋସିଟି ମାମଲା ଗୁଡିକୁ ଠିକ ସମୟରେ ଫଇସଲା କରିବା ପାଇଁ ୩୦ଟି ଜିଲ୍ଲାରେ ସ୍ୱତନ୍ତ୍ର ଅଦାଲତ ଖୋଲିବା ପାଇଁ ଦାବି ହୋଇଛି। ଆସନ୍ତାକାଲି ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ରାଜ୍ୟର ୩୦ଟି ଜିଲ୍ଲାପାଳଙ୍କ ଜରିଆରେ ଦିଆହେବ। ସରକାର ଏହାର ସମାଧାନ ନ କଲେ, ଆଗାମୀ ଦିନରେ ଆଦିବାସୀ ତଥା ଦଳିତ ସମାଜର ଲୋକେ ରାଜରାସ୍ତାକୁ ଓହ୍ଲାଇବେ। ସମ୍ମିଳିତ ଆଦିବାସୀ ସମାଜ ତରଫରୁ ବହୁତ ଶୀଘ୍ର ଗ୍ରାମସଭା, ଆଦିବାସୀ ଓ ଦଳିତ ମାନଙ୍କର ଜମିକୁ ସୁରକ୍ଷା ଦେବା ସହିତ ଭାଇ ଭାଇ ମଧ୍ୟରେ ଜମି ବିଭାଜନ, ଆଇଟିଡିଏ ଆଦି ଉପରେ ପୃଥକ ପୃଥକ ଭାବେ ଆଲୋଚନା ଚକ୍ର ଜରିଆରେ ତର୍ଜମା କରି ଠୋସ ନିଷ୍ପତ୍ତି ନେଇ ରାଷ୍ଟ୍ରପତିଙ୍କୁ ଦାବି ଦିଆହେବ ବୋଲି ଗୋଁଣ୍ଡୱାନା ଗୋଁଣ୍ଡ ମହାସଭାର ରାଜ୍ୟ ସଭାପତି ଶ୍ରୀ ନାଏକ କହିଥିଲେ।

ବିଜୟଦାସ, ଚାଷୀନେତା ସୁରେନ୍ଦ୍ର ସାହୁ, ଆର୍‌ଟିଆଇ ଆକ୍ଟିଭିଷ୍ଟ ସତ୍ୟନାରାୟଣ ରାଓ, ସମାଜସେବୀ ଅଜୁ ବାରିକ, କିଷାନ ସମାଜର ଜିଲ୍ଲା ସଭାପତି ତ୍ରିଲୋଚନ ପ୍ରଧାନ, ସମ୍ମିଳିତ ଆଦିବାସୀ ସମାଜର ଉପଦେଷ୍ଟା ପ୍ରଭାକର ଓରାମ, ପ୍ରମୁଖ ସଚୀବ ଅଶୋକ ମାଝୀ, ମହାସଚିବ ବିନୋଦ ବିହାରୀ ବାଘ, ଧର୍ମେନ୍ଦ୍ର କିସାନ, ଗଙ୍ଗାଧର ଭୋଇ, ବାସୁଦେବ ଧୁରୁଆ, ବୀରେନ ମରେଇ, ରାଜେଶ ମୁଣ୍ଡା, ପ୍ରେମାନନ୍ଦ ବିଶ୍ୱାଳ, ସେବତୀ ବାଘ, ଚନ୍ଦ୍ରମା ବରିହା, ସରସ୍ୱତୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଦେଲେ ଜିଲ୍ଲାବାସୀ

# ଶୋଭାଯାତ୍ରାରେ ଦୁଇ ସହର ପରିକ୍ରମା କଲା ମର ଶରୀର






**ନୂଆପଡ଼ା, ୯।୯(ସମିସ)**

ପଶ୍ଚିମ ଓଡ଼ିଶାର ଜଣେ ଅପ୍ରତିଦ୍ୱନ୍ଦ୍ୱି ବିଜେଡି ନେତା, ପୂର୍ବତନ କ୍ୟାବିନେଟ ମନ୍ତ୍ରୀ ତଥା ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଦେହାବସାନ ପରେ ମଙ୍ଗଳବାର ଦିନ ତାଙ୍କର ନିବାସ ସହର ଖରିଆରରୋଡ ଠାରେ ସଂସ୍କାର କାର୍ଯ୍ୟକ୍ରମ ଶେଷ ହୋଇଛି। ଏହା ପୂର୍ବରୁ ଜିଲ୍ଲା ପ୍ରଶାସନ ତରଫରୁ ଗାର୍ଡ ଅଫ ଅନର ଦିଆଯାଇଥିବାବେଳେ ମରଶରୀରକୁ ନୂଆପଡ଼ା ଏବଂ ଖରିଆରରୋଡ ସହରରେ ପରିକ୍ରମା ପରେ ଖରିଆରରୋଡସ୍ଥିତ ତାଙ୍କର ବିଦ୍ୟାଳୟରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଏଥିରେ ଦଳର ବହୁ ପୂର୍ବତନ ମନ୍ତ୍ରୀ, ନେତା ସହ ବିଭିନ୍ନ ଦଳର ପ୍ରମୁଖ ବ୍ୟକ୍ତି ବିଶେଷ, ସାଧାରଣ ଜନତା ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସୂଚନାଯୋଗ୍ୟ ଯେ ସୋମବାର ଦିନ ପୂର୍ବାହ୍ନ ୧୦ଟାବେଳେ ଚେନ୍ନାଇସ୍ଥିତ ଏକ ହସପିଟାଲରେ ରାଜେନ୍ଦ୍ର ଢୋଲକିଆଙ୍କ ପୂଣବାୟୁ ଉଡିଯିବା ପରେ ମଙ୍ଗଳବାର ପୂର୍ବାହ୍ନରେ ଏକ ସ୍ୱତନ୍ତ୍ର ଚାଟର୍ଡ ପ୍ଲେନ୍‌ରେ ରାୟପୁରକୁ ଅଣାଯାଇଥିଲା। ସେଠାରୁ ଏକ ଆମ୍ବୁଲାନ୍ସ ଜରିଆରେ ମରଶରୀର ମଧ୍ୟାହ୍ନ ଗୋଟାଏ ବେଳେ ଖରିଆରରୋଡରେ ପହଞ୍ଚିଥିଲା।ଓଡ଼ିଶା ଛତିଶଗଡ଼ ସୀମାନ୍ତ ଟେମରି ଗେଟ ନିକଟରେ ପ୍ରଥମେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ, ଏସ୍‌ପି ଅପ୍ରିତପାଲ ସିଂ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ପରେ ଏକ ରଥରେ ସଜ୍ଜିତ କରି ଶୋଭାଯାତ୍ରାରେ ସ୍ୱାଗତ କରି ଅଣାଯାଇଥିଲା। ଏହାକୁ ସୀମାନ୍ତରେ ବିଜେଡି ତରଫରୁ ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ମନ୍ତ୍ରୀ ଟୁକୁନୀ ସାହୁ, ବର୍ଷା ସିଂ ବରିହା, କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, ପ୍ରସନ୍ନ ଆଚାର୍ଯ୍ୟ, ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଲମ୍ବୋଦର ନିଆଲ, ବିଜେପିର ପୂର୍ବତନ ଖଡିଆଳ ବିଧାୟକ ହିତେଶ କୁମାର ବଗର୍ତିଙ୍କ ସମେତ ବହୁ ପଦାଧିକାରୀ, ସ୍ଥାନୀୟ ବିଜେଡି କର୍ମକର୍ତ୍ତା, ସାଧାରଣ ଜନତା ସ୍ୱାଗତ କରିଥିଲେ। ଖରିଆରରୋଡ ସହର ଦେଇ ନୂଆପଡ଼ାକୁ ନିଆଯାଇଥିଲା।। ହଜାର ହଜାର ବାଇକ୍, କାର ଶୋଭାଯାତ୍ରାରେ ବାହାରିଥିଲା। ଦୁଇଗୋଟି ସହରର ଦୋକାନ ବଜାର, ସ୍କୁଲ କଲେଜ ବନ୍ଦ ହୋଇଥିବା ବେଳେ ରାଜୁଭାଇଙ୍କ ପାଇଁ ଦୁଇ ସହର କାନ୍ଦୁଥିଲା। ରାସ୍ତାର ଦୁଇ ପାର୍ଶ୍ୱରେ ଫୁଲ, ଚନ୍ଦନର ବର୍ଷା ହୋଇଥିଲା। ନୂଆପଡ଼ା ଏକତା ଛକରେ ସହରବାସୀ ଭବ୍ୟ ସ୍ୱାଗତ କରିଥିଲେ। ପରେ ଖରିଆରରୋଡସ୍ଥିତ ଜ୍ଞାନଜ୍ୟୋତି ବିଦ୍ୟାଳୟ ପରିସରରେ ଏକ ଭବ୍ୟ ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା। ଏଥିରେ ଦଳର ସମ୍ମୁଖ ନେତାଙ୍କ ସହ କଂଗ୍ରେସ ରାଜ୍ୟ ସଭାପତି ଭକ୍ତ ଚରଣ ଦାସ, ବିଜେପିର ପୂର୍ବତନ ସାଂସଦ ବସନ୍ତ କୁମାର ପଣ୍ଡାଙ୍କ ସମେତ ହଜାର ହଜାର ଦଳୀୟ କର୍ମୀ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ସଂଧାରେ ସ୍ଥାନୀୟ ସଂସ୍କାର କେନ୍ଦ୍ରରେ ଏକ କାରକେଡରେ ନେଇ ସଂସ୍କାର କରାଯାଇଥିଲା। ଜିଲ୍ଲାପାଳ, ଏସ୍‌ପି, ସିଆରପିଏଫ କମାଣ୍ଡାଣ୍ଟ ଜୋସେଫ ଗିଲବର୍ଟଙ୍କ ଉପସ୍ଥିତିରେ ଗାର୍ଡ ଅଫ ଅନର ଦିଆଯାଇଥିଲା। ଗୁରୁକୁଳ ବ୍ରହ୍ମଚାରୀମାନେ ବେଦ ମନ୍ତ୍ର ପାଠ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱର୍ଗୀୟ ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ଯୋଗ ଦେଇ ମୁଖାଗ୍ନି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫୁଲ୍ଲ ମଲ୍ଲିକ, ଗୀତା ସାହୁ, ଦେବୀ ପ୍ରସାଦ ମିଶ୍ର, ସ୍ନେହାଙ୍ଗିନୀ ଛୁରିଆ, ରଜନୀ କାନ୍ତ ସିଂ, ପୁଷ୍ପେନ୍ଦ୍ର ସିଂ, ଆୟୁବ ଖାଁ, ବିଜୟ ମହାନ୍ତି, ସୌଭାଗ୍ୟ ବେହେରା, ପ୍ରସନ୍ନ କୁମାର ପାଢ଼ୀ, ଯଦୁ ମଣୀ ପାଣିଗ୍ରାହୀ, ଦେବେଶ ଆଚାର୍ଯ୍ୟ, ଦେବଗଡ଼ ବିଧାୟକ ରଞ୍ଜନ ବିଶ୍ୱାଳ, ଗୁରୁକୁଳର ବ୍ରତାନନ୍ଦ ସରସ୍?ତୀ, ଜିଲ୍ଲା ବିଜେଡି ସଭାପତି ଅବନୀ ରଞ୍ଜନ ଯୋଷୀ, କାର୍ତିକ ଦୀପ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଲି ମାଝୀ, ଧନୀରାମ ସାହୁ, ତାରେଶ୍ୱରୀ ସାହୁ, ପ୍ରେମ ସାହୁ, ସନ୍ଦିପ ଶର୍ମା, ଗୋଲଡି ଅଗ୍ରୱାଲ, ସୋନିଆ ଜୈନ, ଅନୁସୂୟା କୁମ୍ଭାର, ବଣ୍ଟି ଡାଗା, ରାମଲାଲ ହଂସ, ଶେଖର ଜୈନ, ରବି ବାଗ ପ୍ରମୁଖ ଯୋଗଦେଇଥିଲେ।

### ବହୁ ଦଳୀୟ ପଦାଧିକାରୀ ଯୋଗ ଦେଲେ

## ମହିଳାଙ୍କୁ ଆକ୍ରମଣ କରି ଯୁବକ ଗିରଫ

**ଶଗଡ଼ା, ୯।୯(ସମିସ):** ମହିଳାଙ୍କୁ ଆକ୍ରମଣ ସହ ଗାଳି ଗୁଲଜ କରିବା ଯୁବକଙ୍କୁ ମହଙ୍ଗା ପଡ଼ିଲା। ଶେଷରେ ଯୁବକଙ୍କୁ ଗିରଫ କରିଛି ଘଣ୍ଟାପଡ଼ା ପୋଲିସ। ସୂଚନା ଅନୁସାରେ, ବୌଦ୍ଧ ଜିଲ୍ଲା ଘଣ୍ଟାପଡ଼ା ଥାନା ରେକଡୋଳ ଗ୍ରାମର ପ୍ରେମଶିଳା ବିଭାର ଓ ବେଣୁଧର କହଁରଙ୍କ ପରିବାର ମଧ୍ୟରେ ଦୀର୍ଘଦିନରୁ ଜମିବାଡ଼ି ବିବାଦ ଲାଗି ରହିଥିଲା। ଗତ ୨୩ ତାରିଖ ପ୍ରେମଶିଳା ବିଲରେ କାମ କରୁଥିବା ସମୟରେ ଗ୍ରାମର ବେଣୁଧର ଆସି ଗାଳିଗୁଲଜ କରିବା ସହ କୋଡ଼ିରେ ଆକ୍ରମଣ କରିଥିଲା। ଫଳରେ ପରିବାର ଲୋକେ ପ୍ରେମଶୀଳାଙ୍କୁ ଗୁରୁତର ଅବସ୍ଥାରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏନେଇ ପ୍ରେମଶୀଳା ଘଣ୍ଟାପଡ଼ା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ୧୨୨/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗତକାଲି ପୋଲିସ ବେଣୁଧରକୁ ଗିରଫ କରିଥିବା ବେଳେ ଆଜି ଅପରାହ୍ନରେ କୋର୍ଟ ଚାଲାଣ କରିଥିବା ଥାନା ପକ୍ଷରୁ ସୂଚନା ମିଳିଛି।

### ୯ ବର୍ଷ ତଳର ହତ୍ୟା ମାମଲାର ରାୟ ପ୍ରକାଶ

## ଦୁଇ ଭାଇଙ୍କୁ ଆଜୀବନ କାରାଦଣ୍ଡ

**ଶଗଡ଼ା, ୯।୯(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ଅନ୍ତର୍ଗତ ବରଗାଁ ଗ୍ରାମରେ ଦୀର୍ଘ ୯ ବର୍ଷ ତଳେ ହୋଇଥିବା ହତ୍ୟାକାଣ୍ଡର ରାୟ ଆଜି ପ୍ରକାଶ ପାଇଛି। ହତ୍ୟାକାଣ୍ଡ ଘଟଣାରେ ସମ୍ପୃକ୍ତ ଦୁଇ ଭାଇଙ୍କୁ ଆଜୀବନ କାରାଦଣ୍ଡ ସହ ୩୦ ହଜାର ଲେଖାଏଁ ଜରିମାନା ଦେବାକୁ ମାନ୍ୟବର କୋର୍ଟ ନିଜ ରାୟରେ ପ୍ରକାଶ କରିଛନ୍ତି। ଦୁଇ ଅଭିଯୁକ୍ତ ଭାଇ ହେଲେ ଶଶିଭୂଷଣ ରଣା ଓ ସୂର୍ଯ୍ୟ ରଞ୍ଜନ ରଣା। ସୂଚନାନୁସାରେ, ୨୦୧୬ ମସିହାରେ କଣ୍ଟାମାଳ ଥାନା ବରଗାଁ ଗ୍ରାମର ବିରଞ୍ଚି ରଣା ଓ ତାଙ୍କ ପତ୍ନୀ ସଖି ରଣାଙ୍କୁ ହତ୍ୟା କରାଯାଇଥିବା ବେଳେ ଏନେଇ ମୃତକଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପରେ ୯୬/୧୬ରେ ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଥିଲା। ଉକ୍ତ ମାମଲା କୋର୍ଟରେ ବିଚାରାଧୀନ ଥିବା ବେଳେ ଆଜି ୯ ବର୍ଷ ପରେ ରାୟ ପ୍ରକାଶ ପାଇଛି। ଦୁଇ ହତ୍ୟାକାରୀ ଭାଇକୁ ଦୋଷୀ ସାବ୍ୟସ୍ତ କରି କୋର୍ଟ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ପିପି ଦୂତିଆ ଚରଣ ସାହୁ ମାମଲାର ପରିଚାଳନା କରିଥିଲେ।

## ଦେଶୀ ମଦ ଜବତ

**ଶଗଡ଼ା, ୯।୯(ସମିସ):** ମନମୁଣ୍ଡା ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ବିପୁଳ ପରିମାଣର ମଦ ଜବତ କରାଯାଇଛି। ମନମୁଣ୍ଡା ଥାନା ଦମାମୁଣ୍ଡା ଗ୍ରାମ୍ୟ ରାସ୍ତାରେ ବେଆଇନ ଭାବରେ ମଦ ବିକ୍ରି ହେଉଥିବା ଖବର ପାଇ ମନମୁଣ୍ଡା ଅବକାରୀ ଅଧିକାରୀ ଜୟନ୍ତୀ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ଉ କରି ସାନନ୍ଦ କର୍ମୀଙ୍କ ନିକଟରୁ ୮ ଲିଟର ଦେଶୀ ମଦ ଜବତ କରିଥିଲା। ଏନେଇ ଏକ ମାମଲା ରୁଜୁ କରି ସେବା ନୋଟିସ ଦେଇ ମାଫିଆକୁ ଛାଡି ଦେଇଥିବା ଅବକାରୀ ଅଧିକାରୀ ସୂଚନା ଦେଇଛନ୍ତି। ସେହିପରି କଣ୍ଟାମାଳ ଅବକାରୀ ବିଭାଗ ପକ୍ଷରୁ ଘଣ୍ଟାପଡ଼ା ଥାନା କୁରୁକୁପା ଗ୍ରାମ୍ୟ ରାସ୍ତାରେ ଚଢ଼ଉ କରି ଟେକା ମହାନନ୍ଦ ନିକଟରୁ ୮ ଲିଟର ଦେଶୀ ମଦ ଜବତ କରି ନୋଟିସ ଦେଇ ମାଫିଆକୁ ଛାଡି ଦିଆଯାଇଥିବା କଣ୍ଟାମାଳ ଅବକାରୀ ଏଏସ୍‌ଆଇ ପ୍ରିୟଜନ କହଁର ସୂଚନା ଦେଇଛନ୍ତି।

## ୧୩ରେ ତୃତୀୟ ରାଷ୍ଟ୍ରୀୟ ଲୋକଅଦାଲତ

**କେସିଙ୍ଗା, ୯।୯(ସମିସ):** ଆସନ୍ତା ୧୩ ତାରିଖ ମାସର ଦ୍ୱିତୀୟ ଶନିବାର ଦିନ କଳାହାଣ୍ଡି ଜିଲ୍ଲା କେସିଙ୍ଗା ଅଦାଲତ ପରିସରରେ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକଅଦାଲତ ଅନୁଷ୍ଠିତ ହେବ।ଏଥିପାଇଁ ପୂର୍ବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ତଥା ଅଧ୍ୟକ୍ଷା ତାଲୁକ ଆଇନ ସେବା ସମିତି କେସିଙ୍ଗା ଦୀପ୍ତା ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ରାଷ୍ଟ୍ରୀୟଲୋକ ଅଦାଲତକୁ ସଫଳ କରିବା ପାଇଁ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଛି।ଏଥିରେ ଚେକ୍ ବାଉଁନସ, ଯୋଗ୍ୟ ଫୌଜଦାରୀ ମାମଲା, ବ୍ୟାଙ୍କ ଋଣ ଅନାଦେୟ ମାମଲା, ବୈବାହିକ ଓ ରାଜସ୍ୱ ମାମଲା ପ୍ରବୃତ୍ତି ବିଚାର କରାଯାଏ କେଶ ଶେଷ କରାଯିବ।ଉକ୍ତ ଲୋକ ଅଦାଲତ ରେ ମାମଲାର ଫେଶଲା ପାଇଁ କୌଣସି ଟଙ୍କା ଦେବାକୁ ପଡ଼ିବ ନାହିଁ ଓ ଏହା ଆଇନ ଗତ ବୈଧ ଅଟେ ଏହି ସୁଯୋଗର ସଦୁପଯୋଗ କରିବା ପାଇଁ କେସିଙ୍ଗା ବିଚାର ବିଭାଗୀୟ ବିଚାରପତି ଦୀପ୍ତା ସେଠୀ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ସରକାରୀ ଓକିଲ ପ୍ରକାଶ କୁମାର ଦାସ, ଓକିଲ ସଂଘ ସମ୍ପାଦକ ଯୁଗଳ କିଶୋର ଦୀପ, ସମ୍ମୁଖ କାର୍ଯ୍ୟାଳୟ ଆଇନ ପରାମର୍ଶ ଦାତା ସୁକାନ୍ତ କୁମାର ପଧାନ, କେସିଙ୍ଗା ଆଦର୍ଶ ଥାନା ଅଧିକାରୀ ଜିତେନ୍ଦ୍ର କୁମାର ବିଶ୍ୱାଳ, ଅତିରିକ୍ତ ତହସିଲଦାର, ବିଭିନ୍ନ ବ୍ୟାଙ୍କର ଶାଖା ପରିଚାଳକ ପ୍ରମୁଖ ଉପସ୍ଥିତ ଥିଲେ।

## ମୁରିବାହାଲ ଜମିଦାରପଡ଼ା ଦୁର୍ଗାପୂଜା କମିଟି ଗଠିତ

**ମୁରିବାହାଲ, ୯।୯ (ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ଜମିଦାରପଡ଼ାର ୨୭ତମ ଦୁର୍ଗା ପୂଜା ନେଇ ଏକ କମିଟି ଗଠନ ହୋଇଛି। ବିଷ୍ଣୁପ୍ରସାଦ ଭୋଇଙ୍କ ପରିଚାଳନାରେ ସଭା ବସିଥିଲା। ସଭାପତି ଭାବେ ପିଣ୍ଟୁ ଭୋଇ, ଉପସଭାପତି ଭାବେ ଦୁର୍ବାଦଳ ଭୋଇ, ସମ୍ପାଦକ ଭାବେ ସୁଧାଂଶୁ ଭୋଇ, ସହ ସମ୍ପାଦକ ଭାବେ ଚାମ୍ପେଶ୍ୱର ଭୋଇ, କୋଷାଧ୍ୟକ୍ଷ ଭାବେ ରିକ୍ରମ ଭୋଇ, ଉପ କୋଷାଧ୍ୟକ୍ଷ ଭାବେ ଖଗେଶ୍ୱର ଭୋଇଙ୍କୁ ଚୟନ କରାଯାଇଛି। ଏହି ବୈଠକରେ ଉପଦେଷ୍ଟା ରୂପେ ବରିଷ୍ଠ ସଦସ୍ୟ ଦାମୋଦର ଭୋଇ, ଘନଶ୍ୟାମ ଭୋଇ, ନୀଳାଞ୍ଚଳ ଭୋଇ, ନେତ୍ରା ଭୋଇ, ଶମ୍ଭୁ ପ୍ରସାଦ ଭୋଇ, ମନୋରଞ୍ଜନ ଭୋଇ, ତପନ ଭୋଇ, ଗୋବିନ୍ଦ ଭୋଇ, ଧନୁଜ ଯାନୀ, ବାଲିଆର ଭୋଇ, ଶ୍ରୀପତି ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

### ଜିମ୍‌ରେ ଦୁଇ ଯୁବଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟଣା

## ପୃଥକ୍ ମାମଲା ରୁଜୁ; ଉଭୟ ଗୋଷ୍ଠୀର ୮ ଗିରଫ

**ବଣାଇଁ, ୯।୯(ସମିସ):** ଗତ ଶନିବାର ରାତିରେ ବଣାଇଁ ସହର ରଥ ଛକ ନିକଟରେ ଥିବା ଏକ ଜିମ୍‌ରେ ଦୁଇ ଯୁବ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟଣା ପରବର୍ତ୍ତୀ ସମୟରେ ତୀବ୍ର ଉତ୍ତେଜନା ସୃଷ୍ଟି କରିଛି। ଉଭୟ ଯୁବ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ନେଇ ବଣାଇଁ ଥାନାରେ ଗତ ୭ ତାରିଖରେ ଏକ ମାମଲା ନମ୍ବର ୧୯୧/୭.୯.୨୦୨୫ ରୁଜୁ ହୋଇଥିବାବେଳେ ପରଦିନ ଅର୍ଥାତ ୮ ତାରିଖରେ ଅପର ଗୋଷ୍ଠୀ ପକ୍ଷରୁ ଏତଲା ଦିଆଯାଇଥିଲା। ଅନ୍ୟ ଏକ ମାମଲା ନମ୍ବର୍ ୧୯୨/୮.୯.୨୦୨୫ ରୁଜୁ କରି ପୁଲିସ ତଦନ୍ତ ଜାରି ରଖିଥିଲା। ଇତିମଧ୍ୟରେ ସହରରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ଆଶଙ୍କାରେ ବ୍ୟାପକ ପୁଲିସ ମୁତୟନ ଓ ନିଜେ ଏସ୍‌ପି ଓ ଡିଆଇଜିଙ୍କ ଘଟଣାସ୍ଥଳ ପରିଦର୍ଶନ ପରେ ସାମାନ୍ୟ ଶାନ୍ତ ଅବସ୍ଥା ଫେରିଥିଲା। ଆଜି ବଣାଇଁ ଥାନାରେ ରୁଜୁ ଦୁଇଟି ମାମଲାକ୍ରମେ ଉଭୟ ଗୋଷ୍ଠୀର ୮ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ଜାମିନ ଆବେଦନ ଖାରଜ ହେବାରୁ ସମସ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି। ଏବେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଆଗକୁ ଦୁର୍ଗାପୂଜା ଥିବାରୁ ପୁଲିସ ପାଇଁ ଶାନ୍ତି ସ୍ଥାପନ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

### ଉତ୍ତେଜନା ଆଶଙ୍କାରେ ପୁଲିସ ମୁତୟନ

## ୨୦ବର୍ଷ ପରେ ପୁଅକୁ ପାଇଲେ ପରିବାର ଲୋକେ

**ବଣାଇଁ, ୯।୯ (ସମିସ):** ଦୀର୍ଘ ୨୦ ବର୍ଷ ପରେ ଅନେକ ଜପତପ କରିବା ପରେ ନିଖୋଜ ଥିବା ପୁଅକୁ ଫେରି ପାଇଛନ୍ତି ପରିବାର ଲୋକେ। ସୁନ୍ଦରଗଡ଼ ଜିଲ୍ଲା ବଣାଇଗଡ଼ ବ୍ଲକ ବନେଇକଳା ଗ୍ରାମ ପଞ୍ଚାୟତ ଗିଲି ବନେଇକଳା ଗ୍ରାମରେ ଜଣେ ଯୁବକ ଆଜକୁ ୨୦ ବର୍ଷ ହେବ ଶିହି ଡିହା କଲେଜରେ ପାଠ ପଢ଼ି ସାରି ଦ୍ୱାଦଶ ଶ୍ରେଣୀ ସମାପ୍ତ ପରେ ରାଉରକେଲାକୁ କାମ କରିବା ପାଇଁ ଯାଇଥିଲେ। ପରେ ଘରକୁ ଫେରିଥିଲେ। ମାତ୍ର କିଛି ଦିନ ପରେ ପୁଣି କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ପରେ ପରିବାର ଲୋକେ କିଛି ଦିନ ଖୋଜି ଖୋଜି ନୟାନ୍ତ ହୋଇ ହତାଶ ହୋଇ ରହିଥିଲେ। ଗତ ୪ ଦିନ ତଳେ ଗ୍ରାମର କିଛି ଲୋକ ରାଉରକେଲା ବିର୍ସା ମୁଣ୍ଡା ବସଷ୍ଟାଣ୍ଡରେ ତାଙ୍କୁ ଦେଖିଥିଲେ। ହେଲେ ଦୁଇଟି ଗୋଡ଼ କଟି ଯାଇଥିବା ଦେଖି ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ଆସି ତାଙ୍କ ଗ୍ରାମକୁ ଆଣି ଥିଲେ ଓ ତାଙ୍କ ଗୋଡ଼ ଦୁଇଟି କିପରି କଟିଲା ବୋଲି ପରିବାର ଲୋକ ପଚାରିବାରୁ ଝାରସୁଗୁଡ଼ାରେ ଟ୍ରକ ଦୁର୍ଘଟଣାରେ ତାଙ୍କର ଗୋଡ଼ ଦୁଇଟି କଟିଯାଇଛି ବୋଲି କହିଥିଲେ। ବ୍ୟକ୍ତିଙ୍କ ନାମ ହରେକୃଷ୍ଣ ପାତ୍ର (୪୨) ତାଙ୍କର ଆଧାର କାର୍ଡ, ରାସନ କାର୍ଡ, ଭିନ୍ନକ୍ଷମଙ୍କ ପାଇଁ ଟ୍ରାଇ ସାଇକେଲ ସେବା ଯୋଗାଇ ଦେବା ପାଇଁ ଆଜି ବଣାଇଁ ଉପ ଜିଲ୍ଲାପାଳଙ୍କୁ ପରିବାର ଲୋକେ ଗୁହାରି କରିଥିଲେ। ଉପ ଜିଲ୍ଲାପାଳ ଉକ୍ତ ବ୍ୟକ୍ତିଙ୍କ ଗୁହାରି ଶୁଣି ତୁରନ୍ତ ତାଙ୍କୁ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଥିଲେ।

### ସରକାରୀ ସହାୟତା ପାଇଁ ଉପଜିଲ୍ଲାପାଳଙ୍କୁ ଗୁହାରି

## ‘ଲକ୍ଷ୍ମୀ ବସ୍’ ଚଳାଚଳ ପାଇଁ ଜିଲ୍ଲାପାଳଙ୍କୁ ଚିଠି

### ଦାବି ନ ଶୁଣିଲେ ରାଜରାସ୍ତା ଅବରୋଧ ପାଇଁ ଚେତାବନୀ

**ବଣାଇଁ, ୯।୯(ସମିସ):** ଗୋବିନ୍ଦପୁର ପଞ୍ଚାୟତବାସୀ ଦୀର୍ଘଦିନ ହେବ ଲକ୍ଷ୍ମୀ ବସ୍ ସେବାରୁ ବଞ୍ଚିତ ହୋଇଛନ୍ତି। ତତ୍କାଳୀନ ସରକାର ଯେତେବେଳେ ବଣାଇଁ ବ୍ଲକରେ ୪ଟି ଲକ୍ଷ୍ମୀ ବସ ପ୍ରଚଳନ କରିଥିଲେ ସେତେବେଳେ ଗୋବିନ୍ଦପୁର ପଞ୍ଚାୟତ ଦେଇ ବସ୍ ଯାତାୟତ ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଥିବା ବେଳେ ଆଜି ପର୍ଯ୍ୟନ୍ତ ଲକ୍ଷ୍ମୀବସ ଚଳାଚଳ ହୋଇପାରି ନାହିଁ। ସେଥିପାଇଁ ଗତ ଦେଢ଼ବର୍ଷରୁ ଊର୍ଦ୍ଧ୍ୱ ହେବ ପଞ୍ଚାୟତବାସୀ ଉପଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ବଣାଇଁଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ କି ଆଜି ପର୍ଯ୍ୟନ୍ତ ଲକ୍ଷ୍ମୀ ବସ ଚଳାଚଳ ହୋଇପାରିଲା ନାହିଁ। ସେହିଭଳି ଗୋବିନ୍ଦପୁର ପଞ୍ଚାୟତରେ ୧୦ଟି ଗ୍ରାମ ରହିଥିବାବେଳେ ୬ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ବସବାସ କରନ୍ତି। ଗୋବିନ୍ଦପୁର ପଞ୍ଚାୟତ ଦେଇ ୧୪୩ ନମ୍ବର ଜାତୀୟ ରାଜପଥ ଯାଇଥିବା ବେଳେ କୌଣସି ଛକ ନଥିବାରୁ ପଞ୍ଚାୟତବାସୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ଅସ୍ଥାୟୀ ଭାବରେ ଯାତାୟାତ ପାଇଁ ରାସ୍ତା କରାଯାଇଥିବା ବେଳେ କୌଣସି ମୁହୂର୍ତ୍ତରେ ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥା ବନ୍ଦ କରିଦେବେ ତାହା କହିହେବ ନାହିଁ। ଏହି ରାସ୍ତାରେ ଚିକିତ୍ସାଳୟ, ବିଦ୍ୟାଳୟ, ଉଚ୍ଚବିଦ୍ୟାଳୟ, ମହାବିଦ୍ୟାଳୟକୁ ଯିବା ପାଇଁ ଅନେକ ନିର୍ଭର କରନ୍ତି। ଏହାକୁ ବନ୍ଦ କରିଦେଲେ ପଞ୍ଚାୟତର ୬ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେବେ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ, ଉପଜିଲ୍ଲାପାଳ ବଣାଇଁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବଣାଇଁ, ଥାନା ଅଧିକାରୀ ବଣାଇଁ ଏବଂ ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥାକୁ ଏହାର ତଦନ୍ତ କରି ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ନହେଲେ ଆସନ୍ତା ସେପ୍ଟେମ୍ବର ମାସ ୩ ତାରିଖ ବୁଧବାର ଦିନ ପଞ୍ଚାୟତବାସୀଙ୍କ ପକ୍ଷରୁ ଜାତୀୟ ରାଜପଥକୁ ସକାଳ ୬ ଘଟିକା ଠାରୁ ଅବରୋଧ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଜାତୀୟ ରାଜପଥ ଅବରୋଧ ହେଲେ ବହୁ ଯାନବାହାନ ଅଟକିବା ସହିତ ଅନେକ ସମସ୍ୟା ହେବ। ଏଥିପାଇଁ ପ୍ରଶାସନ ଦାୟୀ ରହିବେ ବୋଲି ମଧ୍ୟ ସେମାନେ ଚେତାବନୀ ଦେଇଛନ୍ତି।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ଅଢେଇ ବର୍ଷର ଝିଅ ଲାବଣ୍ୟ

**ଶଗଡ଼ା, ୯।୯(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଗୁଡଭେଲିପଦର ପଞ୍ଚାୟତ ଅନ୍ତର୍ଗତ ଡ଼ଙ୍ଗାଝୋଲ ଉପାନ୍ତ ଗ୍ରାମର ଅଢେଇ ବର୍ଷର ଝିଅ ଲାବଣ୍ୟ ପଣ୍ଡା ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସାମିଲ ହୋଇ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ସୂଚନାନୁସାରେ, ଡ଼ଙ୍ଗାଝୋଲ ଗ୍ରାମର ପ୍ରେମାଂଶୁ ପଣ୍ଡା ଓ ଝରଣା ପଣ୍ଡାଙ୍କ ଝିଅ ଲାବଣ୍ୟ ୨୪ ଗୋଟି ଫଳର ନାମ, ୨୫ ପନିପରିବା, ୧୨ ଗୋଟି ବୃତ୍ତି, ୧୫ ଫୁଲ, ୧୨ ଗୋଟି ଗୃହପାଳିତ ପଶୁ, ୨୫ ଜାତୀୟ ନେତା, ଇଂରାଜୀର ୨୬ ଅକ୍ଷର କ୍ରମାନ୍ୱୟରେ, ଦେଶର ୨୮ ଗୋଟି ରାଜ୍ୟର ରାଜଧାନୀ, ଓଡ଼ିଶାର ୩୦ ଜିଲ୍ଲା, ୧୮ ଜାତୀୟ ଚିହ୍ନ, ୮ ଗୋଟି ମନ୍ତ୍ର, ଇଂରାଜୀ ନର୍ସରୀ ରାଇମ୍ସ, ୩୪ ସାଧାରଣ ଜ୍ଞାନର ଉତ୍ତର, ୨ ଏବଂ ୩ର ଗୁଣନ ସାରଣୀ ଆଦି ନିର୍ଭୁଲ ଭାବରେ କହି ଏହି ପ୍ରତିଭାର ଅଧିକାରୀ ହୋଇପାରିଛନ୍ତି। ଏନେଇ ଗତ ସେପ୍ଟେମ୍ବର ୫ ତାରିଖରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ତାଙ୍କ ନାମ ସ୍ଥାନିତ ହୋଇଥିବା ସୂଚନା ଦିଆଯାଇଛି। କଣ୍ଟାମାଳ ବ୍ଲକ ଭଳି ଏକ ଉପାନ୍ତ ଗ୍ରାମାଞ୍ଚଳର କୁନି ଝିଅ ଲାବଣ୍ୟ ଏଭଳି ଜାତୀୟସ୍ତରର ରେକର୍ଡ ହାସଲ କରିଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।

### ଖପ୍ରାଖୋଲ ବ୍ଲକରେ ପୁଣି ମନରେଗା ଦୁର୍ନୀତି ଅଭିଯୋଗ

## ମନରେଗାରେ କାମ କରି ପାଉଣା ମିଳୁନି

**ଖପ୍ରାଖୋଲ, ୯।୯(ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକରେ ମନରେଗା ଯୋଜନାରେ ଦୁର୍ନୀତି ଥମିବାର ନାଁ ନେଉନାହିଁ। ଗୋଟିଏ ପରେ ଗୋଟିଏ ଅଭିଯୋଗ ମନରେଗା ଯୋଜନାରେ ହେଉଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ତେବେ ମଙ୍ଗଳବାର ଲୁହାସିଙ୍ଘା ପଞ୍ଚାୟତର କଦଳୀଝରଣ ଗ୍ରାମର କିଛି ଶ୍ରମିକ କାମ କରି ଟଙ୍କା ପାଇ ନ ଥିବା ଖପ୍ରାଖୋଲ ବିଡ଼ିଓଙ୍କୁ ଅଭିଯୋଗ କରିଛନ୍ତି। ଭାଲୁପଡରାରେ ଏକ ଟାଙ୍କି ନିର୍ମାଣରେ ଗ୍ରାମର ଶ୍ରମିକମାନେ କାମ କରିଥିଲେ; ହେଲେ ସେମାନେ ଟଙ୍କା ପାଇ ନାହାନ୍ତି। ଏନେଇ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ ଜାଣିବା ପରେ କଦଳୀଝରଣ ଗ୍ରାମକୁ ଯାଇ ତଦନ୍ତ କରିଛନ୍ତି। ଶ୍ରମିକଙ୍କୁ ୨ ଦିନ ସମୟ ଦେଇ ମଜୁରୀ ଦିଆ ଯିବ ବୋଲି କହିଛନ୍ତି।



### ଥୁଆମୂଳ ରାମପୁର ବ୍ଲକ୍‌ରେ ବିଜେଡିର କର୍ମକର୍ତ୍ତା ଚୟନ

## କପିଳାସ ନାଏକ ସଭାପତି

**ଥୁଆମୂଳ ରାମପୁର, ୯।୯(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ କୋଷାବୋରା ସ୍ଥିତ ହେଲୋ ପଏଣ୍ଟରେ ବ୍ଲକ ବିଜେଡିର ସାଙ୍ଗଠନିକ ସଭା ଅନୁଷ୍ଠିତ ହୋଇଥିଲା। ଗୋବିନ୍ଦ ପ୍ରଧନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଦଳର ସଂଗଠନ ଉପରେ ଆଲୋଚନା ହୋଇଥିଲା। ଥୁଆମୂଳରାମପୁର ବ୍ଲକ ବିଜେଡିର ବରିଷ୍ଠ ନେତା ତଥା ବିଧାୟକ ପ୍ରତିନିଧି ମାଣିକ୍ୟ ଚନ୍ଦ୍ର ନାଏକ ବିଜେଡି କିଭଳି ଲୋକଙ୍କ ଆସ୍ଥା ବିଶ୍ୱାସର ହୋଇପାରିବ ଏବଂ ଜନସାଧାରଣଙ୍କ ପାଇଁ କାମ କରିବ ଏନେଇ ମତବ୍ୟକ୍ତ କରିଥିଲେ। ପରେ ବିଜେଡିର ବ୍ଲକ କମିଟି ଚୟନ କରାଯାଇଥିଲା।କପିଳାସ ନାଏକଙ୍କୁ ପୁନଃ ସଭାପତି ଭାବେ ଚୟନ କରାଯାଇଥିବା ବେଳେ କାର୍ଯ୍ୟକାରୀ ସଭାପତି ଭାବେ କୈଳାସ ପରିଛା ଓ ଫଟୁସିଂ ଭୋଇ, ଉପସଭାପତି ଭାବେ ପ୍ରଫୁଲ୍ଲ କୁମାର ମୁଣ୍ଡଛିନା, ବିଭିକେଶନ ଦୁରିଆ, ଧନସିଂ ମାଝୀ, ନାରାୟଣ ନାୟକ, ଦାହୁ ମାଝୀ, ଜଗବନ୍ଧୁ ସାଆନ୍ତା, ପ୍ରଫୁଲ୍ଲ ନାଏକ, ସାଧାରଣ ସମ୍ପାଦକ ଭାବେ କୃଷ୍ଣଚନ୍ଦ୍ର ନାଏକ, ଦୁର୍ଯ୍ୟୋଧନ ନାୟକ, ସୁରେନ୍ଦ୍ର ନାୟକ, ଅନଙ୍ଗ ନାଏକ, ଜଲୁ ମାଝୀ, ହାଡିବନ୍ଧୁ ନାଏକ, ହାଦାନ ମାଝୀ, ଜୟରାମ ମାଝୀ ଏବଂ ସହ ସମ୍ପାଦକ ନିରଞ୍ଜନ ନାଏକ, ଶିବ ନାଏକ, ହାରଫୁଲ ମାଝୀ, ଗଣେଶ ମାଝୀ ସାନି ମାଝୀ, ଭୀମ ସୁନାନୀ, ମଦନ ମାଝୀ ପ୍ରମୁଖ ଚୟନ ହୋଇଛନ୍ତି।ଏଥିସହିତ ଥୁଆମୂଳ ରାମପୁର ଜିଲ୍ଲା ପରିଷଦ ଜୋନ୍ ନଂ ୧ର ସଭାପତି କୃଷ୍ଣଚନ୍ଦ୍ର ସାହୁ ଏବଂ ୨ ନଂଜୋନ୍ ପାଇଁ ଲାଲ ନାଏକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।କୋଷାଧ୍ୟକ୍ଷ ଭାବେ ହରେକୃଷ୍ଣ ପଣ୍ଡା, ମିଡ଼ିଆ ସେଲ୍‌ଫ ସଭାପତି ଅଙ୍ଗଦ ନାଏକ, ଅନୁସୂଚିତ ଜାତି ସେଲ୍‌ଫ ସଭାପତି ଭାବେ ରାମେଶ୍ୱର ନାଏକ, ଅନୁସୂଚିତ ଜନଜାତିର ସଭାପତି ରାମଚନ୍ଦ୍ର ମାଝୀ, ପଛୁଆ ବର୍ଗରେ ଶଙ୍କର ବିଶି, ସଂଖ୍ୟା ଲଘୁ ରେ କାଳିରାମ ନାଏକ, କୃଷକ ସେଲ୍‌ଫ ଜଗଦୀଶ ମାଝୀ ଏବଂ ଶ୍ରମିକ ସେଲ୍‌ଫର ସଭାପତି ଭାବେ କେଶରୀ ବାଗଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଛି।

### ହାଇୱା ଧକ୍କାରେ ନାବାଳକଙ୍କ ମୃତ୍ୟୁ

## ଘଟଣାସ୍ଥଳରେ ଉତ୍ତେଜନା, ରାସ୍ତା ଅବରୋଧ

**ଲାଞ୍ଜିଗଡ଼, ୯।୯(ସମିସ)**

ଆଜିକୁ ୧୦ ଦିନ ହେଲା ନିଜର ଜଣେ ସମ୍ପର୍କୀୟଙ୍କ ଘରକୁ ଆସିଥିଲା ବୁଟି ମାଝୀ।ମଙ୍ଗଳବାର କୌଣସି କାରଣରୁ ସାଇକଲଟିଏ ନେଇ ରାସ୍ତାକୁ ବାହାରିଥିଲା। ତେବେ ରାସ୍ତାକୁ ସାଇକଲ ନେଇ ବାହାରିଛି କି ନାହିଁ, ଦ୍ରୁତଗତିରେ ଯାଉଥିବା ଗୋଟିଏ ହାଇୱା ହଠାତ ଉପରେ ଚଢ଼ିଗଲା। କିଛି ଜାଣିବା ଆଗରୁ ସେଇଠି ହିଁ ଜୀବନ ହାରିଲା। ଖବରଟି ବିଜୁଳି ବେଗରେ ବ୍ୟାପିଗଲା। ନିରୀହ ଛୁଆଟିର ମୃତଦେହ ଦେଖି ଭିଡ଼ ଜମିଗଲା। ଫଳରେ ରାସ୍ତାର ଉଭୟ ପଟେ ଅଟକି ରହିଛି ଶହଶହ ଯାନବାହନ। ଖବର ପାଇ ଲାଞ୍ଜିଗଡ଼ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରୁଥିବା ଦେଖିବାକୁ ମିଳିଛି। ଏପରି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ଥାନା ବିଲାଟିପଦର ଛକ ନିକଟରେ। ସୂଚନା ଅନୁସାରେ, ରାୟଗଡ଼ା ଜିଲ୍ଲା ଅମ୍ବାଦଳା ଥାନା ଅନ୍ତର୍ଗତ ଡିମିରିଗୁଡା ପଞ୍ଚାୟତ ନାଣିମୁଟି ଗାଁର ସ୍ୱର୍ଗତ ସଦେଙ୍ଗା ମାଝୀଙ୍କ ନାବାଳକ ପୁଅ ବୁଟି ମାଝୀ(୧୨)ଆଜୁକୁ ୧୦ ଦିନ ହେଲା ଲାଞ୍ଜିଗଡ଼ ବ୍ଲକ ଚମ୍ପାଦେଇପୁର ପଞ୍ଚାୟତ ବିଲାଇଟି ପଦର ଗାଁର ନବୀନ କୁମାର ସାହୁଙ୍କ ଘରକୁ ଆସିଥିଲା। ମଙ୍ଗଳବାର ଅପରାହ୍ନ ପ୍ରାୟ ସାଢେ ୧ ଟା ସମୟରେ ବିଲାଟିପଦର ଗାଁରୁ ବାହାରି ସାଇକେଲ ନେଇ ବିଲାଇଟି ପଦର ଛକକୁ ବାହାରିଥିବାବେଳେ ହଠାତ ବିଶ୍ୱନାଥପୁରରୁ ଲାଞ୍ଜିଗଡ଼ ଯାଉଥିବା ହାଇୱା ନଂଓଡି୦୮-ଉଆଇ-୫୪୧୮ ତାଙ୍କୁ ଜୋରରେ ଧକ୍କା ହେଲା। ଏହି ଧକ୍କାରେ ଘଟଣାସ୍ଥଳରେ ବୁଟିର ଜୀବନ ଯାଇଛି। ଘଟଣା ସମ୍ପର୍କରେ ଖବର ପାଇ ଲାଞ୍ଜିଗଡ଼ ଥାନା ଅଧିକାରୀ ଜୋଶବନ୍ତ ହିଆଲ ସମେତ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିବା ବେଳେ ଲାଞ୍ଜିଗ? ତହସିଲଦାର ବନମାଳୀ ମେହେର ମଧ୍ୟ ଘଟଣା ସ୍ଥଳରେ ରହି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରୁଥିବା ବେଳେ ବୁଟିଙ୍କ ମା’ଙ୍କୁ ଖବର ଦେଇଥିଲେ।ଖବର ପାଇ ମା’ ମାଧୁରୀ ମାଝୀ ଓ କକା ରାମ ମାଝୀ, ନାଣିମୁଟି ଗାଁର କିଛି ଲୋକଙ୍କ ସହିତ ସନ୍ଧ୍ୟା ସାଢ଼େ୫ ଘଣ୍ଟା ସମୟରେ ପହଞ୍ଚିଥିଲେ। ଏହାପରେ ବିଲାଇଟି ପଦର ଗ୍ରାମବାସୀ ମୃତକଙ୍କ ପରିବାର ସହିତ ଲାଞ୍ଜିଗଡ଼ ଥାନାକୁ ଆସି ଆଲୋଚନା ଜାରି ରହିଛି। ଖବର ଲେଖାଯିବା ପର୍ଯ୍ୟନ୍ତ ରାସ୍ତା ଅବରୋଧ ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।



## ବିଶ୍ୱ ସାକ୍ଷରତା ଦିବସ ପାଳନ

**ବଲାଙ୍ଗିର, ୯।୯(ସମିସ):** ସଦାଇପାଲି ପଲ୍ଲିଶ୍ରୀ ବିହାରସ୍ଥିତ ସାଇଟ୍ ନର୍ସିଂ କଲେଜ ସଭାଗୃହରେ ରାମଜୀ ଯୁବକ ସଂଘ ତରଫରୁ ବିଶ୍ୱ ସାକ୍ଷରତା ଦିବସ ପାଳନ କରାଯାଇଛି। ଏହି ଅବସରରେ ଡା. ପ୍ରମୋଦ ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ଡ. ଶ୍ରୀକର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସାଇଟ୍ କଲେଜର ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଲୋପାମୁଦ୍ରା ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଡ. ମିଶ୍ର ପୂର୍ବରୁ ରାମଜୀ ଯୁବକ ସଂଘ କିଭଳି ଭାବରେ ସାକ୍ଷରତା ଅଭିଯାନ ଚଳାଇଥିଲେ ତାହା ବର୍ଣ୍ଣନା କରିଥିଲେ। ଏହା ଦ୍ୱାରା ଶତାଧିକ ପୌଢ ସାକ୍ଷର ହୋଇଥିବା ପ୍ରକାଶ କରିଥିଲେ। ଏବେ ଆଉ ପ୍ରାୟ ଅଶିକ୍ଷିତ କେହି ନାହାନ୍ତି; କିନ୍ତୁ ଅନ୍ୟାନ୍ୟ ବିଷୟରେ ସଚେତନତାର ଅଭାବ ରହିଛି। ତେଣୁ ଆଗାମୀ ଦିନରେ ଆଇନ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିବା ପାଇଁ ପ୍ରସ୍ତାବ ନିଆ ଯାଇଛି। ଶେଷରେ ନର୍ସିଂ ପ୍ରିନସିପାଲ ସ୍ନିଗ୍ଧାମିନତୀ ଦାନି ଧନ୍ୟବାଦ ଅର୍ପଣ କରିଥିଲେ।



## ଆଜିର ରାଶିଫଳ

**ମେଷ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ପରିବାରର ସହଯୋଗ ମିଳିବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ସହଯୋଗ ମନୋଭାବ ରହିବ। ବାହନ ସୁଖ ପ୍ରାପ୍ତ ହେବ। ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ବୃଷ:** ଜମିବାଡ଼ି କିଣିବା ଯୋଜନା କରିବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଆଶା କରିଥିବା ଦିଗରୁ ଫଳ ମିଳିବ। ସେୟାର ବଜାରରେ ନିବେଶ କରିବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**ମିଥୁନ:** ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଧାର୍ମିକ ପୁସ୍ତକ ପ୍ରତି ରୁଚି ବଢ଼ିବ। ଦୂରସ୍ଥାନକୁ ଯାତ୍ରାଯୋଗ ଅଛି। ଉଚ୍ଚଶିକ୍ଷା ପାଇଁ ଅନୁକୂଳ ସମୟ। କଥାବାର୍ତ୍ତାରେ ମଧୁରତା ରଖିବେ।

**କର୍କଟ :** ଦିନଟି ବ୍ୟସ୍ତତା ଭିତରେ କଟିବ। ପରିବାର ସହ ଯାତ୍ରା ଯୋଗ ରହିଛି। ଘରକୁ ଅତିଥି ଆଗମନ କରିବେ। ମାଆଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ପଡୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ।

**ସିଂହ:** ଦିନଟି ହସଖୁସିରେ ଅତିବାହିତ କରିବେ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ପରିବାରରେ କୌଣସି ସଦସ୍ୟଙ୍କୁ ନେଇ ଚିନ୍ତାରେ ରହିବେ। ଅଫିସ୍ ସହକର୍ମୀଙ୍କ ସହଯୋଗ ରହିବ।

**କନ୍ୟା:** ବ୍ୟବସାୟକୁ ଆଗକୁ ବଢ଼ାଇବାରେ ସଫଳ ହେବେ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି। ବନ୍ଧୁଙ୍କ ଦ୍ୱାରା ଧନପ୍ରାପ୍ତି ଯୋଗ ରହିଛି। ବ୍ୟସ୍ତତା ଭିତରେ ପରିବାର ପାଇଁ ସମୟ ବାହାର କରିବେ।

**ତୁଳା:** ମନ ପ୍ରସନ୍ନ ରହିବ। ଖର୍ଚ୍ଚ ବୃଦ୍ଧି ପାଇବ। ବରିଷ୍ଠ ଅଧିକାରୀଙ୍କ ସହ କଥାବାର୍ତ୍ତା ସମୟରେ ସଂଯମତା ରକ୍ଷା କରନ୍ତୁ। ମନପସନ୍ଦର କୌଣସି କାର୍ଯ୍ୟ କରିବେ। ବିବାହକୁ ନେଇ ଶୁଭ ସମାଚାର ମିଳିବ।

**ବିଛା:** ପ୍ରଶାସନିକ କ୍ଷେତ୍ରରେ ସଫଳତା ପାଇବେ। ପରିବାରରେ ସୁଖଶାନ୍ତି ବଜାୟ ରହିବ। ବୈବାହିକ ଜୀବନରେ ମନୋମାଳିନ୍ୟ ଆସିବ। ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ନୂଆ ଯାନବାହନ କିଣିବାର ଯୋଗ ଅଛି।

**ଧନୁ:** କୌଣସି ନୂଆ କାମ ମିଳିବ। ନିବେଶ ପାଇଁ ଭଲ ସମୟ। ନୂଆ ଲୋକଙ୍କୁ ଭେଟିବାର ସୁଯୋଗ ଜୁଟିବ। କୌଣସି କାମ ପାଇଁ ପ୍ରଶଂସିତ ହେବେ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ।

**ମକର:** ଚାକିରିରେ ବଦଳି ସମ୍ଭାବନା ରହିବ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ସଫଳତା ପାଇଁ ଅଧିକ ପରିଶ୍ରମ କରିବେ। ପରିବାର ସହିତ ହସଖୁସିର ସମୟ ଅତିବାହିତ କରିବେ।

**କୁମ୍ଭ:** ପରିବାରର ସହଯୋଗ ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ରହିବ। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ବିଦେଶ ଯାତ୍ରା ଯୋଗ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ନୂତନ ଜମି କ୍ରୟ କରିପାରନ୍ତି।

**ମୀନ:** କୌଣସି ନୂଆ ବିଷୟ ପ୍ରତି ଆଗ୍ରହ ବଢ଼ିବ। ପଡ଼ୋଶୀଙ୍କ ସହ ମନୋମାଳିନ୍ୟ ଦେଖାଦେବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖାଦେବ। ଭାଇ ଭାଇ ମଧ୍ୟରେ ମନୋମାଳିନ୍ୟ ହୋଇପାରେ।

## ଆଜିର ଇତିହାସ


- ୧୮୮୭- ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦ ବଲ୍ଲଭ ପନ୍ଥଙ୍କ ଜନ୍ମ।
- ୧୯୧୫- କ୍ରାନ୍ତିକାରୀ ଜତୀନ୍ଦ୍ରନାଥ ମୁଖାର୍ଜୀଙ୍କ ଦେହାନ୍ତ।
- ୧୯୨୬- ଜର୍ମାନୀ ମିତ୍ରରାଷ୍ଟ୍ରରେ ସାମିଲ ହେଲା।
- ୧୯୭୬- ଇଣ୍ଡିଆନ ଏୟାର ଲାଇନ୍ସର ବୋଇଂ ୭୩୭ ବିମାନ ଲାହୋରରୁ ଅପହରଣ ହେଲା।
- ୨୦୦୨- ସ୍ୱିଜରଲ୍ୟାଣ୍ଡ ମିଳିତ ଜାତିସଂଘରେ ସାମିଲ ହେଲା।
- ୨୦୨୦- ଫ୍ରାନ୍ସ ଦ୍ୱାରା ନିର୍ମିତ ପାଞ୍ଚୋଟି ରାଫେଲ ଯୁଦ୍ଧ ବିମାନ ଭାରତୀୟ ବାୟୁସେନାରେ ସାମିଲ ହେଲା।

## କମଳା ରଙ୍ଗର ସାର୍କ



ସାମାଜିକ ଗଣମାଧ୍ୟମରେ ଏକ କମଳା ରଙ୍ଗ ସାର୍କର ଫଟୋ ଭାଇରାଲ ହେବା ପରେ ଏହା ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ଏହାର ରଙ୍ଗ କମଳା ହୋଇଥିବାରୁ ଏହାକୁ ଦୁର୍ଲଭ ସାର୍କ ବୋଲି କୁହାଯାଉଛି। ଏହାର ରଙ୍ଗକୁ ଦେଖି କେବଳ ସାଧାରଣ ଲୋକ ନୁହନ୍ତି, ବୈଜ୍ଞାନିକମାନେ ବି ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି। ଏହାବାଦ୍ ଏହାର ଏଭଳି ରଙ୍ଗ ଯୋଗୁଁ ଲୋକେ ଏହାକୁ ଗୋଲଡେନ୍ ଫିସ୍ ସାର୍କ ବୋଲି କହୁଛନ୍ତି। ବିଜ୍ଞାନଭିତ୍ତିକ ପତ୍ରିକା 'ମରିନ୍ ବାୟୋଲୋଜି ଜର୍ଣ୍ଣାଲ'ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଏହି ସାର୍କଟିକୁ ୨୦୨୪ ଅଗଷ୍ଟରେ କୋଷ୍ଟାରିକାର ଟୋର୍ଟୁଗୁଏରୋ ଜାତୀୟ ଉଦ୍ୟାନରେ ଦେଖାଯାଇଥିଲା। ସେତେବେଳେ କିଛି ମତ୍ସ୍ୟଜୀବୀ ସମୁଦ୍ରର ୩୭ ମିଟର ଗଭୀରରେ ଏହି କମଳା ରଙ୍ଗର ସାର୍କଟିକୁ ଦେଖିଥିଲେ। ଏହାର ଆଖି ଧଳା ଏବଂ ଶରୀର କମଳା ରଙ୍ଗର ଥିଲା। ମତ୍ସ୍ୟଜୀବୀମାନେ ସାର୍କର ଫଟୋ ଉଠାଇ ଏହାକୁ ପୁଣି ପାଣିରେ ଛାଡ଼ିଦେଇଥିଲେ। ବୈଜ୍ଞାନିକମାନେ କହିଛନ୍ତି ଯେ, ଏହି ସାର୍କର ବିଶେଷ ରଙ୍ଗ ଦୁଇଟି ଅତ୍ୟନ୍ତ ବିରଳ ଜେନେଟିକ୍ ସ୍ଥିତି ଯୋଗୁଁ ହୋଇଛି। ପ୍ରଥମଟି ହେଉଛି ଆଲବିନିଜମ୍, ଯେଉଁଥିରେ ପ୍ରାଣୀର ଚର୍ମ ଏବଂ ଆଖିର ରଙ୍ଗ ଫିକା ହୋଇଯାଏ। ଦ୍ୱିତୀୟଟି ହେଉଛି ଜାନ୍ଥିଜିମ୍, ଯାହା ଯୋଗୁଁ ପ୍ରାଣୀର ଚର୍ମ କିମ୍ବା ଆବରଣ ହଳଦିଆ-କମଳା ଦେଖାଯାଏ। ଗବେଷକଙ୍କ ଅନୁସାରେ, ଏହି ଦୁଇଟି ଜେନେଟିକ୍ ଅବସ୍ଥା ଯୋଗୁଁ ସାର୍କର ଶରୀର ଠିକ୍ ଭାବରେ ମେଲାନିନ୍ ଉତ୍ପାଦନ କରିପାରିନଥିଲା, ଯାହା ଫଳରେ ଏହାର ଶରୀରର ରଙ୍ଗ ମାଟିଆ କିମ୍ବା ନୀଳ ପରିବର୍ତ୍ତେ କମଳା ରଙ୍ଗର ହୋଇଗଲା। ବୈଜ୍ଞାନିକମାନେ କହିଛନ୍ତି ଯେ, ଏହା ଏକ ସାଧାରଣ ନର୍ସ ସାର୍କ ଥିଲା, କେବଳ ଏହାର ରଙ୍ଗ ଭିନ୍ନ ଥିଲା। ଅବଶ୍ୟ ଏହି ରଙ୍ଗ ଏହା ପାଇଁ ବିପଜ୍ଜନକ ସାବ୍ୟସ୍ତ ହୋଇପାରେ। କାରଣ ସମୁଦ୍ରର ଗଭୀର ଜଳରେ ସାର୍କର ଏହି ଉଜ୍ଜ୍ୱଳ ରଙ୍ଗ ଶିକାରୀଙ୍କୁ ସହଜରେ ଆକର୍ଷିତ କରିବ।

## ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ



କଥାରେ ଅଛି ଆତ୍ମହତ୍ୟା ମହାପାପ। ଆତ୍ମହତ୍ୟା ଭଳି ଦୁର୍ବଳ ମାନସିକତା ପ୍ରତି ସମଗ୍ର ବିଶ୍ୱରେ ଜନ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ସେପ୍ଟେମ୍ବର ୧୦ ତାରିଖକୁ ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ ଭାବରେ ପାଳନ କରାଯାଏ। ୨୦୦୩ ମସିହାରୁ ସମଗ୍ର ବିଶ୍ୱରେ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଏହି ଦିବସ ପାଳନ ହୋଇଆସୁଛି। ସାରା ବିଶ୍ୱରେ ଆତ୍ମହତ୍ୟା ଭଳି ଏକ ଅପରାଧ ବିରୋଧରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ 'ଦ ଇଣ୍ଟରନ୍ୟାସନାଲ ଆସୋସିଏସନ୍ ଫର୍ ସୁଇସାଇଡ୍ ପ୍ରିଭେନସନ୍' (ଆଇଏଏସ୍‌ପି) ନାମକ ସଂଗଠନ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତଥା ଡବ୍ଲ୍ୟୁଏମ୍ଏଚ୍ ମିଳିତ ଆନୁକୂଲ୍ୟରେ ୨୦୦୩ ମସିହାରୁ ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସର ଆରମ୍ଭ କରାଯାଇଛି। ୨୦୧୧ ମସିହାରେ ବିଶ୍ୱର ୪୦ଟି ଦେଶ ଏହି ଅବସରରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଆତ୍ମହତ୍ୟା ବର୍ତ୍ତମାନ ପୃଥିବୀପୃଷ୍ଠରେ ଅନ୍ୟତମ ବଡ଼ ସମସ୍ୟା। ପ୍ରତିଦିନ ଅନେକ ସଂଖ୍ୟକ ଲୋକ ଆତ୍ମହତ୍ୟା କରୁଛନ୍ତି। ଖବରକାଗଜ ଏବଂ ଟେଲିଭିଜନ ଖୋଲିବାମାତ୍ରେ ପ୍ରଥମେ ଆତ୍ମହତ୍ୟା ଖବର ନଜରକୁ ଆସୁଛି। ଗତ କିଛି ବର୍ଷଧରି ଯୁବବର୍ଗଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବୃଦ୍ଧିପାଉଥିବା ଲକ୍ଷ୍ୟ କରାଯାଉଛି। ସେମାନଙ୍କଠାରେ ସୃଷ୍ଟି ହେଉଥିବା ଆତ୍ମହତ୍ୟା ଭାବନା ପଛରେ ସେମାନଙ୍କ ପାଠପଢ଼ା ଚାପ, ପରୀକ୍ଷା ଚାପ, ପାଠପଢ଼ା ପରବର୍ତ୍ତୀ ନିଯୁକ୍ତି ଚାପ ସହ ବିଶୃଙ୍ଖଳିତ ଜୀବନଚର୍ଯ୍ୟାକୁ ମୁଖ୍ୟ କାରଣ ଧରାଯାଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ପ୍ରତି ୪୦ ସେକେଣ୍ଡରେ ଜଣେ ବ୍ୟକ୍ତି ଆତ୍ମହତ୍ୟା କରୁଛି। ଚାକିରି ହେଉକି ପାରିବାରିକ ସମସ୍ୟା, ପ୍ରେମଜନିତ ହେଉ କିମ୍ବା ନିର୍ଯାତନା, ହିଂସା, ନିଶା ଓ ଆର୍ଥିକ ସଙ୍କଟ ଆତ୍ମହତ୍ୟାର ପ୍ରମୁଖ କାରଣ ପାଲଟିଛି। ଆତ୍ମହତ୍ୟା ଭଳି ଜଟିଳ ସମସ୍ୟାଠୁ ଦୂରରେ ରଖିବା ତଥା ଲୋକଙ୍କୁ ମାନସିକ ସ୍ତରରେ ସଶକ୍ତ କରିବା ଏହି ଦିନ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଏହାବାଦ୍ ଯେଉଁ ଲୋକଙ୍କଠାରେ ଆତ୍ମପ୍ରବଣତା ଦେଖାଯାଉଛି ତାଙ୍କୁ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ପାଖକୁ ନେବା ସହ କେବେବି ଏକୁଟିଆ ଛାଡ଼ିବା କଥା ନୁହେଁ। ସବୁଠୁ ବଡ଼ କଥା ହେଲା, ଅଭିଭାବକମାନେ ପିଲାମାନଙ୍କୁ ଛୋଟ ବେଳୁ କିପରି ବିଫଳତାକୁ ସାମ୍ନା କରିବେ ସମସ୍ୟା ସହ କିପରି ଲଢ଼ିବାକୁ ପଡ଼େ, ତାହା ଶିଖାଇବା ନିହାତି ଦରକାର। ସେହିପରି ଆତ୍ମହତ୍ୟା କୌଣସି ସମସ୍ୟାର ସମାଧାନର ବାଟ ନୁହେଁ ବୋଲି ଏହି ଦିବସ ଅବସରରେ ଲୋକଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ଓ ଆଲୋଚନାଚକ୍ର ମାଧ୍ୟମରେ ସଚେତନ କରାଯାଏ।

## 'କିଙ୍ଗ୍' ସେଟ୍‌ରୁ ଶାହାରୁଖ୍‌ଙ୍କ ଲୁକ୍ ଲିକ୍

'ପଠାନ୍' ଓ 'ଯବାନ୍'ର ସଫଳତା ପରେ ବଲିଉଡ୍ ବାଦଶାହ ଶାହାରୁଖ୍ ଖାନ୍‌ଙ୍କ ଆଗାମୀ ଫିଲ୍ମ 'କିଙ୍ଗ୍'କୁ ତାଙ୍କ ପ୍ରଶଂସକମାନେ ଅପେକ୍ଷା କରିଛନ୍ତି। ଶାହାରୁଖ୍‌ଙ୍କ ପାଖରେ ଅନେକ ବଡ଼ ବଡ଼ ପ୍ରୋଜେକ୍ଟର ଅଫର୍ ଥିଲେ ବି ଏବେ ସେ 'କିଙ୍ଗ୍'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏଥିରେ ଶାହାରୁଖ୍‌ଙ୍କ ସହ ତାଙ୍କ ଝିଅ ସୁହାନା ଖାନ୍ ମଧ୍ୟ ଲିଡ୍ ରୋଲରେ ନଜର ଆସିବେ। ଇତିମଧ୍ୟରେ ସୁଟିଂ ସେଟ୍‌ରୁ ଶାହାରୁଖ୍‌ଙ୍କ ଲୁକ୍ ସାମ୍ନାକୁ ଆସିଛି। ଏହା ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି। ଶାହାରୁଖ୍ ଏବେ ପୋଲାଣ୍ଡରେ 'କିଙ୍ଗ୍'ର ସୁଟିଂ କରୁଛନ୍ତି। ତେବେ ଭାଇରାଲ ହୋଇଥିବା ଫଟୋଗୁଡ଼ିକରୁ ଗୋଟିଏରେ ସେ ସିଲଭର୍ କଲର୍ ହେୟାର୍‌ରେ ଦେଖାଯାଇଛନ୍ତି। ସେହିପରି ଅନ୍ୟଟିରେ ସେ ଲମ୍ବା କେଶରେ ଦେଖାଯାଇଛନ୍ତି। ତେବେ ଶାହାରୁଖ୍‌ଙ୍କ ଏହି ଲୁକ୍ ସାମ୍ନାକୁ ଆସିବା ପରେ ତାଙ୍କ ପ୍ରଶଂସକମାନେ ଏହାକୁ 'ଯବାନ୍' ଓ 'ପଠାନ୍'ର ଲୁକ୍ ସହ ତୁଳନା କରୁଛନ୍ତି। ଶାହାରୁଖ୍‌ଙ୍କ ସହ ଏହି ଫିଲ୍ମରେ ଦୀପିକା ପାଦୁ୍ୟକୋନ୍, ରାନୀ ମୁଖାର୍ଜୀ, ଅଭିଷେକ ବଚ୍ଚନ, ଜୟଦୀପ ଅହଲାୱତ୍, ଅନୀଲ କପୁର, ଅରଶଦ ୱର୍ସି, ଜ୍ୟାକି ସ୍ରଫ୍ ପ୍ରମୁଖ ନଜର ଆସିବେ।



# ସମ୍ଭାବନା



## ଚାକିରି ଅନୁସାରେ ଏଆଇ କୋର୍ସ



ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ ଏବେ ଏଆଇର ଉପଯୋଗ କରାଯାଉଛି। ଏଆଇ ଯୋଗୁଁ ଅନେକ ଚାକିରିକୁ ନେଇ ଅସୁରକ୍ଷିତ ଅନୁଭବ କରୁଥିବା ବେଳେ ଆଉ କିଏ ଏହାକୁ ଉପଯୋଗ କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ତେବେ ବର୍ତ୍ତମାନ ସମୟରେ କେଉଁ ଚାକିରି ପାଇଁ କେଉଁ ପ୍ରକାର ଏଆଇ କୋର୍ସ କରିବା ଉଚିତ, ସେ ସମ୍ପର୍କରେ ଜାଣିବା।

**ବ୍ୟାଙ୍କିଂ, ଫାଇନାନ୍ସ, ଆକାଉଣ୍ଟିଂ:** ବ୍ୟାଙ୍କିଂ, ଫାଇନାନ୍ସ ଏବଂ ଆକାଉଣ୍ଟ କ୍ଷେତ୍ରରେ କାମ କରୁଥିଲେ ଏଆଇ ଫର୍ ଫାଇନାନ୍ସ, ଡାଟା ଆନାଲିସିସ୍, ମେସିନ ଲର୍ଣ୍ଣିଂ ଫର୍ ଫାଇନାନ୍ସ ଭଳି କୋର୍ସ ବାଛିପାରିବେ।

**ସାମ୍ବାଦିକତା, କଣ୍ଟେଣ୍ଟ କ୍ରିଏସନ:** ମିଡିଆ ତଥା ସାମ୍ବାଦିକତା, କଣ୍ଟେଣ୍ଟ କ୍ରିଏସନ କ୍ଷେତ୍ର ପାଇଁ ଏଆଇ ଇନ ଜର୍ଣ୍ଣାଲିଜମ୍, ଜେନରେଟିଭ ଏଆଇ ଫର୍ କଣ୍ଟେଣ୍ଟ କ୍ରିଏଟର, ଚାଟ୍‌ଜିପିଟି ପ୍ରମପ୍ଟ ଇଞ୍ଜିନିୟରିଂ କୋର୍ସ କରିପାରିବେ।

**ହେଲଥ୍‌କେୟାର୍:** ଏହି ଫିଲ୍ଡର ହୋଇଥିଲେ ଏଆଇ ଇନ୍ ହେଲଥ୍ କେୟାର୍, ଡାଟା ସାଇନ୍ସ ଫର୍ ହେଲଥ୍ କେୟାର୍, ଡିପ୍ ଲର୍ଣ୍ଣିଂ ଫର୍ ଇମାଜିଂ ଭଳି କୋର୍ସ ବାଛିପାରିବେ।

**ଶିକ୍ଷକତା:** ଶିକ୍ଷକତା କ୍ଷେତ୍ର ଲାଗି ଏଆଇ ଇନ୍ ଏଜୁକେସନ, ଗୁଗଲ ଫର୍ ଏଜୁକେସନ, ଏଆଇ ଟୁଲ୍ କୋର୍ସ କରିବା ଏକ ଉତ୍ତମ ବିକଳ୍ପ ବୋଲି କୁହାଯାଉଛି।

**ମାର୍କେଟିଂ, ସେଲ୍ସ ଏବଂ ବିଜନେସ:** ମାର୍କେଟିଂ, ସେଲ୍ସ ଏବଂ ବିଜନେସ କ୍ଷେତ୍ର ଲାଗି ଏଆଇ ଇନ୍ ଡିଜିଟାଲ ମାର୍କେଟିଂ, ଡାଟା ଡ୍ରାଇଭେନ୍ ମାର୍କେଟିଂ ୱିଥ୍ ଏଆଇ, ହବ୍‌ସ୍ପଟ୍ ଏଆଇ ମାର୍କେଟିଂ କୋର୍ସ କରିବା ସମ୍ଭବ।



**ଡିଜାଇନର, ଆର୍ଟିଷ୍ଟ, ଭିଡିଓ ଏଡିଟର:** କ୍ରିଏଟିଭ୍ କ୍ଷେତ୍ର ଲାଗି ଏଆଇ ଫର୍ କ୍ରିଏଟିଭ୍ ପ୍ରଫେସନାଲ, କାନଭା ଏଆଇ ଟୁଲ, ରନୱେଏମ୍ଏଲ୍ ଏବଂ ମିଡ୍‌ଜର୍ଣ୍ଣି ମାଷ୍ଟରକ୍ଲାସ୍ କୋର୍ସ କରିବା ଭଲ।

**ମାନୁଫାକଚରିଂ ଏବଂ ସପ୍ଲାଏ ଚେନ୍:** ଏହି କ୍ଷେତ୍ର ଲାଗି ଏଆଇ ଫର୍ ସପ୍ଲାଏ ଚେନ୍, ଇଣ୍ଡଷ୍ଟ୍ରିଆଲ ଏଆଇ, ଏଆଇ ଇନ୍ ଅପରେସନ ଭଳି କୋର୍ସ କରିପାରିବେ।

**ଆଇଟି ଏବଂ ଟେକ୍ନିକାଲ ଫିଲ୍ଡ:** ଆଇଟି ଏବଂ ଟେକ୍ନିକାଲ ଫିଲ୍ଡ ସମ୍ବନ୍ଧିତ କୋର୍ସ କରିବାକୁ ଚାହୁଁଥିଲେ ମେସିନ ଲର୍ଣ୍ଣିଂ ସ୍ପେସାଲାଇଜେସନ, ଜେନରେଟିଭ୍ ଏଆଇ ୱିଥ୍ ଏଲଏଲଏମଏସ୍ କୋର୍ସ କରନ୍ତୁ।

## ଗୁଗଲ ଟ୍ରାନ୍ସଲେଟ୍‌ର ନୂଆ ଫିଚର୍

ଗୁଗଲ ମଧ୍ୟ ଟ୍ରାନ୍ସଲେଟ୍ ଆପ୍‌ରେ ଏକ ନୂଆ ଫିଚର୍ ଯୋଡ଼ିବାକୁ ଯାଉଛି। ଏହାଦ୍ୱାରା ଘରେ ବସି ଏଆଇ ସାହାଯ୍ୟରେ ନୂଆ ଭାଷା ଶିଖି ହେବ। ଗୁଗଲ ଟ୍ରାନ୍ସଲେଟ୍‌ର ଏହି ଫିଚର୍ ପୂରା କୃତ୍ରିମବୁଦ୍ଧିମତା ଉପରେ ଆଧାରିତ। ଚାକିରି, ପଢ଼ା, ଟ୍ରାଭେଲ ପାଇଁ କେଉଁ ଭାଷା ଶିଖିବାକୁ ଚାହୁଁଛନ୍ତି, ଏହି ଆପ୍ ପ୍ରଥମେ ବ୍ୟବହାରକାରୀଙ୍କୁ ଏକଥା ପଚାରିବ। ଏହା ପରେ ଏଆଇ ସେହି ହିସାବରେ ପର୍ସନାଲ କୋର୍ସ ପ୍ରସ୍ତୁତ କରିବ। ଆପ୍‌ରେ ଅଭ୍ୟାସ ବଟମ ମିଳିବ। ଏହା ଦ୍ୱାରା ବ୍ୟବହାରକାରୀ ନିଜ ଦକ୍ଷତା ପରୀକ୍ଷା କରିପାରିବେ। ତେବେ ଗୁଗଲ ଏହି ଫିଚର ଆଣ୍ଡ୍ରଏଡ୍ ଏବଂ ଆଇଓଏସ୍ ବ୍ୟବହାରକାରୀଙ୍କ ଲାଗି ଜାରି କରିବା ଆରମ୍ଭ କରିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଇଂରାଜି କହୁଥିବା ବ୍ୟବହାରକାରୀ ସ୍ପାନିଶ ଏବଂ ଫ୍ରେଞ୍ଚ ଭାଷା ଶିଖିପାରିବେ। ସେହିପରି ଫ୍ରେଞ୍ଚ, ପର୍ତ୍ତୁଗୀଜ, ସ୍ପାନିଶ କହୁଥିବା ବ୍ୟବହାରକାରୀ ଇଂରାଜି ଶିଖିପାରିବେ। ସେହିପରି ଏଥିରେ କେବଳ ନୂଆ ଲର୍ଣ୍ଣିଂ ଫିଚର ଆସୁ ନାହିଁ, ବରଂ ଲାଇଭ୍ ଟ୍ରାନସଲେସନ ମଧ୍ୟ ଯୋଡ଼ା ଯାଇଛି। ଏହି ଫିଚର୍ ୭୦ରୁ ଅଧିକ ଭାଷାକୁ ସମର୍ଥନ କରୁଛି।




## ଜେନ୍ ଜେଡ୍‌ଙ୍କ 'ଟ୍ରିଟ୍ କଲ୍‌ଚର୍'


**ବର୍ତ୍ତମାନର ଜୀବନଶୈଳୀରେ 'ଟ୍ରିଟ୍ କଲ୍‌ଚର' ନାମକ ଟ୍ରେଣ୍ଡର ଚାହିଦା ବେଶି। ବିଶେଷକରି ଏହା ଜେନ୍ ଜେଡ୍ ଯୁବପିଢ଼ିଙ୍କ ମଧ୍ୟରେ ଦେଖିବାକୁ ମିଳୁଛି। ଦରମା ତଥା ପକେଟ୍ ମନିକୁ ସେମାନେ ଟ୍ରିଟ୍ କଲ୍‌ଚର୍‌ରେ ଖର୍ଚ୍ଚ କରୁଛନ୍ତି। ସାଙ୍ଗମାନଙ୍କୁ ପ୍ରତିଟି ଛୋଟ ବଡ଼ ଖୁସିରେ ଟ୍ରିଟ୍ ଦେବା, କଫି ଡେଟ୍ ପାର୍ଟି ତଥା ଆଉଟିଂରେ ଟଙ୍କା ଖର୍ଚ୍ଚ କରିବା ହେଉଛି ଏହି କଲ୍‌ଚର୍‌ର ଅଂଶ ବିଶେଷ। ହେଲେ ସେମାନଙ୍କର ଏହି ଅଭ୍ୟାସ ଜେନ୍ ଜେଡ୍‌ଙ୍କ ଆର୍ଥିକ ସ୍ଥିତିକୁ କ୍ଷତି ପହଞ୍ଚାଉଛି। ଏହି ଟ୍ରିଟ୍ କଲ୍‌ଚର କ'ଣ ଏବଂ ଏହା କିଭଳି ଆର୍ଥିକ ସ୍ଥିତି ଉପରେ ପ୍ରଭାବ ପକାଉଛି, ସେ ସମ୍ପର୍କରେ ଜାଣିବା।**

ଟ୍ରିଟ୍ କଲ୍‌ଚର୍‌ର ଅର୍ଥ ହେଉଛି କୌଣସି ଉତ୍ସବ ହେଉ ବା ନ ହେଉ ସାଙ୍ଗଙ୍କୁ ପାର୍ଟି ଦେବା କିମ୍ବା ସେମାନଙ୍କ ସହ ଲଗାତାର ଖାଇବା, ପିଇବା ଓ ମନୋରଞ୍ଜନରେ ଟଙ୍କା ଖର୍ଚ୍ଚ କରିବା। ତେଣିକି ତାହା ଅଫିସ୍‌ରେ ପଦୋନ୍ନତି ହେଉ, ପରୀକ୍ଷା ପାସ୍ କରିବା ହେଉ କିମ୍ବା ମୁଡ୍ ଫ୍ରେସ୍ କରିବା ପାଇଁ ହେଉ। ଏ ସବୁ ଉଦ୍ଦେଶ୍ୟରେ ସାଙ୍ଗସାଥୀଙ୍କୁ ନିମନ୍ତ୍ରଣ କରି ଟଙ୍କା ଖର୍ଚ୍ଚ କରିବାକୁ ସେମାନେ ପସନ୍ଦ କରୁଛନ୍ତି। ସେମାନଙ୍କର ଏବେ ଏହି ଅଭ୍ୟାସ ସାପ୍ତାହିକ ନଚେତ ନିତିଦିନ ଚଳଣିରେ ପରିଣତ ହେଲାଣି। ଦିନକୁ ଦିନ ରେଷ୍ଟୋରାଁ, କାଫେ ଏବଂ ସିନେମା ଦେଖିବା ଖର୍ଚ୍ଚ ବଢ଼ିବା ସେମାନଙ୍କ ବଜେଟ୍ ଉପରେ ପ୍ରଭାବ ପକାଉଛି। ସେହିପରି ବେଳେ ବେଳେ ସାଙ୍ଗ ତଥା ସୋସାଲ ଗ୍ରୁପ୍ ଚାପ ଯୋଗୁଁ ବି ଟ୍ରିଟ୍ ଦେବାକୁ ପଡ଼ିଥାଏ। ଜେନ୍ ଜି ଯୁବପିଢ଼ିମାନେ ଏଥିରେ ପଛରେ ରହିବାକୁ ଚାହାନ୍ତି ନାହିଁ, ତେଣୁ ଏହା ଦ୍ୱାରା ଖର୍ଚ୍ଚ ଅଧିକ ବଢ଼ିଥାଏ। ଜେନ୍ ଜି ତୁରନ୍ତ ଖୁସି ଚାହୁଁଛନ୍ତି। ତେଣୁ 'ଏବର' ଖୁସି ସେମାନଙ୍କ ଲାଗି ଖୁବ୍ ଗୁରୁତ୍ୱ ବହନ କରୁଛି। ହେଲେ ଏହି ଅଭ୍ୟାସ ସଞ୍ଚୟ ଉପରେ କ୍ଷତି ପହଞ୍ଚାଉଛି। ଅନ୍ୟପଟେ କ୍ୟାସଲେସ୍ ପେମେଣ୍ଟ ମଧ୍ୟ ଖର୍ଚ୍ଚ କରିବା ରାସ୍ତାକୁ ସହଜ କରିଛି। ସ୍ୱାଇପ୍ ଏବଂ ଟ୍ୟାପ୍‌ରେ ବିଲ୍ ପେ' କରିବା ଦ୍ୱାରା ଅର୍ଥ ଯିବାର ଅନୁଭବ କମ୍ ହେଉଛି। ଫଳରେ ଅତିରିକ୍ତ ଖର୍ଚ୍ଚ ହେଉଛି, ଯାହା ସେମାନେ ବୁଝିପାରୁ ନାହାନ୍ତି।



## ଡାଏରୀ ଲେଖିବା ଭଲ


ଅନେକ ଲୋକଙ୍କର ନିତିଦିନ ଡାଏରୀ ଲେଖିବା ଅଭ୍ୟାସ ଥାଏ। ତେବେ ଡାଏରୀ ଲେଖିବା ଦ୍ୱାରା ମନ ହାଲୁକା ହୁଏ ଏବଂ ଅବସାଦ କମେ। ଭାବନା ଓ ଚିନ୍ତାଧାରାକୁ କାଗଜରେ ଲେଖିବା ଦ୍ୱାରା ଭଲ ଲାଗେ। ସେହିପରି ଡାଏରୀ ଲେଖିବା ଦ୍ୱାରା ନିଜ ନିଷ୍ପତ୍ତି, ନିଜ ଭାବନା ବାବଦରେ ଚିନ୍ତା କରିବାକୁ ସମୟ ମିଳେ। ଏହା ଦ୍ୱାରା ନିଜକୁ ଭଲ ଭାବେ ବୁଝି ହୁଏ। ଡାଏରୀରେ ଲେଖାଯାଇଥିବା ସ୍ମୃତି ଓ ଅଭିଜ୍ଞତା ସବୁଦିନ ପାଇଁ ସୁରକ୍ଷିତ ରହେ। ଭବିଷ୍ୟତରେ ଏହାକୁ ପଢ଼ି ବିତିଥିବା ଅତୀତକୁ ମନେ ପକାଇ ହୁଏ। ଡାଏରୀରେ ନିଜର ଲକ୍ଷ୍ୟ, ସ୍ୱପ୍ନ ବାବଦରେ ଲେଖିପାରିବେ। ଅସୁବିଧା ତଥା ସମସ୍ୟା ସମ୍ପର୍କରେ ଲେଖିବା ଦ୍ୱାରା ସେସବୁକୁ ଏକ ନୂଆ ଦୃଷ୍ଟିକୋଣରୁ ଦେଖି ହୁଏ। ଏହା ଦ୍ୱାରା ସମସ୍ୟାର ସମାଧାନ ଖୋଜିବା ସହଜ ହୁଏ। ଡାଏରୀ ଲେଖିବା ଦ୍ୱାରା ବିଚାରଧାରା ଓ ଲେଖିବା କ୍ଷମତା ଉନ୍ନତ ମାନର ହୁଏ। କୌଣସି କାମ ଲାଗି କୃତଜ୍ଞ ଅନୁଭବ କରୁଥିଲେ, ସେକଥା ବି ଡାଏରୀରେ ଲେଖାଯାଇପାରିବ। ଏହାଦ୍ୱାରା ମନରେ ସକାରାତ୍ମକ ଓ କୃତଜ୍ଞତା ଭାବ ବୃଦ୍ଧି ପାଏ। ନିଜର ଭୁଲ ଓ ଏଥିରୁ ମିଳୁଥିବା ଶିକ୍ଷା ବାବଦରେ ବି ଡାଏରୀରେ ଲେଖିପାରିବେ। ଏହା ଭୁଲକୁ ସୁଧାରିବା ଦିଗରେ ସାହାଯ୍ୟ କରେ।



● ସେଦିକୁଲ୍ଲା, ଆଜମାତୁଲ୍ଲାଙ୍କ ଅର୍ଦ୍ଧଶତକ

## ଆଫଗାନିସ୍ତାନର ବିଶାଳ ସ୍କୋର

ଆବୁଧାବି, ୯।୯ (ଏଜେନ୍ସି): ଓପନର ସେଦିକୁଲ୍ଲା ଅଟଳ ଓ ଅଲରାଉଣ୍ଡର ଆଜମତୁଲ୍ଲା ଓମରଜାଇଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ମଙ୍ଗଳବାର ଆରମ୍ଭ ହୋଇଥିବା ଏସିଆ କପ୍ ପୁରୁଷ ଟି-୨୦ ହଂକଂ ବିପକ୍ଷ ଉଦ୍‌ଘାଟନୀ ମ୍ୟାଚ୍‌ରେ ଆଫଗାନିସ୍ତାନ ୬ ୱିକେଟରେ ୧୮୮ ରନ୍ ସଂଗ୍ରହ କରିଛି। ଦଳ ପକ୍ଷରୁ ୩ଟି ଜୀବନଦାନ ପାଇଥିବା ସେଦିକୁଲ୍ଲା ୫୨ ବଲ୍‌ରେ ୬ ଚୌକା ଓ ୩ଛକା ସହ ୭୩ ରନ୍‌ରେ ଅପରାଜିତ ରହିଥିଲେ। ଆଜମତୁଲ୍ଲା ୨୧ ବଲ୍‌ରୁ ୨ ଚୌକା ଓ ୫ ଛକା ସହ ୫୩ ରନ୍ କରି ଆଉଟ ହୋଇଥିଲେ। ହଂକୀ ପକ୍ଷରୁ ଖେଳୁଥିବା ଦୁଇ ଭାରତୀୟ ବଂଶୋଦ୍ଭବ ଖେଳାଳି ଆୟୁଷ ଶୁକ୍ଳା ଓ କିଞ୍ଚିତ ଶାହ ୨ ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ୨୬ ରନ୍‌ରେ ଦୁଇ ୱିକେଟ ହରାଇଥିଲା। କିନ୍ତୁ କ୍ୟାଚ୍ ଡ୍ରପ୍‌ରୁ ଫାଇଦା ଉଠାଇ ସେଦିକୁଲ୍ଲା ତୃତୀୟ ୱିକେଟରେ ମହମ୍ମଦ୍ ନବୀ (୨୬ବଲ୍‌ରେ ୩୩ରନ୍)ଙ୍କ ସହ ୪୧ ବଲ୍‌ରୁ ୫୧ ଓ ଆଜମତୁଲ୍ଲା ଓମରଜାଇଙ୍କ ସହ ୫ମ ୱିକେଟ ଯୋଡିରୁ ୩୫ବଲ୍‌ରେ ୮୨ ରନ୍ ଉଠାଇବା ଫଳରେ ଦଳ ଏକ ସମ୍ମାନଜନକ ସ୍କୋର କରିଥିଲା। ଶେଷ ଭାଗରେ ଆଫଗାନିସ୍ତାନ ବିସ୍ଫୋରକ ବ୍ୟାଟିଂ ପ୍ରଦର୍ଶନ କରି ଶେଷ ୪ ଓଭରରେ ୭୧ ରନ୍ ଉଠାଇଥିଲେ। ଜବାବରେ ହଂକଂ ୧୮୯ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ହଂକଂ ୧୨ ଓଭରରେ ୫ ୱିକେଟ ହରାଇ ୬୦ ରନ୍ ସଂଗ୍ରହ କରିନେଇଛି। ଦଳ ପକ୍ଷରୁ ଖେଳୁଥିବା ଓଡ଼ିଆ ଖେଳାଳି ଅଂଶୁମାନ ରଥ ଗୋଟିଏ ବଲ୍ ଖେଳି ଗୋଲ୍ଡେ ଡକ୍‌ରେ ଆଉଟ ହୋଇଥିଲେ। ହଂକଂ ପରି ଆଫଗାନିସ୍ତାନର ଖେଳାଳିମାନେ ମଧ୍ୟ କ୍ୟାଚ୍ ଡ୍ରପ୍ କରି ଖେଳର ଆକର୍ଷଣ କମାଇଦେଇଥିଲେ। ଦଳର ଦୁଇଜଣ ଖେଳାଳି ରନ୍‌ଆଉଟ ହୋଇଥିଲେ।


ସେଦିକୁଲ୍ଲା ଅଟଳ

## ଏସିଆ କପ୍ ବିଜେତାଙ୍କୁ ମିଳିବ ୨.୬୪ କୋଟି

ଦୁବାଇ, ୯।୯ (ଏଜେନ୍ସି): ଏସିଆ କପ୍ କ୍ରିକେଟ୍‌ର ଚାମ୍ପିଅନ ଦଳକୁ ଏଥର ପୁରସ୍କାର ବାବଦରେ ୩ ଲକ୍ଷ ଡଲାର (ଭାରତୀୟ ମୁଦ୍ରାରେ ୨ କୋଟି ୬୪ ଲକ୍ଷ) ପ୍ରଦାନ କରାଯିବ। ସେହିଭଳି ଫାଇନାଲରେ ପରାଜିତ ଦଳ ଦେଢ଼ ଲକ୍ଷ ଡଲାର ତଥା ଏକ କୋଟି ୩୨ ଲକ୍ଷ ଟଙ୍କା ପାଇବେ ବୋଲି ରିପୋର୍ଟରୁ ଜଣାପଡ଼ିଛି। ୨୦୨୩ରେ ଅନୁଷ୍ଠିତ ଏସିଆ କପ୍ ଦିନିକିଆ ଫର୍ମାଟ୍‌ରେ ଖେଳାଯାଇଥିଲା। ସେହି ସଂସ୍କରଣରେ ଶ୍ରୀଲଙ୍କାକୁ ହରାଇ ଚାମ୍ପିଅନ ହୋଇଥିବା ରୋହିତ ଶର୍ମାଙ୍କ ଭାରତୀୟ ଦଳ ୧.୨୫ କୋଟି ଟଙ୍କା ପୁରସ୍କାର ପାଇଥିଲା।

ସଞ୍ଜୁ ସାମସନ, କୁଳଦୀପ ଯାଦବଙ୍କ ଖେଳିବା ନେଇ ସନ୍ଦେହ

# ୟୁଏଇ ବିପକ୍ଷରୁ ଭାରତର ଅଭିଯାନ

ଦୁବାଇ, ୯।୯ (ସମିସ)

ଦୀର୍ଘ ଦିନର ବ୍ୟବଧାନ ପରେ ଭାରତୀୟ କ୍ରିକେଟ ଦଳ ଅନ୍ତର୍ଜାତୀୟ ସ୍ତରରେ ଖେଳିବାକୁ ଆସନ୍ତାକାଲି ଫେରିବ। ଆଜି ଏଠାରେ ଆଫଗାନିସ୍ତାନ ବନାମ ହଂକଂ ମୁକାବିଲାରୁ ଟି-୨୦ ଫର୍ମାଟରେ ଆରମ୍ଭ ହୋଇଛି ଏସିଆ କପ୍ କ୍ରିକେଟ। ଭାରତ ଏହି ଟୁର୍ଣ୍ଣାମେଣ୍ଟରେ ଡିଫେଣ୍ଡିଂ ଚାମ୍ପିଅନ ରହିଛି ଓ ବୁଧବାର ଖେଳାଯିବାକୁ ଥିବା ଦ୍ୱିତୀୟ ମୁକାବିଲାରେ ୟୁଏଇ ବିପକ୍ଷରୁ ଖେଳି ଏସିଆକପ୍ ଅଭିଯାନ ଆରମ୍ଭ କରିବ। ୟୁଏଇ ଶକ୍ତିଶାଳୀ ଭାରତକୁ ଚ୍ୟାଲେଞ୍ଜ ଦେବା ଭଳି ଶକ୍ତି ନ ଥିଲେ ମଧ୍ୟ ଏହି ମ୍ୟାଚ୍‌ରେ ଭାରତ ଦଳର ସମୀକରଣ ଓ ଖେଳାଳିଙ୍କୁ ମ୍ୟାଚ୍ ଅଭ୍ୟାସର ସୁଯୋଗ ଦେଇ ପାକିସ୍ତାନ ବିପକ୍ଷ ମୁକାବିଲା ଲାଗି ପ୍ରସ୍ତୁତ ହେବ। ପାକିସ୍ତାନ ଏବେ କିଛିଦିନ ହେଲା ନିୟମିତ କ୍ରିକେଟ ଖେଳି ଭାରତର ମୁକାବିଲା କରିବାକୁ ପ୍ରସ୍ତୁତ ରହିଛି। ୟୁଏଇ ବିପକ୍ଷ ମ୍ୟାଚ୍‌ରେ ଭଲ ଖେଳି ଭାରତ ଆସନ୍ତା ୧୪ରେ ପାକିସ୍ତାନ ବିପକ୍ଷ ଲିଗ୍ ମ୍ୟାଚ୍ ଲାଗି ପ୍ରସ୍ତୁତ କରିବ ବୋଲି ଆଶା ରଖିଛି।

ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତୀୟ ଦଳ ଗଠନ କରାଯାଇଛି। ଇଂଲଣ୍ଡ ବିପକ୍ଷରେ ଭାରତର ନେତୃତ୍ୱ ନେଇ ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ କରିଥିବା ଶୁବମନ ଗିଲ୍‌ଙ୍କୁ ଏହି ଦଳର ଉପଅଧିନାୟକ ମନୋନୀତ କରାଯାଇଛି। ଗିଲ୍ ଦଳକୁ ଫେରିବା ପରେ ଇନିଂସ ଓପନ କରି ସଫଳ ହୋଇଥିବା ସଞ୍ଜୁ ସାମସନଙ୍କ ଖେଳିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଗିଲ୍ ଦଳକୁ ଫେରିବା ପରେ ଇନିଂସ ଓପନ କରିବେ ବୋଲି ହେଡ୍ କୋଚ୍ ଗୌତମ ଗମ୍ଭୀର ଏକାଧିକ ଥର ସୂଚନା ଦେଇଛନ୍ତି। ବିସ୍ଫୋରକ ବ୍ୟାଟର ଅଭିଷେକ ଶର୍ମାଙ୍କ ଓପନିଂ ପାର୍ଟନର ହେବେ ଗିଲ୍। ଏଣୁ ନଂ-୩ରେ ସଫଳ ହୋଇଥିବା ତିଳକ ବର୍ମାଙ୍କୁ ସୁଯୋଗ ଦେବ ନା ସାମସନ ଖେଳିବେ ଏହାକୁ ନେଇ କେହି କିଛି ସୂଚନା ଦେଇ ନାହାନ୍ତି। କିନ୍ତୁ ଗତ ଦୁଇଦିନ ଧରି ଭାରତୀୟ ଦଳ କରିଥିବା ନେଟ୍ ପ୍ରାକ୍ଟିସ୍‌ରୁ ସାମସନ ପ୍ରଥମ ଏକାଦଶ ତାଲିକାରେ ରହିବ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏପରିକି ୱିକେଟ ରକ୍ଷକ ଜିତେଶ ଶର୍ମା ଦୀର୍ଘ ସମୟ ଧରି ବ୍ୟାଟିଂ ପ୍ରାକ୍ଟିସ୍ କରିବା ପରେ ଶେଷ ଭାଗରେ ସାମସନ ଓ ରିଙ୍କୁ ସିଂ ଅଭ୍ୟାସ କରିଥିଲେ। ଏଥିରୁ ଜଣାପଡୁଛି ଚୂଡ଼ାନ୍ତ ଏକାଦଶରେ ସାମସନଙ୍କୁ ସୁଯୋଗ ମିଳିବା କଷ୍ଟକର। ତେବେ ଟିମ୍ ମ୍ୟାନେଜମେଣ୍ଟ କିପରି ଖେଳାଳି ଏକାଦଶ ଚୟନ କରିବ ତାହା ଆସନ୍ତାକାଲି ଟସ୍ ପୂର୍ବରୁ ଜଣାପଡ଼ିବ।

ଏବେ ଖେଳାଯିବାକୁ ଥିବା ଦୁବାଇ ପିଚ୍ ବ୍ୟବହାର ହୋଇନାହିଁ। ଏଠାରେ ଖେଳାଯାଇଥିବା ଚାମ୍ପିଅନ୍ସ ଟ୍ରଫିରେ ଭାରତ ୪ଜଣ ସ୍ପିନରଙ୍କୁ ନେଇ ଖେଳୁଥିଲା। ସେତେବେଳେ ପିଚ୍ ଖରାପ ହୋଇଯାଇଥିଲା। ଏବେ କିନ୍ତୁ ପିଚ୍‌ରେ ଘାସ ଅଛି ଏହା ବ୍ୟବହାର ହୋଇ ନ ଥିବାରୁ ସତେଜ ରହିଛି। ଏଣୁ ପେସ୍ ବୋଲରଙ୍କୁ ନିଶ୍ଚିତ କିଛିଟା ସହାୟତା ମିଳିବ ବୋଲି ଆଶା କରାଯାଉଛି। ଏହା ଫଳରେ ଯଶପ୍ରୀତ୍ ବୁମ୍‌ରା ଓ ଅର୍ଶଦୀପ ସିଂହ ଭାରତ ପକ୍ଷରୁ ନିଶ୍ଚିତ ଖେଳିବେ। ତୃତୀୟ ପେସ୍ ବୋଲର ଭାବେ ହର୍ଷିତ ରାଣା କିମ୍ବା ଅଲରାଉଣ୍ଡର ଶିବମ ଦୁବେଙ୍କୁ ଖେଳିବାକୁ ସୁଯୋଗ ମିଳିପାରେ। ଯଦି ଭାରତ ଜଣେ ସ୍ପେଶାଲିଷ୍ଟ ବୋଲରଙ୍କୁ ନିଆଯାଏ ତେବେ ବାମହାତୀ ସ୍ପିନର କୁଳଦୀପ ଯାଦବଙ୍କ ଖେଳିବା ନେଇ ସନ୍ଦେହ ରହିବ। ଦଳର ପ୍ରମୁଖ ସ୍ପିନର ଭାବେ ଅଲରାଉଣ୍ଡର ଅକ୍ଷର ପଟେଲ ଓ ମିଷ୍ଟ୍ରି ସ୍ପିନର କୁହାଯାଉଥିବା ବରୁଣ ଚକ୍ରବର୍ତ୍ତୀଙ୍କୁ ଖେଳିବାକୁ ସୁଯୋଗ ମିଳିବ। ନେଟ୍‌ରେ ଦୀର୍ଘ ସମୟ ବୋଲିଂ କରିଥିବା ଓପନର ଅଭିଷେକ ଶର୍ମା ତୃତୀୟ ସ୍ପିନର ଦାୟିତ୍ୱ ସମ୍ଭାଳିବେ। ଭାରତର ବୋଲିଂ କୋଚ୍ ମୋର୍ଣ୍ଣ ମୋର୍କେଲ ଦୁଇ ଅଲରାଉଣ୍ଡର ଶିବମ ଓ ଅଭିଷେକଙ୍କ ବୋଲିଂ ଉପରେ ଗୁରୁତ୍ୱ ଦେଉଛନ୍ତି। ଦଳରେ ଯେତେ ଅଧିକ ଅଲରାଉଣ୍ଡର ରହିବେ, ଅଧିନାୟକଙ୍କୁ ସେତେ ଅଧିକ ସୁଯୋଗ ମିଳିବ। ଏଣୁ ଟି-୨୦ରେ ଅଲରାଉଣ୍ଡ ଖେଳ ଉପରେ ମୋର୍କେଲ ଗୁରୁତ୍ୱ ଦେଇଆସୁଛନ୍ତି।

ପ୍ରତିଦ୍ୱନ୍ଦ୍ୱୀ ୟୁଏଇ ଅନ୍ତର୍ଜାତୀୟ କ୍ରିକେଟରେ ଭାରତ ସହ ଅଧିକ ମ୍ୟାଚ୍ ଖେଳିନାହିଁ। ଏହି ଦଳ ଗୋଟିଏ ଟି-୨୦ ମ୍ୟାଚ୍ ଖେଳିଛି। ସେହିପରି ଦଳ ୩ଟି ଦିନିକିଆ ମଧ୍ୟ ଖେଳିଛି। ଏହା ମଧ୍ୟରୁ ୨୦୧୫ରେ ଶେଷ ମୁକାବିଲା ହୋଇଥିଲା। ୨୦୧୬ ଏସିଆ କପ୍‌ରେ ୟୁଏଇ ସହ ଭାରତର ପ୍ରଥମ ମୁକାବିଲା ହୋଇଥିଲା। ଏଥିରେ ଭାରତ ୯ ୱିକେଟରେ ଜିତିଥିଲା। ଏବେ ଲାଲଚାନ୍ଦ ରାଜପୁତ ୟୁଏଇର କୋଚ୍ ରହିଛନ୍ତି। ଅଧିନାୟକ ମହମ୍ମଦ୍ ୱାସିମ ଓ ରାଜପୁତ ମିଶି କିପରି ଏହି ଟୁର୍ଣ୍ଣାମେଣ୍ଟରେ ୟୁଏଇକୁ ଏକ ଲଢୁଆ ଦଳରେ ପରିଣତ କରିବେ ତାହାର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି।



**ଆଜିର ମୁକାବିଲା**

**ଭାରତ-ୟୁଏଇ**

ଭେନ୍ୟୁ-ଦୁବାଇ, ସମୟ-ରାତି ୮ଟା
ପ୍ରସାରଣ- ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ
ଷ୍ଟ୍ରିମିଂ- ସୋନି ଲାଇଭ, ଜିଓହଟଷ୍ଟାର

**ଖେଳାଳି ଦଳ**

**ଭାରତ** : ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଶୁବମନ ଗିଲ (ଉପଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମସନ, ଜିତେଶ ଶର୍ମା (ଉଭୟ ୱିକେଟରକ୍ଷକ), ତିଳକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ରିଙ୍କୁ ସିଂ, ଅକ୍ଷର ପଟେଲ, କୁଳଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ, ଯଶପ୍ରୀତ୍ ବୁମ୍‌ରା, ଅର୍ଶଦୀପ ସିଂହ, ହର୍ଷିତ ରାଣା।

**ୟୁଏଇ** : ମହମ୍ମଦ୍ ୱାସିମ୍ (ଅଧିନାୟକ), ଆଲିସାନ ସରାଫୁ, ଆର୍ଯ୍ୟାଂଶ ଶର୍ମା (ୱିକେଟରକ୍ଷକ), ଅସିଫ ଖାନ୍, ଧ୍ରୁବ ପରାସର, ଇଥାନ ଡି ସୁଜା, ହାଇଦର ଅଲି, ହର୍ଷିତ କୌଶିକ, ଜୁନୈଦ୍ ସିଦ୍ଦିକ୍, ମାତିଉଲ୍ଲା ଖାନ୍, ମହମ୍ମଦ୍ ଫାରୁକ୍, ମହମ୍ମଦ୍ ଜୱାଦୁଲ୍ଲା, ମହମ୍ମଦ୍ ଜୋହେବ୍, ରାହୁଲ ଚୋପ୍ରା (ୱିକେଟରକ୍ଷକ), ରୋହିଦ୍ ଖାନ୍, ସିମରନଜିତ ସିଂହ ଓ ସାଘିର ଖାନ୍।

## ‘ପ୍ୟାକେଜ୍ ସିଷ୍ଟମ’ ଲାଗି ବିକ୍ରି ହୋଇପାରୁନି ଭାରତ-ପାକିସ୍ତାନ ଟିକଟ୍

ଦୁବାଇ, ୯।୯ (ଏଜେନ୍ସି): ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୧୭ତମ ସଂସ୍କରଣ ଆରମ୍ଭ ହୋଇଯାଇଛି। ଡିଫେଣ୍ଡିଂ ଚାମ୍ପିଅନ ଭାରତ ବୁଧବାର ୟୁଏଇ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ତେବେ ଟୁର୍ଣ୍ଣାମେଣ୍ଟର ସବୁଠୁ ହାଇଭୋଲଟେଜ ମ୍ୟାଚ୍ ଭାରତ ଓ ପାକିସ୍ତାନ ମଧ୍ୟରେ ସେପ୍ଟେମ୍ବର ୧୪ରେ ଖେଳାଯିବ। ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ଯେତେବେଳେ ବି ମ୍ୟାଚ୍ ଅନୁଷ୍ଠିତ ହୋଇଥାଏ ତାହାକୁ ସାରା ବିଶ୍ୱର କ୍ରିକେଟ୍‌ପ୍ରେମୀ ଉତ୍କଣ୍ଠାର ସହିତ ଅପେକ୍ଷା କରି ରହିଥାନ୍ତି। ମ୍ୟାଚର ଟିକଟ୍ ବିକ୍ରି ଆରମ୍ଭ ହେବାର ମାତ୍ର କେଇ ଘଣ୍ଟା ମଧ୍ୟରେ ଏହା ଶେଷ ହୋଇଯାଇଥାଏ।

ଏଥର କିନ୍ତୁ ଏସିଆ କପ୍‌ରେ ଭିନ୍ନ ଚିତ୍ର ଦେଖିବାକୁ ମିଳିଛି। ଭାରତ-ପାକିସ୍ତାନ ମ୍ୟାଚ୍‌କୁ ଆଉ ୪ ଦିନ ବାକି ରହିଛି। କିନ୍ତୁ ଟିକଟ୍ ବିକ୍ରି ପାଖାପାଖି ସପ୍ତାହେ ହେଲା ଆରମ୍ଭ ହୋଇସାରିଥିଲେ ମଧ୍ୟ ଏହା ଶେଷ ହୋଇ ନ ଥିବା ଜଣାପଡ଼ିଛି। ଅର୍ଥାତ ଭାରତ-ପାକିସ୍ତାନ ଭଳି ପ୍ରତିଦ୍ୱନ୍ଦ୍ୱିତାମୂଳକ ମ୍ୟାଚର ଟିକଟ୍ କିଣିବା ଲାଗି ଦର୍ଶକଙ୍କ ମଧ୍ୟରେ ଉତ୍ସାହ ନ ଥିବା ଜଣାପଡ଼ିଛି। ଏହାର ଏକ ଭିନ୍ନ କାରଣ ମଧ୍ୟ ରହିଛି। ଅତ୍ୟଧିକ ମୂଲ୍ୟ ଲାଗି ଭାରତ-ପାକିସ୍ତାନ ଟିକଟ୍ କିଣିବାକୁ ଦର୍ଶକ ପଛଘୁଞ୍ଚା ଦେଉଛନ୍ତି। ଭାରତ-ପାକିସ୍ତାନ ମ୍ୟାଚର ସବୁଠୁ ଭିଆଇପି ୨ଟି ଟିକଟ୍‌ର ମୂଲ୍ୟ ଏଥର ୨ ଲକ୍ଷ ୫୭ ହଜାର ୮୧୫ ଟଙ୍କା ରହିଛି। ଯେଉଁଥିରେ ‘ପ୍ୟାକେଜ ସିଷ୍ଟମ’ ମିଶି ରହିଛି। ଏହି ପ୍ୟାକେଜ ସିଷ୍ଟମରେ ବ୍ୟକ୍ତିଙ୍କୁ ମ୍ୟାଚ୍ ଦେଖିବା ସହ ଖାଦ୍ୟ, ପାନୀୟ, ପାର୍କିଂ ପାସ୍, ଭିଆଇପି ଲଙ୍ଗ୍ ଓ ବ୍ୟକ୍ତିଗତ ବିଶ୍ରାମ କକ୍ଷର ସୁବିଧା ପ୍ରଦାନ କରାଯାଇଥାଏ। ସେହିଭଳି ୨ଟି ରୟାଲ୍ ବକ୍ସର ଟିକଟ୍ ମୂଲ୍ୟ ୨ ଲକ୍ଷ ୩୦ ହଜାର ଟଙ୍କା ରଖାଯାଇଛି। ଏଥିରେ ମଧ୍ୟ ‘ପ୍ୟାକେଜ ସିଷ୍ଟମ’ରେ ଥିବା ସମାନ ସୁବିଧା ପ୍ରଦାନ କରାଯାଏ। ପୂର୍ବ ବର୍ଷଗୁଡ଼ିକରେ ଏହି ପ୍ୟାକେଜ ସିଷ୍ଟମ ଟିକଟ୍ ସହିତ ନ ଥିଲା। ଯେଉଁଥି ପାଇଁ ଟିକଟ୍‌ର ଦର କମ୍ ରହୁଥିଲା। ସେହିଭଳି ଭାରତ-ପାକିସ୍ତାନ ମ୍ୟାଚର ସାଧାରଣ ଟିକଟ୍ ଦଳ ୨ଟି ପାଇଁ ୧୦ ହଜାର ଟଙ୍କା ରଖାଯାଇଛି।

## ଦକ୍ଷିଣ ଆଫ୍ରିକା ଟି-୨୦ରେ ବ୍ରେଭିସ୍ ସବୁଠୁ ଦାମୀ ଖେଳାଳି

ଜୋହାନ୍ସବର୍ଗ, ୯।୯ (ଏଜେନ୍ସି): ‘ଦକ୍ଷିଣ ଆଫ୍ରିକା ଟି୨୦’ ଲିଗ୍ ଇତିହାସରେ ଡେୱାଲ୍ଡ ବ୍ରେଭିସ ସବୁଠୁ ଦାମୀ ଖେଳାଳି ହୋଇଛନ୍ତି। ଏହି ଫ୍ରାଞ୍ଚାଇଜଭିତ୍ତିକ ଟି-୨୦ ଲିଗ୍‌ର ଆଗାମୀ ୪ର୍ଥ ସିଜନ ଲାଗି ହୋଇଥିବା ଖେଳାଳି ନିଲାମୀରେ ବ୍ରେଭିସଙ୍କୁ ପ୍ରିଟୋରିଆ କ୍ୟାପିଟାଲ୍ସ ଫ୍ରାଞ୍ଚାଇଜ ଏକ କୋଟି ୬୫ ଲକ୍ଷ ରେଣ୍ଡ (ଭାରତୀୟ ମୁଦ୍ରାରେ ୮ କୋଟି ୩୧ ଲକ୍ଷ ଟଙ୍କା)ରେ କ୍ରୟ କରିଛି। ଏଥିପୂର୍ବରୁ ଆଇଡେନ ମାର୍କରମଙ୍କୁ ୧୪ ମିଲିୟନ ରେଣ୍ଡ (୭ କୋଟି ୬ ଲକ୍ଷ ଟଙ୍କା)ରେ ଡର୍ବାନ ସୁପର୍ ଜାଏଣ୍ଟ୍ସ କ୍ରୟ କରିଥିଲା। ଫଳରେ ମାର୍କରମଙ୍କୁ ପଛରେ ପକାଇ ୨୨ ବର୍ଷୀୟ ବ୍ରେଭିସ ‘ଦକ୍ଷିଣ ଆଫ୍ରିକା ଟି୨୦’ର ସବୁଠୁ ଦାମୀ ଖେଳାଳି ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ଆଇପିଏଲ୍ ପରେ ଦକ୍ଷିଣ ଆଫ୍ରିକା ଟି୨୦କୁ ବିଶ୍ୱର ଦ୍ୱିତୀୟ ବ୍ୟୟବହୁଳ କ୍ରିକେଟ୍ ଲିଗ୍ ବିବେଚିତ କରାଯାଏ। ଏହାର ୪ର୍ଥ ସଂସ୍କରଣ ଆସନ୍ତା ଜାନୁଆରୀ ୨୩ରୁ ଆରମ୍ଭ ହେବ। ଖେଳାଳି ନିଲାମୀରେ ୬ଟି ଫ୍ରାଞ୍ଚାଇଜ ଅଂଶଗ୍ରହଣ କରିଥିଲେ। ଆଇପିଏଲ୍ ଇତିହାସରେ ଋଷଭ ପନ୍ତ ସବୁଠୁ ଦାମୀ ଖେଳାଳି ରହିଛନ୍ତି। ତାଙ୍କୁ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ୨୭ କୋଟି ଟଙ୍କାରେ କ୍ରୟ କରିଥିଲା।



## ଅହମ୍ମଦାବାଦ୍‌ରେ ୨୦୨୬ ଟି-୨୦ ବିଶ୍ୱକପ୍ ଫାଇନାଲ

ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ଭାରତ ଓ ଶ୍ରୀଲଙ୍କାରେ ୨୦୨୬ ଫେବୃଆରୀ ୭ରୁ ମାର୍ଚ୍ଚ ୮ ତାରିଖଯାଏ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍‌ର ଫାଇନାଲ ମ୍ୟାଚ୍ ଅହମ୍ମଦାବାଦ୍‌ର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ଖେଳାଯିବ। କିନ୍ତୁ ପାକିସ୍ତାନ ଯଦି ଫାଇନାଲରେ ପ୍ରବେଶ କରେ ତେବେ ଏହି ମ୍ୟାଚଟି କଲମ୍ବୋକୁ ସ୍ଥାନାନ୍ତରିତ ହେବ। ରିପୋର୍ଟ ଅନୁଯାୟୀ ଭାରତର ୫ଟି ଓ ଶ୍ରୀଲଙ୍କାର ୨ଟି ଭେନ୍ୟୁରେ ଏହି ବିଶ୍ୱକପ୍ ଖେଳାଯିବ। କିନ୍ତୁ ଭେନ୍ୟୁ ଏଯାଏ ଚୂଡ଼ାନ୍ତ ହୋଇନାହିଁ। ଏଥିରେ ୨୦ଟି ଦଳ ଭାଗନେଉଥିଲାବେଳେ ଏମାନଙ୍କୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ପ୍ରତ୍ୟେକ ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ସୁପର-୮’କୁ ଯିବେ ଓ ସୁପର-୮’ରେ ଶ୍ରେଷ୍ଠ ବିବେଚିତ ୪ଟି ଦଳ ସେମିଫାଇନାଲକୁ ଉନ୍ନୀତ ହେବେ।

## ହଂକଂ ଓପନ୍: ଶ୍ରୀକାନ୍ତଙ୍କୁ ହରାଇଲେ ତରୁଣ

ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ହଂକଂ ଓପନ୍ ସୁପର୍-୫୦୦ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ପୁରୁଷ ସିଙ୍ଗଲ୍ସ ଯୋଗ୍ୟତା ପର୍ଯ୍ୟାୟର ଏକ ମ୍ୟାଚରେ ଭାରତର ତରୁଣ ମାନେପାଲ୍ଲି ୨୮-୨୬, ୨୧-୧୩ରେ ବିଶ୍ୱର ପୂର୍ବତନ ଏକ ନମ୍ବର ଖେଳାଳି ତଥା ନିଜ ଦେଶର କିଦାମ୍ବି ଶ୍ରୀକାନ୍ତଙ୍କୁ ହରାଇ ବଡ଼ ବିପର୍ଯ୍ୟୟ ଘଟାଇଛନ୍ତି। ସେହିଭଳି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ଡବଲ୍ସର ଏକ ମ୍ୟାଚରେ ଚିରାଗ-ସାତ୍ୱିକ ଯୋଡ଼ି ୨୧-୧୩, ୧୮-୨୧, ୨୧-୧୦ ଗେମରେ ତାଇୱାନର ଚିଉ ସିଆଙ୍ଗ ଚେଇ ଓ ୱାଙ୍ଗ୍ ଚି ଲିନ୍ ଯୋଡ଼ିଙ୍କୁ ହରାଇ ରାଉଣ୍ଡ-୧୬ରେ ପହଞ୍ଚିଛନ୍ତି। ପୁରୁଷ ସିଙ୍ଗଲ୍ସରେ ଅନ୍ୟତମ ଭାରତୀୟ କିରନ ଜର୍ଜ ଯୋଗ୍ୟତା ପର୍ଯ୍ୟାୟରେ କ୍ରମାଗତ ୨ଟି ମ୍ୟାଚ୍ ଜିତି ମୁଖ୍ୟ ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି। ମୁଖ୍ୟ ପର୍ଯ୍ୟାୟରେ କିରନ ସିଙ୍ଗାପୁରର ଜିଆ ହେଙ୍ଗ୍ ଜନସନଙ୍କୁ ଭେଟିବେ।

ଜୁନିୟର ହକି ବିଶ୍ୱକପ୍

## ଭାରତ-ପାକ୍ ମୁକାବିଲା ନଭେମ୍ବର ୨୯ରେ

ଚେନ୍ନଇ, ୯।୯ (ଏଜେନ୍ସି): ଭାରତରେ ଖେଳାଯିବାକୁ ଥିବା ଜୁନିୟର ହକି ବିଶ୍ୱକପ୍‌ରେ ଭାଗନେବାକୁ ପାକିସ୍ତାନ ଆସିବ କି ନାହିଁ ଏଯାଏ ଚୂଡ଼ାନ୍ତ ହୋଇନାହିଁ, କିନ୍ତୁ ଏହି ଦଳକୁ ଭାରତ ସରକାର, ହକି ଇଣ୍ଡିଆ ଓ ଭାରତୀୟ ହକି ସମର୍ଥକମାନେ ସ୍ୱାଗତ କରିବାକୁ ଅପେକ୍ଷା କରିଛନ୍ତି ବୋଲି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ କହିଛନ୍ତି। ନଭେମ୍ବର ୨୮ରୁ ଡିସେମ୍ବର ୧୦ ଯାଏ ଚେନ୍ନଇ ଓ ମଦୁରାଇରେ ଖେଳାଯିବାକୁ ଥିବା ଏହି ବିଶ୍ୱକପ୍ ଲାଗି ଡ୍ର ଉଠାଣ ହେବା ଲାଗି ଅନୁଷ୍ଠିତ ଉତ୍ସବରେ ଯୋଗଦେଇ ତିର୍କୀ ଏହା କହିଛନ୍ତି। ଏଥର ଜୁନିଅର ହକି ବିଶ୍ୱକପ୍‌ରେ ୨୪ଟି ଦଳ ଅଂଶଗ୍ରହଣ କରିବେ। ଏହା ମଧ୍ୟରୁ ପୁଲ୍-ବି’ରେ ପାକିସ୍ତାନ, ଚିଲି, ସ୍ୱିଜରଲାଣ୍ଡ ଓ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହ ଭାରତ ସ୍ଥାନ ପାଇଛି। ଭାରତ ତାହା ପ୍ରଥମ ମ୍ୟାଚ୍ ନଭେମ୍ବର ୨୮ରେ ଚିଲି, ଦ୍ୱିତୀୟ ମ୍ୟାଚ୍ ପାକିସ୍ତାନ ସହ ୨୯ରେ ଓ ତୃତୀୟ ତଥା ଶେଷ ଲିଗ୍ ମ୍ୟାଚ୍ ଡିସେମ୍ବର ୨ରେ ଖେଳିବ।

## ଦେବାଶିଷଙ୍କୁ ଜାତୀୟ କୋଚ୍ ଦାୟିତ୍ୱ



ନୂଆଦିଲ୍ଲୀ, ୯।୯ (ଏଜେନ୍ସି) : ପୂର୍ବତନ ଜାତୀୟ ଚୟନକର୍ତ୍ତା ତଥା ନାଗାଲାଣ୍ଡ ରଣଜୀ ଦଳର କୋଚ୍ ଓଡ଼ିଶାର ଦେବାଶିଷ ମହାନ୍ତିଙ୍କୁ ପ୍ରଥମଥର ଜାତୀୟ କୋଚ୍ ଦାୟିତ୍ୱ ମିଳିଛି। ଭାରତର ୧୯ ବର୍ଷରୁ କମ୍ ଦଳ ଚଳିତମାସ ଅଷ୍ଟ୍ରେଲିଆ ଗସ୍ତରେ ଯାଉଥିବାବେଳେ ଆୟୁଷ ମାହାତ୍ରେଙ୍କ ନେତୃତ୍ୱ ଗଠିତ ଭାରତୀୟ ଦଳର ଫାଷ୍ଟ ବୋଲିଂ କୋଚ୍ ଭାବେ ଦେବାଶିଷଙ୍କୁ ନିଯୁକ୍ତ କରାଯାଇଛି। କର୍ଣ୍ଣାଟକର ଯେରେ ଗୌଡ଼ ହେଡ୍ କୋଚ୍, ଶୁଭଦୀପ ଭଟ୍ଟାଚାର୍ଯ୍ୟ ଫିଲ୍ଡିଂ ଓ ତ୍ରିପୁରାର ରାଜୀବ ଦତ୍ତଙ୍କୁ ସ୍ପିନ୍ ବୋଲିଂ କୋଚ୍ ଦାୟିତ୍ୱ ଦିଆଯାଇଛି। ଭାରତୀୟ ଦଳ ସେପ୍ଟେମ୍ବର ୧୬ରେ ଅଷ୍ଟ୍ରେଲିଆ ଗସ୍ତରେ ଯାଇ ଅକ୍ଟୋବର ୧୦ରେ ସ୍ୱଦେଶ ଫେରିବ। ଏହି ଗସ୍ତରେ ଅଷ୍ଟ୍ରେଲିଆ ସହ ଭାରତ ସେପ୍ଟେମ୍ବର ୨୧ରୁ ଆରମ୍ଭ ହେଉଥିବା ୩ଟି ଦିନିକିଆ ଓ ସେପ୍ଟେମ୍ବର ୩୦ରୁ ଆରମ୍ଭ ହେବାକୁ ଥିବା ୨ଟି ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଖେଳିବ। ଭାରତ ପକ୍ଷରୁ ୧୯୯୯ ବିଶ୍ୱକପ୍ ସହ ୪୫ଟି ଦିନିକିଆ ଓ ୨ଟି ଟେଷ୍ଟ ମ୍ୟାଚ୍ ଖେଳିଥିବା ଦେବାଶିଷ ଏହା ପୂର୍ବରୁ ଓଡ଼ିଶା ଓ ନାଗାଲାଣ୍ଡ ଦଳର ହେଡ୍ କୋଚ୍ ରହିଥିଲେ। ୨୦୧୮ରେ ଜୁନିଅର ଓ ଏହା ପରେ ସିନିୟର ଦଳର ଚୟନକର୍ତ୍ତାଭାବେ କାମ ତୁଲାଇଥିଲେ। ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ନ ଥିବା ଯେରେ ଗୌଡ଼ କର୍ଣ୍ଣାଟକ ଜୁନିଅର ଓ ସିନିୟର ଦଳର କୋଚ୍ ଭାବେ କାମ କରିଛନ୍ତି। ଓଡ଼ିଶାର ଶିବସୁନ୍ଦର ଦାସ ଏବେ ଜାତୀୟ ସିନିୟର ଚୟନ କମିଟିର ସଦସ୍ୟ ରହିଛନ୍ତି।

## ୫ ଦିନ ପରେ ଓଡ଼ିଶା ପ୍ରୋ ଟି-୨୦ ଲିଗ୍

ଏଯାଏଁ ହେଲାନି ଦଳ ଘୋଷଣା କି ଖେଳାଳି ଡ୍ରାଫ୍ଟ

କଟକ, ୯।୯ (ସମିସ)

ଆସନ୍ତା ୧୫ରୁ ୨୪ ତାରିଖ ପର୍ଯ୍ୟନ୍ତ ୬ଟି ଦଳକୁ ନେଇ ବାରବାଟୀ ଷ୍ଟାଡିୟମରେ ଓଡ଼ିଶା ପ୍ରୋ ଟି-୨୦ ଲିଗ୍ (ଓପିଟିଏଲ) ଖେଳାଯିବ। ଲିଗ୍‌କୁ ଆଉ ୬ଦିନ ବାକି। ହେଲେ ଏ ପର୍ଯ୍ୟନ୍ତ ଦଳ ଘୋଷଣା କରାଯାଇନାହିଁ କି ଖେଳାଳି ଡ୍ରାଫ୍ଟ ପ୍ରକ୍ରିୟା ମଧ୍ୟ ହୋଇପାରିଲା ନାହିଁ। ଗତ ୩ ତାରିଖରେ ଖେଳାଳି ଡ୍ରାଫ୍ଟ କରାଯିବା ପାଇଁ ଯୋଜନା ହୋଇଥିଲା। ପରେ ଏହା ୮ ତାରିଖକୁ ଘୁଞ୍ଚାଇ ଦିଆଗଲା। ସୋମବାର ଖେଳାଳି ଡ୍ରାଫ୍ଟ କରାଯାଇନଥିବା ବେଳେ ଆସନ୍ତା ୧୧ ତାରିଖରେ ଫ୍ରାଞ୍ଚାଇଜ ମାଲିକମାନେ ଖେଳାଳି କିଣିବେ ବୋଲି କୁହାଯାଉଛି। ପ୍ରତ୍ୟେକ ଖେଳାଳି ଡ୍ରାଫ୍ଟ ଆକାରରେ କିଣାଯିବେ। ଖେଳାଳିମାନଙ୍କ କାଟାଗୋରୀ ଓ ମୂଲ୍ୟ ଧାର୍ଯ୍ୟ ହୋଇସାରିଛି। ଲିଗ୍ ଦିନ ପାଖେଇ ଆସୁଥିବା ବେଳେ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) କିମ୍ବା ଲିଗ୍ ଆୟୋଜନକାରୀ ସଂସ୍ଥା ଆରିଭା ସ୍ପୋର୍ଟସ ଖେଳାଳି ଡ୍ରାଫ୍ଟ ଦିଗରେ କାହିଁକି ଗୁରୁତ୍ୱ ଦେଉନାହାନ୍ତି ତାହା ସ୍ପଷ୍ଟ ହୋଇପାରିନାହିଁ। ଅନ୍ୟପକ୍ଷରେ ଦଳ ଘୋଷଣା ନ କରାଯିବା, ଲିଗ୍ ବାବଦରେ ବହୁଳ ପ୍ରଚାର ପ୍ରସାର ନକରାଯିବା ଯୋଗୁଁ ଲିଗ୍ ଫିକା ପଡ଼ିପାରେ ବୋଲି ଆଶଙ୍କା କରାଯାଉଛି। ପ୍ରକାଶଯୋଗ୍ୟ, ଘରୋଇ ଲିଗ୍‌କୁ ଅଧିକ ଆକର୍ଷଣୀୟ କରିବା ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ନୂଆ ଢ଼ାଞ୍ଚାରେ ଓପିଟିଏଲ -୨୦୨୫ ଆୟୋଜନ କରିବାକୁ ଯାଉଛି। ସେପ୍ଟେମ୍ବର ୧୫ରୁ କଟକରେ ଏହା ଆରମ୍ଭ ହେବ। ଯାହାର ବ୍ରାଣ୍ଡଆମ୍ବାସଡର ରହିବେ ଅଷ୍ଟ୍ରେଲିଆନ କିମ୍ବଦନ୍ତୀ ବୋଲର ବ୍ରେଟ୍ ଲି ଏବଂ ଅନ୍ତର୍ଜାତୀୟ ଓଡ଼ିଆ ଖେଳାଳି ଦେବାଶିଷ ମହାନ୍ତି। ଏହାଛଡ଼ା ଷ୍ଟାର ସ୍ପୋର୍ଟସ ଚ୍ୟାନେଲ ଏବଂ ଫ୍ୟାନକୋଡ୍ (ଓଟିଟି)ରେ ସମ୍ପୂର୍ଣ୍ଣ ଲିଗ୍‌ର ସିଧାପ୍ରସାରଣ କରାଯିବ। ହେଲେ ଲିଗକୁ ଆଉ ହାତ ଗଣତି ଦିନ ବାକି ଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଦଳ ଘୋଷଣା ହୋଇପାରିନାହିଁ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS